ମହ୍ଲାର ଇ-ପତ୍ରିକା

MSME
UDYAM-OD-13-0044620

# ଶକ୍ତିରୂପା

## ସେପ୍ଟେମ୍ବର - ୨୦୨୫ ସଂକଳନ



ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଓଡ଼ିଶା

FOLLOW US!
Malhar_Magazine/
MalharMagazine/



**ବକ୍ରତୁଣ୍ଡ ମହାକାୟ ସୂର୍ଯ୍ୟ କୋଟି ସମପ୍ରଭଃ,**
**ନିର୍ବିଘ୍ନମ କୁରୁମେ ଦେବ ସର୍ବ କାର୍ଯ୍ୟେଶୁ ସର୍ବଦା ।।**

# ମହ୍ଲାର

" **ମହ୍ଲାର**" ଏହା ଏକ ସମ୍ପୂର୍ଣ୍ଣ ଓଡ଼ିଆ ପତ୍ରିକା ,
ଓଡିଶା ତଥା ଓଡ଼ିଶା ବାହାରେ ରହୁଥିବା ସମସ୍ତ ଓଡ଼ିଆ ପ୍ରେମୀ ମାନଙ୍କ ନିମନ୍ତେ ଏହା ଇ-ବୁକ/ପି.ଡି.ଏଫ ଫର୍ମାଟରେ ଉପଲବ୍ଧ ..
ଓଡ଼ିଶାରେ ଏମିତିବି କିଛି ଲେଖକ / ଲେଖିକା ଅଛନ୍ତି , ଯେଉଁମାନଙ୍କ ଇଚ୍ଛାଶକ୍ତି ଅର୍ଥ ଆଗରେ ହାର ମାନୁଛି , ସେମାନଙ୍କ ଇଛା ଶକ୍ତିକୁ ସମ୍ମାନ ଜଣେଇ ଆମେ ସେମାନଙ୍କ ନିକଟରେ ଆମର ଏ ଛୋଟ ପ୍ରୟାଶ "**ମହ୍ଲାର**" କୁ ଭେଟି ଦେଉଛୁ ....

ଏହା ସମ୍ପୂର୍ଣ୍ଣ ମାଗଣା , ଏଥିପାଇଁ ଆପଣଙ୍କୁ କିଛି ବି ଅର୍ଥ ଦେବାକୁ ପଡ଼ିବନି । ପ୍ରତିଥର ଏହାର ଗୁଗଲ-ଫର୍ମ ଟି ଆପଣଙ୍କୁ ପଠେଇ ଦିଆଯିବ.. ସେହି ଫର୍ମାଟ ମାଧମରେ ଆପଣ ଆପଣଙ୍କ ଲେଖାକୁ ଆମ ନିକଟକୁ ପଠାଇ ପାରିବା ସହ ଆପଣଙ୍କ ପ୍ରିୟଜନଙ୍କ ଲେଖାକୁ ମଧ୍ୟ ଆମ ନିକଟକୁ ପଠାଇବାରେ ସହାୟକ ହେବେ ...

ଆମେ ଆପଣଙ୍କ ଲେଖାକୁ ସମସ୍ତ ଓଡ଼ିଆ ପାଠକ /ପାଠିକା ଙ୍କ ନିକଟରେ ବିନା ମୂଲ୍ୟରେ ପହଞ୍ଚାଇ ଆପଣଙ୍କୁ ଜଣେ ଲୋକପ୍ରିୟ ଲେଖକ / ଲେଖିକା ର ସ୍ଥାନ ଦେବା ହିଁ ଆମର ମୁଖ୍ୟ ଉଦ୍ଦେଶ ...

## ଯୋଗାଯୋଗ

ଭୁବନେଶ୍ୱର, ଓଡ଼ିଶା - ୭୫୧୦୨୪
ଫୋନ ନମ୍ବର : ୮୩୨୮୯୫୧୨୨୯
ଇ-ମେଲ : malharmagazine@gmail.com
ୱେବ ସାଇଟ : Www.MalharOdia.Com



ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

# ପାଠକୀୟ ମତାମତ

ମହ୍ଲାର ପତ୍ରିକ ସହ ପ୍ରାୟତ ଦୁଇ ବର୍ଷ ହେବ ଯୋଡ଼ି ହେଇ ରହିଛି, ପ୍ରତି ଥର ମତେ ସକାରାତ୍ମକ ଭାବରେ ଉତ୍ତର ମିଳିଛି, ସହାୟତା ମଧ୍ଯ ମିଳିଛି, ଏକ ନୂତନ ଲେଖକ କିମ୍ବା ଲେଖିକା ପାଇଁ ଏହା ଏକ ନୂତନ ସମ୍ଭାବନା ନିଶ୍ଚୟ, ଖୁସି ଲାଗେ ନିଜକୁ ପତ୍ରିକା ର ଏକ ପୃଷ୍ଠା ମଣ୍ଡିତ କରିବାର ଦେଖି। ଏ ହିଁ ପ୍ରକୃତ ସଫଳତା ହାସଲ ନିଶ୍ଚୟ ଆଗକୁ ବଢ଼ିବାକୁ ଏକ ପ୍ରାରମ୍ଭିକ ପାହାଚ ପରି। ପରିସେଶ ରେ ଅଶେଷ ଧନ୍ୟବାଦ ଏହି ପାରିବାରକୁ।

**ସୁହାସିନୀ ପଟ୍ଟନାୟକ**

ମହ୍ଲାର ପତ୍ରିକା ଆମ ଭାଷା ସାହିତ୍ୟ ର ଏକ ଅଂଶ ଭାବରେ ଅଗ୍ରସର ହେଉଛି । ଏହା ଜନାଦୃତ ମଧ ହେବାରେ ଲାଗିଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା ଆମ ର ଏ ଇ- ପତ୍ରିକା ଆଗେଇ ଚାଲୁ ଏବଂ ଏହା ମୁଦ୍ରଣ ପତ୍ରିକା ଭାବରେ ପ୍ରକାଶିତ କରିବା ନିମନ୍ତେ ପ୍ରୟାସ କରାଗଲେ ଆହୁରି ଉନ୍ନତ ହେବ ।

**ତ୍ରିନାଥ ନନ୍ଦୀ**

ସଂଗୀତ ମଲ୍ହାର ଯେପରି ଶ୍ରୋତାଙ୍କ ମନକୁ ବାନ୍ଧିଦିଏ ଠିକ୍ ସେହିପରି ମହ୍ଲାର ପତ୍ରିକା ପାଠକ ମାନଙ୍କୁ ନିଜର ଚିତ୍ରପଟ ସହିତ କବିତା ଗଳ୍ପରରେ କିଛିକ୍ଷଣ ପାଇଁ ଆବଦ୍ଧ କରିଦେଉଛି । ଜନମାନସରେ କବିତା ଗୁଡିକ ହର୍ଷ ଉଲ୍ଲାସ ସୃଷ୍ଟି କରିବାରେ ସିଦ୍ଧ ହୋଇଛି । ସବୁଠାରୁ ଅଧିକ ଧ୍ୟାନ କେନ୍ଦ୍ରିତ କରେ ମହ୍ଲାର ପରିବାର ସଚ୍ଚୋଟ ଏବଂ ସମାଜ ପ୍ରତି ଅବଦାନ । ସାହିତ୍ୟ ପ୍ରତି ଥିବା ଅତ୍ୟନ୍ତ ସ୍ନେହ ଶ୍ରଦ୍ଧା ହିଁ ଆଜି ଓଡିଶା ବାସୀଙ୍କ ହୃଦୟରେ ମହ୍ଲାର ପରିବାର ନିଜର ସ୍ବତନ୍ତ୍ର ସ୍ଥାନଟିଏ ସୃଷ୍ଟି କରିଛି । ପରି ଶେଷରେ ଏତିକି କହିବି , ମୁଁ ଜଣେ ପାଠକ ଓ ଲେଖକ ଭାବରେ ମହ୍ଲାର ପରିବାକୁ ହୃଦୟରୁ ଅନେକ ଅନେକ ଧନ୍ୟବାଦ ଅର୍ପଣ କରୁଛି ।

**ପ୍ରତିମା ପାତ୍ର**

"ମହ୍ଲାର"ର ସାହିତ୍ୟ ଭାବାବେଗ ନବୀନ ପ୍ରବୀଣ ଲେଖକଙ୍କ ଅତି ସୁନ୍ଦର ଲେଖାରେ ସମୃଦ୍ଧ । "ମହ୍ଲାର"ର ପ୍ରତି ସଂସ୍କରଣ ମହକ ଓଡ଼ିଆ ଭାଷା ସାହିତ୍ୟରେ ବେଶ୍ ରୋମାଞ୍ଚିତ ! ମହ୍ଲାର ରାଗ ମନ ପ୍ରାଣକୁ ଆପ୍ଲୁତ କଲା ଭଳି ଓଡ଼ିଆ ସାହିତ୍ୟରେ"ମହ୍ଲାର" ମଧ ପ୍ରତି ମନ ପ୍ରାଣକୁ ଛୁଇଁଯାଏ ! "ମହ୍ଲାର" ଇ-ପତ୍ରିକା ଓଡ଼ିଶା ନୁହେଁ ଭାରତ ତଥା ବିଶ୍ୱରେ ଆଜି ପ୍ରିୟ ପତ୍ରିକା ଭାବେ ସୁନାମ ଅକ୍ଷୁଣ୍ଣ ରଖିଛି ! ମୁଁ ପତ୍ରିକାର ଉତ୍ତରୋତ୍ତର ଉନ୍ନତି କାମନା କରୁଛି !

**ତାରାପ୍ରସାଦ ଜେନା**

ମହ୍ଲାର କେବେ ଜଗାଏ , କେବେ ଚେତାଏ | ମରିଯାଉଥିବା ହଜିଯାଉଥିବା ଚିନ୍ତାଚେତନାର ପ୍ରତିଭାକୁ ଖୋଜିଆଣି ପ୍ରକଟକରେ ଆଉ ଆଗେଇନିଏ ଜୀବନଗାଡିକୁ ସରସ ସୁନ୍ଦରକରି..

**ରାମଚଂଦ୍ର ଜେନା**



ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
MSME UDYAM-OD-13-0044620

ଓଡ଼ିଆ ସାହିତ୍ୟ ଓ ସଂସ୍କୃତି ର ଉନ୍ନତି ପାଇଁ ମହ୍ଲାର ଏକ ଦୃଢ଼ ପ୍ରତିବଦ୍ଧତା ଯାହା ଓଡ଼ିଶା ମାଟିର ମାନ,ମୂଲ୍ୟ ଓ ସଚେତ ସୃଜନଶୀଳତା ର ଏହା ଏକ ସମନ୍ୱୟ। ସାହିତ୍ୟ ଜଗତ ରେ ଗ୍ରାମ ଓ ସହର ର ସାହିତ୍ୟିକ ମାନଙ୍କର ଲେଖନୀ କୁ ଭାବନା କୁ ନେଇ ଏକ ନୂତନ ଧାରା ର ଉପସ୍ଥାପନା କରେ ମହ୍ଲାର ଯାହା ସମସ୍ତ ପାଠକଙ୍କ ହୃଦୟକୁ ଛୁଇଁ ପାରିଛି। ମହ୍ଲାର ଆହୁରି ଆଗକୁ ଯାଉ ଏତିକି ସୁ- ଜଣାଉଛି।ଏ ଜୀବନଗାଡ଼ିକୁ ସରସ ସୁନ୍ଦରକରି..

ପୁଷ୍ପାଞ୍ଜଳି ପଣ୍ଡା

ଯେବେ ମୁ କବିତା ଲେଖା ଆରମ୍ଭ କରିଲି ତାକୁ ସମସ୍ତଙ୍କ ଲୋକ ଲୋଚନକୁ କେମିତି ଆଣିବି ଜାଣିପାରୁ ନଥିଲି କିନ୍ତୁ ପ୍ରଥମେ ସମସ୍ତଙ୍କ ପାଖେ ମୋ କବିତା ପହଞ୍ଚାଇ ତାକୁ ଜୀବନ୍ତ ରୂପ ପ୍ରଦାନ କରିଥିଲା ଏଇ ମଲ୍ହର ଇ ପତ୍ରିକା ..... ଯୋଉ କାରଣ ପାଇଁ ମୁ ଚିର ଋଣୀ..... ଏବଂ ଆଶା କରୁଚି ଏ ପତ୍ରିକା ସମସ୍ତଙ୍କ ମାର୍ଗ ଦର୍ଶକ ହେବା ସହ ସମସ୍ତଙ୍କ କବିତା କୁ ଲୋକ ଲୋଚନ କୁ ଆଣିବ .... ଧନ୍ୟବାଦ୍ 🙏

ସୋନାଲି ସ୍ୱାଇଁ

ମହ୍ଲାର ପତ୍ରିକା ସହ ପ୍ରାୟତ ଦୁଇ ବର୍ଷ ହେବ ଯୋଡ଼ି ହେଇ ରହିଛି, ପ୍ରତିଥର ମତେ ସକାରାତ୍ମକ ଭାବରେ ଉତ୍ତର ମିଳିଛି, ସହାୟତା ମଧ ମିଳିଛି, ଏକ ନୂତନ ଲେଖକ କିମ୍ବା ଲେଖିକା ପାଇଁ ଏହା ଏକ ନୂତନ ସମ୍ଭାବନା ନିଶ୍ଚୟ, ଖୁସି ଲାଗେ ନିଜକୁ ପତ୍ରିକାର ଏକ ପୃଷ୍ଠା ମଣ୍ଡିତ କରିବାର ଦେଖି। ଏ ହିଁ ପ୍ରକୃତ ସଫଳତା ହାସଲ ନିଶ୍ଚୟ ଆଗକୁ ବଢ଼ିବାକୁ ଏକ ପ୍ରାରମ୍ଭିକ ପାହାଚ ପରି। ପରିଶେଷରେ ଅଶେଷ ଧନ୍ୟବାଦ ଏହି ପରିବାର କୁ।

ସୁହାସିନୀ ପଟ୍ଟନାୟକ

ସଭିଁଙ୍କୁ ମୋର ପ୍ରଣାମ 🙏

ମହ୍ଲାର ଇ-ପତ୍ରିକା ପାଠିକା ଭାବେ ଏକ ସକ୍ରୀୟ ଅଂଶୀ ହେବାର ଅଭିଜ୍ଞତା ମୋ ପାଇଁ ଗର୍ବ ଓ ପ୍ରେରଣାର ଅନୁଭୂତି ନେଇଆସିଛି । ଏହି ପତ୍ରିକା କେବଳ ଜାତି, ଲିଙ୍ଗ ବା ବୟସର ସୀମାରେ ବନ୍ଧା ନୁହେଁ — ଏହା ସେମାନଙ୍କ ପାଇଁ ଏକ ମଞ୍ଚ ଯେଉଁମାନେ ଅନ୍ତର୍ନିହିତ ଭାବନା, ଅନୁଭୂତି, ଓ ଦୃଷ୍ଟିକୋଣକୁ ଅଭିବ୍ୟକ୍ତ କରିବାକୁ ଚାହାଁନ୍ତି ।

ପ୍ରତ୍ୟେକ ସଂଖ୍ୟା ମଧରେ ମୁଁ ଦେଖୁଛି କିପରି ଏହି ପତ୍ରିକା ଏକ ସୃଜନାତ୍ମକ ମଞ୍ଚ ହିସାବରେ ଲୋକମାନଙ୍କ ଜୀବନ ଗାଥା, ସଂଘର୍ଷ, ସ୍ୱପ୍ନ ଓ ସଫଳତାକୁ ଅନ୍ୟମାନଙ୍କ ସହ ବାଣ୍ଟିବା ସହ ଲେଖକ ଓ ଲେଖିକାଙ୍କ ସ୍ୱରଚିତ ଲେଖନୀକୁ ଅବସର ପ୍ରଦାନ କରୁଛି । ଏହା ଏକ ଅନ୍ତର୍ନିହିତ ସମ୍ବାଦ ଯାହା ଅନୁଭୂତିକୁ ଆଦର କରିଥାଏ, ଓ ଭିନ୍ନତାକୁ ଏକତାରେ ପରିଣତ କରିଥାଏ ।

ମୁଁ ଆଶା କରେ ଆଗାମୀ ଦିନରେ ଏହି ପତ୍ରିକା ଅଧିକ ନବୀନ ମନ୍ତବ୍ୟ, ଅନ୍ତର୍ଜ୍ଞାନ ଓ ସୃଜନଶୀଳ ଅଭିବ୍ୟକ୍ତିକୁ ଆମନ୍ତ୍ରଣ କରିବା ସହିତ, ଆମ ସମସ୍ତଙ୍କ ପାଇଁ ଏକ ଉତ୍ତମ ଅନୁଭୂତି ଓ ବିଚାର ମଞ୍ଚ ହିସାବେ ବିକାଶ ପାଇବ । ଏହି ଯାତ୍ରାର ଅଂଶ ହେବା ମୋ ପାଇଁ ଏକ ଅପୂର୍ବ ଅନୁଭୂତି ।

ଲୋପାମୁଦ୍ରା ମହାପାତ୍ର



ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
MSME UDYAM-OD-13-0044620

ଭାବନାର ଗଭିରତାକୁ ଭାବର କାଗଜ ଦେଇ ଲେଖନୀ ମୁନରେ ସଜ୍ଜିତ କରିବାର ମାଧ୍ୟମ ମହ୍ଲାର ଇ- ପତ୍ରିକା....

**ମହ୍ଲାର ପତ୍ରିକା ସ୍ଥାନ ଦିଏ :-**

କେବେ ସମାଜର ସଂଘର୍ଷକୁ....

କେବେ ସଂପଳତାର ଶିକ୍ଷାକୁ....

କେବେ ପ୍ରେମିର ପ୍ରତାରଣାକୁ....

କେବେ ସମ୍ପର୍କର ଛଳନାକୁ....

କେବେ ଛାତିର କୋହକୁ....

କେବେ ଆଖିର ଲୁହକୁ....

ମୁଁ ଜଣେ ଲେଖିକା ରୂପେ ମହ୍ଲାର ଇ- ପତ୍ରିକାର ଏପରି କାର୍ଯ୍ୟ ପାଇଁ ପ୍ରଶଂସା ଏବଂ ସ୍ୱାଗତ ଜଣାଉଛି ।

ଧନ୍ୟବାଦ 🙏

ଜୟଶ୍ରୀ କ୍ରାନ୍ତିପୂରଭି

---

ଅହେତୁକ ସ୍ନେହ, ଅତୁଳ ପ୍ରେମ, ଅମାପ ଭାବନା ଓ ମହମହ ଆନ୍ତରିକତାରେ ସବୁବେଳେ ଭରା ରଙ୍ଗୀନ ପତ୍ରିକା ମହ୍ଲାର ମୋତେ ବହୁତ ଭଲଲାଗେ । ଏହି ପତ୍ରିକାରେ ସ୍ଥାନିତ ହୋଇଥିବା କବିତାଗୁଡ଼ିକ ଅତି ଆପଣାର ଲାଗେ। ଗଳ୍ପଗୁଡ଼ିକ ନିଜର ଦୈନନ୍ଦିନ ଜୀବନ ସହିତ ତାଳମିଳାଇ ଆଗକୁ ବଢିବାର ଖୋରାକ ଦେଇଥାଏ।

ସଂପାଦକୀୟ ପୃଷ୍ଠାଗୁଡ଼ିକ ମହ୍ଲାର ପତ୍ରିକାର ଗୁଣବତ୍ତା ଦର୍ଶିତ କରିଥାଏ। ଏହି ପତ୍ରିକାର ସମ୍ପାଦକ ଓ ସମସ୍ତ କର୍ମକର୍ତ୍ତାଙ୍କୁ ସାରସ୍ୱତ ସାଧୁବାଦ। ଏହି ପତ୍ରିକାର ଉତ୍ତୋରତର କାମନା କରୁଛି ।

ଗୋବର୍ଦ୍ଧନ ସେନାପତି

---

ମହ୍ଲାର

ଅତି ସୁଲଳିତ ଏବଂ ଚମକପ୍ରଦ ଅନନ୍ୟ ସୃଷ୍ଟି | ଯାହାକି ନୂତନ ଜିଜ୍ଞାସୁ କରିବାର ଏକ ମହାର୍ଣ୍ଣବ ମାଧ୍ୟମ | ଏହି ସଂଯୋଗରେ ଅଂଶଗ୍ରହଣକରିଥିବାରୁ ନିଜକୁ ଆତ୍ମସନ୍ତୋଷ ମିଳିଛି |

"ମହ୍ଲାର ରାଗ ବର୍ଷାର ଆବାହନ, ଏହା କେବଳ ସ୍ୱର ନୁହେଁ, ଏହା ପ୍ରକୃତି ସହିତ ଏକ ଆତ୍ମୀୟ ସମ୍ପର୍କ।"

"ମହ୍ଲାର ଇ-ପତ୍ରିକା ଓଡ଼ିଆ ସାହିତ୍ୟ ଜଗତରେ ନିଜର ଅନ୍ତଃସ୍ୱରକୁ ବିଶ୍ୱାଭିମୁଖେ ପହଞ୍ଚାଇବାର ଏକ ସୁନ୍ଦର ପ୍ରୟାସ।"

ଶିଳ୍ପାଲିପି ବେହେରା



ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

## ମହ୍ଲାର, ସାରସ୍ୱତ ସ୍ୱରର ଏକ ଅନ୍ତରଙ୍ଗ ସ୍ୱାକ୍ଷର...

ବହୁ ସାହିତ୍ୟ ଇ ପତ୍ରିକା ଭିତରେ ମହ୍ଲାର ସାହିତ୍ୟ ଇ ପତ୍ରିକାକୁ ପଢିବାର ସୌଭାଗ୍ୟ ଓ ସୁଯୋଗ ପାଇଛି। ଏଇ ପତ୍ରିକାର ରଙ୍ଗୀନ ପ୍ରଚ୍ଛଦପଟ ନିର୍ଦ୍ଧିଷ୍ଟ ବସ୍ତୁକୁ ନେଇ ଏହାର ଅନ୍ୟତମ ମଧୁର ଆକର୍ଷଣ। ସୂଚୀପତ୍ରରେ ଥାଏ ବଛା ବଛା କବିଙ୍କ କବିତାର ଚମତ୍କାର ପାଖୁଡା। ସ୍ୱତନ୍ତ୍ର ବିଷୟକୁ ନେଇ ଆହ୍ୱାନ କରାଯାଉଥିବା ବିଷୟ ଭିତ୍ତିକ କବିତାକୁ ପଢିଲେ ହୃଦୟରେ ଆନନ୍ଦ ଖେଳିଯାଏ। ଦକ୍ଷ ସମ୍ପାଦନା ମଣ୍ଡଳୀଙ୍କ ନିଃସ୍ୱାର୍ଥପର ସାହିତ୍ୟ ସେବା ଓ ତ୍ୟାଗ ମହ୍ଲାରକୁ ମନ ଆକାଶରେ ଏଯାବତ୍ ବାନ୍ଧି ରଖିଛି । ନିଃସନ୍ଦେହରେ ଓଡିଆ ବାଣୀ ଭଣ୍ଡାରକୁ ମହ୍ଲାରର ଏ ସାରସ୍ୱତ ତପ ଋଦ୍ଧିମନ୍ତ କରିବ। ଏ ମାଟିର କୋଣେ ଅନୁକୋଣେ ପତ୍ରିକାର ପରିବ୍ୟାପ୍ତିକୁ ଅନୁଧ୍ୟାନ କଲେ ଶେଷରେ ଏତିକି କୁହାଯାଇପାରେ ମହ୍ଲାର,ସାରସ୍ୱତ ସ୍ୱରର ଏକ ଅନ୍ତରଙ୍ଗ ସ୍ୱାକ୍ଷର । କାଛରେ ଝୋଟିଚିତା ଝଟକୁଥିବା ପରି ହୃଦୟ କାଛରେ ମହ୍ଲାର ଚିରକାଳ ଝଟକୁଥାଉ ତା ଦିପ୍ତିମାନ ସ୍ୱକୀୟ ଆକର୍ଷଣୀୟ ବୈଭବରେ ଏତିକି ଈଶ୍ୱରଙ୍କ ନିକଟରେ କାମନା ।

**ସୁଜିତ କୁମାର ମିଶ୍ର**

**କଣ ବା ଲେଖିବି ମହ୍ଲାର ଇ ପତ୍ରିକା ବିଷୟରେ**

**ତାର ପ୍ରଶଂସା ରେ ଯେତେ ଲେଖିଲେ ବି ମୋ ପାଖେ ଶବ୍ଦ କମ୍ ପଡିଯିବ,**
**ଏକ ସୁସ୍ଥ ନିରାମୟ ଜୀବନ ବଞ୍ଚିବାକୁ ହେଲେ ଖାଦ୍ୟର ଓ ପାନୀୟଜଳ ର ଆବଶ୍ୟକ ନିହାତି ଜରୁରୀ**
**ସେହିପରି ସମାଜରେ ନିଜର ମନୋରଞ୍ଜନ ଲାଗି ପତ୍ରିକାର ନିହାତି ଆବଶ୍ୟକ,**
**ମହ୍ଲାର ଏମିତି ଏକ ପତ୍ରିକା ଯାହା ମନୋରଞ୍ଜକ ଓ ଜ୍ଞାନବର୍ଧକ ମଧ,**
**ସୁନ୍ଦର ପ୍ରଛଦପଟ ସହିତ ଲେଖକ ଲେଖିକା ମାନଙ୍କର ସୃଷ୍ଟିକୁ ଲୋକଲୋଚନ କୁ ଆଣିଥାଏ,,,**
**ମହ୍ଲାର ଇ ପତ୍ରିକାର ପ୍ରତିଷ୍ଠାତା ଓ ସମ୍ପାଦକ ଶିଶିର କୁମାର ସାମଲ ସାର୍ ଙ୍କ ପ୍ରଚେଷ୍ଟା ବହୁ ଉଚ୍ଚ କୋଟିର,,**
**ତାଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ସାଧୁବାଦ,,,**
**ସାର୍ ଆମକୁ ମହ୍ଲାର ଜରିଆ ରେ ଜଣେ ଲେଖକ ହେବା ସହିତ ଜଣେ ପାଠକ ହେବାର ସୁଯୋଗ ଦେଇଛନ୍ତି,,**
**ମୁଁ ଭଗବାନଙ୍କ ପାଖରେ ଏତିକି କାମନା କରୁଛି ମହ୍ଲାର ଇ ପତ୍ରିକାର ଛତ୍ରଛାୟା ତଳେ ଆମ ଲେଖନି ମୁନ ଏମିତି ଚାଲିଥାଉ ଓ ମହ୍ଲାର ଇ ପତ୍ରିକାର ଉତ୍ତରତର ଉନ୍ନତି ହେଉଥାଉ।**

**ସୁନିତା ଦାଶ**

**ଆପଣଙ୍କ ମହ୍ଲାର ପତ୍ରିକା ରେ ବହୁତ କିଛି ଶିଖିବାକୁ ମିଳେ। ଭଗବାନଙ୍କ କବିତା ରୁ, ପ୍ରେମ, ପ୍ରକୃତି, ରାଗ ଅଭିମାନ ସବୁ ଥାଏ। ଯାହା କି କବି, କବୟିତ୍ରୀ ମାନେ ନିଜର ମନରେ ଆସିଥିବା ଭାବନାକୁ ପ୍ରକାଶ କରନ୍ତି କବିତା ମାଧ୍ୟମରେ ଗୋଟିଏ ନିଆରା ରୂପ ଦେଇ, ଏମିତି ସୁନ୍ଦର ଭାବରେ ଚାଲିଥାଉ ଏଇ ମହ୍ଲାର ପତ୍ରିକା । ଜୟ ଜଗନ୍ନାଥ**

**ସରସ୍ୱତୀ ମେହେର**



ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

ନମସ୍କାର ,

ମହ୍ଲାର ମାସିକ ପତ୍ରିକା ଭାବରେ ପ୍ରକାଶିତ ହୋଇଆସୁଅଛି । ଏହାର ସମ୍ପାଦକ ମଣ୍ଡଳୀ ଯେଉଁ ପ୍ରୟାସ କରିଛନ୍ତି ତାହା ନିତାନ୍ତ ପ୍ରଶଂଶନୀୟ । ଯେଉଁ ଲେଖକ ଲେଖିକାଗଣ ପାଠକଙ୍କ ଦୃଷ୍ଟି ଆଢୁଆଳରେ ରହି ଯାଉଛନ୍ତି ସେମାନଙ୍କୁ ପାଠକମାନଙ୍କ ଅଧିକ ନିକଟତର କରାଇବା ସହ ସର୍ଜନମନସ୍କ ଓ ସାହିତ୍ୟମନସ୍କ କରିବା ପାଇଁ ଏହା ପ୍ରେରଣାର ଉତ୍ସ । ଭାଷା ଓ ସାହିତ୍ୟର ବିକାଶ ଦିଗରେ ଏହାର ଭୂମିକାକୁ ଏଡାଇ ଦିଆଯାଇପାରିବ ନାହିଁ । ଭବିଷ୍ୟତରେ ଏ ପତ୍ରିକା ସର୍ଜନଶୀଳ ଲେଖକ ପରିବେଶଟିଏ ସୃଷ୍ଟି କରିବ ଏହା ନିଃସନ୍ଦେହ । ଏଣୁ ସକରାତ୍ମକ ମାନସିକତାଟିଏ ତିଆରି କରିବାରେ ଏକ ପାଦ ବଢାଇଥିବା ହେତୁ ସଂପାଦକ ମଣ୍ଡଳୀଙ୍କୁ ସାଧୁବାଦ ଜଣାଉଛି ।

ହିତେଶ୍ ବେହେରା

"ମହ୍ଲାର "ଏକ ପ୍ରେରଣାର ପ୍ରସ୍ରବଣ। ନୂତନତା ସ୍ୱର। ଅଦିନିଆ ବର୍ଷା ଛିଟାରେ ମଉଳି ଯାଉଥିବା ପ୍ରତିଭାର ଜୀବନ୍ୟାସ ମନ୍ତ୍ର। ସୃଜନଶୀଳତାର ବାର୍ତ୍ତାବହ। ଏହା କେବଳ ସାରସ୍ୱତ ଅନୁଷ୍ଠାନ ନୁହେଁ, ଏହା ସମାଜ ସଂସ୍କାରର ସଂସ୍ଥାପକମାନଙ୍କୁ ଖୋଜିବାରେ ସିଦ୍ଧହସ୍ତ ସାରସ୍ୱତ ସାହିତ୍ୟ। ମୁଁ ଏ ଅନୁଷ୍ଠାନ ସହ ଜଡିତ ହେବା ଦିନଠୁ ନିରେଖିଛି, ପାଖରୁ ଜାଣିଛି। ଯାହା ଲେଖିଛି,ତାହା ମୋର ବ୍ୟକ୍ତିଗତ ମତ।

କୃଷ୍ଣ ଚନ୍ଦ୍ର ବାରିକ

"ମହ୍ଲାର "ଏକ ପ୍ରେରଣାର ପ୍ରସ୍ରବଣ। ନୂତନତା ସ୍ୱର। ଅଦିନିଆ ବର୍ଷା ଛିଟାରେ ମଉଳି ଯାଉଥିବା ପ୍ରତିଭାର ଜୀବନ୍ୟାସ ମନ୍ତ୍ର। ସୃଜନଶୀଳତାର ବାର୍ତ୍ତାବହ। ଏହା କେବଳ ସାରସ୍ୱତ ଅନୁଷ୍ଠାନ ନୁହେଁ, ଏହା ସମାଜ ସଂସ୍କାରର ସଂସ୍ଥାପକମାନଙ୍କୁ ଖୋଜିବାରେ ସିଦ୍ଧହସ୍ତ ସାରସ୍ୱତ ସାହିତ୍ୟ। ମୁଁ ଏ ଅନୁଷ୍ଠାନ ସହ ଜଡିତ ହେବା ଦିନଠୁ ନିରେଖିଛି, ପାଖରୁ ଜାଣିଛି। ଯାହା ଲେଖିଛି,ତାହା ମୋର ବ୍ୟକ୍ତିଗତ ମତ।

ଡ: ଶୁଭ୍ରା ଦାସ

ମହ୍ଲାର ମୋ ପାଇଁ, ବିଶେଷକରି ମୋର ମାନସିକ ସ୍ୱାସ୍ଥ୍ୟ ଓ ଆନ୍ତରିକ ଶାନ୍ତି ପାଇଁ ଏକ ଅତ୍ୟନ୍ତ ମୂଲ୍ୟବାନ। ଏହା ମୋ ମନକୁ ଶାନ୍ତ କରେ, ଓଡ଼ିଆ ସାହିତ୍ୟ, ସଂସ୍କୃତି ଓ ଐତିହ୍ୟ ସହିତ ଜଡି ରଖେ, ଓ ଏକ ନିଜସ୍ୱ ପରିଚୟ ଅନୁଭବ କରାଏ। ମହ୍ଲାର ରେ ଥିବା କବିତା, ଗଳ୍ପ, ଉପନ୍ୟାସ, ନିବନ୍ଧ, ସାମାଜିକ ଓ ସାମୟିକ ବିଷୟ ଉପରେ ଲେଖା ମୋ ମନକୁ ନୂଆ ଭାବନା ଓ ଦୃଷ୍ଟିକୋଣ ଦିଏ। ମୁଁ ଯେତେବେଳେ ଦୁଃଖିତ ବା ଚିନ୍ତିତ ଥାଏ, ଏମିତି ପଢିଥିବା ଲେଖା କୁ ମଧ ବାରମ୍ବାର ପଢ଼ିବା ମାଧ୍ୟମରେ ମୋର ମନ ହାଲକା ହୁଏ, ନିଜ ପାଇଁ ସମୟ ମିଳେ, ଓ ଏକ ମୂଲ୍ୟବାନ ମନୋରଞ୍ଜନ ମିଳେ। ଏହା ମୋର ମନସିକ ଉନ୍ନତି ପାଇଁ ମାତ୍ର ନୁହେଁ, ମୋର ଭାଷା ଓ ଲେଖା ଶକ୍ତିକୁ ବୃଦ୍ଧି କରେ, ମୋତେ ଓଡ଼ିଆ ଭାଷା ଉପରେ ଗର୍ବ ଅନୁଭବ କରାଏ। ଏହି ପ୍ରକାର ମାଗଜିନ୍ ମୋ ପାଇଁ ଏକ ମନୋସାଜନା ଔଷଧ ଭଳି କାମ କରେ। ସାରାଂଶରେ,ମହ୍ଲାର ମୋର ପାଇଁ କେବଳ ଜ୍ଞାନ ଦେବା ଏକ ଉପକରଣ ନୁହେଁ, ବରଂ ମୋର ମନ ଓ ଆତ୍ମାକୁ ସନ୍ତୁଷ୍ଟ ରଖିବାର ଏକ ଶକ୍ତିଶାଳୀ ଶ୍ରୋତ। ମହାପ୍ରଭୁ ତୋତେ ଦୀର୍ଘଜୀବି କରନ୍ତୁ ।

କ୍ଷିରାବ୍ଧୀ ଦାଶ



ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

ସାହିତ୍ୟ ହେଉଛି ବଞ୍ଚିବାର ଏକ କଳା । ଜୀବନର ଚିରାଚରିତ ଢଙ୍ଗ ହେଉ କିମ୍ବା କିଛି କାଳ୍ପନିକ କଥାବସ୍ତୁ ହେଉ, କି ବାସ୍ତବଧର୍ମୀ ଘଟଣାବଳୀ ରେ ଫୁଟି ଉଠୁଥିବା ସମସ୍ତ ମରମ ସର୍ତ୍ତା କୁ ସାହିତ୍ୟ ହିଁ କେବଳ ଲୋକଲୋଚନାକୁ ଆଣିଥାଏ । ଏ ସମସ୍ତ ବାର୍ତ୍ତା ଆଣିବାକୁ ହେଲେ ସାହିତ୍ୟ ରେ ବିଭିନ୍ନ ବିଭାଗ ଗଢିଉଠିଛି ଯଥା:- କବିତା, ଗଳ୍ପ , ପ୍ରବନ୍ଧ , ଉପନ୍ୟାସ , ରମ୍ୟ ରଚନା , ଭ୍ରମଣ କାହାଣୀ ଇତ୍ୟାଦି ଇତ୍ୟାଦି । କିନ୍ତୁ ବିଭାଗ ଗୁଡ଼ିକୁ ଲୋକଙ୍କ ପାଖରେ ପହଞ୍ଚାଇବା ଏବଂ ତରୁଣ ଲେଖକ, କବିଦ୍ୱୟ ଙ୍କୁ ସାରସ୍ୱତ ର ସମ୍ମାନ ତଥା ପରିଚିତ କରାଇବାରେ ବିଭିନ୍ନ ଖବର କାଗଜ ,ପତ୍ରପତ୍ରିକା ର ଆବଶ୍ୟକ ଆଜିର ସମାଜରେ ବହୁତ ।

ମୁଁ ବହୁତ ପତ୍ରିକା ଦେଖିଛି କିନ୍ତୁ ମହ୍ଲାର ପତ୍ରିକା ଏକ ସୁନ୍ଦର ଓ ପାଠକ ପ୍ରାଣକୁ ରମଣୀୟ କରୁଥିବା ପତ୍ରିକା । ଏ ପତ୍ରିକାର ଲେଖା ସମୂହ ଅତ୍ୟନ୍ତ ଉଚ୍ଚକୋଟୀର । ଉକ୍ତ ପତ୍ରିକା ର ଲେଖା ଯେତିକି ଅମୋଦିତ କରେ ଅତ୍ୟନ୍ତ ଦୃଷ୍ଟି ଆକର୍ଷଣ କରେ ପତ୍ରିକା ର ସାଜସଜ୍ଜା । ଅଶେଷ ଧନ୍ୟବାଦ.. ମହ୍ଲାର ପତ୍ରିକା ର କର୍ମକର୍ତ୍ତା ଗଣଙ୍କୁ । ସୁନ୍ଦର ସୁନ୍ଦର ଉଚ୍ଚକୋଟୀର ସାରସ୍ୱତ କୁ ମହ୍ଲାର ପତ୍ରିକା ସ୍ଥାନଦେଇ ସାହିତ୍ୟ କ୍ଷେତ୍ରକୁ ସମୃଦ୍ଧ କରାନ୍ତୁ ।

ପ୍ରଶାନ୍ତ ଖଟୁଆ

ଆପଣଙ୍କ ମହ୍ଲାର ଇ-ପତ୍ରିକା ଏକ ପତ୍ରିକା ଯାହାଦ୍ୱାରା ବିଭିନ୍ନ ଲେଖକ ଲେଖିକା ମାନଙ୍କୁ ଏ ସାହାଯ୍ୟ ରେ ତାଙ୍କ ନିଜସ୍ୱ ଲିଖିତ କବିତା ଦେଖାଇବାକୁ ସୁଯୋଗ ମିଳି ପାରୁଛି । ଆପଣଙ୍କ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ମୁଁ ବହୁତ ଖୁସି ହେଲି ...

ମହ୍ଲାର ପରିବାର ରେ ମୋର ସ୍ୱାଗତ  
ଭୁଲିଗଲି ସବୁ ଅତୀତ  
ଗଢ଼ିଦେଲେ ନୂଆ ସମ୍ପର୍କ  
ବସୁଥିବ ତାର ମହକ  
ଏକଜୁଟ ହୋଇ ଲେଖିକା ଲେଖକ  
ଆଣୁ ଥିବା ନୂଆ କବିତା ଗଳ୍ପ  
ଗଢିଦେବା ନୂଆ ପାରିବାରିକ

ଅଶେଷ ଅଶେଷ ଧନ୍ୟବାଦ ମହ୍ଲାର ଇ-ପତ୍ରିକାର ସମ୍ପାଦକ ନିର୍ଦ୍ଦେଶକ ଓ ପରିଚାଳକ...

ଗାର୍ଗୀ ପ୍ରିୟଦର୍ଶିନୀ ମେହେର



ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

# ସମ୍ପାଦକୀୟ...



**ଶିଶିର କୁମାର ସାମଲ.**
**ପ୍ରତିଷ୍ଠାତା / ସମ୍ପାଦକ**
**ମହ୍ଲାର ଇ-ପତ୍ରିକା**

ପ୍ରଭୁ ଜଗତର ନାଥ ଜଗନ୍ନାଥ ଙ୍କର ଚରଣାଶ୍ରିତ, ମାତା ଜଗତ ଜନନୀ ମା ତାରିଣୀ ଙ୍କ ଚରଣ ରେ ମୋର ଭକ୍ତି ଭାବ ଓ ସମର୍ପଣ ଭାବ ନେଇ ସାଷ୍ଟାଙ୍ଗ ପ୍ରଣିପାତ ଜଣାଉଅଛି।

ପ୍ରଥମତଃ ମୁଁ ଯାହାଙ୍କ ପଦ୍ମ ପୟରେ ଚିର ଋଣୀ, ଚିର କୃତଜ୍ଞ ଓ ଚିର ନମନ, ମୋର ପିତା.... ଓ ମୋର ମାତାଙ୍କୁ ସହୃଦ ଧନ୍ୟବାଦ ସହ ସାଷ୍ଟାଙ୍ଗ ପ୍ରଣାମ। ସଦ୍ ଦିଗ୍ଦର୍ଶକ ଯାହାଙ୍କ ଆଶୀର୍ବାଦ, ଅସୀମ ସ୍ନେହ- ଶ୍ରଦ୍ଧା ଓ ପ୍ରେରଣା ରେ ପ୍ରେରିତ ହୋଇ ମୁଁ ଆଜି ଏହି ସ୍ଥାନ ରେ ପହଞ୍ଚି ପାରିଛି। ମୋର ମାତୃ ଭାଷା ଓଡ଼ିଆ ଭାଷା ସାହିତ୍ୟ କୁ ପରିମାର୍ଜିତ ଓ ତାର ଉତ୍ଥାନ ନିମନ୍ତେ ମୋ ଦ୍ଵାରା ସଙ୍କଳିତ " **ମହ୍ଲାର ଇ-ପତ୍ରିକା** ", ଏକ ନୂତନ ଆଶାରେ ପ୍ରାଣ-ସଞ୍ଚାର ।

ଏହି କ୍ଷେତ୍ର ରେ ମୁଁ ବଢାଇ ଥିବା ମୋର ପ୍ରଥମ ପାଦ। ମୋ ପରିବାରର ଆଶୀର୍ବାଦ ଓ ସ୍ନେହ ପୂର୍ଣ୍ଣ ଭଲ ପାଇବା ମୋତେ ନୂତନ ଦିଗରେ ଚାଲିବା କୁ ଶକ୍ତି ଯୋଗାଉଛି। ସେଥିପାଇଁ ମୁଁ ସଦା ତାଙ୍କ ପାଖରେ ଚିର ନମନ ରହିବି।

ଜଗତମାତାଙ୍କର ଚରଣ ରେ ଅଦ୍ୟାବଧି ମୁଁ ଯେଉଁ ଯେଉଁ ଭେଟି ଦେଉଅଛି, ସେଗୁଡିକ ମଧରେ ମୋର ପୁଣ୍ୟ ଓଡିଶା ଭୂମି, ମୋର ମାତୃଭୂମି ଓଡିଶା ର ଭାଷା ଓଡ଼ିଆ ଭାଷା ସାହିତ୍ୟ କୁ ସମୃଦ୍ଧ ଓ ମାର୍ଜିତ କରିବା ସବୁଠାରୁ ଅଧିକ କ୍ରାନ୍ତିକାରୀ ଓ ମହତ୍ତ୍ଵପୂର୍ଣ୍ଣ ମନହେଉଛି। ଏହା ଠାରୁ ଅଧିକ ମହତ୍ତ୍ଵପୂର୍ଣ୍ଣ ଓ ମୂଲ୍ୟବାନ୍ ଭେଟି ମୁଁ ଯେ ଜଗତରେ ଥୋଇପାରିବି ତାହା ମୋର ପ୍ରତ୍ୟୟ ହେଉ ନାହିଁ।
ଏଥିରେ ରହିଅଛି ମୋର କ୍ଷୁଦ୍ର ଏକ ପ୍ରୟାସ ମୋର କାର୍ଯ୍ୟକ୍ରମ କୁ ପ୍ରୟୋଗାତ୍ମକ କରିବାର ଚାବିକାଠି। ଓଡ଼ିଆ ଭାଷା ସାହିତ୍ୟ ର ସମୃଦ୍ଧି ପାଇଁ ଯେଉଁ ନୂତନ ଏକ ଆକାଂକ୍ଷା ଜାଗ୍ରତ ହୋଇଅଛି। ତାହାକୁ ମୁଁ ସହୃଦ, ପୂର୍ଣ୍ଣ କରିବାର ପ୍ରଚେଷ୍ଟା ଜାରି ରଖିବି। ଏବଂ ସେମାନଙ୍କୁ ଧନ୍ୟବାଦ ସହ ସ୍ନେହ ପୂର୍ଣ୍ଣ ଭଲପାଇବା ଦେବାକୁ ଚାହିଁବି।
ମୋର ପୁସ୍ତକ " ମହ୍ଲାର" ପ୍ରକାଶନ କ୍ଷେତ୍ର ରେ ସଦା ସହଯୋଗ ଓ ତତ୍ପର ଥିବା ସମସ୍ତ କବି ଓ କବୟିତ୍ରୀ ମାନଙ୍କୁ ସ୍ପଷ୍ଟ ବ୍ୟକ୍ତ କରିବା ପାଇଁ ଚାହେଁ କି ଆପଣ ମାନଙ୍କ ସହଯୋଗ ବିନା ମୋର ଏହି କ୍ଷୁଦ୍ର ପ୍ରୟାସ ଆଦୌ ସଫଳଯୁକ୍ତ ହେବା ଅସମ୍ଭବ। ଆପଣ ମାନଙ୍କ ସହଯୋଗ ପାଇଁ ମୁଁ ଆପଣ ମାନଙ୍କ ପାଖରେ ସଦା କୃତଜ୍ଞ ରହିବି।

ପରିଶେଷରେ ମୁଁ ଏହା ଆଶା କରୁଅଛି କି **"ମହ୍ଲାର ଇ-ପତ୍ରିକା"** ଟି ପୁସ୍ତକ ଟି ପାଠକୀୟ ମାନଙ୍କର ହୃଦୟ ରେ ସ୍ଥାନ ସୃଷ୍ଟି କରିବା ସହ ଓଡିଶାର ପ୍ରତ୍ୟେକ ଟି କୋଣାନୁକୋଣରେ ପହଞ୍ଚି ପାରୁ...

**......ଧନ୍ୟବାଦ.........**



ମହ୍ଲାର
**ପ୍ରତିଷ୍ଠାତା/ସମ୍ପାଦକ :** *ଶିଶିର କୁମାର ସାମଲ,* **ସହ-ସମ୍ପାଦିକା :** *କ୍ଷୀରାବ୍ଧି ଦାଶ,* **ମୁଖ୍ୟ-ପରିଚାଳିକା :** *ଶିବଦୂତି ପାଣିଗ୍ରାହୀ,* **ଉପଦେଷ୍ଟା :** *ରଶ୍ମି ରଞ୍ଜନ ସାହୁ*
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620



**ଶିଶିର କୁମାର ସାମଲ**
( ପ୍ରତିଷ୍ଠାତା / ସମ୍ପାଦକ )



**କ୍ଷିରାବ୍ଧି ଦାଶ**
( ସହ-ସମ୍ପାଦିକା )



**ଶିବଦୂତୀ ପାଣିଗ୍ରାହୀ**
( ମୁଖ୍ୟ-ପରିଚାଳିକା )



**ରଶ୍ମିରଞ୍ଜନ ସାହୁ**
( ଉପଦେଷ୍ଟା )

☞"ମହ୍ଲାର ଇ-ପତ୍ରିକା" ଦ୍ଵାରା ପ୍ରକାଶିତ ହୋଇଥିବା ସମସ୍ତ ଲେଖା ଲେଖକଙ୍କ ନିଜସ୍ୱ ଲେଖା ।

☞ଯଦି ଲେଖାରେ କିଛି ତ୍ରୁଟି କିମ୍ଵା ନକଲ ହୋଇଥାଏ ସେଥିପାଇଁ ଆମ ମହ୍ଲାର କର୍ତ୍ତୃପକ୍ଷ ଦାୟୀ ନୁହନ୍ତି , ଲେଖା ପଠାଇଥିବା ଲେଖକ ହିଁ ସମ୍ପୂର୍ଣ୍ଣ ଦାୟୀ ରହିବେ ।

ନମସ୍କାର,

ପୁଣିଥରେ ଆମର ଇ-ପତ୍ରିକା "ମହ୍ଲାର" ର ୧୧ତମ ସଂସ୍କରଣ "ଶତରୂପା" କୁ ଆପଣ ମାନଙ୍କୁ ଭେଟିଦେଉଛୁ.

ଯାହାକି କିଛି ବିଶେଷ ଓ ଆକର୍ଷଣୀୟ ରୂପରେ । ଆଶାକରୁ ଏହା ଅନେକ ଓଡ଼ିଆ କୁ ଭଲପାଉଥିବା ପାଠକ ଓ ପାଠିକାଙ୍କ ହୃଦୟକୁ ନିଶ୍ଚିତ ରୂପେ ଛୁଇଁବ ।

ଏହି ସଂସ୍କରଣରେ ମୋଟ ୧୧୭ ଟି ଲେଖା ସ୍ଥାନ ପାଇଛି । ସେଥି ମଧ୍ୟରୁ ୧୬ଟି ଗଳ୍ପ ଓ କାହାଣୀ ଏବଂ **୧୦୧ ଟି** କବିତା ସଂକଳନ ରହିଛି .



ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
MSME
UDYAM-OD-13-0044620

# ମୁଖ-ବନ୍ଧ....



**କ୍ଷିରାବ୍ଧି ଦାଶ**
( ସହ-ସମ୍ପାଦିକା )

**ଯା ଦେବୀ ସର୍ବଭୂତେଷୁ, ଶକ୍ତିରୂପେଣ ସଂସ୍ଥିତା ,**
**ନମସ୍ତସ୍ୟୈ, ନମସ୍ତସ୍ୟୈ, ନମସ୍ତସ୍ୟୈ ନମୋ ନମଃ ॥**

ଶାରଦ ଋତୁର ଶିତଳ ସପ୍ତାହ ମଧ୍ୟରେ ଯେମିତି ଆସୁଥାଏ ମା' ଦୁର୍ଗାଙ୍କ ଦିବ୍ୟ ଚରଣଧୂଳି, ସେମିତି ଆସୁଛି ଆମ ପ୍ରିୟ ଓଡ଼ିଆ ପତ୍ରିକା "ମହ୍ଲାର" ର  ଶତରୂପା ସଂସ୍କରଣ ।ଏହି ଶୁଭ ଅବସର ଉପଲକ୍ଷ୍ୟରେ ଆପଣଙ୍କ ନିମନ୍ତେ ଏକ ଶ୍ରଦ୍ଧାଞ୍ଜଳି, ଏକ ସାହିତ୍ୟ ମାଳା ।

ଦେବୀ ଦୁର୍ଗା — ଶକ୍ତି, ସାହସ ଓ ଜୀବନ ସୃଷ୍ଟିର ଜୀବନ୍ତ ପ୍ରତିକ । ତାଙ୍କ ଉପସ୍ଥିତି କେବଳ ପୂଜା ମଣ୍ଡପରେ ନୁହେଁ, ଆମ ମନ, ଆମ ଲେଖା, ଓ ଆମ ସଂସ୍କୃତି ରେ ମଧ୍ୟ ଦେଖିବାକୁ ମିଳେ । ଏହି ପତ୍ରିକା ମାଧ୍ୟମରେ ଆମେ ସେହି ଶକ୍ତିର ଗାଥା କହିବାକୁ ଚେଷ୍ଟା କରିଛୁ— କବିତା, କଥା, ଚିନ୍ତନ, ଓ ଚିତ୍ରରେ ।

"ଶତରୂପା" କେବଳ ଗୋଟିଏ ପତ୍ରିକା ନୁହେଁ, ଏହା ହେଉଛି ଏକ ଅପରୂପ ପ୍ରୟାସ— ଓଡ଼ିଆ ସାହିତ୍ୟ ଓ ସଂସ୍କୃତିର ସୁଗନ୍ଧକୁ ଏକାତ୍ମ କରି, ଶାରଦୀୟ ମହୋତ୍ସବର ଅନୁଭୂତିକୁ ଆପଣଙ୍କ ହୃଦୟରେ ଅନ୍ତର୍ନିହିତ କରିବା ପାଇଁ ।

ଆମେ ଆଶା କରୁଛୁ ଏହି ଶାରଦ ସଂସ୍କରଣ ଆପଣଙ୍କୁ ଆନନ୍ଦ, ଚିନ୍ତନ ଓ ଅନୁଭୂତିର ଏକ ନୂଆ ଦୁନିଆ ଦେଖାଇପାରିବ ।

ମା' ଦୁର୍ଗାଙ୍କ କୃପା ଆପଣଙ୍କ ଓ ଆପଣଙ୍କ ପରିବାରରେ ସଦା ବ୍ୟାପି ରହୁ ।

**ଶୁଭ ବିଜୟାଦଶମୀ**



ପ୍ରତିଷ୍ଠାତା/ସମ୍ପାଦକ : *ଶିଶିର କୁମାର ସାମଲ,* ସହ-ସମ୍ପାଦିକା : *କ୍ଷୀରାବ୍ଧି ଦାଶ,* ମୁଖ୍ୟ-ପରିଚାଳିକା : *ଶିବଦୁତି ପାଣିଗ୍ରାହୀ,* ଉପଦେଷ୍ଟା : *ରଶ୍ମି ରଞ୍ଜନ ସାହୁ*
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

# ସୂଚୀ - ପତ୍ର



| | ସ୍ରଷ୍ଟାଙ୍କ ନାମ | ସୃଷ୍ଟିର ନାମ | ବିଭାଗ | ପୃଷ୍ଠା. |
|---|---|---|---|---|
| ୦୧ | ଜୟଶ୍ରୀ କ୍ରାନ୍ତିପୂରଭି | ବିଧବା ନାରୀ | କବିତା | ୧୬ |
| ୦୨ | ସୁଧୀର ମେହେର | ଜଗନ୍ନାଥ | କବିତା | ୧୭ |
| ୦୩ | ଚିରଞ୍ଜିବୀ ସାହୁ | ମୁଁ ଓ ତୁମେ | କବିତା | ୧୮ |
| ୦୪ | ଶିଳ୍ପାଲିପି ବେହେରା | ସ୍ମୃତିର ସ୍ପର୍ଶ | କବିତା | ୧୯ |
| ୦୫ | ପାରଦ କୁମାର ପାଢ଼ୀ | ମୁହୂର୍ତ୍ତ | କବିତା | ୨୦ |
| ୦୬ | ଶିମାନ୍ ପାଣି | ସାଙ୍ଗର କାହାଣୀ | ଗଳ୍ପ / କାହାଣୀ | ୨୧ |
| ୦୭ | ଡ଼.ଶୁଭେନ୍ଦୁ ମେହେର | ଶ୍ରାବଣୀ | କବିତା | ୨୨ |
| ୦୮ | ସୋନାଲୀ ସ୍ୱାଇଁ | ତୁମକୁ ଦେଖିଲା ପରେ | କବିତା | ୨୩ |
| ୦୯ | ବେଣୁଧର ସୂତାର | ଆଖିରୁ ସପନ ଅନେକ ଦୂର | କବିତା | ୨୪ |
| ୧୦ | ସୀମାଞ୍ଚଳ ପଣ୍ଡା | ମଣିଷଟି ଯେବେ ବଳବାନ ଭାବେ | କବିତା | ୨୫ |
| ୧୧ | ମନୋଜ କୁମାର ଦାସ | କବି ନୁହେଁ | କବିତା | ୨୬ |
| ୧୨ | ସରସ୍ୱତୀ ମେହେର | ଶିବଙ୍କର ପ୍ରିୟ ତିନି ଅକ୍ଷର | କବିତା | ୨୭ |
| ୧୩ | ରାମଚନ୍ଦ୍ର ଜେନା | ମୋ ସ୍ୱପ୍ନ ତା ରାକ୍ଷୀ ପାଉଣା | ଗଳ୍ପ / କାହାଣୀ | ୨୮ |
| ୧୪ | ଦେବାଶିଷ ଦାଶ | ଈଶ୍ୱର ନଥିବା ପୃଥିବୀରେ | କବିତା | ୩୦ |
| ୧୫ | ଶୁଭସନ୍ଧ୍ୟା ବେହେରା | ମୋ' ଜଗାର ବାହୁଡ଼ାଯାତ୍ରା | କବିତା | ୩୧ |
| ୧୬ | ସବିତା କବି | ସେନାବାହିନୀ | କବିତା | ୩୨ |
| ୧୭ | ହିତେଶ୍ ବେହେରା | ଝିଅ ଜନମ କ'ଣ ବଡ଼ ସମସ୍ୟା ? | ଗଳ୍ପ / କାହାଣୀ | ୩୩ |
| ୧୮ | ରୂପାଲି ମହନ୍ତ | ମା' | କବିତା | ୩୬ |
| ୧୯ | ବାବାଜୀ ଚରଣ ସାହୁ | ଭାଗବତ | କବିତା | ୩୭ |
| ୨୦ | ଅନସୂୟା ଲେଙ୍କା | ସେ ମୋ ବାପା ଅଟନ୍ତି | କବିତା | ୩୭ |
| ୨୧ | ରଶ୍ମିରଞ୍ଜନ ସାହୁ | ମନର ମଣିଷ | କବିତା | ୩୮ |
| ୨୨ | ସୁନନ୍ଦା ମହାନ୍ତି | ରାହୁ | ଗଳ୍ପ / କାହାଣୀ | ୪୦ |
| ୨୩ | ଦୀପକ କୁମାର ନାୟକ | ବୋଲବମ୍ | କବିତା | ୪୩ |
| ୨୪ | ପ୍ରଣତି ସେଠୀ | ଚିଲିକା | କବିତା | ୪୪ |
| ୨୫ | ରାମ ଚନ୍ଦ୍ର ପ୍ରଧାନ | ଆମେ ବୋଧେ ଶେଷ ପିଢ଼ି | କବିତା | ୪୫ |
| ୨୬ | ଶିଶିର କୁମାର ପଣ୍ଡା | ଆସିବନି ପିଲାଦିନ | କବିତା | ୪୬ |
| ୨୭ | ଚିତ୍ତରଞ୍ଜନ ମେହେର | ଜୀବନ | କବିତା | ୪୭ |
| ୨୮ | ସ୍ନିଗ୍ଧାରାଣୀ ପୁରୋହିତ | କୋହ | ଗଳ୍ପ / କାହାଣୀ | ୪୮ |
| ୨୯ | ବିକ୍ରମାଦିତ୍ୟ ପୁରୋହିତ | ସମୟର ଆହ୍ୱାନ | କବିତା | ୫୧ |
| ୩୦ | ସୁଶ୍ରୀ ସ୍ମାରକୀ ମିଶ୍ର | ତୁମେ | କବିତା | ୫୨ |
| ୩୧ | ନିହାର ରଞ୍ଜନ ନାୟକ | ପ୍ରେମ ଅନନ୍ତ:ଯେ ସ୍ୱଚ୍ଛ ଓ ଶାଶ୍ୱତ | ଗଳ୍ପ / କାହାଣୀ | ୫୩ |
| ୩୨ | ଗାର୍ଗୀ ପ୍ରିୟଦର୍ଶିନୀ ମେହେର | ବାପା | କବିତା | ୫୬ |





ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୃତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
MSME UDYAM-OD-13-0044620

| | | | | |
|---|---|---|---|---|
| ୩୩ | ରାଜଲକ୍ଷ୍ମୀ ବେହେରା | ଗାଁ | କବିତା | ୫୬ |
| ୩୪ | ଅସିତ ମହାନ୍ତି | ଭାଷା-ସାହିତ୍ୟର ତାରକା ବ୍ୟାସକବି ଫକୀରମୋହନ | ଗଳ୍ପ / କାହାଣୀ | ୫୭ |
| ୩୫ | ରୁପାଲୀ ମହାପାତ୍ର | ରଜ ଉତ୍ସବ ଓ ମୁଁ | କବିତା | ୬୦ |
| ୩୬ | ପ୍ରତିମା ପାତ୍ର | ଆ' ବଳଦ ମତେ ବିନ୍ଧ୍ | କବିତା | ୬୧ |
| ୩୭ | ଆଶିଷ କୁମାର ସାହୁ | କଳିଯୁଗ କୁନ୍ତି | କବିତା | ୬୨ |
| ୩୮ | ଦୀପାଲି ବେହେରା | ରଜ ପର୍ବ | କବିତା | ୬୩ |
| ୩୯ | ପ୍ରଶାନ୍ତ ଖଟୁଆ | ଲର୍ଯ୍ୟାଲୁଣି ମସି | କବିତା | ୬୪ |
| ୪୦ | ହରିଶ୍ଚନ୍ଦ୍ର ବେହେରା | ହାସ୍ନା ଚେମେଲି ସଞ୍ଜ ମହକୁଛି | କବିତା | ୬୫ |
| ୪୧ | ପ୍ରିୟଙ୍କା ପ୍ରିୟଦର୍ଶନୀ ନାୟକ | ନୀଳାଦ୍ରୀବିଜେ | କବିତା | ୬୬ |
| ୪୨ | ଅଶୋକ ତାଣ୍ଡି | ସାଧୁର ଉତ୍ତର | କବିତା | ୬୭ |
| ୪୩ | ହିମାଂଶୁ ବେହେରା | ହୃଦୟର କୋହ | କବିତା | ୬୮ |
| ୪୪ | ସ୍ମୃତି ଝାଙ୍କର | ହେ ସମୟ | କବିତା | ୬୯ |
| ୪୫ | ଧିରୋଜ କୁମାର ପାତ୍ର | ସତ ବନ୍ଧୁ ଟିଏ | କବିତା | ୭୦ |
| ୪୬ | ବିଶ୍ୱନାଥ କର | ସ୍ନାୟୁରେ ତରଙ୍ଗ ଖେଳାଏ | କବିତା | ୭୧ |
| ୪୭ | ଦଶରଥ ମାଝୀ | ବିଶ୍ୱ ବନ୍ଧୁ ତୁମେ କରୁଣାର ମହାସିନ୍ଧୁ | କବିତା | ୭୨ |
| ୪୮ | ନିରୁପମା ମିଶ୍ର | ହଜିବା ଆଗରୁ ମୋ ପରିଚୟ | କବିତା | ୭୩ |
| ୪୯ | ରାକେଶ କୁମାର ସାହୁ | ଶୁକ୍ରାଙ୍ଗ ଜନ୍ମ ରହସ୍ୟ | କବିତା | ୭୪ |
| ୫୦ | ଶ୍ରୀମାନି ପ୍ରିୟଦର୍ଶିନୀ ଦାସ | ମୁକ୍ତିଘାଣ୍ଟ | ଗଳ୍ପ / କାହାଣୀ | ୭୬ |
| ୫୧ | ଅଶୋକ କୁମାର ବାରୀକ | ଜୀବନ ନଈ ର ସୁଅ | ଗଳ୍ପ / କାହାଣୀ | ୭୮ |
| ୫୨ | ତୁଷାରକାନ୍ତ ବଳବନ୍ତରାୟ | ବାରବାଟୀ କହେ ଆମ କଟକ କଥା | ଗଳ୍ପ / କାହାଣୀ | ୮୨ |
| ୫୩ | ଡ: ଶୁଭ୍ରା ଦାସ | ସ୍ୱପ୍ନ କଳ୍ପିତ ସ୍ମୃତି ଶିଖା | କବିତା | ୮୪ |
| ୫୪ | ଗୀତାଞ୍ଜଳୀ ସାହୁ | ଜାତି | କବିତା | ୮୫ |
| ୫୫ | ନମିତା ଜାନୀ | ସ୍ୱାଧୀନ | କବିତା | ୮୫ |
| ୫୬ | ପ୍ରମିଳା ସ୍ୱାଇଁ | ମନ ଖୋଜେ ମନଟିଏ | କବିତା | ୮୬ |
| ୫୭ | ହିମାଞ୍ଚଳ ନାଗ | ମହାପ୍ରଭୁ ତୁମେ ମହାନ୍ | କବିତା | ୮୭ |
| ୫୮ | ସଂଗୀତା ନାଏକ | ଭାବର ଠାକୁର | କବିତା | ୮୮ |
| ୫୯ | ପ୍ରତିଭା ପଟ୍ଟନାୟକ | ଗୁରୁଶିଷ୍ୟ ସମ୍ପର୍କ | ଗଳ୍ପ / କାହାଣୀ | ୮୯ |
| ୬୦ | ଅନିତା କୁମାରୀ ଆଚାର୍ଯ୍ୟ | ଜୀବନ କୁସୁମ | କବିତା | ୯୦ |
| ୬୧ | ସସ୍ମିତା ତ୍ରିପାଠୀ | ପ୍ରେମ / ଅପ୍ରେମ | କବିତା | ୯୧ |
| ୬୨ | ଭୂମିକା ମହାରଣା | ଭୂମି ର ପ୍ରଶ୍ନ | କବିତା | ୯୨ |
| ୬୩ | ଶିଶିର କୁମାର ସାମଲ | ତୁମେ' ଆସନ୍ତନି | କବିତା | ୯୩ |
| ୬୪ | ପ୍ରତିମା ଶତପଥି | ଗଛ ଲଗାଇ ସବୁଜ ଜଙ୍ଗଲ ସୃଷ୍ଟି କରିବା | କବିତା | ୯୪ |
| ୬୫ | ସଂଯୁକ୍ତା ପୃଷ୍ଟି | ସୌଭାଗ୍ୟ ନା ଦୁର୍ଭାଗ୍ୟ | ଗଳ୍ପ / କାହାଣୀ | ୯୫ |
| ୬୬ | ଶିବାନୀ ଦାସ୍ | ମୁଁ ଯଦି ଗୋଟେ କବି ହେଇଥାନ୍ତି | କବିତା | ୧୦୧ |
| ୬୭ | କୁମୁଦିନୀ ଘି | ସର୍ବ କନିଷ୍ଠ ସହିଦ ବାଜିରାଉତ | କବିତା | ୧୦୨ |
| ୬୮ | ରୁପାଲି ପଲେଇ | ମରାଳ ମାଳିନୀ ନୀଳମ୍ବୁ ଚିଲିକା | କବିତା | ୧୦୩ |
| ୬୯ | ଜଗମୋହନ ପ୍ରଧାନ | ଖୋଜୁଛି ଓଡ଼ିଶା ଭୁଇଁ | କବିତା | ୧୦୪ |
| ୭୦ | କାବେରୀ ବାରିକ | ରହିଯାଏ ଅଭାବ ତଥାପି | କବିତା | ୧୦୫ |

| | | | | |
|---|---|---|---|---|
| ୭୧ | ବି.ଏମ୍ ମିତ୍ରଭାନୁ | ବୋଉ ଲୋ, ମୁଁ ବଡ ହେଇଗଲିଣି | କବିତା | ୧୦୬ |
| ୭୨ | ରାକେଶ କୁମାର ମୁଦୁଲି | ଭାରି ଭଲ ଲାଗେ ତୁମର ରାଗ | କବିତା | ୧୦୭ |
| ୭୩ | ରୋଶନ ସାହୁ | ବାଙ୍କ ଚାହାଣି | କବିତା | ୧୦୮ |
| ୭୪ | ପାର୍ଥସାରଥି ପାତ୍ର | ଏହି ମୋ ଭାରତ ମାଆ | କବିତା | ୧୦୯ |
| ୭୫ | ଲୋପାମୁଦ୍ରା ମହାପାତ୍ର | କାଳ ଚକ୍ରରେ ଜୀବନର ଇତିହାସ | ଗଳ୍ପ / କାହାଣୀ | ୧୧୦ |
| ୭୬ | ଲକ୍ଷ୍ମୀଧର ଚାନ୍ଦ୍ | ପଦେ ଅଧେ | କବିତା | ୧୧୨ |
| ୭୭ | ଧ୍ରୁବ ଚରଣ ଘିବେଲା | କଲାଣି ବାସ ଶରତେ କାଶ | କବିତା | ୧୧୩ |
| ୭୮ | ଆକାଂକ୍ଷାମୟୀ ଦାଶ | ନୂଆଖାଇ | କବିତା | ୧୧୪ |
| ୭୯ | ସୌମ୍ୟ ରଞ୍ଜନ ନନ୍ଦ | ଗେହ୍ଲା ଭଉଣୀ | କବିତା | ୧୧୫ |
| ୮୦ | ସୀମାଲତା ସାହୁ | କାଲୁ ର କରାମତି | ଗଳ୍ପ / କାହାଣୀ | ୧୧୬ |
| ୮୧ | ତିଳୋତ୍ତମା ଦାଶ | ନାରୀ ର ଗୁହାରି | କବିତା | ୧୧୯ |
| ୮୨ | ଦୁର୍ଯ୍ୟୋଧନ ପରିଡ଼ା | ସାଇକଲ ଆଉ ପ୍ରେମ | ଗଳ୍ପ / କାହାଣୀ | ୧୨୦ |
| ୮୩ | ଲକ୍ଷ୍ମୀପ୍ରିୟା ଦାସ | ଅବୁଝା ପ୍ରେମିକ | କବିତା | ୧୨୨ |
| ୮୪ | ସୂର୍ଯ୍ୟକାନ୍ତି ଭବାନୀ | ବାନ୍ଧବୀ | କବିତା | ୧୨୩ |
| ୮୫ | ପୂଜା ସାହୁ | ବିରହ | କବିତା | ୧୨୪ |
| ୮୬ | କୁରୀ କୁଡୁମ୍ବା | ସମାଜର କୁସଂସ୍କାର | କବିତା | ୧୨୫ |
| ୮୭ | ଅରୁଣ ଡାକୁଆ | ଅମୃତବେଳା | କବିତା | ୧୨୬ |
| ୮୮ | ସରୋଜ କୁମାର ସାହୁ | ମେଘ | କବିତା | ୧୨୭ |
| ୮୯ | ଅଭିଷିକ୍ତା ପୃଷ୍ଟି | ସ୍ୱର ପରିବର୍ତ୍ତନର | କବିତା | ୧୨୮ |
| ୯୦ | ବିକାଶ ରଞ୍ଜନ ନାୟକ | ତୁମ ପରି ବାପା | କବିତା | ୧୨୯ |
| ୯୧ | ମମତା ବଗର୍ତ୍ତୀ | ଚା' ପ୍ରେମ | କବିତା | ୧୩୦ |
| ୯୨ | ବିଶ୍ୱଜିତା ଭୋଇ | ଅଫେରା ଅତୀତ | କବିତା | ୧୩୧ |
| ୯୩ | ବବୁଲ୍ କୁମାର କବି | ଅମର ମୃତ୍ୟୁ | କବିତା | ୧୩୨ |
| ୯୪ | ଉତ୍ତମ କୁମାର ପଣ୍ଡା | ସୁନା ପଞ୍ଜୁରୀର ମୋହ | କବିତା | ୧୩୩ |
| ୯୫ | ଅଲିଶା ବି.ମହାରଣା | ବ୍ୟସକ୍ଷେତ୍ର ଏ କି ହେଲା ? | କବିତା | ୧୩୪ |
| ୯୬ | ପ୍ରିତି ପ୍ରିୟଦର୍ଶିନୀ ସେଣ୍ଠ | ସ୍ୱାଧୀନ | କବିତା | ୧୩୫ |
| ୯୭ | ପ୍ରତିମା ବିଶ୍ୱାଳ | କଇଁ ଅପା ବଞ୍ଚିଛି | ଗଳ୍ପ / କାହାଣୀ | ୧୩୬ |
| ୯୮ | ଶାନ୍ତା କୁମାରୀ ନନ୍ଦ | ଶେଷ କବିତା | କବିତା | ୧୩୮ |
| ୯୯ | ତାରାପ୍ରସାଦ ଜେନା | ନିଜକୁ ଖୋଜୁଛି | କବିତା | ୧୩୯ |
| ୧୦୦ | ଶିବରାମ ନାୟକ | ସମୟ ବଡ଼ ବଳବାନ | କବିତା | ୧୪୦ |
| ୧୦୧ | ଲୋପାମୁଦ୍ରା ମଳିକ | ଅଲିଖିତ ପୃଷ୍ଠା | କବିତା | ୧୪୧ |
| ୧୦୨ | ବୁଦ୍ଧିରାମ ବେହେରା | ଅଧା ଗଢ଼ା ସ୍ୱପ୍ନ | କବିତା | ୧୪୨ |
| ୧୦୩ | ଉମାକାନ୍ତ ଦାସ | ରାକ୍ଷୀ ଭାଇ ହେବ ଏମିତି | କବିତା | ୧୪୩ |
| ୧୦୪ | ସିଲଭାରାଣୀ ଧଳ | ମୋ ଗାଁ' | କବିତା | ୧୪୪ |
| ୧୦୫ | ସୁଦାମ ସୁନା | ବିଶ୍ୱକାରିଗର | କବିତା | ୧୪୫ |
| ୧୦୬ | ସୁକନ୍ୟା ବରାଳ | ବନ୍ଧୁତ୍ୱ ଏକ ଅନୁଭବ ନୁହେଁ ଉପଲବ୍ଧି' | ଗଳ୍ପ / କାହାଣୀ | ୧୪୬ |
| ୧୦୭ | ତ୍ରିନାଥ ନନ୍ଦୀ | ମୌସୁମୀ ମେଘ | କବିତା | ୧୪୯ |
| ୧୦୮ | ପ୍ରଶାନ୍ତ କୁମାର ଜେନା | କିଏ କହିଲା ପୁଅମାନେ କାନ୍ଦନ୍ତିନି | କବିତା | ୧୫୦ |
| ୧୦୯ | ପୁଷ୍ପାଞ୍ଜଳି ପଣ୍ଡା | ପୂଜା ରେ | କବିତା | ୧୫୧ |




ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

| | | | | |
|---|---|---|---|---|
| ୧୧୦ | ନାରାୟଣ ରାଉତ | ଗାଁ ମଶାଣି | କବିତା | ୧୫୨ |
| ୧୧୧ | ଜିତେନ୍ଦ୍ର ସାହୁ | ସେ ଗଲା ପରେ ପରେ | କବିତା | ୧୫୩ |
| ୧୧୨ | କୁଞ୍ଜବିହାରୀ ରାଉତ | ସ୍ମୃତିରେ ବର୍ଷା | କବିତା | ୧୫୪ |
| ୧୧୩ | ସୁନିତା ଦାଶ | ବିଶ୍ୱାସ | କବିତା | ୧୫୫ |
| ୧୧୪ | ପୂଜା ବାରିକ୍ | ମା | କବିତା | ୧୫୬ |
| ୧୧୫ | ବିଶ୍ୱଜିତ୍ ବାରିକ୍ | ପ୍ରତ୍ୟାଖ୍ୟାନ | କବିତା | ୧୫୭ |
| ୧୧୬ | ସାଇ ସୋମା | ରାଜକୁମାରୀ ନୁହେଁ, ଯୋଦ୍ଧା ହୁଅ | କବିତା | ୧୫୭ |
| ୧୧୭ | ସିଦ୍ଧେଶ୍ୱର ପଣ୍ଡା | ପ୍ରାର୍ଥନ | କବିତା | ୧୫୮ |
| ୧୧୮ | ଦୁର୍ଗା ଚରଣ ମଲ୍ଲ | ଜୀବନଟା କେବେ | କବିତା | ୧୫୯ |
| | ଅଭିନନ୍ଦନ ପୃଷ୍ଠା | | | |


ମହ୍ଲାର ଇ-ପତ୍ରିକା ରେ ଆପଣଙ୍କ ଲେଖା ଦେବାକୁ ଚାଁହୁଥିଲେ ଆମକୁ ଯୋଗାଯୋଗ କରନ୍ତୁ .

ୱେବ୍ସାଇଟ : www.malharodia.com

ଇ-ମେଲ : malharmagazine@gmail.com

ଫୋନ : 8328951229





ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

# ବିଧବା ନାରୀ...



**ଜୟଶ୍ରୀ କ୍ରାନ୍ତିପୂରଭି**
କୁଆଖିଆ, ଯାଜପୁର

ସ୍ୱାମୀର ଜୀବନ  ଅଧାରେ ସରିଲା
ଜୀବନ ମୋ ଶୂନ୍ୟପଥ,
ପିଲାଛୁଆ ଚିନ୍ତା  ଏକା ମୁଁ କରଇ
କଣ୍ଟକିତ ଚଲାପଥ ।।

ଜୀବନ ଯୁଦ୍ଧରେ  ଏକା ମୁଁ ଲଢ଼ିବି
କୋହକୁ ଛାତିରେ ଚାପି,
ନିଷ୍ଠୁର ସମାଜ  ପରିହାସ କରେ
ମାରିଦିଏ ତଣ୍ଟି ଚିପି ।।

ଅନ୍ୟ ମରଦ କୁ  ସାହାର୍ଯ୍ୟ ମାଗିଲେ
ହେବି କଳୁଷିତ ନାରୀ ,
ସାହାର୍ଯ୍ୟ ନ ମାଗି  ସ୍ୱତନ୍ତ୍ର ରହିଲେ
ଅହଂକାରୀ ମୁଁ ଅଟଇ ।।

ଛୁଆ ପେଟ ମୋର  ପୋଡ଼ି ତ ଯାଉଛି
ଭୋକ ବିକଳେ କାନ୍ଦୁଛି,
ଶୁଖିଲା ରୁଟି ଟେ  ଦେଇ ତ ନ ପାରି
ସମାଜ ଆଜି ହସୁଛି ।।

ବାରିଲା ସମାଜ  ମୋ ସାଜସଜ୍ଜାକୁ
ବାରିଲା ମୋ ସ୍ୱାଧୀନତା,
ସ୍ୱତନ୍ତ୍ରତା ମୋର  ଛଡ଼େଇ ନେଇକି
ବିକଳାଙ୍ଗ ଆଜି ସତ୍ତା ।।

ମୋ ଦେହରୁ ସବୁ  ରକତ ନିଗାଡ଼ି
ଛୁଆ ପେଟ ମୁଁ ପୋଷିବି,
ବିଧବା ମାଆର  ସୁଯୋଗ୍ୟ ସନ୍ତାନ
ସମାଜକୁ ଦେଖାଇବି ।।





ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

# ଜଗନ୍ନାଥ...



**ସୁଧୀର ମେହେର**
ଚିଟୈଗୁଡା, ଜୁନାଗଡ଼,
କଳାହାଣ୍ଡି

କିଟିମିଟି ଅନ୍ଧାରର ଛାତି ଚିରି
ଯେଉଁ ବିଜୁଳିର ତୀକ୍ଷ୍ଣ ଧାରଟିଏ ଝଲସି ଉଠେ
ତାହା ବୋଧେ ତମର କୋପ !

ମରି ଆସୁଥିବା
ଶୁଖିଲା ଡାହିରେ ଦି'ପତ୍ର କଅଁଳି
ପୁଣିଥରେ ଫୁଟିବାର ପ୍ରତିଶ୍ରୁତି ନେଇ
କଢଟିଏ ମୁଣ୍ଡ ଟୁଙ୍ଗାରେ
ଏ ବୋଧେ ତମର ଆଶିର୍ବାଦ !

ବେଳେବେଳେ
ଖୁବ୍ ଆଶ୍ଚର୍ଯ୍ୟ ଲାଗେ, ପ୍ରବଳ ଝଡ଼-ବତାସ,
ଅଣଚାଶ ପବନରେ ଭୁଷୁଡିଯାଏ ବଡ ବଡ ଅଟ୍ଟାଳିକା,
ଭୁଷୁଡି ଯାଏ ବି ଅମରାବତୀର ଛାତ,
ଅଥଚ , ରାମୁ କକାର ବାଉଁଶଚାଳ
ସେମିତି ଠିଆ ହୋଇଥାଏ ନିର୍ବିକାରରେ !
ଏ ତୁମର ଖେଳ ନୁହଁ ତ ଆଉ କ'ଣ ?

କୁଆଡେ଼,
ତମେଜମା ସହି ପାରନି କାହାର ଅହଂକାରକୁ !
ପ୍ରତିଟି ଉଡାଣଖୋର୍ ଅହଂକାରର ଡେଣା କାଟି
ଖସେଇ ଦେବାକୁ ତମେ ଅଙ୍ଗୀକାରବଦ୍ଧ !
ସେଥିପାଇଁ ତ ଟଙ୍କା ଶେଜରେ ଶୋଉଥିବା ଲୋକ
ଦିନେ ରାଜରାସ୍ତାରେ ମାଗୁଥାଏ ଭିକ ।

ଜାଣିଚି,
ତମେ ଜମା ଦେଖି ପାରନି
ଅରକ୍ଷିତ ଆଖିର ଲୁହ,
ସେଥିପାଇଁ ତ' ଘଣ୍ଟ ଘୋଡ଼େଇ ତା'କୁ
ରଖିଥାଅ ଚିରକାଳ ।।

ଯେବେ ବି
ଯିଏ ତମକୁ ମନ ପ୍ରାଣରେ ଡାକିଛି
ତମେ ପହଞ୍ଚି ଯାଇଛ ସେଠି,
କୁରୁ ସଭା ହେଉ କି ଘୋର ବନସ୍ତ....
ସବୁଠି ପହଞ୍ଚ ତମର ହାତ,
ସେଥିପାଇଁ ତ ତମେ ଦୀନବାନ୍ଧବ ।

କିଏ କଳି ପାରିବ ସତେ
ତମର ମହିମା,
ତମେ ତ' ଅନାଥର ନାଥ,
ପ୍ରଭୁ ଜଗନ୍ନାଥ!!





ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

# ମୁଁ ଓ ତୁମେ...



**ଚିରଞ୍ଜିବୀ ସାହୁ**
ନରସିଂହପୁର, କଟକ



ମୁଁ ଅନ୍ଧ ଏକ ମୁନି
ତୁମେ ଜୀର୍ଣ୍ଣ ଏକ ଶାସ୍ତ୍ର ,
ମୁଁ ମନ୍ତ୍ର ଝଙ୍କୃତ ଧ୍ୱନି
ତୁମେ ଅସ୍ଥି ତିଆରି ଅସ୍ତ୍ର ||
ମୁଁ ଶୁଷ୍କ ଏକ ନଦୀ
ତୁମେ ସାଗରର ସ୍ୱର ,
ମୁଁ କ୍ଳାନ୍ତ ଏକ ପଥିକ
ତୁମେ ପାନ୍ଥନିବାସ ଘର ||

ମୁଁ ତୀବ୍ର ଏକ ତୀର
ତୁମେ ଗନ୍ତବ୍ୟ ଅସ୍ପଷ୍ଟ ,
ମୁଁ ଦିଗହରା ତରୀ
ତୁମେ ବାଦଲ ଅଦୃଷ୍ଟ ||
ମୁଁ ଅଳନ୍ଧୁ ଲଗା କ୍ୟାସେଟ
ତୁମେ ପୁରୁଣା ଓଡ଼ିଆ ଗୀତ ,
ମୁଁ ଲକ୍ଷ୍ମୀ ଟକିଜ ଛକ
ତୁମେ ଭୁକା ଚଳଚିତ୍ର ||

ମୁଁ କବିତାର ପଦ
ତୁମେ କାବ୍ୟ ମେଘଦୂତ ,
ମୁଁ ସିଲଟର ଖଡ଼ି
ତୁମେ ଅଙ୍କଟେ ନିୟୁତ ||


ମୁଁ କଟକ ବାଲିଯାତ୍ରା
ତୁମେ ଲକ୍ଷ୍ମୀପୂଜା ହାଟ ,
ମୁଁ ଧବଳେଶ୍ୱର ପୋଲ
ତୁମେ ଗଡଗଡ଼ିଆ ଘାଟ ||
ମୁଁ ଗଣ୍ଡ ସାତକୋଶିଆ
ତୁମେ ବ୍ରାହ୍ମଣୀର ତଟ ,
ମୁଁ ଯେ କଳିଙ୍ଗା ଘାଟି
ତୁମେ ଦୁଡୁମା ପ୍ରପାତ ||

ମୁଁ ବିସ୍ତୃତ ଆକାଶ
ତୁମେ ଗ୍ରହଣର ଜହ୍ନ ,
ମୁଁ ଅଫେରା ଅତିଥି
ତୁମେ ଛଳନାର ଚିହ୍ନ ||



ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

# ସ୍ମୃତିର ସ୍ପର୍ଶ...



**ଶିଳ୍ପାଲିପି ବେହେରା**
+3 ଶେଷ ବର୍ଷ ଛାତ୍ରୀ, ସ୍ୱାମୀ ବିବେକାନନ୍ଦ ସ୍ମାରକ ସ୍ୱୟଂ ଶାସିତ ମହାବିଦ୍ୟାଳୟ, ଜଗତସିଂହପୁର

ଅତୀତର ଛାଇ ଆଜି ମନେ ପଡେ,
ସେ ସୁନେଲି ଦିନ ଆଖି ଆଗେ ଖେଳେ।
କେତେ କଥା, କେତେ ଗୀତ, ଆଉ କେତେ ସ୍ୱପ୍ନ,
ସବୁ ତ' ସାଇତା ହୋଇ ରହିଛି ଏଠି ଆପଣା ।

ସେ ପ୍ରଥମ ପ୍ରେମର ମିଠା ଅନୁଭୂତି,
ଆଉ ସାଙ୍ଗମାନଙ୍କ ସହ ଗାଁ ଦାଣ୍ଡେ ଗପୁଥିବା ରାତି।
ପିଲାଦିନର ସେ କାଗଜ ଡଙ୍ଗା,
ଆଜି ବି ମନେ ପଡେ ସେ ବର୍ଷା ସକାଳଟା।

ସ୍ମୃତି ଏକ ନଈ, ବହିଯାଏ ସବୁବେଳେ,
ଖୁସି ଆଉ ଦୁଃଖକୁ ନିଜ ଭିତରେ ଲୁଚେଇ।
କେବେ ହସ, କେବେ କାନ୍ଦ, ଏହା ତ ଜୀବନ,
ସ୍ମୃତି ହିଁ ଆମକୁ ବଞ୍ଚିବାର ଦିଏ ପ୍ରେରଣା।



କିଛି ସ୍ମୃତି ଲୁହ ହୋଇ ଆଖିରୁ ଝରେ,
କିଛି ସ୍ମୃତି ହସ ହୋଇ ଓଠରେ ଫୁଟେ।
ହେଲେ ସ୍ମୃତି ତ ସ୍ମୃତି, ଏହା ଅମୂଲ୍ୟ ରତନ,
ଜୀବନର ପାଥେୟ, ଏହା ସାଥୀ ସବୁକ୍ଷଣ ...



ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୃତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

# ମୁହୂର୍ତ୍ତ...



**ପାରଦ କୁମାର ପାଢୀ**
ଅବସରପ୍ରାପ୍ତ ଶିକ୍ଷକ, ରାଜା ସାହି, ହିଞ୍ଜିଳିକାଟୁ

ଖୁସିର ଦୁଃଖର ସମସ୍ତ ମୁହୂର୍ତ୍ତ
ଗୋଟି ଗୋଟି ବିତି ଯାଏ ,
ଖାଲି ସ୍ମୃତି ଛାଡି ଯାଆନ୍ତି ସେମାନେ
ଅନୁଭୂତି ଗୁଛା ହୁଏ । (୧)
ସ୍ମୃତି ମାନଙ୍କର ଭୟ ଟିକେ ନାହିଁ
ଇତିହାସେ ପ୍ରବେଶନ୍ତି ,
ଯୁଗ ଚାଲିଯାଏ ଏଇମାନେ କିନ୍ତୁ
ସତର୍କ କରାଇଥାନ୍ତି । (୨)
ସତର୍କ ହୋଇକି ଜୀବନ ରାସ୍ତାକୁ
ଭଲ ବାଛି ଚାଲିଥାନ୍ତି ,
ସମୟ ଚକ୍ରରେ ଦୁର୍ବଳାମ୍ବଳ
ଆହତ କରାଇଥାନ୍ତି । (୩)
ପ୍ରତିଟି ମୁହୂର୍ତ୍ତ ଅତିଥି ଙ୍କ ଭଳି
ତାଙ୍କ ଉପସ୍ଥିତି ଚାଖୁ ,
ନିମନ୍ତ୍ରିତ ହେବା ଇଛନ୍ତିନି କେବେ
ଆସିଯାନ୍ତି ଦେଖୁ ଦେଖୁ । (୪)
ସାଂପ୍ରତିକ ବର୍ଷ ପ୍ରାଚୀନ ବର୍ଷର
ଘଟଣା ମନେ ପକାଏ ,
ତ୍ରୁଟି ହାବୁଡିଲେ ସତର୍କ ବଳରେ
ସଂଶୋଧନ କରିଥାଏ । (୫)
ବିତିଥିବା ବର୍ଷ ମାନେ ଆସନ୍ତିନି
ଆଉ କେବେହେଲେ ଫେରି ,
ଏହେତୁ ପ୍ରତିଟି ଅତିଥି ମୁହୂର୍ତ୍ତେ
ସମ୍ଭାଷିତ କର ହେରି । (୬)
ମୁହୂର୍ତ୍ତ ସମୂହେ ବିବେକୀ ମାନବେ
ଭଲ ମାର୍ଗରେ ଚଳାଉ ,
ବିଶ୍ୱର ସ୍ଥିତିକୁ ସମ୍ଭାଳୁ ଥାଆନ୍ତୁ
ସମୃଦ୍ଧି ପ୍ରାପତ ହେଉ । (୭)





ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

# ସାଙ୍ଗର କାହାଣୀ...



ଶିମାନ୍ ପାଣି
ରାୟଗଡ଼ା

ପ୍ରତ୍ୟେକ ଗ୍ରାମରେ ଗୋଟିଏ ଗାଁଟି ରହିଥାଏ,ଆମେ ତାହା ସମସ୍ତେ ଜାଣୁ । ଠିକ୍ ସେହିପରି, ଗୋଟିଏ ଗ୍ରାମ ଅଛି ଯାହାର ନାମ ହେଉଛି କତାଗୁଡ଼ା । ସେହି ଗ୍ରାମରେ ଗୋଟିଏ ପୁପୁନ ନାମକ ପିଲାଟି ରହୁଥାଏ । ସେହି ପିଲାଟି ୧୦ମ ଶ୍ରେଣୀ ର ଛାତ୍ର ଅଟେ । ସେହି ଛାତ୍ରଟି କା ସହିତ ମିଶୁନଥାଏ,କି ଖେଲୁନଥାଏ କି କା ସହିତ କଥାବାର୍ତ୍ତା ମଧ ଭଲରେ ହେଉନଥାଏ । ଜଣେ ପୁଅ ପଚାରିଲା ତୁମେ କାହିଁକି ଖେଳୁନ ସେ କହିଲା ମୋତେ ଇଛାନାହିଁ । ସେ କହିଲା, ଅ, ସେହି ପିଲାଟିର ମନ ବହୁତ ଦୁଃଖ ପରିଲାଗେ । ମୁଁ ଏବଂ ସେ ଛାତ୍ର ଦୁହେଁ ବଜାରକୁ ଯାଇଥାଉ ମୁଁ କହିଲି,ଭଲତ, । ସେ ହସିଲା ମୁଁ କେବେ ଦେଖିନି ସେହି ପୁଅଟି ହସିବାର କିନ୍ତୁ ମୁଁ ଦେଖିଲି ଆଜି ସେ ହସିଲା । ମୁଁ ଦେଖିକି ପଚାରିଲି କ'ଣ ହେଲା? ତୁ ଆଜି ହସୁଛୁ,ସେ କହିଲା । ମୁଁ ହସୁଛି ସିନା କିନ୍ତୁ ମୁଁ ପ୍ରକୃତରେ ହସୁନାହିଁ ମୁଁ ତ ! ତୁ' ଦେଖିବୁ ବୋଲି ହସୁଛି। ମୁଁ ପଚାରିଲି ତୁ କାହିଁକି ଆଉ ମୁହଁ ପୁଣି ଶୁଖାଇଲୁ । ସେ କହିଲା ମୁଁ କ'ଣ କରିବି ମୋ ଭାଗ୍ୟରେ ତୋ ଦୁଃଖ ।

ସେ କହିଲା ଭଗବାନ ମୋତେ କାହିଁକି ଜନ୍ମ ଦେଲେ କେ ଜାଣି । କ'ଣ କହୁଛ । ମୁଁ ପଚାରିଲି । ସେ କହିଲା ଆଉ କଣ ନ କହିବି ଯଦି ମୁଁ ଖୁସି ହେଉଥାଏ । ତାହାହେଲେ ମୋତେ ଦୁଃଖ ପହଞ୍ଚିଯାଏ । ମୁଁ ମୋ ମନକୁ ପଚାରିଛି କାହିଁକି ମୁଁ ସୁଖରେ ଟିକିଏ ହସିଲେ ମୋତେ ଦୁଃଖ ଆସିଥାଏ । କହି କହି ଆଖିରୁ ଲୁହ ଝରି ଆସୁଥାଏ । ମୁଁ ଜାଣିଛି ଯେକୌଣସି ପର୍ବପର୍ବଣୀରେ ଲୋକମାନେ ଉତ୍ସାହିତ ମୋନଭା ବରେ ରହିଥାନ୍ତି । କିନ୍ତୁ ମୁଁ ଦୁଃଖ ରେ ରହିଥାଏ । ମୁଁ ଭାବେ ମୁଁ କାହିଁକି ଉତ୍ସାହିତ ମୋନଭାବ ରଖୁ ନାହିଁ ।

ପୁଅଟି ଶାନ୍ତ, ସରଳ କାହାକୁ ଅଧିକ କଥାବାର୍ତା ମଧ ହାଇନଥାଏ । ପୁଅଟି ପଢ଼ିଲା ସମୟରେ ହେଉ ବା ଲେଖିଲା ସମୟରେ ହେଉ ତା ଯଦି ଭାବିଥାଏ, ଆସ୍ତେ ଆସ୍ତେ ଆଖିରୁ ଲୁହ ଝରି ଆସେ । ଏବଂ କିଏ ଯଦି ଟିକିଏ ଟାଣ କଥା କହିଦିଏ । ତାହାହେଲେ ତାର ମୋନଭାବ ବହୁତ ଦୁଃଖରେ ଭରିଯାଏ । ଆଜି ପୁଅଟି ବାହାରିଛି ରାସ୍ତା ପଟେ ଗୀତଟି ଗାଇଁ ଗାଇଁ ଯାଉଥାଏ । ସେ ହଠାତ୍ ମନରେ ଆସେ କାହିଁକି ମୁଁ ଦୁଃଖରେ ରହୁଛି ଏହା ଭାବୁଥାଏ । ସେହି ଭାବେ ମୁଁ ତୋ ସମସ୍ତଙ୍କୁ ସୁଖ ଦିଏ ହସାଏ,ମଜାମସ୍ତି କରାଏ । ହେଲେ ମୋତେ କାହିଁକି କିଏ, ହସାନ୍ତି ନାହିଁ? କି କିଏ ବାହାରି ନାହାନ୍ତି ମୋତେ ହସାଇବା ପାଇଁ । ଯଦି ମୋତେ ହସାନ୍ତି ମୁଁ କାହିଁକି ହସେ ନାହିଁ ?



ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

# ଶ୍ରାବଣୀ...





**ଡ଼.ଶୁଭେନ୍ଦୁ ମେହେର**
ଯାଲୋଏ, ସୁବର୍ଣ୍ଣପୁର

ଶ୍ରାବଣୀ........!
ତୁମେ ଉଚ୍ଛୁଳା ନଈର ପାଣି ।
ମୁକ୍ତ ଆକାଶର କାଉଁରୀ କନ୍ୟା ଗୋ'
ଅପରୂପ ତୁମ ପୀୟୂଷର ଧାରା
ଅମୃତର ସଂଜିବନୀ ।
ଶ୍ରାବଣୀ........!
ତୁମେ ଉଚ୍ଛୁଳା ନଈର ପାଣି ।

ଆଦ୍ୟ ବରଷାର କୁଆଁରୀ କନ୍ୟା ଗୋ'
ମେଦୁର ଆକାଶେ ମହନୀୟ ତୁମେ
ନିଦାଘ ତାପ ନାଶିନୀ ।
ଶ୍ରାବଣୀ........!
ତୁମେ ଉଚ୍ଛୁଳା ନଈର ପାଣି ।

କଳା ବଉଦରେ କୁଆଁରୀ ଛନ୍ଦେ
କାଗଜ ଡଙ୍ଗାରେ ମହ୍ଲାର ତୁମେ
ଶ୍ରାବଣର ପାଟରାଣୀ ।
ଶ୍ରାବଣୀ........!
ତୁମେ ଉଚ୍ଛୁଳା ନଈର ପାଣି ।
ମ୍ଳାନ ମୌସୁମୀର ମହନୀୟତା ଗୋ'
ସାଧବ ବୋହୂର କୁଆଁରୀ ମଥାରେ
ସତେ କି' ନାଲି ଓଢଣୀ ।
ଶ୍ରାବଣୀ........!
ତୁମେ ଉଚ୍ଛୁଳା ନଈର ପାଣି ।

ନିଃଶବ୍ଦ ରାତିର ଶବ୍ଦର ଝଙ୍କାରେ
ରୂପ ସୁଷମାର ଲାବଣ୍ୟବତୀ ଗୋ'
ଆସ ଜଗତ କଲ୍ୟାଣୀ ।
ଶ୍ରାବଣୀ........!
ତୁମେ ଉଚ୍ଛୁଳା ନଈର ପାଣି ।
ତୁମ ଆଗମନେ ତୃପ୍ତ ଲଭୁ ଧରା
ଶିହରଣ ଖେଳୁ ବିଶ୍ୱ ବୁକୁରେ ଗୋ
ରୌଦ୍ର ହୁଏ ଅସହଣୀ ।
ଶ୍ରାବଣୀ........!
ତୁମେ ଉଚ୍ଛୁଳା ନଈର ପାଣି ।
ଶୃଙ୍ଖଳା ନଈରେ ଯଉବନ ଆଜି
ପୂର୍ଣ୍ଣଗର୍ଭା ହେଉ ସବୁଜ କ୍ଷେତ ଗୋ'
ନଈ ନାଳ ନିର୍ଝରିଣୀ ।
ଶ୍ରାବଣୀ........!
ତୁମେ ଉଚ୍ଛୁଳା ନଈର ପାଣି ।

ଶୃଙ୍ଖଳା ନଈରେ ଯଉବନ ଆଜି
ପୂର୍ଣ୍ଣଗର୍ଭା ହେଉ ସବୁଜ କ୍ଷେତ ଗୋ'
ନଈ ନାଳ ନିର୍ଝରିଣୀ ।
ଶ୍ରାବଣୀ........!
ତୁମେ ଉଚ୍ଛୁଳା ନଈର ପାଣି ।
ମେଘ ମହ୍ଲାରେ ଛମ ଛମ ହୋଇ
ଭିଜାମାଟି ଗନ୍ଧେ ମୟୂର ନାଚେ ଗୋ'
ବଜାଇ ମେଘ ରୋଷଣୀ ।
ଶ୍ରାବଣୀ........!
ତୁମେ ଉଚ୍ଛୁଳା ନଈର ପାଣି ।

ଶାଶ୍ୱତ ପ୍ରେମର ପୁଣ୍ୟ ମହନୀୟା
ଶୂନ୍ୟ ଆକାଶର ବକ୍ଷ ଚିରି ତୁମେ
ଢାଳିଦିଅ ସ୍ରୋତସ୍ୱିନୀ ।
ଶ୍ରାବଣୀ........!
ତୁମେ ଉଚ୍ଛୁଳା ନଈର ପାଣି ।

ତୋ' ପାଇଁ ଲେଖିଛି ପ୍ରୀତିର କବିତା
ଆସ ପ୍ରିୟତମା ନ' ରଖି ଦୂରତା
ତୁମେ ପ୍ରେମ ପ୍ରଣୟିନୀ ।
ଶ୍ରାବଣୀ........!
ତୁମେ ଉଚ୍ଛୁଳା ନଈର ପାଣି ।
ଗାଁ ବିଲ ବଣେ କାଦୁଅ ରାସ୍ତାରେ
ଅଧାଲେଖା ମୋ' କବିତାରେ ତୁମେ
ସବୁଜିମା ଦିଅ ବୁଣି ।।
ଶ୍ରାବଣୀ...........!
ତୁମେ ଯୌବନ ନଈ ଉଜାଣି ।



ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
MSME UDYAM-OD-13-0044620

# ତୁମକୁ ଦେଖିଲା ପରେ...



**ସୋନାଲୀ ସ୍ୱାଇଁ**
ସାକ୍ଷୀଗୋପାଳ, ପୁରୀ

ନିଦ ମୋ ହଜୁଛି ଭାବନା ଭିତରେ
ଦୁଃଖ କଷ୍ଟ ଯାଏ ଦୁରେ ,
ଦିନ ରାତି ସବୁ ଏକା ଲାଗେ ସାଥୀ
ତୁମକୁ ଦେଖିଲା ପରେ ।।


ତୁମେ ମୋ ବିଶ୍ୱାସ ତୁମେ ମୋ ନିଃଶ୍ୱାସ
କେବଳ ତୁମେ ହିଁ ତୁମେ ,
କି ମାୟା କଥାରେ ମନ କିଣି ନେଲ
ସାଇତି ରହିଲି ତୁମରି ପାଶେ ।।

ଖାସ୍ ତୁମ ଲାଗି ଆଜି ବନି ଯାଇଅଛି
ମୁଁ ଗୋଟେ ଛୋଟିଆ କବି ,
ନିଇତି ଲେଖୁଛି ଏଣୁ ତେଣୁ କିଛି
ରାତି ହେଲେ ଏତେ ବେଶୀ ।।

କଲମ ଧରି ମୁଁ ଲେଖୁଥିବା ବେଳେ
ତୁମେ ଯେବେ ମନେ ଆସ ,
ମୋ କବିତା ତହିଁ ବାଟ ବଣା ହୁଏ
ସାଜି ଏକ ପଥିକ ।।

ଲେଖୁ ଲେଖୁ କେବେ ତୁମ ମୋ ଭିତରେ
ନିବିଡ଼ତା ବଢିଯାଏ ,
ମନ ଆକାଶରେ ଡେଣା ଲାଗି ପୁଣି
ମହାକାଶ ଛୁଇଁ ଆସେ ।।

ଅଧୁରା ସେ ଆଖିର ନିଦକୁ
ଚୋରି କର ଦୂରେ ରହି ,
ଭଲପାଇବା ର ଏ କେଉଁ ତରିକା
ପାରିବ କି ତୁମେ କହି ....।।





ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୃତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

# ଆଖିରୁ ସପନ ଅନେକ ଦୂର...



**ବେଣୁଧର ସୂତାର**
କେଶଦୁରାପାଳ, କେନ୍ଦୁଝର

ମୋହିନୀ ସ୍ୱପ୍ନର ମୋହ ମହକରେ
ସିକ୍ତ ହେଉଥିଲା ଏ ତନୁ ମନ ,
ଅୟି ପ୍ରକୃତିର ମାଧୁରିମା କୋଳେ
କି ସୁନ୍ଦର ଲାଗୁଥିଲା ଜୀବନ ,
ଆଜିବି ରହିଛି ସ୍ମୃତି ଅନ୍ତରାଳେ
ଅତୀତର ଯେତେ ସୁନା ସପନ ।।

ଉଷା ଗୋଧୂଳିର ସୁବର୍ଣ୍ଣ ଢେଉରେ
ଝରୁଥିଲା କେତେ ମାଣିକ ମୋତି ,
ସ୍ୱପ୍ନ ମହଲରେ ଝରା ଶେଫାଳିର
ଜୋଛନା ରାତିରେ ଛନକେ ଛାତି ,
ଫଗୁଣ ସଞ୍ଚରେ ନହୁଲି କୁଞ୍ଜରେ
ହସୁଥିଲା ପ୍ରୀତି ସୁଧା ସୁମନ
ଅତୀତର ଯେତେ.....

ଚାରୁ ଚାନ୍ଦିନୀରେ ଚହଟୁଥିଲା ସେ
ଚପଳ ହସରେ ଚଇତି ମଲ୍ଲୀ ,
ରୂପ ରୋଶଣିର ମୋହିନୀମାଦକେ
ଗାଉଥିଲା କଇଁ ପ୍ରୀତି ରଙ୍ଗୋଲି ,
ପ୍ରୀତି ମାଧୁରୀର ପ୍ରଣୟ ବଲ୍ଲରୀ
ଅମୃତମୟ ସେ ପ୍ରେମ ବନ୍ଧନ
ଅତୀତର ଯେତେ....

ନବ ଉନ୍ମାଦର ଅନୁପମ ଛନ୍ଦେ
ଆକାଂକ୍ଷାର ନୀଳ ସ୍ୱପ୍ନ ସମ୍ଭାର ,
ଭାବତନ୍ମୟର ଲଳିତ ଲହରେ
ମରୁଭୂମି ଲାଗେ ସ୍ନିଗ୍ଧ ମଧୁର ,
ସ୍ୱପ୍ନ ମଧୁ ବୋଳା ମହକ ପଖଳା
ମୁକୁଳା ବୁକୁର ଭାବ ସ୍ପନ୍ଦନ
ଅତୀତର ଯେତେ...


ତୁଟି ଯାଇଛି ସେ ସ୍ୱପ୍ନିଳ ଉଚ୍ଛ୍ୱାସ
ସମୟ ଭୁଗୋଳେ ଏଆଖି ତଳେ ,
ଶୂନ୍ୟତାର ଏଇ ଆଶା ଅସ୍ତରାଗେ
ଅସହାୟତାର ଲହରି ମାଳେ ,
ଆଖିରୁ ସପନ ଆଜି ବହୁଦୂର
ମଉଳିଯାଇଛି ରୂପ ଯୌବନ
ଆଜିବି ରହିଛି ସ୍ମୃତି ଅନ୍ତରାଳେ
ଅତୀତର ଯେତେ ସୁନା ସପନ ।।





ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

# ମଣିଷଟି ଯେବେ ବଳବାନ ଭାବେ...




ସୀମାଞ୍ଚଳ ପଣ୍ଡା
ଡେଙ୍ଗାଡି, ଗଞ୍ଜାମ

ମଣିଷଟି ଯେବେ ବଳବାନ ଭାବେ
ଅହଙ୍କାର ପଣେ ହରାଏ ଜ୍ଞାନ,
ଆପଣେ ମହାନ ଆନେ ମଣେ ହୀନ
ବିଚାରେ କେବଳ ବିବେକହୀନ!

ଆଧାତ୍ମ୍ ବିଶ୍ୱାସ ହୁଏ ତା'ର ହ୍ରାସ
ସତ୍ୟ ଠାରୁ ରହେ ବହୁତ ଦୂରେ,
ଅସତ୍ୟରେ ମାତି ପାପେ ହୁଏ ବ୍ରତୀ
ଛନ୍ଦ କର୍ମ କରେ ମନ୍ଦ ବିଚାରେ,
ହୀନ ମନ୍ୟତାର ହୁଅଇ ଶିକାର
ପରଶ୍ରୀକାତରେ ହୁଏ ଆଛନ୍ନ,
ମଣିଷଟି ଯେବେ ବଳବାନ ଭାବେ
ଅହଙ୍କାର ପଣେ ହରାଏ ଜ୍ଞାନ।

ହିରଣ୍ୟ ରାବଣ କଂସ ଦୁର୍ଯୋଧନ
ଅହଙ୍କାର ପଣେ ହେଲେ ନିଧନ,
ଈଶ୍ୱର ନ ମାନି ଆପେ ଶ୍ରେୟ ମଣି
କାଳକୁ ଭାଳିଲେ ବାଳ ପ୍ରମାଣ!



ଡାମ୍ବଡ଼ ଡାମ୍ବଡ଼ ଡମ୍ବରୁ ନିନାଦ
ଭାସି ଆସେ ଶିବ ବାଦନ କାଳେ,
ସର୍ବେସର୍ବାହୋଇ ସଂସାରେକେ ନାହିଁ
ଶୁଣାଇ ଦିଏ ସେ ଜୀବ ସକଳେ,
ଶାଶ୍ୱତ କର୍ମରେ ମାନବ ଧର୍ମରେ
ଶ୍ରେଷ୍ଠ ହୋଇ ପୁଷ୍ଟ କରେ ଜୀବନ,
ଆପଣେ ମହାନ ଆନେ ମଣେ ହୀନ
ବିଚାରେ କେବଳ ବିବେକହୀନ!

ଶାଶ୍ୱତ ସାଧନା ସେବା ଆରାଧନା
ତ୍ୟାଗ ସମର୍ପଣ ନମ୍ରତା ବଳେ,
ଶାନ୍ତି ମୈତ୍ରୀ ପ୍ରେମ ଭାବେ ଅନୁପମ
ନର ଜିଣି ପାରେ ମହୀ ମଣ୍ଡଳେ!



ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

# କବି ନୁହେଁ...



ମନୋଜ କୁମାର ଦାସ
ଆଳିଜଙ୍ଗା, କପାଳେଶ୍ୱର,
କେନ୍ଦ୍ରାପଡ଼ା

କାହିଁକି ପିନ୍ଧାଉଛ
ମୁଣ୍ଡରେ ଶିରପା
ବେକରେ ଉତ୍ତରୀୟ
ହାତରେ ଫୁଲତୋଡ଼ା, ପ୍ରଶସ୍ତି ପତ୍ର,
ମାନପତ୍ର, ତାମ୍ରଫଳକ - - - - ।
ସତରେ,
ମୁଁ କବି ନୁହେଁ କି ଲେଖକ ନୁହେଁ
ଭାଷା ସାହିତ୍ୟକୁ ଭଲ ପାଉଥିବା
ସାଧାରଣ ମଣିଷଟିଏ...
ଏ ସବୁ ଲୋଡ଼ା ନାହିଁ,
କିଏ କେତେ କଥା କହୁଛନ୍ତି ପଛରେ
ଭଲ ଲାଗେନା ।
ଯିଏ ଯାହା କହୁ ପଛେ
ଭାଷା ସାହିତ୍ୟ ପାଇଁ ବଞ୍ଚିଛି
ଇଏ କଣ ଆମ ସହ ସମାନ ହୋଇପାରିବ
ହଁ, ତୁମ କଥାକୁ ସ୍ୱାଗତ କରୁଛି
ମାନୁଛି ବହୁ ପଛରେ
ତୁମେ ମାଡିଚାଲିଛ ଆଗକୁ ଆଗକୁ
ବୋଧେ ! କାହାର ସାହାରା ନେଇ !
ମୁଁ ଭିନ୍ନ ଧାରାର ମଣିଷ
ଅଧାପୋଡା କଇଁଥା ଜୀବନକୁ ବାଜି ଲଗେଇ ଦେଇଛି
ସାରସ୍ୱତ ସମାଜରେ ।
ବଞ୍ଚିବା ପାଇଁ ରାହା ଖୋଜୁଛି ଅନୁଭୂତି ଅନୁଭୂତିର
ସ୍ମରଣୀୟ ପୃଷ୍ଠାରୁ ପାଖୁଡାଏ
କାଗଜ କଲମରେ ଲେଖିଦିଏ
କବିତା ରୂପରେ
କିନ୍ତୁ, ମୁଁ କବି ନୁହେଁ ।





ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

# ଶିବଙ୍କର ପ୍ରିୟ ତିନି ଅକ୍ଷର...



**ସରସ୍ୱତୀ ମେହେର**
ସିନାପାଲି, ନୂଆପଡା

ଭକତ ଡାକେ ଭକ୍ତି ରେ "ଶଙ୍କର"
ଧର୍ମପତ୍ନି ଅଟନ୍ତି "ପାର୍ବତି" ତାଙ୍କର
"ତ୍ରିଶାଖା" ବେଲପତର ତାଙ୍କର ପ୍ରିୟ
ଗଲା ରେ ଲମ୍ବିଛି "ରୁଦ୍ରାକ୍ଷ" ।
"ଦୁଦୁରା" , "ଗୟସ" ଫୁଲ ରେ ସାଜେ ଜ୍ୟୋତିର୍ଲିଙ୍ଗ
ବେଳେବେଳେ ପକାନ୍ତି ପାଟିରେ "ଗଞ୍ଜେଇ" ଭାଙ୍ଗ
ରହନ୍ତି ସେ "କୈଳାଶ " ପର୍ବତ ରେ
ନାଚନ୍ତି କରି "ତାଣ୍ଡବ " ରାଗିଗଲେ ।
ଗଲା ରେ ଅଛନ୍ତି " ବାସୁକି"
ମସ୍ତକ ରେ ଶୋଭା ପାଏ "ଚନ୍ଦ୍ରମା"
ପ୍ରିୟ ସ୍ଥାନ ଅଟେ "ଶ୍ମଶାନ "
ବାଦ୍ୟ ରେ ବଜାନ୍ତି "ଡମ୍ବରୁ" ସିନା ।
ଅସ୍ତ୍ର ହେଉଛି "ପିନାକ", "ତ୍ରିଶୁଳ"
ଜଗତ କଲ୍ୟାଣ ପାଇଁ ପିଇ ଗଲେ "ଗରଳ" ।
ପୁଅ ଦୁଇଟି ର ନାମ ଅଟେ "କାର୍ତ୍ତିକ", ଗଣେଶ
ଦୋଷା ଦୋଷ କ୍ଷମା କରିବ ହେ ଆଶୁତୋଷ "ମହେଶ"



ମହ୍ଲାର ଇ- ପତ୍ରିକା
ଏକ ନୂତନ ଆଶାରେ ପ୍ରାଣ ସଞ୍ଚାର...



ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

# ମୋ ସ୍ବପ୍ନ ଟା ରାକ୍ଷୀ ପାଉଣା...



ରାମଚନ୍ଦ୍ର ଜେନା
ଜଗନ୍ନାଥ ପୁର, ଭଦ୍ରକ

ବାସ୍ତବତା , ସେତେବେଳେ ଆମ ଘରର ଅବସ୍ଥା ଏତେଟା ଶୋଚନୀୟ ନଥିଲା | ପର୍ବପର୍ବାଣୀ ପାଳନ କରାଯାଉଥିଲା ସତ ହେଲେ ସେଥିରେ ଆଧୁନିକତାର ପ୍ରଭାବ ପଡିପାରୁ ନଥିଲା କିମ୍ବା ଏତେ ମାହୋଲ ବନୁନଥିଲା | ଯାହା ମା' ପିଠାପଣା କରନ୍ତି ଆଉ ମାମୁଙ୍କ ଘରୁ ଯାହା ଆସେ , ସେଥିରେ ବେଶ ଆମ ଭାଇଭଉଣୀ ତିନିଜଣଙ୍କ ସହିତ ବାପା ମା' ଙ୍କର ପର୍ବପର୍ବାଣୀର ପାଳନ ସୀମାବଦ୍ଧ ଥିଲା | ଆଧୁନିକତାର ପ୍ରଭାବ ପଡିନଥିଲାର ଅର୍ଥ ଆମେ ଅନ୍ୟ ପିଲାଙ୍କପରି ନୂଆ ଡ୍ରେସ,ସଜବାଜ କିମ୍ବା ବନ୍ଧୁପରିଜନଙ୍କ ସହିତ ସମ୍ପର୍କ ବାନ୍ଧିବା ଏସବୁ ସମ୍ଭବପର ହେଇପାରୁନଥିଲା- କଥାରେ ନାହିଁ ଗରିବ ମାଇପ ଟାପୁରା | ଏଠି ପରା ସୁଖରେ ସାଥି ଦୁଃଖରେ କେତେଜଣ ବା ତୁମ ପାଖେ ଠିଆହୁଅନ୍ତି | ଆମେ ଅନ୍ୟ ପିଲାଙ୍କୁ ଦେଖିଲେ ଆଖିରେ ଅସୁମାରି ସପନ ସହିତ ଲୁହ ଜକେଇ ଆସୁଥିଲା | ଅଭାବ କଣ ଜାଣିନଥିଲୁ ହେଲେ ନୂଆ ଜାମା କଣ ପାଇଁ ପିନ୍ଧିପାରୁନୁ ମନରେ ଅବଶୋଷ ଥିଲା | ମା'ଙ୍କୁ ସେ କଥା କହିଲେ ମା' ତାଙ୍କ କୋଳକୁ ଆଉଜେଇ ପଣତ କାନିରେ ଆଖିର ଲୁହ ପୋଛିଦେଇ ବାପାଲୋ ମାଲୋ କହି ଆମକୁ ବୁଝାଇଦେଇ ଆମ ମନରେ ବଡ ମଣିଷ ହେବାର ସପନ ବୀଜ ବପନ କରୁଥିଲେ |

ବାପାଙ୍କ ପକ୍ଷେ ପାଞ୍ଚ ପ୍ରାଣୀ ଚଳିବାକୁ ଅର୍ଥର ଅଭାବ ବହୁଳ ଥିଲା ,ପୁଣି ପର୍ବପର୍ବାଣୀକୁ ରଂଗୀନ କରିବା ପାଇଁ ଏତେଗୁଡାଏ ଅର୍ଥ କୁଆଡୁ ଆସିବ | ଏବେ ବେଳେ ବେଳେ ଭାବେ କଣ ଆମ ବାପା ମା ଚାହୁଁ ନଥିବେ ଯେ ତାଙ୍କ ପିଲା ଅନ୍ୟ ପିଲାଙ୍କ ପରି ନୂଆ ଜାମା ପିନ୍ଧୁ ଭଲ ଖାଇବା ଖାଆନ୍ତୁ , ହେଲେ କଣ ହେବ ଅଭାବ କଳାବାଦଲ ଟା ବାପା ମା'ଙ୍କ ସ୍ୱପ୍ନର ଆକାଶକୁ ଢାଙ୍କି ପକାଇଥିଲା |

ମୋର ଠିକ୍ ମନେଅଛି , ମୁଁ ସପ୍ତମ ଶ୍ରେଣୀରେ ପଢୁଥିବା ସମୟରେ ଆମ ପରିବାର ଅଭାବର କଣ୍ଟକିତ ରାସ୍ତାରେ ଚାଲୁ ଚାଲୁ ହଠାତ୍ ଅର୍ଥ ଦୀପ ଶିଖାର ଝାପସା ଆଲୁଅ ପଡିଲା ତାହା ସମ୍ଭବପର ହେଇପାରିଥିଲା ମା' ଆଉ ମୋ ଭଉଣୀ(ଦିଦିଙ୍କର ) ଟିୟୁସନ ପାଇଁ କାରଣ ମା'ଙ୍କର ଆମକୁ ଶିକ୍ଷାଦେବାର ଉଦ୍ୟମ ପୁଣି ଦିଦିଙ୍କର ଭଲ ମାର୍କ ରଖି ଦଶମରେ ଉତୀର୍ଣ୍ଣ ଦେଖି ଲୋକମାନେ ପ୍ରେରିତ ହେଇ ତାଙ୍କ ପିଲାମାନଙ୍କୁ ପଢାଇବାକୁ ଆମଘରକୁ ଛାଡିଲେ | ବେଶ ସେଥିରୁ ଯାହା ଉପାର୍ଜିତ ହେଉଥିଲା ଆଉ ବାପାଙ୍କ ଶ୍ରମ ଦାନର ପାରିଶ୍ରମିକ ପରିବାରର ଅଭାବ କଳାବାଦଲଟାକୁ ହଟାଇବାକୁ ଚେଷ୍ଟା କରୁଥିଲା |

ଦିଦି ଦଶମ ରେ ଭଲ ମାର୍କ ରଖି ପାସ୍ କରିଥିବାରୁ କଲେଜରେ ପଢିବା ପାଇଁ ଅଳି କଲେ , ଆଉ ତାଙ୍କ ଅଳିରେ ବାପା ମା' ଦୁହେଁ ରାଜି ହେଇଗଲେ | କାରଣ ଧିରେ ଧିରେ ଅର୍ଥ ଉପାର୍ଜନର ଦିଗ ଫିଟିଗଲା ଏଣୁ ଦିଦିଙ୍କୁ ପାଠ ପଢିବାକୁ ସୁଯୋଗ ମିଳିଲା ଏବଂ ସେହି ସୁଯୋଗ ତାଙ୍କୁ ଏକ ନୂଆ ପରିଚୟ ଦେଲା ଯାହାକି ସେ Bhadrak Auto. College ରେ Asst. Prof. ଭାବେ ଆଜି ସୁପରିଚିତ | ଯଦି ସେତେବେଳେ ଆମ ପରିବାରର ଅର୍ଥ ଉପାର୍ଜନ ବେଶ ହୋଇନଥାନ୍ତା ତେବେ ବୋଧେ ମୋ ଦିଦି ଆଜିର ସ୍ଥାନରେ ପହଁଚି ପାରିନ'ଥାନ୍ତେ |

ତେବେ ସେ ଯାହାହେଉ , ଦିଦି ନୂଆ ନୂଆ କଲେଜ ଯାଇ ଅନେକ ନୂଆ ନୂଆ କଥା ,ନୂଆ ନୂଆ ରକମ ଦରବ ଘରକୁ ଫେରିଲେ ଆଣନ୍ତି , ଆମକୁ ଅତ୍ୟନ୍ତ ଉତ୍କଣ୍ଠାର ସହ ବାଲୁବାଲୁ ହେଇ କହିପକାନ୍ତି ଭିନ୍ନତା ଭିତରେ ନୂତନତାକୁ ବଖାଣନ୍ତି | ଆଉ କିଛି କିଛି ଶିଖିଗଲେ ସମାଜର ରୀତି ନୀତି ଚାଲିଚଳନ ସେଥିମଧ୍ୟରୁ ଶିଖି ଯାଇଥାନ୍ତି ରାକ୍ଷୀ ପୂର୍ଣ୍ଣିମାର ମହତ୍ତ୍ୱ - କେମିତି ଭଉଣୀଟିଏ ଭାଇହାତରେ ରାକ୍ଷୀ ବାନ୍ଧିବାର ପଦ୍ଧତି ତାଙ୍କ ସାଥି ମାନଙ୍କଠାରୁ | ପୂର୍ବଦିନ କଲେଜରୁ ଫେରିବା ବେଳେ କିଛି ମିଠା ଏବଂ ଦୁଇଟା ରାକ୍ଷୀ କିଣି ଆଣିଥିଲେ , ପୂର୍ଣ୍ଣିମା ଦିନ ଦିଦି ସକାଳୁ ଉଠି ଆମ ଦୁଇ ଭାଇଙ୍କୁ ଡାକ ପକାଇଲେ ,ଦୁହେଁ ଧଡପଡ ହେଇ ଆଖି ମଳି ମଳି ଉଠି ଏମିତି ଡାକିବାର କାରଣ ପଚାରିବାରୁ ମା କହିପକାଇଲେ ଯାଓ ନିତ୍ୟକର୍ମ ସାର ତୁମ ଦିଦି ଆଜି ତୁମ ହାତରେ ରାକ୍ଷୀ ବାନ୍ଧିବ ଆଜିପରା ରାକ୍ଷୀ ପୂର୍ଣ୍ଣିମା | ଆଶ୍ଚର୍ଯ୍ୟ ନୟନରେ ଦୁଇଭାଇ ପରସ୍ପର ଅନେଇଲୁ ଟିକେ ମୁରୁକି ହସିଲୁ କାରଣ ଆମ ଜୀବନର ପ୍ରଥମ , ଏପଟେ ଦିଦି କହୁଥାନ୍ତି ଯାଓ ବେ' ଗାଧେଇପାଧେଇ ଆସ | ବିଛଣା ଛାଡି ଚାଲିଗଲୁ ନିତ୍ୟକର୍ମ ପାଇଁ ଆଉ ଡ୍ରେସ ପିନ୍ଧି ଆସିଲୁ ଦିଦି ଆମକୁ ଖଟ ଉପରେ ବସେଇ ହାତ ବଢେଇବାକୁ କହିଲେ ଆମେ ହାତ ବଢେଇଲୁ ଦିଦି ରାକ୍ଷୀ ବାନ୍ଧି ବନ୍ଦାପନା ଯେତେବେଳେ କରନ୍ତି ସେତେବେଳେ ମୁଁ ଭାବୁକ ହେଇଗଲି ମନେପଡିଗଲା ଅତୀତର ସେହି ଅର୍ଥ



ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

ଅଭାବର କଳା ପରଦା କଥା ଖାଉଥିଲୁ ପିଉଥିଲୁ ପିନ୍ଧୁଥିଲୁ ହେଲେ ତାହା ଉନ୍ନତ ମାନର ନଥିଲା | ଏଇ ରାକ୍ଷୀ ପୂର୍ଣ୍ଣିମାରେ ଅନ୍ୟମାନେ ତାଙ୍କ ଭଉଣୀମାନେ ତାଙ୍କ ଭାଇଙ୍କ ହାତରେ ରାକ୍ଷୀ ବାନ୍ଧୁଥିଲେ ହେଲେ ଆମେ ଜାଣିନଥିଲୁ | ସେତେବେଳେ କିମ୍ବା ପୂର୍ବରୁ ଏମିତି କେବେ ମୋ ଦିଦି ରାକ୍ଷୀ ବାନ୍ଧି ନଥିଲେ ଆଜି ନିଜକୁ ସ୍ୱତନ୍ତ୍ର ଅନୁଭବ ହେଉଥିଲା କାରଣ ଦିଦି ଆମକୁ ମିଠା ଖୁଆଇଲେ ପୁଣି ବନ୍ଦାପନା କଲେ ଫୁଲ,ଦୁବ , ଅରୁଆ ଚାଉଳ ମୁଣ୍ଡରେ ପକାଉଥିଲେ | ଏମିତି ମୁହୂର୍ତ୍ତ ଆପ ପାଇଁ ସ୍ୱପ୍ନ ଥିଲା କିନ୍ତୁ ତାହା ସମ୍ଭବପର ହେଇପାରିଛି , ଏ ସବୁ ପାଇଁ ଆଖିରେ ଲୁହଗୁଡା ଅଟକିପାରିଲେନି ବହିଆସିଲେ .....ଦେଖା ଦେଖିରେ ସମସ୍ତେ ଭାବ ବିହ୍ୱଳ ହେଇଗଲୁ |

ରାକ୍ଷୀ ବନ୍ଧା ଯେନେତେନେ ସରିଲା , ସବୁ ଭଉଣୀ ମାନଙ୍କ ପରି ମୋ ଦିଦି ମଧ ଆମ ଦୁହିଁଙ୍କ ପାଖରେ ଉପର ମନରେ ଅଳି କଲେ ସେ ଦେଖୁଥିଲେ ଦେଖିବା ମୋ ସାନ ଭାଇ ଦୁଇଜଣ କଣକହୁଛନ୍ତି କିମ୍ବା କଣ କରୁଛନ୍ତି ମିଠା ମିଠା ରାଗ ମିଶା କଣ୍ଠରେ କହିଲେ ପାଉଣା ଦିଅ ମୋ ରାକ୍ଷୀ ବାନ୍ଧିବାର | ମା' କହିଲେ କଣ ମ ? ସାନଭାଇ ଦୁଇଟାଙ୍କୁ ରାକ୍ଷୀ ପାଉଣା ମାଗୁଛୁ ଯା' ଯା' ସେମାନେ ତୋ ମାନ ରଖିବେ , ତୋ ଛାଇ ପରି ରହିବେ | ସେଇଠୁ ଦିଦି ଆଛା ହଉ କହି ଚାଲିଗଲେ | ମା'ଙ୍କ ସେଇ ପଦେ କଥା ର ମୂଲ୍ୟବୋଧକୁ ପରଖିନଥିଲୁ ହେଲେ ଆଜି ଭାବିଲେ କଥା ପଦୁଟାର ମହତ୍ତ୍ୱ ଆକାଂକ୍ଷା କେତେ ଅଛି ଆଉ ତାହା ମନକୁ ଆନ୍ଦୋଳିତ କରିପକାଉଛି | ଆମେ ଦୁଇ ଭାଇ ଖୋଜୁଛୁ ଉପଯୁକ୍ତ ସମୟ କେବେ ମୋ ଦିଦିଙ୍କର ରାକ୍ଷୀ ପାଉଣାଟା କେବେ ଦବୁ ଆଉ କେଉଁ ଉପାୟରେ ଦେବୁ ମୁଁ ଜାଣିଛି ଯେମିତି ବାପା ମା'ଙ୍କ ଋଣସୁଝି ହୁଏନା ଠିକ୍ ସେପରି ଆମେ ମୋ ଦିଦିଙ୍କର ଋଣ ସୁଝିବା କଷ୍ଟ, ହେଲେ ଋଣ ସୁଝିବାର ସୁଯୋଗ ମିଳିଲେ ହାତଛଡା କରିବୁନି ମେଞ୍ଚାଏ ନକରିପାରିଲେ କିଞ୍ଚିତ ତ ପାରିବୁ | ମା' ସିନା ତାଙ୍କ ପଣତରେ ଧୂଳି ଝାଡି ଦିଅନ୍ତି , ଆଖିଲୁହ ପୋଛି ଦିଅନ୍ତି ମୋ ଦିଦି ତାଙ୍କୁ ତୁନିରେ କେତେ ଆଖିରୁ ଲୁହ ପୋଛିଦେଇଛନ୍ତି ରାସ୍ତା ନଥିଲେ ଆମ ପାଇଁ ରାସ୍ତା କରେଇଛନ୍ତି | ଯେତେ କହିଲେବି ମୋ ବାକ୍ୟ କମ ପଡିଯିବ |

ନିକଟ ଅତୀତରେ ମୋର କିଛି ଶରୀରର କ୍ଷୀଣ ଯୋଗୁଁ ନିଜ ମନଟାକୁ ଦୁର୍ବଳ କରିପକାଇଥିଲି ହତୋତ୍ସାହିତ ହୋଇଯାଇଥିଲି , ମୋ ଦିଦିଙ୍କର ଗୋଟିଏ ପ୍ରଶ୍ନ ମୋତେ ସବଳ ହେବା ପାଇଁ ଖୋରାଗ ଯୋଗାଇଲା | ସେ କଥାଟା ଥିଲା ଏମିତିକି-

ଦିଦି :- ମୋତେ ପରା ତୁ ତ ଜୀବନଠୁ ଅଧିକା ଭଲପାଉ ?
ମୁଁ :- ହଁ (ଗମ୍ଭୀର କଣ୍ଠରେ)
ଦିଦି :-ତୁ ତ ନିଜକୁ ଦୁର୍ବଳ କରିସାରିଲୁଣି , ଯଦି ମୋର କିଛି ହେଇଯାଏ ?

ମୋ ଦିଦିଙ୍କର ବାକ୍ୟ ସଂପୂର୍ଣ୍ଣ ନ ହବା ପୂର୍ବରୁ ଗଳଗଳ ହେଇ କହିପକାଇଲି " ଦିଦି - ମୁଁ ମୋ ନିଜ ଦେହ କଥା ଭୁଲିଯିବି ପରେ ତମ ଦେହ କଥା ଚିନ୍ତା କରିବି |"

" ମୁଁ ଦେବଦୂତ ନୁହେଁ ,
ସରଗ ପରିକ୍ରମା କରେଇବି |
କିମ୍ବା ରାଜ ଦୂତ ନୁହେଁ ମୁଁ ,
ମହଲଟେ ଗଢିବି |
ମୁଁ ତ ତୁମ ସୋଦର ,
ତୁମ ମାନ ପାଇଁ କିଛିବି ପାରିବି |

"ମୋ ଦିଦି(ସୀମା) "





ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
MSME UDYAM-OD-13-0044620

# ଈଶ୍ୱର ନଥିବା ପୃଥିବୀରେ...



**ଦେବାଶିଷ ଦାଶ**
ଗାନ୍ଧିନଗର, ବ୍ରହ୍ମପୁର

ଈଶ୍ୱର ଅଛନ୍ତି ବୋଲି,
ଏଇ ପୃଥିବୀରେ ଆମେ ଅଛୁ ଦୁନିଆ ଅଛି
ଦୁନିଆରେ କିଛି ପରିବର୍ତନ ହେଉଛି ।।

ବୃକ୍ଷ ଲତା ତରୁ ଡାଳ ଆଦି ବଢୁଛି
ବାତ୍ୟା ଭୂମିକମ୍ପ ବି ହେଉଛି ,
ହଁ କିଛି ଦର୍ଶନିକ ବୈଜ୍ଞାନିକ କବି ବି କୁହନ୍ତି ।।
ଯେ' ବୋଧେ ଈଶ୍ୱର ନାହାନ୍ତି ପୃଥିବିରେ ?
ଆଉ ତାକୁ ନେଇ ଅନେକ ତର୍ଜମା
ଆଉ କବିତା ଲେଖା ବହି ଛପା..

ପ୍ରକୃତ ରେ ମୁଁ ବି ବେଳେ ବେଳେ କହେ ଈଶ୍ୱର ନାହାନ୍ତି ହେଲେ କାହିଁକି ?
ଖାଲି ମୁଁ ନୁହେଁ ଯେ କେହିବି କହିବ ଈଶ୍ୱର ନାହାନ୍ତି ବୋଲି
ଯେତେ ବେଳେ ଦୁଃଖର ଲଦି ହୋଇଯାଏ ତା' ଉପରେ
କିଛି ଗୋଟେ କାର୍ଯ୍ୟରେ ଯେବେ ସଫଳତା ନ ପାଏ
ଅନେକ ଚେଷ୍ଟାପରେ ସେ ହାରିଯାଏ ।।

ଆଉ ସେତେବେଳେ ସେ ଆର୍ତ୍ତ ଚିତ୍କାର କରି ଉଠେ
ଆଉ କହେ ଈଶ୍ୱର ନଥିବା ପୃଥିବୀରେ
ଈଶ୍ୱର ନଥିବା ପୃଥିବୀରେ...





ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

# ମୋ' ଜଗାର ବାହୁଡ଼ାଯାତ୍ରା...



**ଶୁଭସନ୍ଧ୍ୟା ବେହେରା**
କଣ୍ଟାଗୋଠ, ସତ୍ୟଭାମାପୁର,
ଖୋର୍ଦ୍ଧା

ନଅ ଦିନ ପରେ ବାହୁଡୁଛି ଜଗା
ଭାଇ ଭଉଣୀଙ୍କୁ ନେଇ,
ମାଉସୀ ମାଆର ପୋଡ଼ପିଠା ଖାଏ
ବରଷକେ ଥରେ ଯାଇ...
ଶୁଭେ ଘଣ୍ଟନାଦ ଶୁଭେ ହୁଳହୁଳି
ବଡ଼ଦାଣ୍ଡ ପଡ଼େ ଉଚ୍ଛୁଳି,
ନନ୍ଦିଘୋଷ ରଥେ ବିଜେ କରିଅଛି
ଭକତ କରୁଛି ଅଳି...
ବଡ଼ ହଟିଆ ସେ ବଡ଼ କପଟିଆ
କଳା ବାମନ ମୂରତି,
ବଡ଼ଦାଣ୍ଡ ଆଜି ଦୁଲୁକାଇ ଆସେ
ଝୁଲିଝୁଲି ଲକ୍ଷ୍ମୀପତି...
ମାଆଙ୍କୁ କିମ୍ପା ହେ' ସାଙ୍ଗରେ ନେଲନି
ଗଲ ମାଉସୀ ଘରକୁ,
ଅଳିକରି ପୁଣି ରୁଷି ବସିଥିଲେ
ଭାଙ୍ଗିଲେ ନନ୍ଦିଘୋଷକୁ...
ଛାଡ଼ିବେନି ଆଉ ବଡ଼ଦେଉଳକୁ
ରସଗୋଲା ଦେଇ ବୁଝାଅ,
ମାନଭଞ୍ଜନ ଯେ କର ଲକ୍ଷ୍ମୀଙ୍କର
ରସଗୋଲା ଆଣି ଦିଅ....
ଦାରୁଦିଅଁ ଆହେ ଭକତ ଜୀବନ
ଭକତର ଦୁଃଖ ଶୁଣୁଥାଅ,
ରତନବେଦୀରୁ ଓହ୍ଲାଇ ଆସିଛ
ଯୁଗେଯୁଗେ ହେଉ ତୁମ୍ଭ ଜୟ...
ପ୍ରଭୁ, ଯୁଗେଯୁଗେ ହେଉ ତୁମ୍ଭ ଜୟ...







ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

# ସେନାବାହିନୀ...



**ସବିତା କବି**
ବିରବରପୁର, ତିହିଡ଼ି ,
ଭଦ୍ରକ

ସେମାନେ ସର୍ବୋଚ୍ଚ ସମ୍ମାନର ଉର୍ଦ୍ଧ୍ୱରେ
ସେମାନେ କିମ୍ବଦନ୍ତୀର ଉର୍ଦ୍ଧ୍ୱରେ
ସେମାନେ ହିମାଳୟର ବରଫ ପରି କଠିନ
ପୁଣି ସର୍ବଦା ବିଶ୍ୱସ୍ତତାର ସର୍ବୋପରେ।
ସେମାନେ ରାଇଫଲର ଗୁରା ସହିତ ଖେଳନ୍ତି,
ଗୋଟିଏ ରଙ୍ଗ ଜାଣନ୍ତି ତାହା ହେଉଛି ରକ୍ତ ଲାଲ୍।
ଆମେ ଗରମ ଏବଂ ଥଣ୍ଡା ପାଇଁ ଅଭିଯୋଗ କରୁ।
ସେମାନେ ଖରା, ବର୍ଷା, ଶୀତ ଜଙ୍ଗଲରେ କାଟନ୍ତି।
ସେମାନେ ନିଜେ ଜୀବନ ବିଷୟରେ ନିଶ୍ଚିନ୍ତ ନୁହଁନ୍ତି
କେବେ ପରିବାରକୁ ଭେଟିବେ ନିଶ୍ଚିନ୍ତ ନୁହଁନ୍ତି,
ମାଟି ମାଆ ର ସୀମାକୁ ସୁରକ୍ଷା ଦିଅନ୍ତି
ଆଗାମୀ ଦିନର ସୁରକ୍ଷା ଭୁଲି ଯାଆନ୍ତି।
ମରୁଭୂମିରୁ ପର୍ବତ ପର୍ଯ୍ୟନ୍ତ
ପାହାଡ଼ରୁ ଝରଣା ପର୍ଯ୍ୟନ୍ତ
ଚୂଡାନ୍ତ ବଳିଦାନ, ତ୍ୟାଗ ବିଶାଳ ମୁହଁରେ
କେବଳ କର୍ତ୍ତବ୍ୟର ଭାବନା।
ଗର୍ବ ଏବଂ ଆବେଗର ସ୍ଥାନ ଯେଉଁଠାରେ
ପ୍ରତ୍ୟେକ ପୁରୁଷ ସେବା କରିବାକୁ ସ୍ୱପ୍ନ ଦେଖନ୍ତି,
ସେମାନେ ଆଉ କେହି ନୁହନ୍ତି,
ଯୋଗ୍ୟ ମାଟିର ସୁଯୋଗ୍ୟ ସନ୍ତାନ
ଭାରତୀୟ ସେନାବାହିନୀ।





ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

# ଝିଅ ଜନମ କ'ଣ ବଡ଼ ସମସ୍ୟା ?



**ହିତେଶ୍ ବେହେରା**
ଭାଷା ଓ ସାହିତ୍ୟ ବିଭାଗ,
ଫକୀରମୋହନ ବିଶ୍ୱବିଦ୍ୟାଳୟ,
ବାଲେଶ୍ୱର

ପ୍ରାୟ ସମୟରେ ଅଧିକାଂଶ ଲୋକଙ୍କ ମନରେ ଭାବନା ସୃଷ୍ଟି ହୁଏ ଯେ, ଝିଅ ଜନମ ହେଉଛି ଏକ ଜଟିଳ ସମସ୍ୟା | ଇତିହାସ ପୃଷ୍ଠାକୁ ଓଲଟାଇଲେ ଏହାର ଦୃଷ୍ଟାନ୍ତ ବହୁତ ଦେଖିବାକୁ ମିଳେ । ଅତୀତରୁ ହିଁ ଝିଅ ଜନ୍ମ ହେବାକୁ ଅଶୁଭ ବୋଲି ଧରାଯାଏ । ଅନେକ ସ୍ଥାନରେ କନ୍ୟା ସନ୍ତାନ ଜନ୍ମ ହେଲା ମାତ୍ରକେ ପରିବାର ମଧ୍ୟରେ ଆନନ୍ଦର ଲହରୀ ଖେଳି ଉଠିବା ପରିବର୍ତ୍ତେ ସେଠାରେ ଭୟ, ଶୋକ ଓ ସନ୍ତାପର ଉଦ୍ରେକ ହୁଏ । ଝିଅମାନଙ୍କ ପ୍ରତି ଏ ଦୁର୍ଭାବନା କ'ଣ ପାଇଁ , ଏତେ ଦୁର୍ବଳ ମାନସିକତା କାହିଁକି ?

ପ୍ରାଚୀନ କାବ୍ୟ ମହାକାବ୍ୟମାନଙ୍କରେ ମଧ୍ୟ ଝିଅ ଜନ୍ମ ପ୍ରସଙ୍ଗକୁ ଅସ୍ୱୀକାର କରିବା ଲକ୍ଷ୍ୟ କରାଯାଇଛି । ଏହାର ସଜ୍ଜଳ ଦୃଷ୍ଟାନ୍ତ ଆମେ ମହାଭାରତରେ ଦେଖିବାକୁ ପାଇବା । ରାଜା ଧୃତରାଷ୍ଟ୍ର ନିଃସନ୍ତାନ କାରଣରୁ ବ୍ୟାସଆଦି ମୁନି ଋଷିଙ୍କ ପରାମର୍ଶ କ୍ରମେ ଏକ ଯଜ୍ଞର ଆୟୋଜନ କରାଯାଇଛି । ଆର୍ଯ୍ୟାବର୍ତ୍ତର ସବୁ ବ୍ରାହ୍ମଣ ଋଷିଗଣଙ୍କୁ ନିମନ୍ତ୍ରଣ କରି ଯଜ୍ଞ କାର୍ଯ୍ୟ ଆରମ୍ଭ କରିଛନ୍ତି । ସନ୍ତାନ ପ୍ରାପ୍ତି ନିମନ୍ତେ ଏକ ମହାଯଜ୍ଞର ଆୟୋଜନ, ଯଜ୍ଞ ସମ୍ପୂର୍ଣ୍ଣ ହେବା ଉତ୍ତାରେ ଉଭୟ ରାଜାରାଣୀ ପିତୃତ୍ୱ ମାତୃତ୍ୱ ଲାଭ କରିବେ । ମହାନନ୍ଦରେ ଯାଗଶାଳରେ ଉପସ୍ଥିତ ରହିଛନ୍ତି । ଯଜ୍ଞରେ ମହାମନ୍ତ୍ର ପଢା ଚାଲିଛି , ପୁଷ୍ପ ବର୍ଷଣ ହେଉଛି ଏବଂ ଅବିରତ ଘୃତ ଢଳା ଚାଲିଛି । ଏହିପରି ଭାବରେ ପାଞ୍ଚଦିନ ବିତି ଗଲାଣି । ପଞ୍ଚମ ଦିବସର ପରେ ରାଜା ଧୃତରାଷ୍ଟ୍ର ମହାମୁନି ବ୍ୟାସଦେବଙ୍କୁ ଯଜ୍ଞ ସମାପ୍ତିର ସମୟ ଜାଣିବାକୁ ପଚାରିବା ବେଳେ ମହର୍ଷି ବ୍ୟାସ କହୁଛନ୍ତି ଯଦି ଆଜି ଯଜ୍ଞର ପୂର୍ଣ୍ଣାହୁତି ଦିଆଯାଏ ତେବେ ଆପଣଙ୍କର କେବଳ କନ୍ୟା ସନ୍ତାନ ଜାତ ହେବ । ଏହା ଶୁଣି ରାଜା ଅସନ୍ତୋଷ ପ୍ରକାଶ କରି ପୁତ୍ର ସନ୍ତାନ ହେବା ପାଇଁ ପ୍ରାର୍ଥନା କରୁଛନ୍ତି –

" ବ୍ୟାସେ ବୋଇଲେ ଯେଥେ ଦିଅନ୍ତେ ଆହୁତି
ଦୋହିତା ମାତ୍ର ତୋହର ହୋଇବ ଉତପତି ।
ଧୃତରାଷ୍ଟ୍ର ବୋଇଲେ ମୁନି ହେ ତେତେଣ ପ୍ରୟୋଜନ କିସ
ପୁତ୍ର ସନ୍ତାନ ଉତପତି ହୋଇଲେଟି ରକ୍ଷା ହେବ ବଂଶ ।"

ଏଠାରେ ଧୃତରାଷ୍ଟ୍ର ଯେଉଁ ବାକ୍ୟ ଉଚ୍ଚାରଣ କରୁଛନ୍ତି ତାହା ଏକ ରାଜାର ଭାଷା କିମ୍ବା ଭାବନା ଆଦୌ ନୁହେଁ ଆଉ ନୁହେଁ ମଧ୍ୟ କବି ସାରଳା ଦାସଙ୍କର । ଏହା ନିଶ୍ଚିତ ଭାବରେ ପୁତ୍ର ସନ୍ତାନ ପ୍ରତି ଦୁର୍ବଳ ମନୋଭାବ ଥିବା, ତତକାଳୀନ ଗ୍ରାମୀଣ ପଲ୍ଲୀରେ ସାଧାରଣ ଜୀବନ ଜିଉଁଥିବା ଏକ ପିତାର ଭାବନା । ଏମାନେ କନ୍ୟାକୁ ଭୟ କରନ୍ତି । ଝିଅର ପ୍ରତିପୋଷଣ, ତାହାର ଲାଳନପାଳନର ଦାୟିତ୍ୱ , ତାର ସୁରକ୍ଷା ଦେବା ପୁଣି ଶେଷରେ ଚଢା ଯୌତୁକ ଦେଇ ବିବାହ କରିବା ।ଏହା ଏକ ଅଭାବୀ ପିତା


ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

ପକ୍ଷେ ସମ୍ଭବପର ହୋଇ ନ ପାରେ । ମାତ୍ର କନ୍ୟା ସ୍ଥାନରେ ପୁତ୍ରଟିଏ ହୋଇଥିଲେ ବୃଦ୍ଧାବସ୍ଥାରେ ତାଙ୍କର ସଠିକ ଭାବେ ପ୍ରତିପାଳିତ କରିପାରିବ। ଏହା ଆଦୌ ଅନୁଚିତ ନୁହେଁ । କିନ୍ତୁ ବର୍ତ୍ତମାନ ସମୟରେ କେତେଜଣ ପୁଅ ଅଛନ୍ତି ଯେଉଁମାନେ ପିତାମାତାଙ୍କୁ ପରିଣତ ବୟସରେ ନିଜ ପାଖରେ ରଖିଛନ୍ତି, ତାଙ୍କର ସେବା ଯତ୍ନ କରୁଛନ୍ତି ? ଯଦି ହିସାବ କରି ଦେଖାଯାଏ ତେବେ ଶହେ ଜଣରେ ଜଣେ ଅଧେ ବାହାରିବେ ତା' ଠାରୁ ଅଧିକ ବାହାରିବା ନିତାନ୍ତ କଷ୍ଟକର। ତ ଏଭଳି ପରିସ୍ଥିତିରେ ପୁତ୍ର ପ୍ରତି ଏତେ ଦୁର୍ବଳ ହେବା କ'ଣ ଆବଶ୍ୟକ ? ପୁଅ ପ୍ରତି ସଂପୂର୍ଣ୍ଣ ରୂପେ ଅନାଗ୍ରହ ପ୍ରକାଶ କରିବା କଥା ଆଦୌ କହୁ ନାହିଁ । ମାତ୍ର କନ୍ୟାକୁ ଅସ୍ୱୀକାର କରି ପୁତ୍ର ଚାହିଁବା ନିରର୍ଥକ ନିଶ୍ଚୟ ।

ଅନେକ ସମୟରେ ଦେଖିବାକୁ କିମ୍ବା ଶୁଣିବାକୁ ମିଳେ ଯେ ଜଣେ ବୋହୂ କନ୍ୟା ଜନ୍ମ ଦେବାଦ୍ୱାରା ପରିବାର ଭିତରେ ଗୋଟିଏ ଅଶାନ୍ତିର ବାତାବରଣ ଖେଳିଯାଉଛି , ଗୋଟିଏ ଗୋଟିଏ ସ୍ଥାନରେ ବୋହୂ ସ୍ୱାମୀ, ଶାଶୁ ଓ ଶଶ୍ୱଶୁରଙ୍କ ନିକଟରୁ ନିର୍ଯ୍ୟାତିତ ମଧ ହେଉଛନ୍ତି । ଏଥିରେ ବିଚାରୀ ବୋହୂର ଦୋଷ ଅବା କ'ଣ ରହିଲା ? ଗୋଟିଏ ପୁତ୍ର କିମ୍ବା କନ୍ୟା ହେବ, ତାହା ନିର୍ଭର କରେ ତା ସ୍ୱାମୀ ଉପରେ। ଏବେ ଆଉ ଏକ ସମସ୍ୟା ଆମ ସମ୍ମୁଖରେ ଦଣ୍ଡାୟମାନ ଏକ ନିନ୍ଦନୀୟ କାର୍ଯ୍ୟ ତାହା ହେଲା ଭ୍ରୂଣହତ୍ୟା । ପରୀକ୍ଷା କରିବା ପରେ ଝିଅ ଜନ୍ମ ହେବ ବୋଲି ଜଣା ପଡିବା ମାତ୍ରକେ ପରିବାର ଲୋକେ ହୁଅନ୍ତୁ କି ଦମ୍ପତ୍ତି , ଜୋର୍ ଜବରଦସ୍ତି ହେଉ ଅଥବା ସ୍ୱେଚ୍ଛାରେ ହେଉ ଏପରି ଘୃଣ୍ୟକର୍ମ କରିବାକୁ ପଛାଉ ନାହାନ୍ତି । ଏହା କେତେ ବିଡମ୍ବନାର ବିଷୟ । ଝିଅମାନଙ୍କ ପ୍ରତି ଏତେ ଅବିଚାର କ'ଣ ପାଇଁ, ଏତେ ହୀନମନ୍ୟତା କାହିଁକି ଆଉ ଏତେ ଦୁର୍ବଳ ମାନସିକତା କେଉଁ କାରଣରୁ ?

ସମାଜରେ ଦେଖା ଦେଇଥିବା ଏ ବ୍ୟାଧି କୌଣସି ମହାମାରୀ ଠାରୁ କମ୍ ନୁହେଁ। ଏହା ସଂପୂର୍ଣ୍ଣ ରୂପେ ମୂଳୋତ୍ପାଟନ କେବେ ହେବ କେଜାଣି ।ଏହାର ନିରାକରଣ ଯଥାଶୀଘ୍ର କରାଯିବା ଆବଶ୍ୟକ ନଚେତ ଏହା ବଢିଗଲେ ନିଶ୍ଚିତ ଭାବରେ ଆମ ସମସ୍ତଙ୍କର ବିଲୟର କାରଣ ପାଲଟିବ । ସମାଜରେ ଦେଖା ଦେଇଥିବା ଏ ମହାମାରୀକୁ ଦୂରେଇ ଦେବା କ'ଣ ଆମର କର୍ତ୍ତବ୍ୟ ନୁହେଁ କି ? ଗୋଟିଏ ସନ୍ତାନ ସୁନେଲି ପୃଥିବୀର ସୁନେଲି କିରଣ ଦର୍ଶନ କରିବା ପୂର୍ବରୁ ତାକୁ ହତ୍ୟା କରାଯାଉଛି । ଝିଅଟେ କ'ଣ କିଛି କରିପାରିବ ନାହିଁ ? ଯଦି କରିପାରିବ ତେବେ ଏତେ କୁବିଚାର କାହିଁକି ? ଆମର ମନେ ରଖିବା ଉଚିତ ଯେ , ଦେଶର ପ୍ରଥମ ନାଗରିକ ପଦରେ ଏବେବି ଜଣେ ମହିଳା ଅଭିଷିକ୍ତ। ସେ ଇଛା କଲେ କେଉଁ କାର୍ଯ୍ୟ ଅବା ଅପୂରଣୀୟ ହୋଇ ରହିବ , ସବୁକିଛି ନିଃସନ୍ଦେହରେ ହାସଲ କରିପାରିବ। କେବଳ ଆମେ ସେମାନଙ୍କୁ ଥରେ ସୁଯୋଗ ଦେବା ଦରକାର। ଆମେ ଯଦି ଆମ ଭିତରେ ବସାବାନ୍ଧି ରହିଥିବା କୁପ୍ରବୃତ୍ତି, କୁଚିନ୍ତାକୁ ଦୂରେଇ ଦେଇପାରିବା, ତେବେ ଗୋଟିଏ ଝିଅକୁ ସୁରକ୍ଷା ଦେବାର ଆଉ କୌଣସି ଆବଶ୍ୟକତା ରହିବ ନାହିଁ । ବାକି ରହିଲା ସମାଜ କଥା, ସେ କେବେ ଚୁପ୍ ରହିଛି ଯେ ଚୁପ୍ ରହିବ। ଖରାପ କର୍ମ କଲେ ତ


ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
MSME UDYAM-OD-13-0044620

କହିବ ହଁ କହିବ ଯଦି ଭଲ କାମ କରାଯାଏ ତେବେ ବି କହିବ । ସମାଜ ଆମର କୁମାନସିକତା ନେଇ ତିଆରି ହୋଇଥିବା ଏକ ଅନୁଷ୍ଠାନ, ଯେଉଁଠି କେବଳ ଦୋଷ ବଛାଯାଏ ହେଲେ ଗୁଣ ନୁହେଁ। ଆମେ ପରା ସେଇ ଦେଶର ମଣିଷ ଯେଉଁ ଦେଶରେ ରାଣୀ ଲକ୍ଷ୍ମୀବାଇ, ମଦର୍ ଟେରେସା, ରମାଦେବୀ ଆଦିଙ୍କ ଭଳି ବୀର ରମଣୀ ଜନ୍ମ ନେଇଥିଲେ । ଆମେ ସେଇ ଦେଶରେ ଜନ୍ମ ଯେଉଁ ଦେଶରେ ନାରୀର ମାନ ସମ୍ମାନ ଓ ମର୍ଯ୍ୟାଦା ରକ୍ଷା କରିବା ସକାଶେ ମହାସଂଗ୍ରାମ ସଂଘଟିତ ହୋଇଥିଲା ଓ ସମ୍ମାନ ରକ୍ଷା ମଧ୍ୟ କରାଯାଇଥିଲା । ଏଣୁ ଆମେ ଆମ ଅନ୍ତରରେ ଥିବା ଏ ହୀନମନ୍ୟତାକୁ ପ୍ରଶୟ ଦେବା କାହିଁକି ? ଆମ ସମସ୍ତଙ୍କର ପରମ କର୍ତ୍ତବ୍ୟ ହେଉଛି ଉପୁଜିଥିବା ଏ ବ୍ୟାଧିକୁ ଦୂରେଇ ଦେଇ ଏକ ନୂତନ ସକାଳର ସ୍ୱପ୍ନ ଦେଖିବା ଯେଉଁଠି ସମସ୍ତେ ନିଜର ନ୍ୟାଯ୍ୟ ଅଧିକାର ପାଇ ପାରିବେ ।

ଏ ବିଷୟ ହୁଏତ ଅନେକଙ୍କୁ ଅପ୍ରିୟ ଲାଗିପାରେ ; ମାତ୍ର ଏହା ସତ୍ୟ । ଏହାକୁ ସମସ୍ତେ ଗୁରୁତର ସହିତ ବିଚାର କଲେ ଏବଂ ସମାଧାନ ଦିଗରେ ଯଥେଷ୍ଟ ପଦକ୍ଷେପ ନେଲେ ଆମର ମଙ୍ଗଳ, ସମାଜର ମଙ୍ଗଳ ଓ ସାରା ଜଗତର ମଙ୍ଗଳ ନିଃସନ୍ଦେହରେ ହୋଇ ପାରିବ ।





ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

# ମା'...



ରୂପାଲି ମଛନ
ଚାତ୍ରା, ଜଗତସିଂହପୁର

ମା, ତୁ କହୁ ନା ମିଛ କହିବା ମହାପାପ ବୋଲି!
ତେବେ ତୁ କେମିତି ତୋ ରୋଗ ବ୍ୟାଧି କୁ ଲୁଚେଇ କହି ଦେଉ
ଯେ ମୁଁ ଠିକ୍ ଅଛି?
ଖାଇବା ନିଅଣ୍ଟ ହେଲେ ନିଜେ ନ ଖାଇ ଆମକୁ ଖୁଆଇ କେମିତି କହୁ ଯେ
ହଁ ମୁଁ ଖାଇ ସାରିଛି!
ମୁଁ କାନ୍ଦିଦେଲେ ତୋ ପଣତ କାନି ରେ ପୋଛି ନେଇ ଯାଉ ସବୁ ଯନ୍ତ୍ରଣା କୁ,
ହେଲେ ତୋ ଲୁହ କୁ ଲୁଚେଇ କେମିତି କହି ପାରୁ ଯେ
ହଁ ମୁଁ ଖୁସିରେ ଅଛି!
କେମିତି ସହି ଯାଉ ମୋର ସବୁ ଅଳି ଅଝଟ କୁ?
ମୁଁ କିଛି ନ କହିଲେ ବି କେମିତି ଜାଣିଦେଉ ଯେ
ମୁଁ କଷ୍ଟ ରେ ଅଛି!
ବୋଧେ ତୋ ପାଇଁ ପାପ ଠୁ ବି ଦାମି ସବୁ ସଂପର୍କ।
ସେଥିପାଇଁ ହୁଏତ ନିଜେ ଦୀପ ଭଳି ଜଳି,
ଦେଇଛୁ ଆମକୁ ଆଲୋକ।
ସାତ ଜନ୍ମ ନେଲେ ବି ସୁଝି ହୁଏନି ତୋ ଋଣ,
ଅମିମାଂସିତ ତୋ ଜୀବନ ର ସବୁ ସମୀକରଣ।
ଚିରକାଳ ପାଇଁ ମୁଁ ନମନୀୟ ତୋ ପଦରେ,
କ୍ଷମା କରିବୁ ଯଦି କିଛି ତ୍ରୁଟି ଥିବ ମୋ ଲେଖାରେ।



## ଭାଗବତ...



**ବାବାଜୀ ଚରଣ ସାହୁ**
ଫୁଲନଖରା, କଟକ

ଜୀବନର ଅମୃତ ସିନ୍ଧୁ ପୁଣ୍ୟର ବିନ୍ଦୁ
ବୁଝିଛି ଯିଏ ପଢିଛି ସିଏ ତାର କୃପା
ଏମିତି ଆଶୀର୍ବାଦର କରୁଣାର ସିନ୍ଧୁକ
ତା ଭିତରେ ସାଇତା ଜୀବନର ଇତିହାସ
ତାହାକୁ ଲଗାଇ ପାରିଲେ ଜୀବନରେ
ଚାଲିଯିବ ଦୁଃଖ ଆସିଯିବ ସୁଖଦ ବନ୍ଧୁ
ଏ ଜୀବନ ଗୋଟିଏ ପାଣିଫୋଟକା
ନାହିଁ କିଛି ବିଶ୍ୱାସ ନାହିଁ ତାର ପ୍ରତିଦାନ
ଏକା ସାହାଭରସା ସେହି ବିଶ୍ୱନାଥ
ତାଙ୍କ ବିନା ନାହିଁ ଆଉ କିଛି ଅବକାଶ
ହେ ଜଗନ୍ନାଥ ତୁମେ ହିଁ ଏକମାତ୍ର
ତୁମ ବିନା ସବୁ ଦିଶେ ଅନ୍ଧକାର ବସା ।।

## ସେ ମୋ ବାପା ଅଟନ୍ତି...



**ଅନସୂୟା ଲେଙ୍କା**
ଇଟାମାଟି, ନୟାଗଡ଼

ଶୁଣିଛ କି ତାଙ୍କ ଛାତିର କୋହ
ଦେଖିଛ କି ତାଙ୍କ ଆଖିର ଲୁହ
ମୁଁ ଜାଣେ ଉତ୍ତର ଆସିବ
ନାଁ, କେବଳ ନାଁ....
କାହିଁକି ନାଁ ସେ ଜଣେ
ପୁରୁଷ ନାଁ...
ଆଗରେ ହୁଏତ  କଠୋର ଅଟନ୍ତି
ଭିତରେ କିନ୍ତୁ ସେ ଖୁବ୍ କାନ୍ଦନ୍ତି...
ସବୁବେଳେ ଆମ ଖୁସି ଯେ ଚାହାଁନ୍ତି
ଜାଣିଛ?
ସେ ମୋ ବାପା ଅଟନ୍ତି....
ନିଜ ଖୁସିକୁ ଛାତିରେ ମାରନ୍ତି
ଆମ ଖୁସି ପାଇଁ...
ଝାଳ ଯେ ବୁହାନ୍ତି...
ଜାଣିଛ?
ସେ ମୋ ବାପା ଅଟନ୍ତି...




ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

# ମନର ମଣିଷ...



**ରଶ୍ମିରଞ୍ଜନ ସାହୁ**
(ମୁଖ୍ୟ ଉପଦେଷ୍ଟା : ମହ୍ଲାର ଇ-ପତ୍ରିକା)
ଚାନ୍ଦୋଳ, କେନ୍ଦ୍ରାପଡ଼ା

ଜୀବନର ଏଇ ଗଡ଼ାଣି ଉଠାଣିରେ
କେତେ ବୃକ୍ଷ କେତେ ପୁଷ୍ପ
କେତେ ଝଡିଲେ କେତେ ଟଳିଲେ
କିଏ କଣ ନଜର ପକାଏ
ନା ମନେ ରଖେ,
ଫେରେନି ସମୟ
ଫେରି ଯାଇଥିବା ମୁହୂର୍ତ୍ତ
ଫେରି ଯାଇଥିବା ଅତୀତ,
କେତେ ଯେ ଲୋକ ଆସନ୍ତି
ଆଉ କେତେ ଚାଲି ଯାଆନ୍ତି
ଆବଶ୍ୟକତା ଠାରୁ ମଧ
ଯଦି ଅନେକ ଜଣ ମିଳନ୍ତି,
କଣ ପୁନର୍ବାର ମିଳେ!
ମାନସ ପଟ୍ଟରୁ ଅନ୍ତର୍ଦ୍ଧାନ ନେଇ
ସମୟର କବଳିତ
ହୃଦୟର ମାନସାଙ୍କ ସମାଧାନରୁ ସୃଷ୍ଟି
ମନର ମଣିଷଟି ।।
ହଁ, ମନର ମଣିଷ
ହଜାରେ ମିଳିଲେ ବି
ଯିଏ ସବୁଠାରୁ ଖାସ୍ ଲାଗେ;
ସେ କଣ
ଏ ଗତିଶୀଳ ସମୟର
ଆଖି ପିଛୁଳା ଗତିରେ
କାଣିଚାଏ ଲଗାମ ଲଗାଇ
ହାତ ଯୋଡ଼ି ନେହୁରା ହୋଇ
ତୁମକୁ ନିଜ ପାଖରେ ହିଁ
ରଖିବାକୁ ଚାହିଁବ !
ଶେଷ ଚେଷ୍ଟାକୁ ସମର୍ପିତ କରି
ଦେଇ ପାରିବ ନିଜ ହୃଦୟକୁ
ଏକ ପୂର୍ଣ୍ଣତାର ପ୍ରତୀକ ସାଜି
ନା ଅନୁମତି ଦେବ
ସେଇ ସମୟ ବନ୍ୟାରେ
ଭାସି ଯିବାକୁ ଅଛିରେ ,
ଅଥବା
ନିଖୋଜ ପ୍ରାୟ ରହି ଯିବାକୁ
ପସନ୍ଦ କରିବ
ଲୁଚାଇ ଦେଇ
ନିଜର ପସନ୍ଦକୁ
କୃତିମ ନୀରବ କୋଠରୀରେ ।।

ଜୀବନର ପ୍ରତି ପାହାଚର
ସ୍ଥିତାବସ୍ଥା ସମାନ ନୁହେଁ
କିଏ କହିପାରିବ
ଯେ ଏଇ ମୁହୂର୍ତ୍ତର ସୂର୍ଯ୍ୟ କିରଣ
ବାଦଲ ପ୍ରଭାବରେ
ପ୍ରଭାବିତ ହେବ କି ନାହିଁ,
କିଏ କହିପାରିବ
ସେଇ ମଣିଷଟି ଯେ କେବଳ
କିଛି ସମୟ ପାଇଁ ଆସେ
ଛାତିରେ ବାଡେଇ ମିଥ୍ୟାର ବାଦ୍ୟ !
ଅଧିକାର ନାହିଁ ବି
ସାମାଜିକ କଳଙ୍କର
ତେଢ଼ା ଆଙ୍ଗୁଠି ମାନଙ୍କର
ହୁଏତ, ଅବଶେଷ ଜୀବନର ସାଥିଟିଏ
ସେ ହିଁ ସାଜିପାରେ
ହୁଏତ, ଅବଶେଷ ଜୀବନର ମାର୍ଗଟିରେ
ସେ ମାର୍ଗଧାର ସାଜିପାରେ ,



ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୃତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
MSME UDYAM-OD-13-0044620

ବୁଝି ପାରୁଛ,
ମୋ ମନର ପ୍ରିୟ ମଣିଷ
ମୋ ଶୁଖିଲା ଗଳାର ଶୋଷ;
ଜୀବନର ଏ ସ୍ରୋତରେ
ଭସାଇ ନେଇଥିବା
ବିଭୀଷିକା ଫେରେନି
ଫେରେଇ ବି ଦିଏନି
ସେଇ ଅଭାଗା ଅତିପ୍ରିୟ ମଣିଷକୁ,
ରାତିର କାଳ ବୈଶାଖୀରେ
ଝଡି ପଡ଼ିଥିବା ଫୁଲକୁ
ଭରଷା ନ ଥାଏ,
ଅବା ପ୍ରଲୋଭନ ନ ଥାଏ
ସକାଳ କିରଣର କଅଁଳ ସ୍ପର୍ଶର
ସେ ବିନା ସାହାରାରେ ମାଟି ସାଜେ
ଅବଶେଷ କେଇଟା ଦିନରେ,
ଫେରେନି ସମୟ,
ପଡେନି ପ୍ରେମରେ ଫରକ
କିନ୍ତୁ
ପ୍ରେମରେ ପଡ଼ିଥିବା ଅନ୍ତରାତ୍ମା
ଦ୍ୱନ୍ଦର ଅବସାଦର ଘାଇରେ
ବେସାହାରା ହୁଏ,
ହରାଇ ବସେ
ନିଜ ଉପରୁ ନିୟନ୍ତ୍ରଣ
ଫେରିଯାଏ ଅଫେରା ରାଇଜକୁ
କିଏ କହି ପାରିବ
ଏବେ ମଧ ଅପେକ୍ଷା ତୁମର
ଅପେକ୍ଷାର ଅନ୍ତ ହିଁ ତୁମେ,
ରାତି ଓ ଦିନ ଗତିଶୀଳ
ଗତିଶୀଳ ସମୟର ପ୍ରବାହ
ଆଖି ମୁଦି ଉନ୍ମୁକ୍ତ ହେଲା ମାତ୍ରେ..
ମଣିଷ ପାଲଟେ ଅନ୍ଧ
ନୟନ ଯୁଗଳ ସାଜେ ବ୍ୟର୍ଥ
ଦୂରତା ପ୍ରାପ୍ତ କରେ ସେଇ ଆଭାଗା
ଭାବହିନ ନିରବ ମଣିଷ
ଯେ ସର୍ବଦା ଜିଣି ଆସେ ମନ,

କିଏ କହିପାରିବ
ବାହାର ଅନିଳ
କେବଳ ସାଜେ ବାହକ
ଶବ ରୁପି ଜୀବନ୍ତ ମନର
ନା, ଛାରଖାର କରେ
ପୁରାତନ ସାଥିର ସ୍ମୃତିମୟ
କବିତାରୁ ଅଧାୟେ ଅଧାୟେ ପରେ
ସହସ୍ର ପ୍ରେରିତ ପ୍ରେମ ପୀୟୁଷ ସାଜେନି ତ ?
କାଳକୁଟର କରାଳ ଯବନିକା !

ପରେ ସହସ୍ର ପ୍ରେରିତ ପ୍ରେମ ପୀୟୁଷ
ସାଜେନି ତ,
କାଳକୁଟର କରାଳ ଯବନିକା!!

କାଲି କିଏ ଦେଖିଛି
ଆଜି ହିଁ ମାନିନିଅ
ନିଜରଟେ ନହେଲେ ଚାଲିଯିବ
ଚାଲିଯିବ ତୁମ ମୁହଁରୁ ହସ
ଆଉ କଣ ଫେରେ ସମୟ
ନା ଫେରେ ତୁମ ଅତିପ୍ରିୟ,
କାଲି କିଏ ଦେଖିଛି
ତାଙ୍କ କଥା ଭାବି ଭାବି
ଯେତେ ଖୋଜି ବସିଲେ
ପାଇ ପାରିବ କଣ
ତାଙ୍କର ଅସ୍ତିତ୍ୱ
ତାଙ୍କର ଅବସ୍ଥିତି
ତାଙ୍କର ପ୍ରେମ,
ଯେତେ ଅନୁରୋଧ କଲେ
ଫେରି କଣ ଆସେ ସମୟ...
ବୋଧହୁଏ ନା..
ଫେରେନି ସମୟ
କେବଳ ରହିଯାଏ
ଅତିଶୟ ଅବହେଳାର
ଅନୁଶୋଚନାର ଜମାନବନ୍ଦୀ
କରୁଣ ନୟନ ଯୁଗଳର
ଅନ୍ଧାରୀ କୋଣରେ
ଶେଷ ନିଃଶ୍ୱାସ ଯାଏଁ।।



ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

# ରାହୁ...



**ସୁନନ୍ଦା ମହାନ୍ତି**
ସାକ୍ଷୀଗୋପାଳ, ପୁରୀ

ଯନ୍ତ୍ରଣାରେ ଉଃ ଆଃ ହେଉଥିବା ପ୍ରତ୍ୟେକଟି ରୋଗୀ ଉଦବିଗ୍ନ ହୋଇ ଚାହିଁ ବସିଥାଆନ୍ତି ଦିଦିଙ୍କୁ । ପ୍ରତିଦିନ ସେ ୱାର୍ଡକୁ ଆସନ୍ତି । ସମସ୍ତଙ୍କୁ ମିଠା କଥାରେ ଅମୃତ ପରଷି ତୋଷ କରିଦିଅନ୍ତି ଏମିତି ସତେକି ରୋଗୀମାନେ ତାଙ୍କର ଚିହ୍ନା ଜଣା ତଥା ବନ୍ଧୁବାନ୍ଧବ କେହି । ଆଜି ବି ଓହଳିଥିବା ଗୋଡ଼କୁ ଜାବୁଡି ସାବେରୀ ମାଉସୀ କହୁଥିଲା ଝିଅଟା ଏଯାଏଁ କୁଆଡେ ଗଲା? ପୁବେଇ ମଉସା ବି ଚାହିଁ ବସିଥିଲେ ଝିଅଟାକୁ ପଚାରିଥାଆନ୍ତେ ଝିଅଲୋ'କାଲିଠୁ ତତେ ଆଉ ଦେଖିବିନି ମୋ ଗୋଡ଼ରୁ ଆଜି ବ୍ୟାଣ୍ଡେଜ ଖୋଲା ଯିବ କିନ୍ତୁ ତୋ କଥା ଖୁବ ମନେପଡିବ । ଅପେକ୍ଷା କରିଥିଲା ନେଡି ନାନୀ ଯାହାକୁ ଦିଦି ବୁଝେଇ ଦେଇଥିଲେ ଆଉ ଜମା ଏମିତି କାମ କରିବନି ଭଉଣୀ । ଅନ୍ୟମାନଙ୍କୁ ମଧ୍ୟ ବୁଝେଇ କହିବ । ଠାକୁର ଦେଇଥିବା ଜୀବନକୁ ଯାହି ତାହି ଜିଇବାକୁ ପଡିବ ନଚେତ ଏମିତି ଗୋଡ଼ ଭାଙ୍ଗି ହାତ ଭାଙ୍ଗି କଷ୍ଟ ମିଳିବ ସିନା ଅନୁତାପ କରିବାକୁ ସମୟ ମିଳିବନି । ସନିଆ ବୁଢା ବି ଚାହିଁଛି ଦିଦିକୁ । ବୁଢ଼ୀ ପାଇଁ ଶାଢ଼ୀ ଖଣ୍ଡେ ଆଣିବାକୁ ଦିଦିକି କହିଛି ତ' ସତରେ ଦିଦି ଭାରି ଭଲ । ଭାଇଙ୍କ ପାଖରେ ବସି ଶୀତୁ ବି ଚାହିଁଛି ଦିଦିଙ୍କୁ । କାଲି ଦିଦିଙ୍କ ସଙ୍ଗେ ତାର ଅନ୍ତରଙ୍ଗ ଆଳାପ ତାକୁ ଖୁବ ହାଲକା ଲାଗୁଥିଲା । ଦିଦିଙ୍କୁ ସେ ପଚାରିଥିଲା ଏତେ ମିଠା ଶବ୍ଦ ଓ ଭାଷା କହିବା କ୍ଷମତା କୋଉଠୁ ପାଇଲେ ଦିଦି?

ଦିଦି ଟିକେ ହସିଦେଇ ଖୁବ ମିଠା ଉତ୍ତର ରଖିଥିଲେ ଯେ ମୋ ବୋଉର ସ୍ୱପ୍ନକୁ ସାକାର କରିବାକୁ ଯାଇ ମୋ ତୁଣ୍ଡରେ ଏ ମିଠା ବୋଲି । ସହଜେ ଆମେ ଓଡ଼ିଆ । ଆମ ଭାଷା ଆମକୁ ଭାରି ବଢିଆ । ତା ଛଡା ବାନ୍ଧି ଜାଣିଲେ ମଥା ସୁନ୍ଦର ପରି କହି ଜାଣିଲେ କଥା ସୁନ୍ଦର । ତଥାପି ଶୀତୁ ପଚାରି ଦେଇଥିଲା ଦିଦିଙ୍କୁ । ଆଜିକାଲି ଯିଏ ଯୋଉ କ୍ଷେତ୍ରରେ ଅଛି ସେ ମଧୁର ବିନୟ ବଚନ,କହି ତୋଷିବ ଜନମନ, କଥାଟାକୁ ଏକଦମ ଭୁଲି ଯାଇଛି । ସମସ୍ତଙ୍କର ଯେମିତି ଧର୍ଯ୍ୟଚ୍ୟୁତି ଘଟିଛି । ଭଲକଥା ପଦେ କହି ଅନ୍ୟର ମନ ହାଲୁକା କରିବାକୁ ଭୁଲିଯାଇଛନ୍ତି ସମସ୍ତେ । ସେଇଥିପାଇଁ ସେଇ କଥାର ଯାଦୁରେ ସବୁ ଛାଡି ଆସିଛି ଦଉଡି ଭାଇଙ୍କ ଗୋଡ଼ ଭାଙ୍ଗିଯିବା ଖବର ଶୁଣି ତାଙ୍କ ପାଖେ ରହିବାକୁ କିନ୍ତୁ ତାଙ୍କ ଠାରୁ ବି ଖୁବ ମିଠା ଆପଣଙ୍କ କଥା । ଉଃ-ଆଃ ବନ୍ଦ ହୋଇଯାଏ ରୋଗୀମାନଙ୍କର । କେମିତି ଏସବୁ ସମ୍ଭବ ଦିଦି!

ଦୀର୍ଘନିଶ୍ୱାସ ଛାଡି କହିଥିଲେ ଦିଦି ଏସବୁ ସେଇ ବୋଉ ପାଇଁ । ଯିଏ ଜୀବନକୁ ବାଜି ଲଗେଇ ମୋ ଭଳି ଅଟିଜିମ ଆକ୍ରାନ୍ତ ସନ୍ତାନ ମୁହଁରେ କଥା କହିବା ଶିଖେଇବାକୁ ଯାଇ ଡାକ୍ତର ଦେଖେଇବା, ଦିଅଁ ଦେବତାଙ୍କୁ ମାନସିକ ରଖି ପାଳନ କରିବା । ରାମ ନବମୀରେ ନିର୍ଜ୍ଜଳ ଉପବାସ ରଖିବା ତଥା ଅନଗ୍ରସର ଶିଶୁ କନ୍ୟା ପାଇଁ ଚାକିରୀ ଛାଡି ଯତ୍ନବାନ ହେଇ ମୋ ପାଟିରୁ କଥା ଶୁଣିବାକୁ ଉଦବିଗ୍ନ ହୋଇ ରହିଥିଲା ସେହି ବୋଉର ରାହୁ ଦଶା ଭଲ ନଥିଲା ବୋଲି ଗାଧୁଆ ଘରେ ଗୋଡ଼ ଖସି ପଡିଲା ଯେ ୱାର୍ଡକୁ ଯିବା ବଦଳରେ ଶ୍ମସାନ ଜୁଇରେ ଜଳିଲା । ବୋଉ ଯିବା ପରେ କାହାଠୁ ମିଠା କଥା ଶୁଣିବା ବଦଳରେ ଅଲେକ୍ଷଣୀ, ଡାହାଣି, ମାଆକୁ ଖାଇଛି ଭଳି ଅପଶବ୍ଦ ଶୁଣୁ ଶୁଣୁ ବୋଉର ମାନସିକ ପୁରଣ ହୋଇଗଲା କି କଣ ମୋ ପାଟି ଫିଟିଲା ହେଲେ ଅଟିଜିମ ହଟି ମୋ ଶାରୀରିକ ଓ ମାନସିକ ଦୃଷ୍ଟିଭଙ୍ଗୀ ମତେ ଶିଖାଇଦେଲା ମିଠା ବୋଲି ଶୁଣିଲେ ଯେମିତି ନିଜକୁ ଲାଗେ ଅନ୍ୟକୁ ମଧ୍ୟ ଶୁଣିବାକୁ ସେମିତି ଲାଗୁଥିବ । ମିଠା କଥା ପଦେ କହିବାକୁ ତ ପଇସା ପଡ଼େନା । ସଜଜେ ନର୍ସ ଚାକିରୀ ପାଇଛି । କାହାର କଷ୍ଟ ନେଇ ପାରିବିନି କି ରାହୁ ରିଷ୍ଟ କାଟି ପାରିବିନି ତ ମିଠା ପଦେ କହିବାରେ ଓ ଅନ୍ୟକୁ ନିଜର କରିବାରେ ବାଧା କେଉଁଠି! ସେଇ ରାତିରେ ଶୀତୁର ଦୀର୍ଘନିଶ୍ୱାସ ବାହାରିଯିବା ପୂର୍ବରୁ ସେ ସ୍ଥିର କରିସାରିଥିଲା ଏବେଠୁ ସେ ପଦେ ମିଠା କଥା କହିବାକୁ କାର୍ପଣ୍ୟ କରିବନାହିଁ । ତା ଉଜୁଡା ସଂସାରକୁ ସଜାଡିନେବ । ବଚନେ କି ଦରିଦ୍ରତା!



ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
MSME UDYAM-OD-13-0044620

ପରଦା ଚହଲିଗଲା । ସମସ୍ତେ ଚାହିଁଲେ ଦିଦି ଆସିଗଲେ । ମୁହଁରେ ସବୁରି ହସପଦ୍ମ ବିକଶିତ ହେଉ ହେଉ ରହିଗଲା କାରଣ ନୂଆ ଦିଦି ଆସିଥିଲେ । ଫୋ ଫା କରି କାହିଁକି ଔଷଧ ଠିକ ସେ କେହି ଖାଇନ ବୋଲି ବର୍ଷଣ କରିଗଲେ ଏକରକମ ଘଡଘଡି ପରି । ନେଡିନାନୀ ସାହାସ କରି କହିଦେଲା ସେ ଝୁଅ କାହିଁ ବା? ତାକୁ ଦେଖିଦେଲେ ଓ ତା ମିଠା କଥା ପଦେ ଶୁଣିଦେଲେ ଆମ ରୋଗ ଭଲ ହୋଇଯାଏ । ଏ ଝିଅ କିଏବା ଖାଲି ଟାଉଁ ଟାଉଁ ହେଉଛି । ଫେରିପଡି ଯାଉ ଯାଉ ନୂଆ ଦିଦି କହୁଥିଲେ ସେ ଦିଦି କାଲିଠୁ ହସ୍ପିଟାଲ ଆସିନାହାଁନ୍ତି । କେବେ ଡିଉଟିକୁ ଫେରିବେ ମତେ ଜଣା ନାହିଁ । ସମସ୍ତେ ସ୍ତବ୍ଧ. ଶୀତୁ ମଧ ନିଜ ଆଖି କାନକୁ ବିଶ୍ୱାସ କରିପାରୁନଥିଲା । ଶୀତୁଙ୍କ ପାଟିରୁ କାନ୍ଦ ମିଶା ସ୍ୱରରେ ବାହାରି ପଡିଲା ଦିଦିଙ୍କର କଣ ତାଙ୍କ ବୋଉଙ୍କ ପରି ରାହୁ ଦଶା ପଡିଥିଲା ନା କଣ, ଏମିତି କହିବାରେ ନୂଆ ଦିଦି ବଡ଼ପାଟିରେ କହୁଥିଲେ କିଏ କହିଲା ଏମିତି? ଏକଦମ ଚୁପ ! ତା ଆରଦିନ ଭାଇଙ୍କ ପାଖରେ ଶୀତୁକୁ ଛାଡି ସେ ୱାର୍ଡରେ ଆଉ କେହି ରୋଗୀ ନଥିଲେ. । ସମ୍ପର୍କୀୟ ମାନଙ୍କ ସହାୟତା ନେଇ ବ୍ୟାଣ୍ଡେଜ ଖୋଲି କାଲୁପଡା ସେକ ନେବାକୁ ସମସ୍ତେ ଚମ୍ପଟ ମାରିଥିଲେ । ନୂଆ ଦିଦି କହୁଥାନ୍ତି ତୁମେ ଆଉ କାହିଁ ବାକି ରହିବ ଶୀତୁ ଏଠି, ତୁମେ ବି ଘରକୁ ଯାଅ । ଶୀତୁ ଆଖିଏ ଲୁହ ନେଇ ଚାଲି ଯାଉ ଯାଉ ଭାବୁଥିଲା ଭଲ ଲୋକ ମାନଙ୍କର ରାହୁ କାହିଁ ଖରାପ ଘରେ ଥାଆନ୍ତି କେଜାଣି !

ପୁରୁଣା ହସ୍ପିଟାଲରୁ ବିଦାୟୀ ଡିଉଟି ସାରି ଖୁବ ଡେରି ରାତିରେ ଘରକୁ ଫେରୁଥାଆନ୍ତି ନୂଆ ଡାକ୍ତର ଅନିମେଷ ରାଉତରାୟ । ହେଡ ଲାଇଟରେ ଦେଖିଲେ କେହି ଜଣେ ପଡିଛି ରାସ୍ତାରେ । ପାଖକୁ ଯାଇ ଦେଖିଲେ ପୁରୁଷ ବା ଯୁବକ ନୁହେଁ ବରଂ ଯୁବତୀ ଜଣେ । ଏତେ ରାତିରେ ବିଚରା ଝିଅଟାକୁ ସାହାରା ନହେଲେ ମରିଯିବ ବିଚାରୀ । ଡାକ୍ତର ହିସାବରେ ସେ ଜାଣନ୍ତି ଆକ୍ସିଡେଣ୍ଟ ହେଉ ବା ରୋଗ । ଗୋଟେ ଗୋଲଡେନ ପିରିଅଡ ଥାଏ ରୋଗୀ ପାଇଁ । ଯେଉଁ ସମୟରେ ଉପଚାର କଲେ ନିଶ୍ଚିନ୍ତ ମୃତ୍ୟୁ ମୁଖରୁ ବଞ୍ଚିଯାଇ ପାରେ ରୋଗୀ । ଝିଅଟିର ନାଡି ଚାଲୁଛି ତ ହେଳା ନକରି ପଛ ସିଟରେ ଶୁଆଇ ଆଣିଲେ ହସ୍ପିଟାଲ ଅନିମେଷ । ପ୍ରାଥମିକ ଚିକିତ୍ସା ପରେ ସାଲାଇନ ଓ ଇଞ୍ଜେକେସନ ଦେବା ପରେ ମଧ ଚେତା ଫେରିନଥାଏ ଝିଅଟିର । କେତେ କଥା ଭାବୁଥାଆନ୍ତି ଅନିମେଷ । ଆଜିକାଲି ଝିଅ ମାନଙ୍କର ସ୍କୁଲ ଜୀବନ ପରେ କଲେଜକୁ ଆସି ଏଇ ପ୍ରେମ ଚକ୍କରରେ ପଡି ଏ ଅବସ୍ଥା । ପ୍ରତାରଣା ପାଉଛନ୍ତି ଅନେକ ତ ଗାଡି ଆଗକୁ ଡେଇଁ ପ୍ରାଣ ହରାଉଛନ୍ତି ମଧ ଅନେକ । ତା ଛଡା ଗୋଟେ ଝିଅ ହିସାବରେ ଏତେ ରାତିରେ ଏକୁଟିଆ ବାହାରକୁ ବାହାରିବା ତ ସ୍ୱାଧୀନତା ନାମରେ ଆସ୍ପାର୍ଦ୍ଧା କେବଳ । ଯେତେ କର୍ମଠ, ଚଳଚଞ୍ଚଳ, ଗତିଶୀଳ ପାଠୁଆ ଝିଅ ହୁଅନା କାହିଁକି ପୁରୁଷର ଲୋଲୁପ ଦୃଷ୍ଟିରୁ ବଞ୍ଚି ଆଜିଯାଏ ରାତିରେ ଏକାକୀ କିଏ ବା ବାଟ ଚାଲିପାରିଛି!ସ୍ୱପ୍ନ ଦେଖିବାକୁ ମନା ନାହିଁ କିନ୍ତୁ ସ୍ୱପ୍ନକୁ ସାକାର କରିବାକୁ ପଥ ଓ ପାଥେୟ ନିର୍ଣ୍ଣୟ କରିବା ପାଇଁ ସମାଜ, ପରିବାରର ଆବଶ୍ୟକତା ଯେତିକି ସେମାନଙ୍କ ସହମତିରେ କାମ କଲେ ମଧ ଜୀବନ ସୁଖମୟ ହୁଏ । କିଏ ଏହି ଝିଅ? କଣ ତାର ଠିକଣା? ଏମିତି କେତେ କଣ ଭାବୁ ଭାବୁ ଝିଅଟିର ଚେତା ଫେରିଥିଲା । କ୍ଷୀଣ କଣ୍ଠରେ ସେ ପାଣି ପାଣି ବୋଲି କହୁଥିଲା ତ ପାଣି ପିଆଇବାକୁ ଯାଇ ଚମକି ପଡିଲେ ଅନିମେଷ । ଏଯାଏଁ ଭଲକରି ଦେଖିନଥିବା ଝିଅଟିକୁ ସେ ଭଲ ଭାବେ ଜାଣନ୍ତି । ତାଙ୍କ ଗାଁର ଝିଅ ଶ୍ୟାମଳୀ । ପାଣି ପିଇ ସାରି ଝିଅଟିକୁ ଇଞ୍ଜେକ୍ସନ ଦେବା ପରେ ସେ ଶୋଇଗଲା କିନ୍ତୁ ଅନିମେଷଙ୍କର ଆଖି ପତା ଲାଗିଗଲା ।

ଫୋନ ରିଙ୍ଗ ହେବାରୁ ଉଠି ପଡି ଦେଖିଲେ ମାଆର ଫୋନ । ସବୁଦିନ ଡିଉଟି ସାରି ଘରକୁ ଫେରିଲେ ସେ ମାଆ ସହ କଥା ହୁଅନ୍ତି । ଯଦି କୋଉଦିନ କଥା ହୋଇପାରନ୍ତି ନାହିଁ ତ ମାଆ ଫୋନ କରି ଦେହମୁଣ୍ଡ କଥା ପଚାରିବା ସହ ଦିନଯାକର ଧାରାବିବରଣୀ ଦିଅନ୍ତି । କାଲି ସେ ଶ୍ୟାମଳୀର ଚିକିତ୍ସା ଭିତରେ ବୁଡି ରହି ମାଆଙ୍କୁ ଫୋନ କରିପାରିନାହାଁନ୍ତି କିନ୍ତୁ ପ୍ରତିବଦଳରେ ମାଆ ଫୋନ କରିପାରିନଥିବାର କାରଣ ବାହା ବେଦୀରୁ ଶ୍ୟାମଳୀର ନିଖୋଜ ଘଟଣା ଯୋଗୁଁ ଗାଁ, ସାଇ ଭାଇ ଓ ଶ୍ୟାମଳୀ ପରିବାରର ଦୁଃଖରେ ନିଜକୁ ସାମିଲ କରି ମାଆ କୈଫତର ଫର୍ଦ୍ଦ ସବୁ ବାଢିଲା ବେଳେ ଶ୍ୟାମଳୀ ମୋ ପାଖରେ ମାଆ କହିବାକୁ ଯାଇ ବେଡ୍ ଉପରେ ସେ ନଥିବା ଦେଖି ଚମକି ପଡିଲେ ଅନିମେଷ । ଡିଉଟିରେ ଥିବା ଅନ୍ୟ ଷ୍ଟାଫମାନେ ଅନିମେଷଙ୍କୁ ଦେଖି ଯେତିକି ବିଚଳିତ ଅନିମେଷ ଶ୍ୟାମଳୀଙ୍କ ଚିଠିଟିକୁ ପଢି ସେତିକି ଭାରାକ୍ରାନ୍ତ । ଶ୍ୟାମଳୀ ଲେଖିଥିଲା ସେଦିନ ଗାଁ ନଈରେ



ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

ବୁଡ଼ିଯାଉଥିଲା ବେଳେ ମତେ ଉଦ୍ଧାର କରି ପ୍ରଥମ ଜୀବନ ଦାନ କରିଥିଲ | ପୁନର୍ଜନ୍ମର ସେହି ପ୍ରଥମ ଦିନରୁ ମୁଁ ତୁମକୁ ହୃଦୟ ସିଂହାସନରେ ବସାଇ ସାରିବା ପରେ ଆଉ କାହା ହାତ କେମିତି ଧରିଥାନ୍ତି କୁହ ଅନିମେଷ? ଆଜି ଜୀବନ ହାରୁ ହାରୁ ପୁଣି ତୁମ ହାତରେ ଦ୍ଵିତୀୟ ଥର ପୁନର୍ଜନ୍ମ ପାଇଥିଲେ ବି ତୁମେ ବା ତୁମ ମାଆ ମତେ କେବେବି ଗ୍ରହଣ କରିବ ନାହିଁ | ସେଦିନ ଏକା କଲେଜରେ +2 ରେ କଲେଜରେ ତୁମ ଜୁନିଅର ଥିଲା ବେଳେ, ଅନେକ ପୁଅଙ୍କ ପ୍ରେମ ପ୍ରତ୍ୟାଖ୍ୟାନ କରିବାକୁ ଯାଇ ତୁମକୁ ମୋ ପ୍ରେମିକ ବୋଲି ଦେଖାଇ ଦେଇଥିବାରୁ ଯୋଉ ଅପମାନ ପାଇଛି ତୁମଠୁ ଭୁଲିନି ଏଯାଏଁ | ମାଉସୀ ଅର୍ଥାତ ତୁମ ମାଆଙ୍କ ପାଖରେ ମୋ ମାଆ ତୁମ ପାଇଁ ମୋ ପ୍ରସ୍ତାବ ନେଇ ଯିବାରେ ମଧ କାଳୀ ଝିଅ, ଅଟିଜିମ ଆକ୍ରାନ୍ତ ଝିଅ କହି ତୁମ ମାଆ ଯେଉଁ ଅପମାନ ଦେଇଛନ୍ତି ତାହା ମଧ ଭୁଲିନି | ତୁମେ ଆଜି ଖାଲି ମୋର ମନ ତଳର ପ୍ରେମିକ ନୁହଁ ବରଂ ମୋ ଭଗବାନ ପାଲଟି ଯାଇଛ | ମୁଁ ନର୍ସିଙ୍ଗ କରି ବର୍ତ୍ତମାନ ଯୋଉଠି କାର୍ଯ୍ୟରତ ସେହି ସ୍ଥାନକୁ ଫେରିଯାଉଛି | ହଠାତ ନୂଆ ନର୍ସ ଦିଦି ଅନିମେଷଙ୍କ ପାଟିରୁ ଶ୍ୟାମଳୀ ନାମ ଶୁଣି ଚମକି ପଡି କହିଥିଲେ ସେ ତ ଏଇ ହସ୍ପିଟାରେ ଚାକିରୀ କରନ୍ତି | ମିଠା କଥା ସହିତ ମିଠା ବ୍ୟବହାର ଦେଖାଇ ରୋଗୀର ଗୋଲଡେନ ପିରିଅଡ ଫେରାଇ ଆଣି ନୂଆ ଜୀବନ ଦେଇପାରନ୍ତି | କାଲିଠାରୁ ଦିଦି ଛୁଟିରେ ଗାଁକୁ ଯିବାରୁ ଆଜି ପ୍ରାୟେ ସବୁ ୱାର୍ଡର ରୋଗୀ ଫେରାର | ଏଠି ଶ୍ୟାମଳୀଙ୍କୁ ସମସ୍ତେ ଦେବୀ ମାନୁଥିଲେ | ସମସ୍ତ ଦୀନ ହୀନ ଦୁଃଖୀରଙ୍କି ଙ୍କର  ସେ ନାଇଟିଙ୍ଗେଲ ଥିଲେ | ରୋଗମାନଙ୍କ ସୁଖ ଦୁଃଖରେ ସାମିଲ ହୋଇ ଏବଂ ଆଦିବାସୀ ଓ ହରିଜନ ପିଲାମାନଙ୍କୁ ପାଠ ଶାଠ ପଢ଼େଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ଆପ୍ରାଣ ଉଦ୍ୟମ ଜାରି ରଖିଥିଲେ ଶ୍ୟାମଳୀ | ଅନିମେଷ ଦେଖିଲେ ତାଙ୍କ ଗ୍ରାମରପ୍ରାୟ ସମସ୍ତ ଲୋକଙ୍କ ସହ ମାଆ ଓ ସାଥିରେ ଶ୍ୟାମଳୀ | ମାଆ ଓ ଶ୍ୟାମଳୀଙ୍କୁ ଏକାଠି ଦେଖି ଅନିମେଷ କିଛି ବୁଝିପାରୁନଥିଲା ବେଳେ ନିଜ ରକ୍ତଦେଇ ମାଙ୍କୁ ଛୋଟ ଗୋଟେ ଦୁର୍ଘଟଣରୁ ରକ୍ଷା କରି ହସ୍ପିଟାଲ ନେଇ ଆସିଛନ୍ତି ବୋଲି ଶୀତଙ୍କ ଠାରୁ ସବୁ ଜାଣି ଓ ଶୁଣି ଅନିମେଷ ତୁରନ୍ତ ମାଆ ଓ ଶ୍ୟାମଳୀଙ୍କ ସେବା ଶୁଶୃଷାରେ ଲାଗିପଡିଲେ | ମାଆ ଆଖି ଖୋଲିଲେ ହେଲେ ଖୋଲୁନଥିଲେ ଶ୍ୟାମଳୀ | ମାଆ କହୁଥିଲେ ଆଖି ଖୋଲ ଶ୍ୟାମଳୀ, ତୋ ରକ୍ତ ନେଇ ମୁଁ ବଞ୍ଚି ଲାଭ କଣ ମାଆ | ମୁଣ୍ଡ ଉପରେ ଛାତ ନଥିଲେ ସେ ଘର ଯେମିତି ରହିବା ଯୋଗ୍ୟ ନୁହେଁ, ତୋ ପରି ମଜଭୁତ କାନ୍ଥ ନଥିଲେ, ଘରକୁ ଖୋଲା ଅଗଣା ପରି ତୁ ନଥିଲେ ମୁଁ ବଞ୍ଚି ଲାଭ କଣ ଝିଅ! ମାଆ ଦେବୀ ଦୁର୍ଗା ମୋ ବୋହୁ ଶ୍ୟାମଳୀକୁ ରକ୍ଷା କର | ମାଆଙ୍କ ବୋହୁ ବୋଲି ସମ୍ବୋଧନରେ କେଜାଣି କାହିଁକି ଅନିମେଷଙ୍କୁ ଆଜି ଶତସିଂହର ବଳ ଆସୁଥିଲା ତ ଶ୍ୟାମଳୀଙ୍କୁ ବଞ୍ଚାଇବାରେ ଆପ୍ରାଣ ଉଦ୍ୟମ ଜାରି ରଖିଥିଲେ ସେ | ଉଭୟ ପକ୍ଷର ଗ୍ରାମବାସୀ, ଶ୍ୟାମଳୀଙ୍କ ପିତା,ମାତା ଓ ଆତ୍ମୀୟ ସ୍ଵଜନଙ୍କ ଡାକ ଦେବୀ ମାଆ ଶୁଣିଲେ | ଉଠିବସିଲେ ଶ୍ୟାମଳୀ କିନ୍ତୁ ଅନିମେଷଙ୍କ ଅତ୍ୟଧିକ ଶାରୀରିକ କ୍ଳାନ୍ତି ଓ ପରିଶ୍ରମ ଯୋଗୁଁ ତାଙ୍କୁ ମଧ ସାଲାଇନ ଓ ଇଞ୍ଜେକ୍ସନ ଦିଆଇ ଶୁଆଇ ପକାଇବା ପରେ ସେ ଉଠିଲେ ସାଷ୍ଟାଙ୍ଗ ହୋଇ | ମାଦଳ ତାଳେ ତାଳେ ମହୁଲି ପିଇ ନାଚୁଥିଲେ ସମସ୍ତେ ଖୁସିରେ | ଶ୍ୟାମଳୀ ଦିଦିଙ୍କ ମିଠା କଥାରେ ଶୀତୁ ମଧ ଭାଇ ତାଙ୍କର ଭଲ ହୋଇଯିବା ପରେ ଫେରିଯାଇଥିଲେ ତାଙ୍କ ଶାଶୁ ଘରକୁ |







ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୃତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

# ବୋଲବମ୍...



**ଦୀପକ କୁମାର ନାୟକ**
ଗଣ୍ଡାନାଳୀ,
ହିନ୍ଦୋଳ,ଢେଙ୍କାନାଳ

ବୋଲବମ୍ ଯିବା ପାଇଁ କାଉଡ଼ିଆ
ଥିଲା ଶ୍ରାବଣକୁ ଚାହିଁ ,
ଆସିଯିବା କ୍ଷଣୀ ବାହାରି ପଡ଼ିଲା
କାନ୍ଧେ ପାଣି ଭାର ନେଇ ।।
କେତେକେତେ ବାଟ ପାଦରେ ଚାଲେ ତା
ମାନସିକ ପୂରା ପାଇଁ ,
ଯେତେ କଷ୍ଟ ତାକୁ ହେଉଥିଲେ ମଧ
ପଛଘୁଞ୍ଚା ଦିଏ ନାହିଁ ।।
କାନ୍ଧରେ ବାହୁଙ୍ଗୀ ତୁଣ୍ଡେ ହର ହର
ମହାଦେବ ନାମ ଜପି ,
କାଉଡ଼ିଆ ଦେଖ ଯାଉଛି କେମିତି
ପାଦ ତାର ଚାପି ଚାପି ।।
ଖାତିର୍ ନକରି ଖରା ବରଷାକୁ
ଏକଲୟେ ଚାଲିଥାଏ ,
ପାଦେ କଣ୍ଟା ଫୁଟୁ ହେଉବା ଫୋଟକା
ତଥାପି ଥକି ନଯାଏ ।।
ଦେବ ଦେବ ମହାଦେବଙ୍କ ଉପରେ
ଅଗାଢ଼ ବିଶ୍ୱାସ ରଖି ,
ଯାଇ ତାର ଲିଙ୍ଗେ ପାଣି ଢାଳିଥାଏ
ମନେ କେତେ ଆଶା ରଖି ।।
ସୋମବାରେ ପାଣି ଢ଼ାଳି ଆନନ୍ଦରେ
ଘରକୁ ତା ଫେରିଥାଏ ,
କେବେ ପୂର୍ଣ୍ଣ ହେବ ମାନସିକ ତାର
ତା ବାଟକୁ ଚାହିଁଥାଏ ,
ତା ବାଟକୁ ଚାହିଁଥାଏ ।।





ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

## ଚିଲିକା...



**ପ୍ରଣତି ସେଠୀ**
ରମ୍ଭା, ଗଞ୍ଜାମ

ଦେଖୁଥିଲି ତୋର ସୁନେଲି ରୂପ କୁ
ମୁଗ୍ଧ କରିଦେଲା ମୋ ମନ ରାଇଜକୁ
ତୋ ମନୋହାରିଣୀ ଦେଖି ରୂପକୁ
କିଏବା ଆକଳନ କରିବ ତୋ ରୂପ ଗରିମାକୁ।।

ଭାଲେରି ଶିଖରୁ ଆସୁ ଯେବେ ତୁହି
ଅନାଇଁ ରହିଛି ତୋ ରୂପ ଦେଖିବା ପାଇଁ
ତୋର ସୁନେଲି କିରଣ ଦେଖେ ଯେବେ ମୁହିଁ
ମନ ରୁହେ ନାହିଁ ସ୍ଥିର କାଇଁପାଇଁ ।।

ମଝିରେ ଅଛନ୍ତି ମା କାଳିଜାଇ
ଚାରୁ ଚିତ୍ରପଟ ଦେଖିବା ପାଇଁ
ତୋରି ଲାଗି ମନସ୍କାମନା ପୂରଣ ପାଇଁ
କେତେ ଦୂରରୁ ଲୋକେ ଆସନ୍ତି ଧାଇଁ ।।



ଦେଖିଥିଲି ତୋର ନଳବଣ କୁ
ଆସୁଛନ୍ତି ଖଗ କେତେ ତୋ କୋଳ କୁ
ଦେଖି ସେସବୁ ମନ ଆକାଶକୁ
ବିମୋହିତ ହେଉଛି ଅସଜଡ଼ା ମନକୁ ।।

ଦେଖୁଥିଲି ତତେ ମୁହିଁ ଏକା ନୟନରେ
ନାଉରୀ ଆହୁଲା ମାରେ କାତୁଆ ଡଙ୍ଗାରେ
ଦୂରୁ ଦୃଶ୍ୟମାନ ରମ୍ଭା,ପାଲୁରୁ, ମାଲୁଦରେ
ସନ୍ଧ୍ୟା ନଇଁବା ଦୃଶ୍ୟ ତାର ଦେଖିବ ଥରେ ।।

# ଆମେ ବୋଧେ ଶେଷ ପିଢ଼ି...



**ରାମ ଚନ୍ଦ୍ର ପ୍ରଧାନ**
ଶିକ୍ଷକ, ଟେକ୍ନିକାଲ୍ ହାଇସ୍କୁଲ୍,
ଆସିକା, ଗଞ୍ଜାମ

ନଡ଼ା ଛପରର ଝାଟିମାଟି ଘରେ
ଆମେ ବୋଧେ ଶେଷ ପିଢ଼ି ,
କାନ୍ଧରେ ବସ୍ତାନି ପଟା, ଖଡ଼ି ଧରି
ଯାଉଥିଲୁ ପାଠ ପଢ଼ି ।
ଜେଜେମା' ଆଇ ଠୁ ଶୁଣୁଥିଲୁ ଆମେ
ପରୀ ରାଇଜର କଥା ,
ଗୁରୁଜନ ପ୍ରତି ଭକ୍ତି ଭାବ ରଖି
ନୋଉଁଥିଲୁ ଆମେ ମଥା ।
ଲଣ୍ଠନ,ଡିବିରି ଲୋଡ଼ା ହେଉଥିଲା
ସେତେବେଳେ ଅନ୍ଧାରରେ ,
ଟେଲିଗ୍ରାମ୍ ଯୋଗେ ଜରୁରୀ ଖବର
ପହଞ୍ଚୁଥିଲା ପାଖରେ ।
ଗାଆଁ ପିଲାମାନେ ମଜା ନେଉଥିଲେ
ଟାୟାର, ରିମ୍ ଗଡ଼ାରେ ,
କବାଡ଼ି, ଦାଣ୍ଡିଆ ପୁଚି, ବୋହୂଚୋରୀ
ଜମୁଥିଲା ଗାଁ' ଦାଣ୍ଡରେ ।
ଆମ ଠାରୁ ଶେଷ ତାଳପତ୍ର ପଙ୍ଖା
ଆଟୁ ଘରେ ଶୁଆ ମଜା ,
ଶେଷ ପିଢ଼ି ଆମେ ଖାଉଥିଲୁ କିଣି
ଗୁଡ଼ିଆ ଦୋକାନ ଖଜା ।
ଟିଣ ଡ଼ବା ପିଟି ଗଡ଼ି ଯାଉଥିଲୁ
ସାଙ୍ଗସାଥି ମିଳିମିଶି ,
କଙ୍କି ଲାଙ୍ଗୁଡ଼ରେ ସୁତା ବାନ୍ଧି ଆମେ
ମଜା କରୁଥିଲୁ ବେଶି ।
ସେକାଳ ପଖାଳ ଆଜି ଆଉ ନାହିଁ
ଯାଇଛି କୁଆଡ଼େ ହଜି ,
ଏ ଯାନ୍ତ୍ରିକ ଯୁଗେ ପଥଭ୍ରଷ୍ଟ ଆମେ
ପାଶ୍ଚାତ୍ୟ ଢଙ୍ଗରେ ମଜି ।





ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

## ଆସିବନି ପିଲାଦିନ...



**ଶିଶିର କୁମାର ପଣ୍ଡା**
କୁଆଁସ , ମେରଦା କାଟିଆ ,
ଯାଜପୁର


କାହିଁ ମୋର ପିଲାଦିନ ଆସନ୍ତାକି ଫେରି
ଆଦରି ନିଅନ୍ତି ତାକୁ ନକରିକି ଡେରି ।
ଚାଟଶାଳୀ ଯାଇ ମୁହିଁ ପଢୁଥାନ୍ତି ପାଠ
ଛାଟିପିଟି ହେଉଥାନ୍ତି ଦେଖେଇଲେ ଛାଟ ।
ପଙ୍କ ଚିପିଚିପି ଆସି ଧରୁଥାନ୍ତି ମାଛ
ଗାଆଁ ବୁଲି ଦେଖୁଥାନ୍ତି କଣ୍ଢେଇର ନାଚ ।
ସୁନାରଙ୍ଗୀ ଧାନବିଲେ ଧରୁଥାନ୍ତି କଙ୍କି
ନିଜ ଛାଇ ନିଜେ ଦେଖି ପଡୁଥାନ୍ତି ଶଙ୍କି ।
ଶିରାମ , ମଧୁଆ କକା ହେଲେ ମୋର ସାଥି
ଲୁଡୁ ଖେଳେ ବିତିଯିବ ଦିନ ଆଉ ରାତି ।
ଝଗଡ଼ା କରନ୍ତି ଯାଇ ନିଳାନାନୀ ସାଥେ
କଙ୍କଡ଼ା ଖୋଜନ୍ତି ହାତ ପୁରେଇକି ଗାତେ ।
କାଳିଆ , ବାବୁଲା ସାଥେ ଖେଳନ୍ତି କ୍ରିକେଟ
କୁଆଁସ ଡିହରେ ସଞ୍ଜେ ନିତି ଆମ ଭେଟ ।
ବୋଉସାଥେ ବୁଲିବାକୁ ଗଲେ ମାମୁ ଘର
ଭୋଳି , ସୁକ , ମିନି , ରୁଣ୍ଡା କରନ୍ତେ ଆଦର ।
ଏବେ ମୋ ବୟସ ଆସି ଷାଠିଏକୁ ଛୁଏଁ
ଆସିବନି ପିଲାଦିନ ନୁହେଁ ଆଉ ନୁହେଁ ।





ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

# ଜୀବନ...



ଚିତ୍ତରଞ୍ଜନ ମେହେର
ଭବାନୀପାଟଣା , କଳାହାଣ୍ଡି

ଛୋଟ ବେଳୁ ଯଦି ଛୁଆକୁ ବନ୍ଧୁକ ଧରିବା ଶିଖାଇବା
ତାହେଲେ ସେ କଣ ଆଧାତ୍ମିକତା ଶିଖିବ ,
ସେ ତ' ଦିନେ ଅନ୍ୟ ଦିଗକୁ ଚାଲିଯିବ ।

ଭାବୁଥିବ ଛୁଆ ମୋର ବନ୍ଧୁକ ଧରିଲେ
ଦେଶ ପାଇଁ ଜୀବନ ଦେବ ,
ସେ ଦିନେ ତୁମକୁ ପଇସା ପାଇଁ ହତ୍ୟା କରିବ।

ଛୋଟ ବେଳୁ ଯଦି ଛୁଆକୁ ପଇସା ଦେବା
ତାହେଲେ ସିଏ ବଡ ହେଲେ କାମ କରିବ ନାହିଁ ,
ଅଳସୁଆ ହୋଇ ଘରେ ବସି ରହିବ ।

ଯୌବନରେ ଯଦି ଛୁଆକୁ ସତର୍କ ନ କରିବ
ତାହେଲେ ସିଏ ଦୁଷ୍ଟ ହୋଇ ଯିବ ,
ଆଉ ନାରୀ ପଛେ ପଛେ ବୁଲିବ।

ଯୌବନର ରସ ଝରୁ ଥାଏ କେତେ ମଧୁର
ଭମର ପାଗଳ ଖୋଜି ବୁଲେ କେତେ ଫୁଲ ରସ ,
ବେଳ ଥାଉ ଥାଉ ବଦଳି ଯିବା ଭାଗ୍ୟର କଥା
ଖରାପ ରାସ୍ତାକୁ ନଯାଇ ଭଲ ବାଟକୁ ଚାଲି ଆସିବା କଥା ।

ଜୀବନର ମାନେ କିଛି ନାହିଁରେ ଭାଇ
ଶେଷ ବେଳେ ଯିବେ ସମସ୍ତେ ମଶାଣିକୁ
ଏ ଦେହକୁ ନେଇ କାହିଁ ଏତେ ଆଶାକରୁଛୁ
ମିଶି ଯିବ ପଞ୍ଚମହାଭୂତରେ ।




ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ,  ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ,  ମୁଖ୍ୟ-ପରିଚାଳିକା : ଶିବଦୂତି ପାଣିଗ୍ରାହୀ,  ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

# କୋହ...




ସ୍ନିଗ୍ଧାରାଣୀ ପୁରୋହିତ
ସମ୍ବଲପୁର

କିଛି ମାସ ହେବ ବିଦ୍ୟାଳୟ ଓ କଲୋନୀ ର ପରିବେଶ ପୁରାପୁରି ସଙ୍ଗୀତମୟ ହୋଇ ଯାଇଥାଏ। କାରଣଟା ବୋଧହୁଏ ଏଠି ସଙ୍ଗୀତ ପ୍ରେମୀ ଯେତେ , ଗାୟକ ଗାୟିକା ମଧ୍ୟ ସେତେ। ବିଦ୍ୟାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀ ଠୁ ନେଇ ପ୍ରକଳ୍ପର ନିର୍ଦ୍ଦେଶକ ପର୍ଯ୍ୟନ୍ତ ଗୀତ ଗାଇବାରେ ଧୁରନ୍ଧର। ସେଥିରେ ପୁଣି ଏ ଭିତରେ ସଂଗୀତ ପ୍ରତିଯୋଗୀତା, ବିଦ୍ୟାଳୟର ବାର୍ଷିକୋତ୍ସବ ସହିତ ଅନେକ ଗୁଡ଼ିଏ ନାମକରଣୋତ୍ସବ ,ଜନ୍ମୋତ୍ସବ, ବିବାହୋତ୍ସବ ,ବିଦାୟୀ ଉତ୍ସବ ଇତ୍ୟାଦି ପରିବେଶ ଟିକୁ ଆହୁରି
ସଙ୍ଗୀତ ମୟ କରିଦେଇଥାଏ। ଏପରିକି ଚାରି ପାଞ୍ଚ ଜଣ ଏକାଠି ହେଲେ ସଙ୍ଗୀତ ଆସର ଆରମ୍ଭ ହୋଇ ଯାଉଥାଏ ।

ବିଲାସପୁର ରୁ ଅଳ୍ପ ଦୂରରେ ଥିବା ଏକ ପ୍ରକଳ୍ପ । ଛୋଟ ଏକ କଲୋନୀ। ସେହି ପ୍ରକଳ୍ପର ବିଦ୍ୟାଳୟରେ ଓଡିଶାର ବିଭିନ୍ନ ପ୍ରାନ୍ତରୁ ଆମେ ନୂଆଁ ହୋଇ ଯୋଗ ଦେଇଥାଉ ସାତ /ଆଠ ଜଣ ଶିକ୍ଷୟିତ୍ରୀ । ପ୍ରାୟ ସମସ୍ତେ ସମବୟସ୍କ ହୋଇଥିବାରୁ ଓ ପାଖାପାଖି କ୍ୱାର୍ଟର ରେ ରହୁଥିବାରୁ ପରିବେଶ ଟା ସର୍ବଦା ହସଖୁସିରେ ଉଛୁଳି ପଡୁଥାଏ। ଗପସପ, ଖେଳକୁଦ, ବୁଲାବୁଲି , ଅନ୍ତାକ୍ଷରୀ ଖେଳିବା, ଭୋଜିଭାତ ଓ ସଙ୍ଗୀତ ଆସର କରିବା ରେ ସନ୍ଧ୍ୟା ବେଳ ଓ ଛୁଟି ଦିନ ସବୁ ବିତି ଯାଉଥାଏ।

ବିଦ୍ୟାଳୟରେ ଥିବା ପାଞ୍ଚ ଜଣ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ମଧ୍ୟରୁ କେବଳ ଯୁଗଳ ହିଁ ଆମ କ୍ୱାର୍ଟର ଠୁ ଅଳ୍ପ ଦୂରରେ ଏକ କ୍ୱାର୍ଟର ରେ ରହୁଥାଏ। ବହୁତ ମାର୍ଜିତ ବ୍ୟବହାର ତା'ର। ବହୁତ ସାହାଯ୍ୟ କାରୀ ,ଆଜ୍ଞାଧିନ ଓ ବିଶ୍ୱାସୀ ହୋଇଥିବାରୁ ସମସ୍ତେ ତାକୁ ବହୁତ ଆଦର କରନ୍ତି। ବାରମ୍ବାର କଣ୍ଠା ବାଡେଇ କିମ୍ବା ଆସବାବପତ୍ର ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ବୋହି କ୍ଳାନ୍ତ ହୋଇଯାଇଥିବା ଯୁଗଳ କୁ
ଦେଖି କେହି "ବହୁତ କଷ୍ଟ ହେଉଛି କି ? "ବୋଲି ପଚାରିଲେ ସଙ୍ଗେ ସଙ୍ଗେ ଉତ୍ତର ଦିଏ ,"ନା ମେଡମ୍ ଏଟା କି କଷ୍ଟ । ଆପଣମାନଙ୍କ ପରି ପାଠ ପଢିଥିଲେ ପିଲାମାନଙ୍କୁ ପଢ଼ୋଉଥାନ୍ତି। ପିଲାଦିନେ ପାଠ ତ ପଢିଲି ନାହିଁ। ବିଦ୍ୟାଳୟକୁ ଯିବା ସମୟରେ ଲୁଚି ବସିଲି ଏବେ ତ ଏ ସବୁ କାମ କରିବାକୁ ପଡ଼ିବ।"

ଯୁଗଳ ର ବୟସ ପ୍ରାୟ ୨୫/୨୬ ବର୍ଷ ହେବ। ଖୁବ୍ କମ୍ ବୟସରୁ ବାହାଘର ହୋଇଥିବାରୁ ବର୍ଷେ, ଦେଢ଼ ବର୍ଷ ବ୍ୟବଧାନରେ ତା'ର ଚାରୋଟି ସନ୍ତାନ ଅଛନ୍ତି। ଅଭାବି କୁଟୁମ୍ବ। ସେ ଗୀତ ଗାଇବାକୁ ଖୁବ୍ ଭଲ ପାଏ। ବହୁତ ସୁନ୍ଦର ଭି ଗାଏ। କିଶୋର କୁମାର ଙ୍କ ଗୀତ, ଅନୁପ ଜୋଲଟାଙ୍କ ଭଜନ ଓ ଗଜଲ୍ ପ୍ରାୟ ଗାଏ। ତା'ର ନାମ ଯୁଗଳ କିଶୋର ହୋଇଥିବାରୁ କାର୍ଯ୍ୟକ୍ରମ ଗୁଡ଼ିକରେ ଉଦଘୋଷକ ତା'ର ପରିଚୟ ଦେବାକୁ ଯାଇ ଡବଲ୍ କିଶୋର କୁମାର ବୋଲି କହିଥାନ୍ତି। ସେ ଭି ସତରେ ଏତେ ସୁଲଳିତ କଣ୍ଠରେ ଗାଇପାରେ ଯେ ସମସ୍ତ ଶ୍ରୋତା ଙ୍କୁ ମନ୍ତ୍ରମୁଗ୍ଧ କରିଦିଏ। ଶ୍ରୋତା ମାନେ ବାରମ୍ବାର ତା'ର ଗୀତ ଶୁଣିବା ପାଇଁ ଉତ୍କଣ୍ଠା ର ସହିତ ଅପେକ୍ଷା କରି ରୁହନ୍ତି।

ବିଦ୍ୟାଳୟର ପ୍ରାଚାର୍ଯ୍ୟ ଙ୍କ ଚାକିରି ରୁ ଅବସର ଥିବାରୁ ତିନିଦିନ ବ୍ୟାପୀ ବିଦାୟୀ ସମ୍ବର୍ଧନା କାର୍ଯ୍ୟକ୍ରମ ଚାଲିଥାଏ। ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ସମସ୍ତଙ୍କ ର ଅପେକ୍ଷା ଥାଏ। ଯୁଗଳ



ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
MSME
UDYAM-OD-13-0044620

କଣ୍ଠରୁ ଗୀତ ଶୁଣିବା ପାଇଁ। ଅନ୍ତିମ ଦିନର ବିଦାୟୀ କାର୍ଯ୍ୟକ୍ରମରେ ଯୁଗଳ ସମସ୍ତ ଙ୍କୁ ମନ୍ତ୍ରମୁଗ୍ଧ କରିଦେଇ ଗାଇଲା ରାଜ୍ ଇଲ୍ହାବାଦିଙ୍କ ରଚିତ 'ଲଜତେ ଗମ୍ ବଢ଼ା ଦିଜିଏ' ଗଜଲ୍ ଟି। ସେ ଏତେ ନିଖୁଣ ଭାବରେ,ଗାମ୍ଭୀର୍ଯ୍ୟ ପୂର୍ଣ୍ଣ କଣ୍ଠରେ ଗାଇଲା ଯେ ,ସମସ୍ତ ଉପସ୍ଥିତ ଶ୍ରୋତା ସ୍ତବ୍ଧ ହେଇଗଲେ । କରତାଳି ର ଗୁଞ୍ଜନରେ ସ୍ଥାନଟି ପ୍ରକମ୍ପିତ ହେବାକୁ ଲାଗିଲା। ସମସ୍ତେ ଭାବବିହ୍ୱଳ ହୋଇ ତାକୁ ପ୍ରଶଂସା କରିବାକୁ ଲାଗିଲେ। ଏହାର ଦୁଇ ଦିନ ପର୍ଯ୍ୟନ୍ତ ସେ କଲୋନୀର ପରିବେଶ ଟି ସମ୍ପୂର୍ଣ୍ଣ ସଙ୍ଗୀତ ମୟ ହୋଇଯାଇଥାଏ। ଯୁଗଳ ର ସୁମଧୁର, ଗାମ୍ଭୀର୍ଯ୍ୟ ପୂର୍ଣ୍ଣ କଣ୍ଠର ସେ ଗଜଲ୍ ଟି ସମସ୍ତଙ୍କ କାନରେ ପ୍ରତିଧ୍ୱନିତ ହେଉ ଥାଏ। ଆପଣା ଛାଏଁ ସମସ୍ତଙ୍କ ଓଠରେ ଗଜଲ୍ ଟି ଗୁଞ୍ଜରିତ ହେଉଥାଏ।

ଠିକ୍ ଏହି ସମୟରେ ଆମେ ଖବର ପାଇଲୁ ଯୁଗଳ ଅସୁସ୍ଥତା ଯୋଗୁଁ ଡ଼ାକ୍ତରଖାନାରେ ଭର୍ତ୍ତି ହୋଇଛି। ସମସ୍ତେ ବିବ୍ରତ ହୋଇପଡ଼ିଲେ। କ'ଣ ହୋଇଛି ଯୁଗଳ ର ? ଏଇ ତ ଦୁଇ ଦିନ ପୂର୍ବରୁ ସେ ଖୁବ୍ ସୁସ୍ଥ ଥିଲା।

ଜଣେ ସାର୍ କହିଲେ, "ଯଦି ଯୁଗଳ କୁ ଦେଖିବାକୁ ଚାହୁଁଛନ୍ତି, ଶିଘ୍ର ଯାଆନ୍ତୁ । ଅଧଘଣ୍ଟା ଭିତରେ ତାକୁ ଏଠୁ ବିଲାସପୁର ଡାକ୍ତରଖାନା ନିଆ ହେବ।" ଆମେ ତରତର ହୋଇ ଯୁଗଳ କୁ ଦେଖିବାକୁ ଗଲୁ। ଯୁଗଳ ଗଭୀର ନିଦରେ ଶୋଇଥିଲା। ଆମ ଡାକ ଶୁଣି ଉଠି ବସିଲା। ହାତ ଯୋଡି ନମସ୍କାର କଲା। କିନ୍ତୁ ବେଶି ସମୟ ବସି ପାରିଲା ନାହିଁ। ପଚାରିଲା ,"ମତେ ନିଦ ଲାଗୁଛି ମୁଁ ଶୋଇବି କି ମେଡମ୍?" ଆମ ଉତ୍ତର କୁ ସେ ଆଉ ଅପେକ୍ଷା କରି ପାରିଲା ନାହିଁ। ଆମେ କିଛି କହିବା ପୂର୍ବରୁ ସେ ଗଭୀର ନିଦରେ ଶୋଇପଡ଼ିଲା। କିଛି ସମୟ ତା'ର ଖଟ ପାଖରେ ଛିଡ଼ା ହେବାପରେ ଆମେ ଫେରି ଆସିଲୁ। ସମସ୍ତେ ଚିନ୍ତିତ ଥାଉ 'ହଠାତ୍ ଏମିତି କ'ଣ ହେଲା?'

ସନ୍ଧ୍ୟାରେ ଯୁଗଳ ର ଦେହାନ୍ତ ଖବର ଆସିଲା। ଖବର ଟି ସମସ୍ତଙ୍କୁ ହତଚକିତ କଲା। କାରଣ ଟା ସଠିକ୍ ଭାବରେ ଜଣା ପଡ଼ିଲା ନାହିଁ। କିଏ କହୁଥାଏ ସାପ କାମୁଡି ଦେଇଥିଲା। ପୁଣି ଅନ୍ୟ କେହି କହୁଥିଲେ ବିଷାକ୍ତ ମଦ୍ୟପାନ ତ ଆଉ କିଛି ଜଣ ଫୁସୁରୁ ଫାସୁର୍ ହେଉଥିଲେ ବଦଭ୍ୟାସ ଯୋଗୁଁ ଋଣ ଗ୍ରସ୍ତ ଥିଲା ତେଣୁ ବିଷପାନ କରିଥିଲା। ସେ ଯାହା ଭି ହେଉ ଏ ଅଭାବନୀୟ ଘଟଣା ସମସ୍ତଙ୍କ ମନରେ ଗଭୀର ରେଖାପାତ କରିଥାଏ।

ହସଖୁସିର ପରିବେଶ ଦୁଃଖଦ ହୋଇଯାଇଥାଏ। ଅନେକ ଦିନଯାଏ ସମସ୍ତେ ଉଦାସ ଓ ଆନମନା ହୋଇ ଯାଇଥାନ୍ତି।କେହି କାହାର ସଙ୍ଗରେ ଅତି ଆବଶ୍ୟକ ନ ହେଲେ କଥା ହେଉ ନ ଥାନ୍ତି।

କିଏ କାହାକୁ ବା ବୁଝାଇବ । ମୃତ୍ୟୁ ଯେ ଚିରନ୍ତନ ସତ୍ୟ ସମସ୍ତେ ଜାଣନ୍ତି। ବୃଦ୍ଧାବସ୍ଥା ରେ ମୃତ୍ୟୁ ହେଲେ ସୁଦ୍ଧା ପରିବେଶ ଟି କିଛି ଦିନ ପାଇଁ ପୁରା ବଦଳି ଯାଏ । ଅଳ୍ପ ବୟସରେ ଅକାଳ ମୃତ୍ୟୁ ତ ଅସହ୍ୟ ହୋଇଯାଏ। ସେଥିରେ ପୁଣି ଅସମୟରେ ଅପମୃତ୍ୟୁ ବାତାବରଣ ଟିକୁ ଦୁଃଖଦ କରିବା ସହିତ ଭୟାବହ କରିଦିଏ।

ସେଥିପାଇଁ ବୋଧ ହୁଏ ମୃତବ୍ୟକ୍ତିର ପରିବାର ବର୍ଗ ଓ ଜ୍ଞାତି ପରିଜନଙ୍କ ପାଇଁ ଏତେ ନିତି ନିୟମ ଅଛି । ଯେଉଁ ବାହାନାରେ ଘରକୁ ଲୋକଙ୍କ ଯିବା ଆସିବା ଲାଗି ରହିବ। ପରିବାରର ସଦସ୍ୟମାନେ ବିଭିନ୍ନ କାମରେ ବ୍ୟସ୍ତ ରହିବେ । ଯାହା ଦ୍ୱାରା ସେ ଦୁଃଖ, ଯନ୍ତ୍ରଣା,କୋହ, ଦୁଶ୍ଚିନ୍ତା ରୁ ଧ୍ୟାନ ଧ୍ୟରେଧିରେ କିଛି ମାତ୍ରାରେ ଦୂର ହୋଇଯିବ।

ଆମର ପୂର୍ବପୁରୁଷ ମାନେ ସତେ କେତେ ଦୂରଦର୍ଶୀ ଥିଲେ।କାଳେ କେହି ଅତି ଦୁଃଖରେ ବିତସୃହ ହୋଇ ଦୈନନ୍ଦିନ ଜୀବନର କାର୍ଯ୍ୟ ପ୍ରତି ବିମୁଖ ହୋଇଯିବେ ସେଥି ନିମନ୍ତେ ଖାଇବା



ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

ପିଇବା ଠୁ ନେଇ ନଖ,ବାଳ କାଟିବା, ଗାଧୋଉବା, ନୂଆ ଲୁଗାପଟା ପିନ୍ଧିବା, ପୂଜାର୍ଚ୍ଚନା କରିବା ଆଦି ଯାବତୀୟ କର୍ମକାଣ୍ଡ ର ବ୍ୟବସ୍ଥା ନିତି ନିୟମ ଆକାରରେ ପ୍ରଥମ ପନ୍ଦର ଦିନ ଭିତରେ କରି ଯାଇଛନ୍ତି। ନ ହେଲେ ହୁଏତ ଏ ଦୁନିଆରେ ମୃତକଙ୍କ ପରିବାରରେ ମୃତ୍ୟୁ ସଂଖ୍ୟା ଓ ମସ୍ତିଷ୍କ ବିକୃତ ସଦସ୍ୟ ଙ୍କ ସଂଖ୍ୟା ବଢ଼ି ଯାଆନ୍ତା ।

ଆମେ ମାନେ କିନ୍ତୁ ଯୁଗଳ ର ବନ୍ଧୁ ପରିଜନ ଭି ନ ଥିଲୁ। ତା ସହିତ ଆମର ଚିହ୍ନା ପରିଚୟ ବା କେଉଁ ବହୁତ ବର୍ଷର ! ଏଇ ତ ସାତ ଆଠ ମାସ ପୂର୍ବରୁ ଆମେ ତାକୁ ଜାଣିଛୁ। ତଥାପି ଭି ତା'ର ମୃତ୍ୟୁ ଆମକୁ ଏ ପରି ବିଚଳିତ କରି ଦେଇଛି ଯେ କିଏ କାହା ସହିତ ଅତି ଜରୁରୀ ନ ହେଲେ କଥା ପଦୁଟିଏ ବି ହେଉ ନାହୁ । ସବୁବେଳେ ଆନମନା ରହୁଛୁ। ବାରମ୍ବାର ଯୁଗଳ ର ଚେହେରାଟି ଆଖି ସାମ୍ନାରେ ନାଚି ଯାଉଛି। ତା'ର ଗୀତ ପ୍ରତିଧ୍ୱନୀତ ହେଉଛି। ଚତୁଃପାର୍ଶ୍ଵରେ କେମିତି ଗୋଟିଏ ଥମଥମ ଭାବ।

ସମସ୍ତଙ୍କର ଶୋକ ପାଳନର ଢଙ୍ଗ ଭିନ୍ନ ଭିନ୍ନ ପ୍ରକାରର। କିଏ ପୁରା ନିରବ ହୋଇ ଯାଇଛି ତ, କେହି ଗୀତ ଶୁଣୁଛି, ଅନ୍ୟ କେହି ଯୁଗଳ ଗାଇଥିବା ଗୀତ ଗୁଡ଼ିକୁ ଗୁଣୁଗୁଣୁ ହୋଇ ଦୋହରାଉଛି ପୁଣି କିଏ ନିଜକୁ ବିଭିନ୍ନ କାମରେ ବ୍ୟସ୍ତ ରଖିବାକୁ ବୃଥା ପ୍ରୟାସ କରୁଛି।

ଚାକିରୀଆ ଲୋକ ରବିବାର ଦିନ ସପ୍ତାହ ସାରା ର ଯାବତୀୟ କାମ । ଘର ସଫା,ଲୁଗା ଧୋଇବା ଠୁ ନେଇ ଇସ୍ତ୍ରୀ କରିବା ଆଦି କାମରେ ବ୍ୟସ୍ତ । ଏ ସବୁ କାମ କରିବା ସମୟରେ ଟେପ୍ ରେକଡ଼ର୍ ବଜାଇ ଗୀତ ଶୁଣିବା ମୋ ସଙ୍ଗରେ ରହୁଥିବା ମୋର ସାଙ୍ଗ ଜଣଙ୍କର ଅଭ୍ୟାସ ଥିଲା। ଆମେମାନେ ସମସ୍ତେ ମଧ ରବିବାର ଓ ଅନ୍ୟ ଛୁଟି ଦିନମାନଙ୍କରେ ଗୀତ ଗୁଡିକକୁ ବହୁତ ଉପଭୋଗ କରୁ ।

ଏ ଘଟଣାର ପରବର୍ତ୍ତୀ ରବିବାର ସକାଳେ ସେ ଗଜଲ୍ କେସେଟ୍ ଲଗାଇ ଗଜଲ୍ ଶୁଣି ଶୁଣି କାମ କରୁଥାନ୍ତି। ଗଜଲ୍ ଶୁଣୁଶୁଣୁ ମୋର ଯୁଗଳ ର କଥା ଖୁବ୍ ମନେ ପଡୁଥାଏ। ମୋ ମନରେ କୋହ ଉଠି ମତେ ଅସ୍ତବ୍ୟସ୍ତ କରି ଦେଉଥାଏ। ଆଖିରୁ ଆପଣାଛାଏଁ ଲୁହ ବୋହି ଯାଉଥାଏ। ମୋର କାନ୍ଦିବାଟା ମୁଁ କାହାରିକି ଦେଖେଇବାକୁ ଚାହୁଁ ନ ଥିଲି। ଲୁଚି ଲୁଚି ଯାଇ ବାଲକୋନୀରେ, ଗାଧୁଆଘରେ ଓ ଶୋଇବାଘରେ କାନ୍ଦିଲି । ଶେଷରେ କିନ୍ତୁ ଆଉ ସମ୍ଭାଳି ପାରିଲି ନାହିଁ। ଟେପ୍ ରେକଡ଼ର୍ ର ସୁଇଚ୍ ଟା ବନ୍ଦ କରିଦେଲି ମୋର କୋହ ଆଉ ମୋର ଆୟତ୍ତରେ ନ ଥିଲା କେହି କିଛି କହିବା ପୂର୍ବରୁ ମୁହଁ ଢାଙ୍କି ଦେଇ ଖୁବ୍ ଜୋରରେ ରେ କାନ୍ଦିବାକୁ ଲାଗିଲି।

ମୋର ସାଙ୍ଗ ବାରମ୍ବାର ପଚାରୁଥାନ୍ତି । କିନ୍ତୁ ସେ ସମୟରେ ମୁଁ ତାଙ୍କୁ କହିପାରିଲି ନାହିଁ ମୃତ୍ୟୁର ତାଣ୍ଡବଲୀଳା ଯେ ଥରକୁ ଥର ଅଙ୍ଗେ ନିଭାଇଛି ,ଯେ ଆପଣା ଲୋକର ମୃତ୍ୟୁକୁ ପାଖରେ ଦେଖିଛି ତା ପକ୍ଷରେ କୋହ ସମ୍ଭାଳି ପାରିବା ଏତେ ସହଜ ନୁହେଁ । ମୃତକ ଜଣଙ୍କ ତା'ର ନିଜର ହେଉ, ଚିହ୍ନା ପରିଚିତ ହେଉ ଅଥବା ଯୁଗଳ ପରି ଅତି ସ୍ୱଳ୍ପ ପରିଚିତ ହେଉ। ବିଶେଷ କରି ଯେତେବେଳେ ମୃତକ ର ଅତି ପ୍ରିୟ ଜିନିଷ ଗୁଡିକ ଦେଖିବାକୁ ବା ଶୁଣିବାକୁ ମିଳେ।ମୋ ଚକ୍ଷୁର ଅଶ୍ରୁ ବୋଧହୁଏ ଅନ୍ୟ ମାନଙ୍କର ଆଖି କୁ ସଞ୍ଚରି ଗଲା। ସମସ୍ତଙ୍କ ଆଖି ଛଳଛଳ ହୋଇ ଉଠିଲା।ମନ କୋହରେ ଭର୍ତ୍ତି ହୋଇଗଲା।

ଯୁଗଳ ର ମୃତ୍ୟୁ ଯେ ଆମ୍ଭ ମାନଙ୍କ ହୃଦୟରେ ରେ ଏମିତି ଗଭୀର ରେଖାପାତ କରିବ । ଆମମାନଙ୍କର ମନରେ ଏତେ କୋହ ଭର୍ତ୍ତି କରିଦେବି ଏ କଥା ଆମେ କଳ୍ପନା କରି ପାରି ନ ଥିଲୁ।



ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

# ସମୟର ଆହ୍ବାନ...



**ବିକ୍ରମାଦିତ୍ୟ ପୁରୋହିତ**
ଜଗନ୍ନାଥ କଲୋନୀ, ବୁଢ଼ାରଜା,
ସମ୍ବଲପୁର

ସବୁ କିଛି ତ ସମୟର ଆହ୍ୱାନ, ଏକ
ମୁଖ୍ୟ ମହତ୍ୱପୂର୍ଣ୍ଣ ଅଂଶ ଏ ଜଗତେ,
ଭଗବାନଙ୍କର ସର୍ବୋତ୍ତମ ଉପହାର,
ବ୍ୟକ୍ତିଗତ ସ୍ତରରେ କରି ବିନିଯୋଗ
ମଣିଷ, ସମୟ ଆହ୍ୱାନର ସମ୍ମୁଖୀନ ।

ବିଫଳ ମଣିଷ ସିଏ ସମୟ ମୂଲ୍ୟକୁ
କରେ ଅଣଦେଖା, ଜୀବନର ଗତିର
ପଥ ହୁଏ ଅସଜଡା ଓ ଅନିୟମିତାର
ସଙ୍ଗରେ ଆସେ ବିଫଳତା ବାସ୍ତବିକ
ବୁଝି ପାରନ୍ତି ହିଁ ପ୍ରଜ୍ଞା ପୁରୁଷ ମାନେ ।

ତିନୋଟି ଶବ୍ଦର ଅକ୍ଷର ହିଁ ହେଉଛି
ମଣିଷ ଓ ସମୟ, ସୁଯୋଗ ଛାଡ଼ିଲେ
ସମୟକୁ ଫେରି ପାଇବା ନାହିଁ ଆମ
ଜୀବନର ଉପଯୁକ୍ତ ମୁହୂର୍ତ୍ତର ସମ୍ଭାର
ଭାଗ୍ୟ ଓ ଭଗବାନଙ୍କୁ ଦେଉ ଦୋଷ ।

ଦେଖି ହୁଏ ନାହିଁ କି ଛୁଇଁ ହୁଏ ନାହିଁ
ସମୟର ସଂଜ୍ଞାକୁ, ବୁଝିପାରନ୍ତି ବିଜ୍ଞ
ଓ ପ୍ରଜ୍ଞା ପୁରୁଷ ମାନେ ସମୟ ମୂଲ୍ୟ
ପରଖି ପାରନ୍ତି ମହତ୍ତ୍ୱକୁ ଏ ସମୟର
ସଫଳତା ସିଡି ଚଢି ମହାନ୍ ମଣିଷ ।

ହୁଏ ଅଭିହିତ ଶ୍ରେଷ୍ଠ ଜୀବ ବୋଲି ଏ
ମଣିଷ ଭଗବାନଙ୍କ ସୃଷ୍ଟିର,ସମୟର
ଗତି ଅତି ପ୍ରଖର,ସମୟକୁ ଅପେକ୍ଷା
କରେ ମଣିଷ,ସମୟ ଅପେକ୍ଷା କରେ
ନାହିଁ କାହାରିକୁ,ଦୁଃଖ କଷ୍ଟର ଯନ୍ତ୍ରଣା ।

ସବୁ ହୁଏ ପରିବର୍ତ୍ତନ ସମୟ ଗତିର
ତାଳ ଦେଇ ହିଁ ବୁଦ୍ଧିଜୀବୀ ଲେଖକ
କଳାକାର ଓ ସାଂସ୍କୃତିକ ବ୍ୟକ୍ତିତ୍ୱର
ପରାକାଷ୍ଠା ପ୍ରଦର୍ଶନରେ ଉନ୍ନତିର
ମାର୍ଗ ହୁଏ ହିଁ ପ୍ରଶସ୍ତ,ଐତିହ୍ୟ ମତ ।

ସମୟ ହିଁ ତ ଅମୂଲ୍ୟ ସମ୍ପଦ ଆମର
ଚିନ୍ତାଧାରା ମାନବ ମୂଲ୍ୟବୋଧ ଶିକ୍ଷା
ବିକାଶଧାରା ଗବେଷଣା ଜ୍ଞାନ ବୃଦ୍ଧିକୁ
ବିଜ୍ଞାନର ଅନନ୍ୟ ରୂପ ବୁଦ୍ଧି ବିବେକ
ସର୍ବମାନ୍ୟ ଅଗ୍ରଗଣ୍ୟ ସମୟର ସ୍ରୋତ ।।



ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

# ତୁମେ...



**ସୁଶ୍ରୀ ସ୍ମାରକୀ ମିଶ୍ର**
ନୂଆଗାଁ, ତିରିଂ,
ମୟୂରଭଞ୍ଜ

ତୁମେ,
ମୋତେ ବାପାଙ୍କ ଶରଣରୁ ନେଇ ଆସି
ନିଜ ପାଖରେ ଶରଣ ଦେଲ|

ତୁମେ,
ମୋତେ ଭାଇ କାନ୍ଧରୁ ନେଇ ଆସି
ନିଜ କାନ୍ଧର ଭାର ସଜେଇଲ |

ତୁମେ,
ମୋତେ ମା ପଣତର ଛାଇରୁ ଆଣି ଆସି
ନିଜ ହାତ ପାପୁଲିର ଛାଇତଳେ ସୁରକ୍ଷା ଦେଲ |

ତୁମେ,
ମୋ ଜୀବନରେ ମୋ ଅତ୍ମୀୟଙ୍କ ଶୂନ୍ୟସ୍ଥାନକୁ
ଏକୁଟିଆ ପୂରଣ କରିଦେଲ |

ତୁମେ,
ମୋର ସବୁ ଅଳି ଅର୍ଦ୍ଦଳୀ ସହି
ମୋତେ ନିଜଠୁ ବି ନିଜର କରି ନେଲ |

ତୁମେ,
କେବଳ ମୋ ସ୍ୱାମୀ ହୋଇ ରହିବାର ପ୍ରତିଶୃତି ଦେଇଥିଲ
ଆଉ ଦେଖ କେତେବେଳେ ମୋ ଈଶ୍ୱର ବନିଗଲ |

||ଇତି||

ତୁମ ଶ୍ରୀ...





ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

# ପ୍ରେମ ଅନନ୍ତ:ଯେ ସ୍ୱଛ ଓ ଶାଶ୍ୱତ...



**ନିହାର ରଞ୍ଜନ ନାୟକ**
ଧନୁଆ,ତିର୍ତ୍ତୋଲ,
ଜଗତସିଂହପୁର

ଶୁଭମ୍ ବାବୁ ଙ୍କ ପୁଅ ସୁମିତ। ପିଲା ବେଳରୁ ଭାରି ଦୁଷ୍ଟ , ବହୁତ ଦେବା ଦେବୀ ପୂଜା କଲା ପରେ ବହୁତ ମାନସିକ କଲାପରେ ସୁମିତ ର ଜନ୍ମ ତେଣୁ କରି ତାକୁ ଟିକେ ସମସ୍ତେ ଭାରି ଭଲ ପାଆନ୍ତି। ଯେତେ ଦୁଷ୍ଟ ହେଲେ ବି ତାକୁ ଘରେ କେହି କିଛି ବି କୁହନ୍ତିନି ପିଲା ଲୋକ କାଳେ ମନ ଦୁଃଖ କରିବ । କିନ୍ତୁ ଶୁଭମ୍ ବାବୁ ଭାରି ଆକଟ କରନ୍ତି କାରଣ ସମସ୍ତଙ୍କ ଭଲ ପାଇବା ପାଇଁ ପିଲାଟା ବିଗିଡି ନ ଯାଉ, ଶୁଭମ୍ ଟା କିନ୍ତୁ ଭାରି ମନୁଆ ଟେ ଯଦି ମନ ହେବ କାମ କରିବ ଯଦି ମନ ହେବ ପାଠ ପଢ଼ିବ ନ ହେଲେ ନାହିଁ। ତାର ସ୍ମରଣ ଶକ୍ତି ଭଲ ଥିଲେ ହେଁ ପଢ଼ିବା ପାଇଁ ସେ ନାରାଜ ସବୁ ବେଳେ ଖେଳ ଆଉ ଖେଳ। ସେ ଭଲ ପାଏ ବେଶୀ ଖେଳିବା ପାଇଁ କ୍ରିକେଟ, କହିବା କୁ ଗଲେ କ୍ରିକେଟ ଗୋଟେ ପରି ତା ଜୀବନ। ଗୋଟେ ଦିନ ନ ଖାଇଲେ ଚଳିଯିବ କିନ୍ତୁ କ୍ରିକେଟ ନ ଖେଳିଲେ ହବନି। ଯାହା ହେଉ ପଛେ ପିଲାଟି ସବୁତକ ଗୁଣ ପାଇଛି ତା ବାପା ଶୁଭମ୍ ବାବୁଙ୍କର ଦୁଷ୍ଟ ହେଲେ କଣ ହେବ ଭାରି ବୁଦ୍ଧିଆ ପିଲା ଟି, ଭାରି ଭଦ୍ର,ଦୟାବାନ୍ , କିନ୍ତୁ ବହୁତ ରାଗୀ ,ଠିକ୍ ତା ବାପା ଙ୍କ ପରି ଭୁଲ ଟେ ଦେଖିଲେ ଜମା ତା ଦେହ ରେ ଯିବନି ସଙ୍ଗେ ସଙ୍ଗେ ବିରୋଧ କରିବା ର ଯଥେଷ୍ଟ ସାହାସ ତା ପାଖରେ ଥାଏ । ଏ ସବୁ ଦେଖି କରି ଶୁଭମ୍ ବାବୁ ଖୁସି ହୁଅନ୍ତି ସତ କିନ୍ତୁ ତାର ପାଠ ପଢା ପାଇଁ ତାଙ୍କ ମନ ରେ କୋଉଠି ନ କୋଉଠି ଦୁଃଖ ରହିଯାଏ ପାଠ ନ ପଢ଼ିବା ପାଇଁ। ଯେତେ ବୁଝାଇଲେ ଯେତେ ମାଡ଼ ମାରିଲେ ଯେତେ ଯାହା କଲେ ବି ତାର ନିଶା ଖସୁନି ଖେଳ ର , ଏମିତି ଏମିତି ରେ ଆସି ତାର ନବମ ଶ୍ରେଣୀ ସରିବାକୁ ବସିଲାଣି ଆଉ କିଛି ମାସ ପରେ ଦଶମ ଶ୍ରେଣୀ ହେବ,ଏବେ ଚାଲିଛି ବାର୍ଷିକ ପରୀକ୍ଷା ହେଲେ କଣ ହେବ କୋଉ ଦିନ କଣ ପରୀକ୍ଷା ମହାଶୟ ଙ୍କୁ ଜଣା ନାହିଁ। ସେଥିରେ ବି ବାବୁଙ୍କର କ୍ରିକେଟ ଖେଳ ଟା ବି କମ ନାହିଁ। ଘରେ ଦେଖିଲେ ଗାଳି କରିବେ ଆଉ ମାରିବେ ବୋଲି ବାପା ଙ୍କ ଠୁ ଲୁଚି କି ପଳାଉଛନ୍ତି ବାବୁ ଗାଁ ପଡିଆ କୁ । ଏମିତି ଏମିତି ରେ ଆସି ସରିଗଲା ସୁମିତ ର ପରୀକ୍ଷା ଆଉ ହେଇଗଲା ଫଳ ବାହାରିବାର ସମୟ ଆଉ ଫଳ ରେ ଆସିଛି ସୁମିତ ପଟ୍ଟନାୟକ ତା  ପାଖକୁ ଲେଖା ହୋଇଛି ଫେଲ୍ । ସୁମିତ କୁ ଆଉ ସ୍କୋର କାର୍ଡ ନ ଦେଇ ପ୍ରଧାନ ଶିକ୍ଷକ ଖବର ପଠେଇଲେ ଶୁଭମ୍ ବାବୁ ଙ୍କ ପାଖକୁ କି ତାଙ୍କୁ ଦେଖା କରିବା ପାଇଁ , କାରଣ ସୁମିତ କୁ ସ୍କୋର କାର୍ଡ ଦେଲେ ସିଏ ଘରେ ନିଜେ ଦସ୍ତଖତ କରି ଆଣି ସାର୍ ଙ୍କୁ ଦେଖେଇ ଦଉଚି । ଏମିତି ସିଏ ବହୁବାର କଲାନି ଘରେ କାହାକୁ ବି ଜାଣିବାକୁ ଦଉନି ତାର ପରୀକ୍ଷା ଫଳ ବିଷୟରେ । ଶୁଭମ୍ ବାବୁ ଯାଇ ପ୍ରଧାନ ଶିକ୍ଷକ ଙ୍କୁ ଦେଖା କଲେ ଆଉ ଯେତେବେଳେ ସୁମିତ ର ପରୀକ୍ଷା ଫଳ ବିଷୟ ରେ ଜାଣିବାକୁ ପାଇଲେ ଶୁଭମ୍ ବାବୁ ଙ୍କ ରାଗ କହିଲେ ନ ସରେ, ରାଗ ଗରଗର ହେଇ ବିଦ୍ୟାଳୟ ରୁ ଆସି ସିଧା ଚାଲିଲେ ଗାଁ ର ଖେଳ ପଡିଆ କୁ ଖଣ୍ଡେ କଞ୍ଚା କଳମ ବାଡି ଧରି ମାଡ଼ ମାରି ମାରି ଆଣିଲେ ପଡିଆ ରୁ ଘରକୁ । ବୋଧ ହୁଏ ଜୀବନ ରେ ଏମିତି ମାଡ଼ ବାପା ଙ୍କ ଠୁ ପ୍ରଥମ ଥର ଖାଇଲା ସୁମିତ, ସେ ମାଡ଼ ଖାଇ ବାପା ଙ୍କ ଉପରେ ରଷିକି କଥା ହେଲା ନି ବାପା ଙ୍କ ସହ ଦଶ କି ପନ୍ଦର ଦିନ ପାଇଁ, ଆଉ ମାଡ଼ ଖାଇବା ପରେ ରାଗିକି ଖାଉବି ନଥିଲା କିନ୍ତୁ କଣ କରିବ ଭୋକ ର ଜ୍ୱାଳା ସହି ନ ପାରି ମିଛ ଅଭିମାନ କରି ତା ମା'ଙ୍କ ଥରୁଟେ ଡାକ ରେ ଆସି ବସି ପଡିଲା ଆସି ଭାତ ଥାଳି ପାଖରେ ଆଉ ତା ମା ଙ୍କୁ କହିଲା


ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ,  ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ,  ମୁଖ୍ୟ-ପରିଚାଳିକା : ଶିବଦୃତି ପାଣିଗ୍ରାହୀ,  ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
MSME UDYAM-OD-13-0044620

" ମା ବା ମତେ ଖାଇବାକୁ ଦେ ,ମୁଁ ଖାଇ ସାରିବା ପରେ ରାଗିବି, ଖାଲି ପେଟ ରେ ରାଗି ହବନି। ଏତକ ଶୁଣି ସୁମିତ ର ମା ହସି ହସି ତା ପାଇଁ ଖାଦ୍ୟ ବାଢ଼ି ଦେଲେ ସେପଟେ ଶୁଭମ୍ ବାବୁ ବି ପୁଅ କଥା ଶୁଣି ଘର ଭିତରେ ମନେ ମନେ ହସୁଥାନ୍ତି।

କିନ୍ତୁ ଶୁଭମ୍ ବାବୁ ସୁମିତ କି ମାଡ଼ମାରି ସାରିବା ପରେ ବହୁତ ମନ ଦୁଃଖ କଲେ ଯାହାବି ହେଲେ ବାପା ନା କିନ୍ତୁ କଣ ହବ ପିଲା ଙ୍କ ଆଗରେ କଠୋର ନ ହେଲେ ପିଲା ମାନେ ଭଲ ବାଟ କୁ ଯିବେ ବା କେମିତି। କିନ୍ତୁ ଏ ମାଡ଼ ଟି ଥିଲା ଶୁଭମ୍ ପାଇଁ ଶେଷ ମାଡ଼ କାରଣ ସୁମିତ କୁ ଆଉ ସୁଧାରିବା ପାଇଁ ମାଡ଼ ଦରକାର ହିଁ ନଥିଲା ନା କି ଦରକାର ଥିଲା ଗାଳି ଗୁଲଜ ର କାରଣ ସୁମିତ ସୁଧୁରି ସାରିଥିଲା ,ମନ ଲଗେଇ ପାଠ ବି ପଢୁଥିଲା, ଦୁଷ୍ଟ ବି ହଉ ନଥିଲା ସତେ ଗୋଟେ ଚମତ୍କାର ପରି ସୁମିତ ପାଲଟି ଯାଇଥିଲା ଗୋଟେ ଶାନ୍ତ ସିଷ୍ଟ ନିହାତି ଭଲ ପିଲା ଟେ । କାରଣ ଶୁଭମ୍ ବାବୁ ଙ୍କ ସେ ଦିନ ର ମାଡ଼ ନଥିଲା କାରଣ ଥିଲା ଅନ୍ୟ କିଛି ।

ଶୁଭମ୍ ବଦଳିବାର କାରଣ ଟି ଥିଲା ସୌମ୍ୟା। ସୌମ୍ୟା ଶ୍ରୀ ପ୍ରଧାନ , ଆର ଗାଁ ରମେଶ ପ୍ରଧାନଙ୍କ ବଡ଼ ଝିଅ । ଆଗରୁ କେବେ ଦେଖା ହେଇ ନଥିଲା କାରଣ ସୌମ୍ୟା ପଢୁଥିଲା ତାର ମାମୁ ଘରେ ରହି ଗାଁ କୁ ବହୁତ କମ ଯିବା ଆସିବା କରେ , କୌଣସି କାରଣ ପାଇଁ ସୌମ୍ୟା ର ନାଁ ଟା ତା ମାମୁ ଘର ବିଦ୍ୟାଳୟ ରୁ କାଟି ନାଁ ଲେଖିଛନ୍ତି ସେଇ ତାଙ୍କ ଗାଁ ପାଖ ବିଦ୍ୟାଳୟ ରେ । ସୌମ୍ୟା ଆଉ ସୁମିତ ଗୋଟେ ଶ୍ରେଣୀ ରେ ପଢନ୍ତି। ସୌମ୍ୟା କୁ ଯେତେବେଳେ ସୁମିତ ଦେଖିଦିଏ ପ୍ରଥମ ଥର ସତେ ଯେମିତି ତା ମନ ରେ ବହୁଥିବା ଅଶାନ୍ତ ପବନ ଟା ସତେ ଯେମିତି ଶାନ୍ତ ପଡ଼ିଯାଏ , ପ୍ରଥମ ଥର କରି ଯୌବନ ର ପାଦ ଦେଶରେ ପାଦ ଦଉ ଦଉ ପସନ୍ଦ କରି ବସେ ସୌମ୍ୟା କୁ । ବହୁତ୍ ଚେଷ୍ଟା କରେ ସୌମ୍ୟା ସହ କଥା ହେବା ପାଇଁ କିନ୍ତୁ କଣ ହବ ସୌମ୍ୟା ତ ସ୍କୁଲ ରେ କୋଉ ପୁଅ ପିଲା ଙ୍କ ସହ କଥା ହୁଏନି, ତା ପରେ ବି ସୁମିତ ର ନା ଟା ଦୁଷ୍ଟାମୀ କରୁଥିବା ପିଲା ମାନଙ୍କ ଭିତରେ ପୁରା ଶୀର୍ଷ ରେ ଅଛି। ତାପରେ ବି ଚେଷ୍ଟା ବଜାୟ ରଖି ଥାଏ ସୌମ୍ୟା ସହ କଥା ହେବା ପାଇଁ , ଆଉ ସୌମ୍ୟା ର ଅଜଣା ତେ ସବୁ ପ୍ରକାର ସାହାଯ୍ୟ ମଧ କରୁଥାଏ । ୟା ଭିତରେ ସୁମିତ ର ଦୁଷ୍ଟାମୀ ତ କମି ଯାଇଥାଏ କିନ୍ତୁ ପାଠ ପଢା ରେ କିଛି ଉନ୍ନତି ଦେଖା ଦେଇ ନଥାଏ। ୟା ଭିତରେ ସୁମିତ ତା ଅଜଣା ତେ ବହୁତ୍ ବଦଳି ଯାଇଥାଏ । ତାର ସେ ବଦଳି ଥିବା ସ୍ୱଭାବ କୁ ଦେଖି ସୌମ୍ୟା ର ମନ ରେ ସୁମିତ ପ୍ରତି କିଛି ଭାବନା ଜାଗ୍ରତ ହୁଏ କିନ୍ତୁ ସିଏ ସୁମିତ ସହିତ ବନ୍ଧୁତ୍ୱ ସ୍ଥାପନ କରେ। ଏମିତି ସିଏ ସାଙ୍ଗ ହେଇ ସ୍କୁଲ ଆଉ ଟ୍ୟୁସନ ଯିବା ଆସିବା କରନ୍ତି । ସୌମ୍ୟା ସବୁ ବେଳେ ସୁମିତ କୁ ତା ପାଠ ପଢା ପ୍ରତି ତାଗିଦ କରେ ଏବଂ ସୁମିତ ଉପରେ ତାର କିଛି ପ୍ରଭାବ ମଧ ପଡେ। ଏମିତି ଏମିତି ତାଙ୍କର ଦଶମ ପରୀକ୍ଷା ସାରିଥାଏ ଏବଂ ସେ ଦୁଇ ଜଣ ଭଲ ବନ୍ଧୁ ମଧ ହୋଇ ସାରିଥାନ୍ତି । ଦୁଇ ଜଣ ଦୁଇ ଜଣ ଙ୍କ ପାଇଁ କ୍ଷଣେ ନ ଦେଖିଲେ କି କଥା ନ ହେଲେ ରହି ପାରନ୍ତିନି। ଏମିତି ଦଶମ ପରୀକ୍ଷା ର ଫଳ ଆସିଲା ଦୁହେଁ ଭଲ ନମ୍ବର ମଧ ରଖିଥାନ୍ତି ଏବଂ ଦୁହେଁ ସ୍ଥିର କଲେ କି ଗାଁ ପାଖ ସହର ରେ ଥିବା ସରକାରୀ ବିଜ୍ଞାନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେ ପଢ଼ିବେ। ସଦାବେଳେ ସୌମ୍ୟା ସୁମିତ କୁ କୁହେ କି ତୁମେ ଭଲ ପାଠ ପଢ଼ ତୁମେ ଜଣେ ବଡ଼ ବୈଜ୍ଞାନିକ ଆଉ ମୁଁ ଜଣେ ବଡ଼ ଡାକ୍ତର ହେବି। ଏମିତି ତାଙ୍କର ପଢା ଜୀବନ ଭଲ ରେ ଚାଲିଥାଏ। ସୁମିତ ର ଇଚ୍ଛା ନଥିଲେ ହେଁ ସୌମ୍ୟା ପାଇଁ ସେ ସେମିତି ପଢା ପଢ଼ି କରିଦିଏ । କିନ୍ତୁ ସମୟ ର ଖେଳ ବଡ଼ ବିଚିତ୍ର କିଏ ଅବା ବୁଝି ପାରିବ। ବୋଧ ହୁଏ ସେ ଦୁଇ ପିଲାଙ୍କ ଏତେ ଖୁସି, ସମୟ ଆଖିରେ ଗଲା ନାହିଁ ସେଥି ଲାଗି



ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୃତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com Malharmagazine@gmail.com Malhar_magazine/ Malharmagazine/ UDYAM-OD-13-0044620

ବୋଧେ ,ସମୟ ନିଏ ଏକ ଚରମ ନିଷ୍ପତି। ଯାହାକି ସମ୍ପୂର୍ଣ୍ଣ ଜୀବନ ର ମୋଡ଼ ବଦଳାଇ ଦିଏ ସୁମିତ ର।


ଦିନେ ସୌମ୍ୟା ସନ୍ଧ୍ୟା ରେ ତାଙ୍କ ଗାଁ ନିକଟ ବଜାର ରୁ ଫେରିବା ସମୟ ରେ ହଠାତ୍ ଗୋଟେ ଗାଡ଼ି ଆସି ତାର ପଛରୁ ଧକା ଦେଲା, ଏବଂ ତା ଦ୍ୱାରା ସୌମ୍ୟା ର ମସ୍ତିଷ୍କ ରେ ପ୍ରଚୁର ଆଘାତ ଲାଗିବା ଦ୍ୱାରା ରକ୍ତ ସ୍ରାବ ବନ୍ଦ ହେଲା ନାହିଁ। ଯାହା ଦ୍ୱାରା ଅକାଳ ରେ ଚାଲିଗଲା ସୌମ୍ୟା ର ଜୀବନ । ଆଉ ଅଧା ରହିଗଲା ସୌମ୍ୟା ଆଉ ସୁମିତ ର ପ୍ରେମ କାହାଣୀ। ଏ କଥା ସୁମିତ ଯେତେବେଳେ ଶୁଣିଲା ସତେ ଯେପରି ତାର ପାଦ ତଳୁ ମାଟି ଖସିଗଲା,ପୁରା ସଂସାର ତା ପାଇଁ ଅନ୍ଧକାର ହୋଇ ସାରି ଥିଲା। ସଂସାର ର ମାୟା ଜାଲ କୁ ବୁଝିବା ପୂର୍ବରୁ ହିଁ ସବୁଦିନ ପାଇଁ ବିଦାୟ ନେଇ ଗଲା ଏଇ ସଂସାର ରୁ ସୌମ୍ୟା। ସୌମ୍ୟା ର ମୃତ୍ୟୁ ଖବର ସୁମିତ କୁ ମାନସିକ ଭାବରେ ପ୍ରଚୁର ଆଘାତ କଲା। ଜୀବନ ରୁ ଅଧିକ ଭଲ ପାଉଥିବା ଝିଅ ଆଜି ତା ପାଖରେ ନାହିଁ ଏ କଥା ଟି ସେ ସହଜ ରେ ବିଶ୍ୱାସ କରି ପାରୁ ନ ଥାଏ।ବହୁତ୍ ଚେଷ୍ଟା କରୁଥାଏ  ସେ ତା ଜୀବନ ହାରିବା ପାଇଁ କିନ୍ତୁ କଣ ହବ ବିଧି ର ବିଧାନ କୁ କିଏ ବା ଟାଳି ପାରିବ ତାର ବଞ୍ଚିବାର ଥିଲା, ନିଜ ଦେଶ ପାଇଁ ବହୁତ୍ କିଛି କରିବାର ଥିଲା ସେଥିଲାଗି ବୋଧେ ତାର ଆତ୍ମହତ୍ୟା ର ଚେଷ୍ଟା ବାରମ୍ବାର ବିଫଳ ହେଲା।

ସୌମ୍ୟା ଯିବା ପୂର୍ବରୁ ସୁମିତ କୁ ଗୋଟେ ଲକ୍ଷ୍ୟ ଦେଇ ଯାଇଥିଲା, ଜଣେ ବଡ଼ ବୈଜ୍ଞାନିକ ହେବା ପାଇଁ । ସେଇ କଥା କୁ ମନ କୁ ଆଣି ସୌମ୍ୟା ପାଇଁ ପାଠ ପଢୁ ଥିବା ପିଲା ଟି ଲାଗିଗଲା ପୁଣି ଥରେ ସ୍ୱପ୍ନ ପୁରଣ କରିବା ପାଇଁ ସୌମ୍ୟା ର, ଦେଶ ର ନା କରିବା ଲାଗି ଜଣେ ବଡ଼ ବୈଜ୍ଞାନିକ ଭାବେ।

କିଛି ବର୍ଷ ପରେ,,,,

ଡକ୍ଟର ସୁମିତ ହେଇ ଯାଇଛନ୍ତି ଜଣେ ବଡ଼ ବୈଜ୍ଞାନିକ,ସୌମ୍ୟା ର ସ୍ୱପ୍ନ ପୁରଣ କରିବା କୁ ଯାଇ ଆଜି ଭାରତ କୁ ଦେଇଛନ୍ତି ଆଣବିକ କ୍ଷେତ୍ର ରେ ଏକ ବଡ଼ ପରିବର୍ତ୍ତନ। ଆଜି ବି ଡକ୍ଟର ସୁମିତ ବିବାହ କରି ନାହାନ୍ତି ବୟସ ୫୫ ହେଇ ଗଲାଣି, ତାଙ୍କ ପ୍ରେମ କୁ ମନ ରୁ ପାସୋରି ପାରି ନାହାଁନ୍ତି। ସେଥି ଲାଗି କାହା କୁ ବି ସିଏ ସୌମ୍ୟା ଙ୍କ ଜାଗା ରେ ଦେଖି ପାରୁ ନାହାଁନ୍ତି।

ଡକ୍ଟର ସୁମିତ ଙ୍କ ଜୀବନ କାହାଣୀ ରୁ ଆଭାସ ହେଲା ଯେ ପ୍ରେମ ଗୋଟେ ଜୀବନକୁ ସମ୍ପୂର୍ଣ୍ଣ ଭାବ ରେ ପରିବର୍ତ୍ତନ କରିପାରିବା ର ସାମର୍ଥ୍ୟ ରଖିଛି,ଏବଂ ଏକ ସ୍ୱଚ୍ଛ ଓ ନିଷ୍କପଟ ପ୍ରେମ ଜୀବନ ରେ ଉନ୍ନତି କରିବା ରେ ସାହାଯ୍ୟ କରେ ଅବନତି ରେ ନୁହେଁ। ପ୍ରେମ ର କେବେ ଅନ୍ତ ନଥାଏ। ସ୍ୱଚ୍ଛ ଓ ଶାଶ୍ୱତ ପ୍ରେମ ଚିରଦିନ ପାଇଁ ହୃଦୟ ରେ ରହିଯାଇଥାଏ ଜୀବନ୍ତ ହେଇ।





ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

## ବାପା...



ଗାର୍ଗୀ ପ୍ରିୟଦର୍ଶିନୀ ମେହେର
ନକଟିଗୁଡା,ଜୁନାଗଡ଼, କଳାହାଣ୍ଡି

" ପିତା ଶବ୍ଦର ନାହିଁ ତୁଳନା
ଚାହୁଁଥାନ୍ତି ଆମ ଶୁଭକାମନା "

ଉପରେ କଠିନ ଭିତରେ ତରଳ ଏହିଭଳି ତାଙ୍କ ମନ
କଠୋର ପରିଶ୍ରମେ ବିତାଇ ଦିଅନ୍ତି ତାଙ୍କ ମୂଲ୍ୟବାନ୍ ଜୀବନ

ବଟବୃକ୍ଷ ଯେମିତି ପ୍ରଦାନ କରେ ଛାୟା, ଶୀତଳ ପବନ, ସେଭଳି ବାପା ବିନା ଦୁନିଆ ଅନ୍ଧାର
ହୃଦୟ ଜିତି ଖୁସି କରନ୍ତି ସଭିଙ୍କ ମନ
ବାପା ସ୍ୱର୍ଗ ମର୍ତ୍ତ୍ୟ ପାତାଳ ଯେଉଁଠାରେ ଥିଲେ ମଧ୍ୟ ପିଲାମାନଙ୍କ ଉପରେ ସର୍ବଦା ତାଙ୍କ ଆଶୀର୍ବାଦ

"କଠୋର ଅଟେ ତାଙ୍କ ଜୀବନ ଯାପନ
କେବେ ନ ଦେଖାନ୍ତି ଅନ୍ତରେ ଅନ୍ତରେ କରୁଥାନ୍ତି କେତେ କ୍ରନ୍ଦନ "

ସେଇ ମୂକ, ଅଚଳ ପାହାଡ ଯେମିତି କାହାକୁ କିଛି ନ କହି ଛାତିରେ ସବୁ ସହନ କରେ,
ସେଇ ଅଚଳ ପାହାଡ ସହିତ ବାପାର ତୁଳନା କିଛି କମ୍ ନୁହେଁ ।

## ଗାଁ...



ରାଜଲକ୍ଷ୍ମୀ ବେହେରା
ବିରିଡ଼ି, ଜଗତସିଂହପୁର

ଗାଁ,,
ଯେଉଁଠି ଅଛି ମଧୁରତା
ଭରି ରହିଛି ଆପଣା ଲୋକଙ୍କ ର ଭଲପାଇବା
ସମୟ ସହ ବଦଳିଛି ଗାଁ ପ୍ରତିଛବି
ବାପା ସକାଳୁ ଉଠି ତରତର ହଳ କରିବାକୁ
ଆଗଭର ବୋଉ ପିଠଉ ବଟାକୁ
ଧଡପଡ ଚକୁଳି କରେ ସେ ବଡବଡ
ଆଉ ଥାଏ ସାଙ୍ଗମାନଙ୍କ ସହ ହସଗପ
ଯେତେ ଯାହା କହ ପଛେ
ସହରେ କେବେ ମିଳିବ ନାହିଁ ଗାଁ ର ମହକ
ଗାଁ ର ପରିବେଶ,
ସେ ମାଟି ର ମହକ,
ଭରାଭରା ସବୁଜ କ୍ଷେତ ଫଳ
ଏ ସବୁ ଗାଁ କୁ ସୁନ୍ଦର କରିଦିଏ
ସେଥିପାଇଁ ଛାଡ଼ି କରି
ମନ ହୁଏ ନାହିଁ ଗାଁ କୁ....



ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

# ଭାଷା-ସାହିତ୍ୟର ତାରକା ବ୍ୟାସକବି ଫକୀରମୋହନ...



ଅସିତ ମହାନ୍ତି
ସୁଜନପୁର, ଯାଜପୁର

୧୪ ଜୁନ ୧୯୧୮ ରେ ଓଡ଼ିଆ ସାହିତ୍ୟର ସମ୍ରାଟ ବ୍ୟାସକବି ଫକୀରମିହନ ସେନାପତିଙ୍କର ୭୫ ବର୍ଷ ବୟସରେ ଦେହାବସାନ ହୋଇଥିଲା | ଏହା ମଧ୍ୟରେ ଦେହାବସାନର ୧୦୭ ବର୍ଷ ବିତିଯାଇଛି କିନ୍ତୁ ପ୍ରତ୍ୟକ ବର୍ଷ ତାଙ୍କର ସ୍ମୃତି ଆମ ମନକୁ ବିଚଳିତ କରେ | ଓଡ଼ିଆ ଭାଷାର ସମଗ୍ର ବିକାଶ ପାଇଁ ତାଙ୍କର ସଂଘର୍ଷମୟ ଜୀବନ ଆମ ପାଇଁ ପ୍ରେରଣାର ଉତ୍ସ |ଆଜି ଇଂରେଜ ନାହାନ୍ତି , କିନ୍ତୁ ମାତୃଭାଷା ଓଡ଼ିଆ ବିପଦରେ ପଡିଛି | ଏହି ବିପଦ ସମୟରେ ଫକୀରମୋହନ ସେନାପତିଙ୍କର ଓଡ଼ିଆ ଭାଷାକୁ ବଞ୍ଚାଇବା ପାଇଁ ଯେଉଁ ପଦକ୍ଷେପ ଗୁଡିକ ସେସମୟରେ ନେଇଥିଲେ ,ସେସବୁ ବିଷୟରେ ପୁଙ୍ଖାନୁପୁଙ୍ଖ ଅନୁଧାନ କରିବା ଆଜିର ସମୟର ଡାକରା |

ଫକିର ମୋହନ ସେନାପତି ଓଡିଆ ରାଷ୍ଟ୍ରବାଦର ଜନକ ଭାବରେ ଜଣାଶୁଣା| ଓଡ଼ିଆ ଭାଷାକୁ ଏକ ଆକାର ଦେବାରେ ତାଙ୍କର ମହତ୍ୱପୂର୍ଣ୍ଣ ଭୂମିକା ଥିଲା ,ବିଶେଷକରି ଯେତେବେଳେ ଓଡ଼ିଆ ଭାଷା ବିପଦ ମଧ୍ୟରେ ଗତି କରୁଥିଲା | ଜଣେ ପ୍ରବୀଣ ଲେଖକ, ଉତ୍ସାହୀ ଭାଷାପ୍ରେମୀ ,ଭାଷାର ଜଣେ ସଂସ୍କାରକ କ୍ରମାଗତ ପ୍ରତିକୂଳତା ମଧ୍ୟରେ ସେ ଓଡ଼ିଆ ଭାଷାକୁ ଜୀବନ୍ତ ରଖିବାରେ ତାଙ୍କର ଅତୁଳନୀୟ ଯୋଗଦାନକୁ ଓଡିଶା ଇତିହାସ ତାଙ୍କୁ ସବୁବେଳେ ମନେ ପକାଇବ|ତାଙ୍କର ପ୍ରତ୍ୟକ ସାହିତ୍ୟ କୃତି , ଗଳ୍ପ ଓ ଉପନ୍ୟାସରେ ସାମାଜିକ ପରିବର୍ତ୍ତନ ଧାରା ପ୍ରବାହିତ। ରେବତୀ ନାରୀ ଶିକ୍ଷାର ଜାଗରଣ , ଡାକମୁନସି ଗଳ୍ପରେ ପାଶ୍ଚାତ୍ୟ ସଂସ୍କୃତିର କୁପ୍ରଭାବ, ବାପ ପୁଅର ସମ୍ପର୍କରେ ସ୍ଖଳନର ଚିତ୍ର । ପେଟେଣ୍ଟ ମେଡ଼ିସିନ ଗଳ୍ପରେ ନିଶାନିବାରଣର ବାର୍ତ୍ତା । ପାଠକୀୟ ଆଦୃତି ଲାଭ ସହିତ ସମାଜକୁ ସଠିକ ମାର୍ଗ ଦର୍ଶନ କରିବା ,କୁସଂସ୍କରା ମୁକ୍ତ କରିବା ହେଉଛି ମୂଳ ଲକ୍ଷ ।

ସେନାପତି ତାଙ୍କ ଜୀବନକୁ ଉନବିଂଶ ଶତାବ୍ଦୀର ଶେଷ ଭାଗରେ ଏବଂ ବିଂଶ ଶତାବ୍ଦୀର ପ୍ରାରମ୍ଭରେ ଓଡିଆ ଭାଷାର ପ୍ରଗତିରେ ଉତ୍ସର୍ଗ କରିଥିଲେ। ମାୟାଧର ମାନସିଂହ ସେନାପତିଙ୍କୁ ଓଡିଶାର ଥୋମାସ ହାର୍ଡି ବୋଲି ବର୍ଣ୍ଣନା କରିଥିଲେ। ଯଦିଓ ସେ ସଂସ୍କୃତରୁ ଅନୁବାଦ କରିଥିଲେ, କବିତା ଲେଖିଥିଲେ ଏବଂ ସାହିତ୍ୟର ଅନେକ ପ୍ରକାର ଚେଷ୍ଟା କରିଥିଲେ, ସେ ବର୍ତ୍ତମାନ ଆଧୁନିକ ଓଡିଆ ଗଳ୍ପର ପିତା ଭାବରେ ଜଣାଶୁଣା | ୧୮୯୭ ରୁ ୧୯୧୫ ମଧ୍ୟରେ ଲେଖାଯାଇଥିବା ତାଙ୍କର ଚାରୋଟି ଉପନ୍ୟାସ, ଅଷ୍ଟାଦଶ ଶତାବ୍ଦୀରେ ଓଡିଶାର ସାମାଜିକ-ସାଂସ୍କୃତିକ ସ୍ଥିତିକୁ ପ୍ରତିଫଳିତ କରିଥିଲା |ଏହି ତିନୋଟି ଉପନ୍ୟାସ, ଛ ମାଣ ଆଠ ଗୁଣ୍ଠ , ମାମୁ ଏବଂ 'ପ୍ରାୟଶ୍ଚିତ' ସାମାଜିକ ଜୀବନର ବାସ୍ତବତାକୁ ଏହାର ଏକାଧିକ ଆକାରରେ ଅନୁସନ୍ଧାନ କରୁଥିବାବେଳେ ଅଷ୍ଟାଦଶ ଶତାବ୍ଦୀରେ ମରାଠା ଆକ୍ରମଣ ପରେ ଓଡ଼ିଶାର ଅରାଜକତା ପରିସ୍ଥିତିକୁ ନେଇ 'ଲଛମା' ଏକ ଐତିହାସିକ ରୋମାନ୍ସ ଅଟେ।



ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0045620

'ଛ ମାଣ ଆଠ ଗୁଣ୍ଠ' ହେଉଛି ପ୍ରଥମ ଭାରତୀୟ ଉପନ୍ୟାସ ଯାହାକି ସାମ୍ରାଜ୍ୟ ପ୍ରଭୁଙ୍କ ଦ୍ଵାରା ଭୂମିହୀନ କୃଷକଙ୍କ ଶୋଷଣର ମୁକାବିଲା କରିଥିଲା। ଋଷର ଅକ୍ଟୋବର ବିପ୍ଲବ ପୂର୍ବରୁ କିମ୍ବା ଭାରତରେ ମାର୍କ୍ସବାଦୀ ଚିନ୍ତାଧାରାର ଆବିର୍ଭାବ ପୂର୍ବରୁ ଏହା ଲେଖାଯାଇଥିଲା | ଫକିର ମୋହନ ମଧ୍ୟ ଓଡିଆର ପ୍ରଥମ ଆତ୍ମଜୀବନୀ "ଆତ୍ମ ଜୀବନ ଚରିତ୍ର" ର ଲେଖକ ଅଟନ୍ତି।ତାଙ୍କର "ରେବତୀ" (୧୮୯୮) ପ୍ରଥମ ଓଡିଆ କ୍ଷୁଦ୍ରଗଳ୍ପ ଭାବରେ ବହୁଳ ଭାବରେ ମାନ୍ୟତା ପାଇଥିଲା | ଏହା ହେଉଛି ଜଣେ ନିରୀହ ଝିଅର କାହାଣୀ, ଯାହାର ଶିକ୍ଷା ପାଇଁ ଇଚ୍ଛା ଏକ ପଛୁଆ ଓଡିଶା ଗ୍ରାମରେ ରକ୍ଷଣଶୀଳ ସମାଜ ପ୍ରସଙ୍ଗରେ ସ୍ଥାନିତ ହୋଇଛି | କାହାଣୀଟି ନିଜେ ଏକ ତୃତୀୟ ଦିଗ ମଧ୍ୟ ଖୋଲିଥାଏ ଯେତେବେଳେ ଏହା ରେବତୀ ଏବଂ ଜଣେ ସ୍କୁଲ ଶିକ୍ଷକଙ୍କ ମଧ୍ୟରେ ଏକ ଅତ୍ୟନ୍ତ ବନ୍ଧନ ସମ୍ପର୍କ ସହିତ କାର୍ଯ୍ୟ କରେ | ତାଙ୍କର ଅନ୍ୟ କାହାଣୀଗୁଡ଼ିକ ହେଉଛି "ପେଟେଣ୍ଟ୍ ମେଡିସିନ୍", "ଡାକ ମୁନ୍ସି", "ଅଧର୍ମ ବିତ୍ତ" ଇତ୍ୟାଦି | ତାଙ୍କର କ୍ଷୁଦ୍ର ଗଳ୍ପଗୁଡିକ "ଗଳ୍ପ - ସ୍ଵଳ୍ପ ନାମରେ -୧ ଏବଂ ୨ " ପୁସ୍ତକଗୁଡ଼ିକରେ ସଂକଳିତ ହୋଇଛି |

ସେ ଏକ ଲମ୍ବା କବିତା ଲେଖିଥିଲେ, ଉତ୍କଳ ଭ୍ରମଣ, ଯାହା ପ୍ରଥମେ ୧୮୯୨ ମସିହାରେ ଦେଖା ଦେଇଥିଲା। ଏହି କବିତା ବାସ୍ତବରେ ଏକ ଭ୍ରମଣକାରୀ ନୁହେଁ ବରଂ ସେହି ସମୟର ଓଡିଶାର ସ୍ଥିତି ଉପରେ ଏକ ମନ୍ତବ୍ୟ, ଯାହା ଏକ ବ୍ୟଙ୍ଗାତ୍ମକ ଭାଷାରେ ଲିଖିତ ପଦ୍ଧତି | ଫକିର ମୋହନଙ୍କ ସମୟ , ଯାହା ଇତିହାସର ଅନ୍ଧକାର ଯୁଗ ଭାବରେ ପରିଗଣିତ ହୋଇଥିଲା |

୧୮୬୬ ମସିହାରେ ସେହି ସମୟ ମଧ୍ୟରେ ସବୁଠାରୁ କୁଖ୍ୟାତ 'ନ ଅଙ୍କ ଦୁର୍ଭିକ୍ଷ' ଘଟିଥିଲା, ଯାହା ଓଡିଶାର ଅର୍ଥନୈତିକ ତଥା ସାମାଜିକ ମେରୁଦଣ୍ଡକୁ ବିକୃତ କରିଥିଲା। ଏଭଳି କଠିନ ସମୟରେ ସାହିତ୍ୟକୁ ଅନୁସରଣ କରିବା ଏତେ ସହଜ ନଥିଲା, ଯେତେବେଳେ ଜୀବନର ରୋଜଗାର ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା | ଏହି ସମୟର ଘୋର ପରିସ୍ଥିତି ବିଭିନ୍ନ କ୍ଷୁଦ୍ରଗଳ୍ପ ଏବଂ ଗଳ୍ପରେ ବିଶେଷ ଭାବରେ 'ଡାକ ମୁନ୍ସି' ଏବଂ ଛ ମାଣ ଆଠଗୁଣ୍ଠ ପ୍ରତିଫଳିତ ହୋଇଥିଲା | ଫକିର ମୋହନଙ୍କ କାଳ୍ପନିକ ଏବଂ କ୍ଷୁଦ୍ରଗଳ୍ପ ପାଠକମାନଙ୍କର ସମସ୍ତ ଦିଗକୁ ସ୍ପର୍ଶ କରିବା ପାଇଁ ଥିମ୍ ଏବଂ ବିଷୟଗୁଡିକର ଏକ ବ୍ୟାପକ ଧାରା ଧାରଣ କରେ | ସେ ହେଉଛନ୍ତି ପ୍ରଥମ ଭାରତୀୟ ଲେଖକ ଯିଏ କି ରୁଷ୍ଟିକ୍ ଚରିତ୍ର ଏବଂ ପାଳକ ଥିମ୍ ଉପସ୍ଥାପନ କରି ସାମାଜିକ ବାସ୍ତବତାକୁ ସାମ୍ନା କରିଥିଲେ | ଶୁଦ୍ଧ ବ୍ୟଙ୍ଗ ଏବଂ ତୀକ୍ଷ୍ଣ ବିଡ଼ମ୍ବନା ହେଉଛି ତାଙ୍କ ଲେଖାର ହଲମାର୍କ, ଯାହା ହେଉଛି ତାଙ୍କର ଅନନ୍ୟ ସାଧନ କୌଶଳ; ଏହା ବ୍ୟତୀତ, ତାଙ୍କର ଭାବପ୍ରବଣ ଶୈଳୀ ଲୋକମାନଙ୍କୁ ହୃଦୟକୁ ହସାଇଥାଏ, ବିଷୟବସ୍ତୁ ଦ୍ଵାରା ବିସ୍ମିତ ମଧ୍ୟ କରିଥାଏ , ତଥାପି, ବିଡ଼ମ୍ବନା ମଧ୍ୟରେ, ସର୍ବଦା ଏକ ସମ୍ବେଦନଶୀଳ ସହାନୁଭୂତି ରହିଥାଏ, ଏବଂ ଆକ୍ରମଣ ପୃଷ୍ଠରେ ସମ୍ପୃକ୍ତ ଗମ୍ଭୀରତାର ଏକ ସ୍ଵର | ଏହାର କାରଣ, ତାଙ୍କର କଳ୍ପନା ସମୃଦ୍ଧ ମାନବ ବିଷୟବସ୍ତୁ ସହିତ ସବୁଦିନ ପାଇଁ ସତେଜ ରହିବାକୁ ସମୟର ଆକ୍ରମଣରେ ଛିଡା ହୋଇଛି |

ବର୍ତ୍ତମାନର ନଥିଟି ସେ ବଞ୍ଚିଥିବା ବୟସର ପ୍ରତିବନ୍ଧକ ସତ୍ତ୍ୱେ ତାଙ୍କ କାଳ୍ପନିକ ଲେଖାର ପ୍ରଭାବ ବିଶ୍ଳେଷଣ କରିବାକୁ ଲକ୍ଷ୍ୟ ରଖିଛି | ପ୍ରେମଚାନ୍ଦଙ୍କ "ଗୋଦାନ" (ଏକ ଗାଈ ର ଉପହାର) ଚିତ୍ରକୁ ଆସିଥିଲା, ଯାହା ଏକ ପ୍ରଗତିଶୀଳ ଉପନ୍ୟାସର ନମୁନା ଭାବରେ ପରିଗଣିତ |


ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୃତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

ଏହି ଦୃଷ୍ଟିକୋଣରୁ, ଫାକିର ମୋହନ ଭାରତର ପ୍ରଥମ ପ୍ରଗତିଶୀଳ ଲେଖକ ଭାବରେ ପରିଗଣିତ ହୋଇପାରନ୍ତି, କାରଣ ତାଙ୍କର କାହାଣୀ ପ୍ରେମଚାନ୍ଦଙ୍କ ଗୋଦାନ ଠାରୁ ଚାଳିଶ ବର୍ଷ ଆଗରେ ଥିଲା | ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗ ଯାହା ଏଠାରେ ଉଲ୍ଲେଖ କରିବା ଆବଶ୍ୟକ କରେ; ଫକିର ମୋହନଙ୍କ ପ୍ରତିଭା କ୍ଷେତ୍ର କେବଳ ସାହିତ୍ୟିକ କାର୍ଯ୍ୟରେ ସୀମିତ ନଥିଲା | ସେ ଓଡିଆ ଭାଷାର ତ୍ରାଣକର୍ତ୍ତା ତଥା ଓଡିଆ ସାହିତ୍ୟକୁ ଏକ ନୂତନ ଦିଗ ଦେଇଥିବାରୁ ତାଙ୍କୁ ସମ୍ମାନିତ କରାଯାଇଛି | ଓଡିଆ ଭାଷାର ସମାପ୍ତି ପାଇଁ ଏକ ଷଡଯନ୍ତ୍ର ଏବଂ ଏକ ପରିକଳ୍ପନା ପରିପ୍ରେକ୍ଷୀରେ ଫକିର ମୋହନ ଆଗକୁ ଆସି ଗଙ୍ଗାଧର ମେହେର, ରାଧନାଥ ରୟ, ଭକ୍ତକବୀ ମଧୁ ସୁଦନ ରାଓ, ଏବଂ ଗୌରୀ ଶଙ୍କରଙ୍କ ସହ ମିଶି ଓଡିଆ ଭାଷା ପାଇଁ ସଂଗ୍ରାମ କରିଥିଲେ। ଏବଂ ସାହିତ୍ୟ ଡକ୍ଟର ଜେ.ଭି. ବୋଲଟନ୍ ଙ୍କ  କଥାରେ ଫକିର ମୋହନ ହେଉଛନ୍ତି ଓଡିଶାର ଗୋର୍କି। ଦାମପଡା ରାଜ୍ୟର ଦରବାର ତାଙ୍କୁ ସରସ୍ୱତୀ ଆଖ୍ୟା ଦେଇଥିଲେ। ଡକ୍ଟର ମାୟା ଧର ମାନସିଂ ତାଙ୍କୁ ଓଡିଶାର ଥୋମାସ ହାର୍ଡି ବୋଲି କହିଛନ୍ତି। ଲୋକମାନେ ତାଙ୍କୁ ପ୍ରେମଚାନ୍ଦଙ୍କର ଅଗ୍ରଦୂତ ତଥା ପ୍ରଥମ ଭାରତୀୟ ଲେଖକ ବୋଲି କହିଛନ୍ତି ଯାହାକି ରଷ୍ଟିକ୍ ଏବଂ ପାଳକ ଥିମ୍ ମାଧମରେ ସାମାଜିକ ବାସ୍ତବତାକୁ ସାମ୍ନା କରିଥିଲା |

ଫକିର ମୋହନ କେବଳ ଚାରୋଟି ଉପନ୍ୟାସ ଏବଂ ପଚିଶଟି କାହାଣୀରେ ଅବଦାନ ରଖିଛନ୍ତି, ଯାହା ତାଙ୍କୁ ସାହିତ୍ୟର କଥା ସମ୍ରାଟ (କଳ୍ପନା ସମ୍ରାଟ) ଆଖ୍ୟା ଦେଇଛି. ତାଙ୍କର "ପେଟେଣ୍ଟ ମେଡିସିନ୍"   ଏକ ନିଷ୍କ୍ରିୟ ଉପସ୍ଥାପନା ଏବଂ ଏହାକୁ ଏକ ଆରୋଗ୍ୟକାରୀ ପଦକ୍ଷେପ ଭାବରେ କୁହାଯାଇପାରେ, ଜଣେ ନିଶା ସ୍ୱାମୀକୁ ନୈତିକ ମୂଲ୍ୟବୋଧ ଏବଂ ସାମାଜିକ ଶୃଙ୍ଖଳାକୁ ଅନୁସରଣ କରୁଥିବା ସଭ୍ୟତାର ଟ୍ରାକକୁ ଫେରାଇ ଆଣିବାକୁ ଏକ ପ୍ରୟାସ |"ଫକିର ମୋହନ ଜଣେ ମହାନ ପ୍ରତିଭା, ବହୁମୁଖୀ ବ୍ୟକ୍ତିତ୍ୱ ଏବଂ ଶବ୍ଦର ପ୍ରକୃତ ଅର୍ଥରେ ଜଣେ ଉତ୍କୃଷ୍ଟ ସାହିତ୍ୟିକ |  କୁହାଯାଏ ଯେଉଁ ଦେଶର ମାତୃଭାଷାଯେତେ ଶକ୍ତିଶାଳୀ, ସେହି ଦେଶ ପ୍ରତ୍ୟେକ କ୍ଷେତ୍ରରେ ସେତେ ବିକଶିତ ।ଏହି ପରିସ୍ଥିତିରେ ଫକୀରମୋହନ ସେନାପତିଙ୍କ ଓଡ଼ିଆ ଭାଷାକୁ ଦେଇଯାଇଥିବା ସେହି ଉଚ୍ଚ ସ୍ଥାନକୁ ପୁଣି ଆମକୁ ଫେରାଇ ଆଣିବାକୁ ହେବ| ସେଥିପାଇଁ ରାଜ୍ୟର ସମସ୍ତ ମାତୃଭାଷା ପ୍ରେମୀ ଲୋକମାନଙ୍କୁ ଆଗେଇଆସିବାକୁ ପଡିବ ଏବଂ ମାତୃଭାଷା ଓଡ଼ିଆକୁ ତାର ସମ୍ମାନ ଦେବାକୁ ହେବ | ଯଦି ଏହା ଆମେ କରିପାରନ୍ତି ତେବେ ଫକୀରମୋହନ ସେନାପତିଙ୍କୁ ଆମେ  ଉପଯୁକ୍ତ  ସମ୍ମାନ ଏବଂ ଶ୍ରଦ୍ଧା ଅର୍ପଣ କରିପାରିବା|



ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ,  ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତି ପାଣିଗ୍ରାହୀ,  ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

# ରଜ ଉତ୍ସବ ଓ ମୁଁ...



**ରୂପାଲୀ ମହାପାତ୍ର**
ସଂଥପଡା, ତାଳଚେର, ଅନୁଗୁଳ

ରଜ ତିନିଦିନ ସବୁ ହୋଇବେ ସଜବାଜ,
ତାଙ୍କୁ ଦେଖି ମୁଁ ହୋଇବି ଆନନ୍ଦ।
ରଜରେ ମୁଁ ହେବିନି ସଜବାଜ,
ତଥାପି ରଜକୁ ନେଇ ମୋ ମନେ କେତେ ଉତ୍ସାହିତ।
ସେଦିନ ସବୁ ଝିଅ ପିନ୍ଧିବେ ନୂଆ,
ସେଥିପାଇଁ ମୋ ମନେ ନାହିଁ କିଛି ଆଶା।
କାନ୍ଦିନି ମୁଁ ବାପାଙ୍କ ପାଖରେ,
ପିନ୍ଧିବି ବୋଲି ନୂଆ କପଡା।
ସକାଳୁ ଯାଆନ୍ତି ସନ୍ଧ୍ୟାରେ ଆସନ୍ତି ମୋ ବାପା,
ଖରା ତରାରେ ନିଆଁରେ କାମ କରି....
ମୋ ବାପା ଆଣନ୍ତି ଘରକୁ ପଇସା।
ଏଇ କେଇ ଦିନ ବାପା ଯାଉନାହାନ୍ତି କାମ କୁ,
ଦେଖୁଚି ମୁଁ ଘର ଦୁଆର କଣରେ ବସି।
ବାପାଙ୍କର ଯେ ଦେହ ଖରାପ,
ଏଥିପାଇଁ ମହାଦେବଙ୍କ ପାଶେ କରେ ମୁଁ ଉପାସ।
ତିନି ମାସ ଘର ଭଡା ଦିଆ ହୋଇ ନାହିଁ,
ବାପା ମାଆଙ୍କ କଷ୍ଟ ମୁଁ ନିଜେ କରେ ଅନୁଭବ।
ସବୁ ଝିଅଙ୍କୁ ଦେଖି କରେନି ମୁଁ ଇର୍ଷା,
ମୋ ପରିବାର କୁ ନେଇ ମୋର କେତେ ଯେ ଚିନ୍ତା।
ଗରିବ ବୋଲି ପ୍ରେମରେ ଖାଇଛି ମୁଁ ଧୋକା,
ସେଥିପାଇଁ ନାହିଁ ଟିକେ ମୋ ମନେ ଦୁଃଖ।
ଗରିବ ବୋଲି ମୋର ମନଟିଏ ଅଛି,
ସେ ମନ ମୋର ମହାଦେବଙ୍କ ପାଖରେ ବନ୍ଧା ପଡିଛି।
ଏ ରଜକୁ ନେଇ....
ନାହିଁ ମୋ ମନରେ ଖୁସି କି ଦୁଃଖ,
ମୋ ପରିବାର ଦୁଃଖ ଆଗରେ ମୁଁ ଯାଇଛି ନଇଁ।





ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

# ଆ' ବଳଦ ମତେ ବିନ୍ଧ...



ପ୍ରତିମା ପାତ୍ର
ବରଗଡ

ଜୀବନ ଚଲା ପଥ ବଡ ବନ୍ଧୁର,
ଚାଲିବାକୁ ହେଉଅଛି ନିରନ୍ତର ।
ଦେଖି ଚାହିଁ ସର୍ବଦା କଲେହେଁ କାର୍ଯ୍ୟ ,
ଭାଙ୍ଗିଯାଏ ବେଳେକ ଆମ୍ଭର ଧୈର୍ଯ୍ୟ ।
ତେଣୁ ରୁଢି ପ୍ରୟୋଗରେ ପୂର୍ବ ଜନ,
ସମାଜ ହିତ କାର୍ଯ୍ୟ କଲେ ସାଧନ ।
ତାହାକୁ ମନନ କରିବା ଜୀବନେ ,
ଅଘଟଣରୁ ବଞ୍ଚିବାକୁ ସବୁଦିନେ ।
ଆ' ରେ ବଳଦ ମୋତେ ବିନ୍ଧିବୁ ,
ବିପଦ ଡାକିବାକୁ ମୁଖେ ଭାଷିବୁ ।
ତେବେ ହେବ ନିଶ୍ଚୟ ଆତ୍ମ ବିନାଶ,
ଏ କଥା ହୋଇଛି ରୁଢିରେ ପ୍ରକାଶ ।
ହିରଣ୍ୟକଶ୍ୟପ କହେ ମାନ କରି ,
ଡାକରେ ପ୍ରହଲ୍ଲାଦ ତୋହର ହରି ।
ମର୍ଦ୍ଦିବି ତୋ'ପ୍ରଭୁ ଶିରକୁ ପଦରେ,
ମୋ'ଠାରୁ ବଡ କେହି ନାହିଁ ବିଶ୍ବରେ ।
ମରଣକୁ ଡାକିଲାରୁ ଦୈତ୍ୟ ବୀର,
ବିଷ୍ଣୁମ୍ଭରୁ ବାହାରିଲେ ନରହୀର ।
ଜାନୁରେ ରଖି ବିଦାରିଲେ ତା'ବକ୍ଷ ,
ପ୍ରହ୍ଲାଦକୁ ଚୁମ୍ବନ ଦେଲେ ପ୍ରତ୍ୟକ୍ଷ ।
ବୃନ୍ଦାବତୀ ପତି ଦୈତ୍ୟ ଶଙ୍ଖଚୂଡ ,
ବୀରଙ୍କ ମଧ୍ୟରେ ଥିଲା ସେହି ବଡ ।
ପତ୍ନୀର ସତିତ୍ୱ ବଳେ ମହାବଳୀ ,
ପାଇବାକୁ ଇଛାକଲା ମହାକାଳୀ ।
ମନ୍ତ୍ରୀକୁ ପଠାଇ ବୋଇଲା ଶଙ୍କର,
ମୋ'ହାତେ ଦିଅ ଘରଣୀକୁ ତୋହର ।
ଶ୍ମଶାନ ନିବାସୀ ତୁହି ଜଟାଧାରୀ ,
ତୋଲାଗି ନୁହେଁ ଯୋଗ୍ୟ ସେହି ସୁନ୍ଦରୀ ।
ନ ଦେବାରୁ , ଯୁଝିଲା ଶମ୍ଭୁଙ୍କ ସହ,
କପଟେ ହରି ହରିଲେ ସତୀ ଦେହ ।
ତେବେ ମରିଲା ଦୈତ୍ୟ ଶଙ୍ଖଚୂଡ ,
ତେଣୁ ରୁଢିରେ ଅଛି ତତ୍ତ୍ୱ ଗୂଢ ।
ଆମର ପଡୋଶୀ ଆତଙ୍କୀକୁ ଡାକି,
ଭ୍ରାତାପଣେ ପୋଷୁଛି ନିକଟେ ରଖି ।
କପଟୀ ଜନ ନୁହେଁ କେବେ କାହାର,
ଏହି କଥା ଦେଖିଲା ବିଶ୍ୱ ଏଥର ।
ସୁଧୁରି ଯାଅ ଯେତେ ଅଛରେ ଧୂର୍ତ୍ତ ,
ବିପଦକୁ ନଡାକ ପାଶକୁ ଆ'ତ ।
ତାରିବାକୁ ତୁମ୍ଭକୁ ନଥିବେ କେହି ,
ଭୂଲୁଣ୍ଠିତ ହେବରେ ରୁଢିରେ କହି ।


ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ,  ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ,  ମୁଖ୍ୟ-ପରିଚାଳିକା : ଶିବଦୂତି ପାଣିଗ୍ରାହୀ,  ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

# କଳିଯୁଗ କୁନ୍ତି...



**ଆଶିଷ କୁମାର ସାହୁ**
ଭେଜିପଦର, ଭବାନୀପାଟଣା,
କଳାହାଣ୍ଡି

କଳିଯୁଗ ପ୍ରେମ ଟିକେ ଅଦ୍ଭୁତ ଭାଇ
ଦିନକୁ ଦିନ ଜଣେ ପ୍ରେମିକ ଝିଅ ବଦଳା ଏ,
କିଛି କିଛି ଜାଗାରେ ପ୍ରେମିକା ବି ଧୋକା ଦିଏ
ନିରୀହ ହୃଦୟ ସହ ମହାଭାରତ ଯୁଦ୍ଧ ହୁଏ,
କଳି ପ୍ରେମେ ନାହିଁ ଜମା ବିଶ୍ୱାସ ମୋହର
ସମୟ ଠୁ ଶୀଘ୍ର ବଦଳେ ଏଠି ପ୍ରେମୀ ଯୁଗଳ,
ନାହିଁ ଆଉ ଭଲପାଇବା ନାହିଁ ବ୍ୟବହାର
ମୋବାଇଲ ଷ୍ଟାଟସ ପାଇଁ ବୁଲନ୍ତି ବାର ବାର,
ନାହିଁ ତାଙ୍କ ମାତା ପିତା ଙ୍କ ସମ୍ମାନର ଡର
ନାହିଁ ତାଙ୍କ ସତୀତ୍ୱ ର ଚିନ୍ତା ଆଉ ବ୍ୟବହାର,
ନାହିଁ ଏଠି ଗୁରୁଜନ ଙ୍କ ସଂମ୍ମାନ
ସବୁକିଛି  ଏଠି ଛାର,
ଉଡ଼ନ୍ତି ଖୋଲା ଆକାଶ ରେ ନଦେଖି
ଭବିଷ୍ୟ ର କଳା ବାଦଲ,
ପ୍ରେମ ନା ନେଇ କରନ୍ତି କେତେ ମିଛ ପ୍ରହସନ
ପ୍ରେମ କହି ମାରୁଛନ୍ତି ନିରୀହ ଭୃଣ ପ୍ରାଣ,
କଳିଯୁଗ ପ୍ରେମ ଏ ନାହିଁ ସତ୍ୟ ବାକ୍ୟ ର ସ୍ଥାନ
ଅସତ୍ୟ କହିଲେ ଯେତେ ମିଳେ ପ୍ରମିକା ର ମନ,
ଭୁଲ ଠିକ ବିଚାରିବା ନାହିଁ ତାଙ୍କରି ମନରେ
ବାପା ମା କହିଲେ ଘରୁ ଚାଲିଯିବା ଧମକ ଦିଏ,
ପ୍ରେମ ବି କିଛି ସୀମା ଭିତରେ ଥାଏ
ସମ୍ପର୍କ ବି କିଛି ମର୍ଯ୍ୟାଦା ଭିତରେ ରୁହେ,
କିନ୍ତୁ ଏହା କଳିଯୁଗ କିଛି କହିବା ବ୍ୟର୍ଥ ହୋଇଥାଏ
ଦେହ ସୁଖ ପାଇଁ ସବୁକିଛି ଏଠି ହୁଏ
ବୁଝନ୍ତି ନି ପ୍ରେମ ର ଯେ ମହତ୍ୱ କଣ,
ବିବାହ ପୂର୍ବରୁ ନାରୀ ସତୀତ୍ୱ ହରାଇ
କାନ୍ଦୁଛନ୍ତି କେତେ ଆଜି କଳିଯୁଗ କୁନ୍ତି।





ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

# ରଜ ପର୍ବ...



ଦୀପାଲି ବେହେରା
ମୟୂରଭଞ୍ଜ

ଆମ ଗାଁର ରଜ ପର୍ବ ସବୁଠୁ ଭିନ୍ନ
ଆମ୍ବ ଗଛରେ ବନ୍ଧା ହେଲା ଦୋଳି,
ପିଲା ସବୁ ରଜ ମଉଜେ ଆନନ୍ଦ
କହୁଛନ୍ତି ସବୁ ହାପି ରଜ ......
ଝିଅ ଘରକୁ ଯାଏ ରଜ ସଜ ଭାର
ଖୁସିର ଲହରୀ ଖେଳେ ଗାଁ ଦାଣ୍ଡରେ ।

ମାଆ ମୋର ପିଠା ତିଆରି ପାଇଁ
ଖୁଡ଼ି ଘରକୁ ବତୁରା ଚାଉଳ ନେଇ ,
ଢ଼ିଙ୍କି କୁଟି କୁଟି ଚୂନା କରଇ
ରଜ ଆଗ ଦିନ ଘରେ ଘରେ ହୁଏ
ଆରିସା କାକରା ତିଆରି ପିଠା
ବାସ୍ନାରେ ପୁରା ଗାଁ ମୁଣ୍ଡ ଯାକ ପୁରେ ।

ମେଘ ବରଷିଲା ଝିପି ଝିପି ହୋଇ
ପବନ ବେଗ ସମୟରେ ବାସେ,
ପାଚିଲା ଆମ୍ବ ,ପଣସର ସୁଗନ୍ଧ
ସବୁ ସାଙ୍ଗ ହୋଇ ଆଜି ଦିଅନ୍ତି,
ପଣସ,ଆମ୍ବ,ଜାମୁକୋଳି ବିଛାଇ
ଖାଆନ୍ତି ସବୁ ପିଲେ ଖୁସି ହୋଇ ।

ରଜ ପର୍ବରେ ଝିଅ ସବୁ
ଗାଧେଇ ନୂଆ ଜାମା ପିନ୍ଧି ,
ଅଳତା ,କଜଳ,ମେହେନ୍ଦି ଲଗାଇ ......
ପୁଣି ଚୁଡ଼ି, ନେଲପଲିସ୍ ,
ପାଉଁଜି ଶବ୍ଦରେ ଗାଁ ପୁରି ଉଠେ
ଖୁସିରେ ଗୋଟେ ଫଟୋ ଉଠାନ୍ତି ।

ରଜସ୍ୱଳା ହୁଅନ୍ତି ଯେ
ବିଶ୍ରାମ କରନ୍ତି ଧରଣୀ ମାତା
ଚାଷୀ ଭାଇ ସବୁ ଚାଷ ନ କରି ,
ସବୁ କାମ ବନ୍ଦ କରାଯାଇ.....
ରଜ ପର୍ବ ଉତ୍ସାହର ସହ ପାଳିତ ହୁଏ
ଦୋଳି ଖେଳରେ ସମୟ ବିତିଯାଏ ।

ପୁଅ ମାନେ ସବୁ ଗାଁ ମୁଣ୍ଡରେ ବସି
ତାସ୍,ବାଗୁଡ଼ି ଖେଳରେ ମାତନ୍ତି,
ଝିଅ ସବୁ ପୁଚି,କଉଡ଼ି,ଲୁଡୁ, ଖେଳି
ଦୋଳି ଖେଳରେ ମଜା ନିଅନ୍ତି.....
ମିଠା ପାନ ପୁଣି ମସଲା ପାନ ଖାଇ
ପାଟିକୁ ନାଲି କରି ଦିଅନ୍ତି ।

ବସୁମତୀ ସ୍ନାନ ଓ ଭୂମି ଦହନ କରି
ପୋଡ଼, କରଞ୍ଜି , ଆରିସା ପିଠା
ଘରେ ଘରେ ହୁଏ ପୂରକାକର
ନାନା ପ୍ରକାର ପିଠା ଓ ମିଠା ,
ବନ୍ଧୁ ବାନ୍ଧବ ସବୁ ରୁଣ୍ଡ ହୁଅନ୍ତି ।

ଦୋଳି ଖେଳରେ ସବୁ ମଜିଥାନ୍ତି
ସବୁ କୁଆଁରୀ କଣ୍ଠରେ ଶୁଭୁଥାଏ
ବନସ୍ତେ ଡାକିଲା ଗଜ,
ବରଷକେ ଥରେ ଆସିଛି ରଜ
ଆସିଛି ରଜ ଲୋ ,
ଘେନି ନୂଆ ସଜବାଜ ।।



ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

# ଲର୍ଯ୍ୟାଲୁଣି ମସି...



**ପ୍ରଶାନ୍ତ ଖଟୁଆ**
ନୀଳାଦ୍ରି ବିହାର , ଚନ୍ଦ୍ରଶେଖରପୁର ,
ଭୁବନେଶ୍ୱର

ସ୍ୱର୍ଗରେ ବୋଲଇ କର୍ନ୍ଦପ ତୁ ମୋ ତନୁଜା..
ନଭେ କୋଳେ ବଧୂ କହଇ ତୁ ମୋ ବଧୂ..,
ଜମ୍ବୁନାଦ କୁଳେ କିପରି କାହା ସର୍ତ୍ତ ବଢିଲ ,,
ଯେ ଦେଖିଲା ବିମୋହିତ ହେଲା ତାହା ସହ ସାଧୁ ।

ହାସ୍ୟ ତୁମ୍ଭ ଏପରି ମିଥିଳାର ମୌଥେଳି ସମ..
ଚାଲିରେ ଶୀତଳ ମଳୟ ହୁଏ ଶୀତୁଆ ସକାଳ..,
ସୀତା ର ସ୍ୱୟଂବର ଶେଷରେ ରାମଚନ୍ଦ୍ର ବିଭା.,,
ଯେସନେ ତୁମ୍ଭ ସ୍ୱୟଂବର କାଳେ ହାରେ ସହସ୍ର ବଳ ।

କେଉଁପରି ବନ୍ଦିବି ବନ୍ଦିତା ତୁମ ବନ୍ଦନାର ଗାନ..
ଆକାଶ ତଳ ସମାଜ କୋଳ ସଙ୍ଗେ ଚକ୍ଷୁବଳ..,
ପ୍ରସଂସା ଦିଅଇ ବନପ୍ରାନ୍ତର ଗିରି ତରୁ ତୀର ନୀଡ଼,,
କୋଟିଜନ ସହିତ ମୂର୍ଚ୍ଛିତ ହୁଅନ୍ତି ଝରଣା ନାଦ କଳ କଳ ।

ଜୀବନ ଥାଉ ଯାହାର ନଉର୍ବର ଓ ମରୁଡ଼ି..
କ୍ଷଣେ ଚାହାଣି ଦଣ୍ଡେ ଠିଆ କର ସ୍ୱର୍ଶ ପୁଣି ..,
ସେ ଜୀବନ ଯାଏ ପାଲଟି ହରିତ ରଙ୍ଗ ର ଭୂଇଁ,,
ସତ୍ୟତର ସତ୍ୟ ସତେ ଅଟ ତୁମ୍ଭେ ମନ୍ମଥ ଦୁଲଣୀ ।

ସଚ୍ଚିଦାନନ୍ଦ ସତ୍ ଚିତ୍ତେ ସର୍ଜନ ଏ କୁମୁଦ ରାଣୀକୁ..
ସୁନ୍ଦରତା କୁ ଦେଲା ବିଶ୍ୱସାର କୁ କଲା ତଳିତଳାନ୍ତ.,
ମୋହନ ର ବାସ ସର୍ବଦା ଏ କଲମ ରାଜ,,
ମସି କଲା ଏହି ନଲେଖେ ମୂରୁଖ ପ୍ରଶାନ୍ତ ।





ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

# ହାସ୍ନା ଚେମେଲି ସଞ୍ଜ ମହକୁଛି...



ହରିଶ୍ଚନ୍ଦ୍ର ବେହେରା
କଲ୍ୟାଣ ନଗର, ବାଲେଶ୍ୱର -୧

ହାସ୍ନା ଚାମେଲି ସଞ୍ଜ ମହକୁଛି
ଆସ ପ୍ରିୟତମ ଆସ ,
ହୃଦୟ ଦୁଆର ଖୋଲି ମୁଁ ରଖିଛି
ରଚିବା ବସନ୍ତ ରାସ ।୦।

ଆକାଶେ ଉଇଁଛି ପୂନେଇର ଜହ୍ନ
ତୋଫା ତୋଫା ଜହ୍ନ ରାତି ,
ଆସ ଆସ ପ୍ରିୟ ଯିବା ଅଭିସାରେ
ପୁଲକେ ଭରା ମୋ ଛାତି...
ଅଥୟ କରୁଛି ତୁମ ବଂଶୀ ସ୍ୱନ
ମହକେ ମୋ ଚଉପାଶ । ୧।

ମିଳନ ପିୟାସୀ କୋଇଲିର କୁହୁ
ଆତୁର କରୁଛି ପ୍ରାଣ ,
ଆମ୍ବ ବଉଳର ବାସ ଚହଟୁଛି
ସବୁତ ତୁମରି ଦାନ...
ହୃଦୟ କୁଞ୍ଜ ମୁଁ ସଜେଇ ରଖିଛି
ଅନ୍ତରତମ ଆସ । ୨।

କାହିଁକି ହେଲି ମୁଁ ତୁମ ପ୍ରେମେ ବାଇ
ଗଞ୍ଜଣା ସହିବା ସାର ,
ଗୋଡ଼ ବଢ଼େଇଲେ ଆଗରେ ପଡ଼ିଛି
ଲକ୍ଷ୍ମଣ ର ତିନି ଗାର ...
ପାହିବା ଆଗରୁ ଏ ରାତି ପ୍ରିୟ ହେ
ରଚିଯିବା ଶେଷ ରାସ । ୩।





ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

# ନୀଳାଦ୍ରୀବିଜେ...



ପ୍ରିୟଙ୍କା ପ୍ରିୟଦର୍ଶନୀ
ନାୟକ
ନୟାପଲ୍ଲୀ, ଭୁବନେଶ୍ୱର

ଯିବା ପାଇଁ ତୁମ ଶ୍ରୀ ଶ୍ରୀ ନୀଳକନ୍ଦର
ହେଉଅଛ ନାଥ ହେ କେତେ ଉଛୁର
ଭାଇଭଉଣଙ୍କୁ ସାଥେ ଘେନିଗଲ ନେଇ ରଥେ
ନଅଦିନ ଯାଇ ରହିଲ ଯେ ମାଉସୀର ଘର...

ସଙ୍ଗେ ଲକ୍ଷ୍ମୀମା'ଙ୍କୁ ନ ଘେନିଣ ମା' ମନେ ରୋଷ କରି ଜାତ
ଫେରି ମାନଭଞ୍ଜନ କରିଣ ମୋହିଲ ସାରା ଜଗତ
ବନ୍ଧୁ କି ଲୀଳା ରଚିଲ,  ଦେଖିଲା ଏ ସାରା ଜଗତ
ଦେଖିଣ ଦୁଇ ନେତ୍ର, ଆତ୍ମା ପ୍ରାଣ ହୋଇଲା ତୃପ୍ତ...

ଆଷାଢ଼େ ଦେଖିବାକୁ ତୁମ ଶ୍ରୀ ଗୁଣ୍ଡିଚା ଯାତ
ଧାଇଁ ଆସେ କେତେ କେତେ ଦୂରରୁ ଭକତ
ଦେବସ୍ନାନ ଠାରୁ ନୀଳାଦ୍ରୀ ବିଜେ ପରଯନ୍ତ
ସାରା ଜଗତେ ପଡଇ ହୁରି ଜୟ ଜଗନ୍ନାଥ...

ଶ୍ରୀ ଗୁଣ୍ଡିଚାରେ ଭକ୍ତ ମେଳେ ନେଇ ରଥ
କାନ୍ତ ଦିଶୁଥିଲ କେତେ ସୁନ୍ଦର ଗୋ ନାଥ
ଦେଖି ତୁମ ଯାତ ଧନ୍ୟ ହେଲା ଏ ଜଗତ
ହସ୍ତ ଟେକି ଶୂନ୍ୟେ କୃତ୍ୟ କୃତ୍ୟ ହୁଅଇ ଭକତ...

ସବୁ ପାପପୂଣ୍ୟର କର୍ମ ଘେନି ହିସାବ କରିଲ
ଭକ୍ତ ପାଖକୁ ଆସି ସାରା ଜଗତକୁ ସ୍ୱଦର୍ଶନ ଦେଲ
ମହଣ ମହଣ ସୁନାରେ ହେଇଣ ସଜେଇ
ଝଟକିଲ ମହାପ୍ରଭୁ ସ୍ୱର୍ଣ୍ଣ ବେଶ ଦେଖେଇ...

ଅଧରପଣାର ମହିମା ଯେ ତୁମର
ସାରା ଜଗତକୁ କି ବା ଅଗୋଚର
ଚଣ୍ଡୀ ଚାମୁଣ୍ଡା ସବୁ ହୋଇଲେ ତୃପ୍ତ
ଗଗନ ପବନ କମ୍ପଇ ରଖ ଜୟ ଜଗନ୍ନାଥ...

ଆଜି ସରିଗଲା ତୁମ ଆଷାଢ଼ ଯାତ
ଆର ବରଷକୁ ଚାହିଁ ରହିଲା ଭକତ
ଥିଲେ ଭାଗ୍ୟେ ପୁଣି ଦେଖିବ ଏ ନେତ୍ର
ଭକତ ହୃଦୟ ହୋଇବ ତୃପ୍ତ...

ଆଜ ନୀଳାଦ୍ରୀବିଜେ କରିବେ ଶ୍ରୀ ନାଥ
ମାନ ଭଂଜିବେ  ଧରିଣ ମାତା ଲକ୍ଷ୍ମୀ ହସ୍ତ
ଖୁଆଇଣ ରସଗୋଲା ମାତାଙ୍କୁ ସ୍ୱହସ୍ତେ
କମ୍ପଇ ଚର୍ତୁଦିଗ ହରିବୋଲ ହୁଳହୁଳି ଶଙ୍ଖନାଦେ...
ଜୟ ଜୟ ଲକ୍ଷ୍ମୀ ନାରାୟଣ ଶ୍ରୀ ଶ୍ରୀ ଜୟ ଜଗନ୍ନାଥ...





ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ,  ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୁତି ପାଣିଗ୍ରାହୀ,  ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

# ସାଧୁର ଉତ୍ତର...



ଅଶୋକ ତାଣ୍ଡି
ବ୍ରାହ୍ମଣୀ ଗୁଡ଼ା, ନୂଆପଡ଼ା

ବିଜ୍ଞାନ ଯୁଗରେ,
କାହିଁ କରୁଛ ଅନ୍ଧବିଶ୍ୱାସରେ ବିଶ୍ୱାସ
ସତ୍ୟତାକୁ ଦେଖ,
ସାଧୁଙ୍କ ବାଣୀରେ ଆଶା ନ ରଖ ।

ସାଧୁ କହିଲେ ଖାଅ ନାହିଁ ଆମିଷ,
ବିଜ୍ଞାନ କହୁଛି ଏ ଅନ୍ଧ ବିଶ୍ୱାସ,
ବିଜ୍ଞାନ ଓ ସାଧୁ ମଧରେ ହେଲା ସଂଘର୍ଷ।

ଆମିଷ ବ୍ୟଞ୍ଜନ  କାୟାକୁ ହୃଷ୍ଟପୁଷ୍ଟ କରଇ
ନିରାମିଷ ବ୍ୟଞ୍ଜନ ମନୋବଳକୁ ଦୃଢ଼ କରଇ।
ଶରୀର ବଳ ନା ମନୋବଳ ବଳ ବଡ଼
ପରିସ୍ଥିତିରେ ଅନୁଭବ ଥରେ କରଇ।
କୃଷ୍ଣ ଓ ଦୁର୍ଯ୍ୟୋଧନକୁ ଦେଖି ବୁଝାଇ,
ଶୁଣନ୍ତୁ ହେ ପ୍ରଜ୍ଞା ପୁରୁଷ
ଶକ୍ତିର କେବେ ସୃଷ୍ଟି ନାହିଁ
କେବେ ନାହିଁ ବିନାଶ
କହନ୍ତି ନିୟୁଟଣ  ମନୀଷୀ।

କୁକୁଡ଼ା, ଛେଳିର ଚରିତ ଶକ୍ତି
ଖାଇବ ଯିଏ ପାଇବ। ଶକ୍ତି ।
ଚରିତ ଶକ୍ତି ସଞ୍ଚାରିତ ହେବ
ଆମିଷ ଖାଇଲେ ମିଳିବ ଶକ୍ତି
ଜଣାଇଛି ସାଧୁ ମନୀଷୀ।

ବିଜ୍ଞାନ କହେ,
ତଥ୍ୟ ଯେଉଁଠି ଶେଷ..
ସେଇଠି ଆରମ୍ଭ ..
ଆଧ୍ୟାତ୍ମିକର ପାଦଦେଶ।

ସାଧୁମାନେ ଦେଲେ ନାମ ଭଗବାନ।
ଲୁଚିଛି ଏଠି ଜୀବନ...
ଭ ରେ ଭୂମି
ଗ ରେ ଗଗନ
ବ ରେ ବାୟୁ
ବ ରେ ଅ ପ୍ରତ୍ୟୟ
ହୁଏ ଅଗ୍ନି
ନ ରେ ନୀର।
ସବୁଠି ସିଏ ଭଗବାନ।

କାହିଁ ସେ ଭଗବାନ?
ନାହିଁ ଆକାର?
ନାହିଁ ଅସ୍ତିତ୍ୱ?
ନାହିଁ ଗନ୍ଧ?
କିଏ ସେ ଭଗବାନ?
କହିଲେ ସାଧୁଜନ
ଦୁଃଖ ସୁଖ ଅଛି
କହେ ସାହିତ୍ୟ ବିଜ୍ଞାନ
ଦୁଃଖର ନାହିଁ ଆକାର
ନାହିଁ ଗନ୍ଧ
ନାହିଁ ଅସ୍ତିତ୍ୱ ?
ଅଛି କେବଳ ବିଶ୍ୱାସ ଅନୁଭବ ରେ
ସାଧୁ ଦେଲେ ଏହି ପ୍ରତି ଉତ୍ତର।

ଭଗବାନ ସବୁରି ମରମେ
ସବୁରି ସ୍ଥାନରେ ଅଛନ୍ତି ରହି
କାହି ଯାଉଛ ତୁମେ ମନ୍ଦିର
ଥାନ୍ତି ଯେବେ ଭଗବାନ ଅନ୍ତର।

ସାଧୁ ଦେଲେ ଏହାର ପ୍ରତିଉତ୍ତର ଜୀବନର
ପ୍ରତ୍ୟେକ ସ୍ଥାନରେ
ରହିଛି ଜ୍ଞାନର ଆଳୟ ...



ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
MSME UDYAM-OD-13-0044620

# ହୃଦୟର କୋହ ...



**ହିମାଂଶୁ ବେହେରା**
ଚୌଦ୍ୱାର, କଟକ

ତୁମେ ପରା ସାଥୀ ଗଢି ଦେଇଥିଲ
ସ୍ୱପ୍ନର ମହଲ ଟିଏ,
ନିଜ ହାତେ ପୁଣି ଭାଙ୍ଗି ଦେଉଅଛ
ବିତିନି ରାତି ଏ ଯାଏ।
ନିଷ୍ଠୁର ଏମିତି ସାଜିଲ ଯେ ପ୍ରିୟ
କେମିତି ଭୁଲିବି କୁହ,
ତୁମ ପ୍ରେମ ସ୍ମୃତି ସାଥେ ବିତେ ରାତି
ଗଡ଼ାଇ ଆଖିରୁ ଲୁହ।
କେମିତି ଭୁଲିବି ତୁମ ପ୍ରତିଶ୍ରୁତି
ତୁମ ସେ ମିଛର ଆଶା,
ପ୍ରଶ୍ନ ଆଜି ମୋର,କି ଖୁସି ମିଳିଲା
ଭାଙ୍ଗିଣ ମୋର ଭରସା।
ସାଥୀ ହୋଇ ତୁମେ ଏତେ ଦୁଃଖ ଦେଲ
ଥରୁଟେ ଭାବିଲ ନାହିଁ,
ତୁମ ପାଇଁ ସିନା ସହଜ ଏ ସବୁ
ବିଶ୍ୱାସ ମୋ ହେଉ ନାହିଁ ।
ଶୁଣିଥିଲି କାଳେ ସମୟର ସାଥେ
ସ୍ୱଭାବ ଯାଏ ବଦଳି,
ତୁମେ ବଦଳିବା ସ୍ୱାଭାବିକ ଥିଲା
ମିଛେ ପଡ଼ିଲି ମୁଁ ବଳି।
ନିତି ଜଳି ଲିଭେ ହୃଦୟର ବହ୍ନି
ହୃଦୟ ଭାଙ୍ଗିବା ପରେ,
ତଥାପି ସହୁଛି ଯନ୍ତ୍ରଣାକୁ ସାଥୀ
ନୀରବେ ରହି ଏଠାରେ....





ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
MSME UDYAM-OD-13-0044620

# ହେ ସମୟ...



ସ୍ମୃତି ଝାଙ୍କର
ଟକର୍ଲା, ସୋନପୁର

ହେ ସମୟ ତୁମକୁ ଅନୁରୋଧ ମୋର
ଅଟକାଅ ତୁମ ଗତି ,
ତୁମର ଦ୍ରୁତ ଗତିରେ ବହି ଯାଉଛି
ମୋର କେତେ ସବୁ ସ୍ମୃତି ।

ବିଗତ ଦିନ ଯେ ପ୍ରତିଛବି ହୋଇ
ଝଲସି ଉଠେ ନୟନେ ,
ନିଶବ୍ଦ ରାତିରେ ଏକାକୀ ବସି ମୁଁ
ଭାବୁ ଥାଏ ମନେ ମନେ।

ହେ ସମୟ ତୁମେ ଚାଲିଯିବ ରଖିଦେଇ
କେତେ ଅଭୁଲା ସ୍ମୃତି ,
ମନ ର ଖାତା ରେ ଲେଖି ରଖିଦିଏ
ମୋର ସବୁ ଅନୁଭୂତି।

ହେ ସମୟ ଆଉ ଦଣ୍ଡେ ଧର୍ଯ୍ୟ ରଖ
ନିଷ୍ଠୁର ତୁମେ ନ ହୁଅ ,
ସ୍ନେହ ପ୍ରେମ ପ୍ରୀତି ରାଗ ଅନୁରାଗ
ସାଉଟିବାକୁ ମତେ ଦିଅ।

ସାଉଟି ନେବି ମୋ ହସଖୁସି ଯେତେ
ରାଗ ଆଉ ଅଭିମାନେ ,
ସ୍ନେହ ପ୍ରେମ ପ୍ରୀତି ଅନୁରାଗ ଯାହା
ପାଇଥିଲି ଏ ଜୀବନେ।

ହେ ସମୟ ଟିକେ ରୁହ ସ୍ମୃତିର ମୋତିରେ
ମାଳା ଟିଏ ଗୁନ୍ଥି ଦିଏ ,
କିଏ ଜାଣେ କାଲି ମୋ ମୋତି ଗୁଡ଼ାକ
ତୁମ ସହ ହଜିଯାଏ।

ହେ ସମୟ ତୁମେ ନ ହୋଇ ନିର୍ଦ୍ଦୟ
ରୋକିଦିଅ ଗତି ପଥ ,
ରହିବାକୁ ଚାହେଁ ପ୍ରିୟଜନ ପାଖେ
ଆଉ ଟିକିଏ ମୁହୁର୍ତ୍ତ।

ହେ ସମୟ ଆଉ ଦଣ୍ଡେ ଧର୍ଯ୍ୟ ରଖ
ନ ହୁଅ ହେ ନିଷ୍ଠୁର ,
ବୋହିବାକୁ ଦିଅ ମୋ ହୃଦୟ ବେଦନା
ଲୁହ ସହ ନିରନ୍ତର।



ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

# ସତ ବନ୍ଧୁ ଟିଏ...



**ଧିରୋଜ କୁମାର ପାତ୍ର**
କୁସୁର୍ଲା,କଳାହାଣ୍ଡି

ଗଛକୁ ମୁହିଁ ତ      ବନ୍ଧୁ କରିଅଛି
ବାନ୍ଧିଛି ଡୋରି ଡାଳରେ ,
ସତ ହେଉ ଅବା      ଅନ୍ଧ ବିଶ୍ୱାସ ରେ
ପୂର୍ଣ୍ଣ ହେବି ଅନ୍ତ କାଳରେ ॥
ସିଏତ ମୋହର      ଅତି ନିଜର ଲୋ
ତା ସଙ୍ଗେ ଭାବ ବାନ୍ଧିଲି ,
ତା ଫଳ ଖାଇଣ      ଏତେ ବଡ ହେଲି
ତାକୁ ଆପଣାର କଲି ॥
ବଗିଚାରେ ମୋର      ଭଳି ଭଳି ଗଛ
ସଜନା ଅମୃତ ଭଣ୍ଡା,
କଖାରୁ ର ଫୁଲ      ଭାରି ସୁଆଦ ଲୋ
ଖାଇଲେ ହୋଇବ ଭେଣ୍ଡା ॥
ପୋଇ ବାଇଗଣ      ଲଙ୍କା କନ୍ଦମୂଳ
ଲଗାଇଛି ଧାଡି ଧାଡି,
ସଜନା ଗଛରେ      ଛୁଇଁ ଆସିଲାଣି
କଲରା ରଞ୍ଜାରେ ମାଡି ॥
ନଡିଆ କଦଳୀ      ଫଳିଲାଣି ଆସି
କଦଳୀ ମଞ୍ଜା ତିଅଣ,
ଶୁଖିଲା ନଡିଆ      ତେଲ ତିଆରୁଛି
ଭେରସୁଙ୍ଗା ଗଛ ବଣ ॥
ବଜାରକୁ କାହିଁ      ବ୍ୟାଗ ଧରି ଯିବି
ସବୁଜ ପରିବା ପାଇଁ,
କେତେ ଦରକାର      ରୋଷେଇ ବଗିଚା
ଯିବିନି ହାଟକୁ ଧାଇଁ ॥





ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

# ସ୍ନାୟୁରେ ତରଙ୍ଗ ଖେଳାଏ...



**ବିଶ୍ୱନାଥ କର**
ଦେଉଳ ସାହି ,ତୁଳସୀ ପୁର ,
କଟକ

ସ୍ନାୟୁରେ ତରଙ୍ଗ ଖେଳାଏ
ଅଝଟ ଜହ୍ନର ପାଠଶାଳା
କାନ୍ଥଘଣ୍ଟା ର ଟିକ୍‌ଟିକ୍ ଶବ୍ଦ
କିଛି ମୋତେ ପଚାରିବା ପଚାରିବା ଲାଗେ
ସଞ୍ଜ ଗଡିଲେ ମୁଁ ଶୁଣେ
ରାତି ଲାଜେଇ ଗଲେ ମୁଁ ଦେଖେ
ଏବେ ଏବେ ତ ଲଟେଇ ଯାଉଛି ମିଠା ମିଠା ଆଲୋକ
ସାମ୍ନା ଗଛର ଡାଳରେ ପତ୍ର ସନ୍ଧିରେ ।

ନଈ ଆରପାଖେ ମେଳା ବସେଇଛନ୍ତି ଅନ୍ତରୀକ୍ଷରେ ଝୁଲୁଥିବା
ଇତିହାସର ସବୁ କ୍ରୁଶବିଦ୍ଧ କାହାଣୀ
ସବୁ ପ୍ରେମ ପ୍ରତାରଣାର ଦସ୍ତାବିଜ
ମେଳା ବସେଇଛନ୍ତି କେଉଁ ଅହଲ୍ୟାଯୁଗରୁ
ଗୋନାସିକା ଯୁଗରୁ ।

କେବେ କେବେ ସ୍ନାୟୁରେ ତରଙ୍ଗ ଖେଳାଏ
ସରୁ ନଥିବା ରାତିରେ ସୃଜନ ର ନିରବ ଦହନ
ପ୍ରେମ ଭିଜା ମଳୟର ଛଳଛଳ ମୁହୂର୍ତ୍ତ
ନୀଡ ଫେରନ୍ତା ଅଚିହ୍ନା ପକ୍ଷୀଙ୍କ ଗୁଞ୍ଜନ
ମନରେ କମ୍ପନ ଜଗାଏ
କେତୋଟି ଅଲିଭା ପାଦଚିହ୍ନ ।

କେବେ ଅପହଞ୍ଚରୁ ପହଞ୍ଚ ହୋଇଯାଏ
ପହଞ୍ଚରୁ ଅପହଞ୍ଚ ବି
ସ୍ୱପ୍ନର ବୋଝ ବୋହି ବୋହି ରାତି ବଢେ ରାତି ଛିଡେ
ଅସ୍ଥିର ଦାଦନର ପାଦ ରେ ଠିକଣାର ଅବଶେଷ
ଦିଗନ୍ତ ସେପାରେ ଖୋଜୁଥାଏ ଜୀବନ
ସାଉଁଟା ଫୁଲ ରେ ଗଢୁଥାଏ ଦିନ ।



ସ୍ନାୟୁରେ ସ୍ନାୟୁରେ ଶୁଭେ ଘୁଙ୍ଗୁର ର ରହି ରହି ତାନ
ମୁହୁର୍ମୁହୁ ଅତୀତ ସ୍ପନ୍ଦନ
ମୋ ଚାରିପାଖରେ ଘୁରିବୁଲେ ଦିଗହଜା ପକ୍ଷୀଙ୍କ କାକଳି
ବସନ୍ତର ମଧୁର ଆବେଶ
ସ୍ନାୟୁରେ ତରଙ୍ଗ ଖେଳାଏ
ଆନମନା କରେ।



ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
MSME UDYAM-OD-13-0044620

# ବିଶ୍ୱ ବନ୍ଧୁ ତୁମେ କରୁଣାର ମହାସିନ୍ଧୁ...



**ଦଶରଥ ମାଝୀ**
କୁରୁମାଠୁଆଁ, ଭବାନୀପାଟଣା,
କଳାହାଣ୍ଡି

ଧ୍ରୁବ ପ୍ରହଲ୍ଲାଦ ଦରଶନ କରି
ଆଶିଷ ପାଇଲେ ତୋର ,
ତୋ କରୁଣା ପାଇଁ ଏ ସାରା ସଂସାରେ
ତୋ ଯଶ ଉଡେ ଠାକୁର ||

ଗୁରୁଜନଠାରୁ ଶୁଣିଛି ଠାକୁର
ଭକ୍ତ ସାଲବେଗ ପାଇଁ ,
ଅଟକି ରହିଲ ରଥରେ ତୁମେକି
ଭକତିରେ ଭୋଳ ହୋଇ ||

ଦୀନକୃଷ୍ଣ ମନ ଦୁଃଖରେ ତୁ ଠାରେ
ଭକ୍ତିରେ ହେଲେ ଭକତ '
ରାଜା ଦୁଃସପ୍ନ ଦେଖି ତୋର କରୁଣାରେ
ବନ୍ଦିରୁ କରିଲେ ମୁକତ ||

ଦେହି ପଦ ପଲ୍ଲବ ମୁଦାରମଟି
ଲେଖି ଦେଲେ ଜଗନ୍ନାଥ ,
ଜୟଦେବ ଗୀତଗୋବିନ୍ଦ ଲେଖାରେ
ରହିଅଛି ତୁମ ହାତ ||

ବଳରାମ ଦାସ ମନ ଦୁଃଖେ ଫେରି
ରଥଟି କଲେ ବାଲିରେ ,
ବଳରାମ କଥାରେ ରଥଟି ଆଉ
ଚାଲିଲା ନାହିଁ ସେଠାରେ ||

ବିଶ୍ୱ ବନ୍ଧୁ ତୁମେ ଜଗନ୍ନାଥ ପ୍ରଭୁ
କରୁଣାର ମହାସିନ୍ଧୁ ,
ପ୍ରଭୁଙ୍କ ଦେଉଳ ମହକି ଉଠଇ
ଭକ୍ତଙ୍କର ଭକ୍ତି ବିନ୍ଦୁ ||





ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

# ହଜିବା ଆଗରୁ ମୋ ପରିଚୟ...





ନିରୁପମା ମିଶ୍ର
(ଅଧ୍ୟାପିକା)
U.N କଲେଜ, ଅଡ଼ଶପୁର

ମୁଁ କିଏ ? ମୁଁ ଝିଅ ଟିଏ...
ଶୁଣ ଏ ସମାଜ ର ପ୍ରତିଷ୍ଠାକାରୀ ମାନେ
ବୁଝ ମୁଁ କିଏ?
କାନପାତି ଶୁଣ ମୋ ପରିପକ୍ୱତା କୁ,
ଦେଖ ମୋ ଭିତରେ ଥିବା ସମର୍ଥ କୁ ।

ମୁଁ କିଏ ? କୁହତ ମୁଁ କିଏ ?
ହଁ, ମୁଁ ଛାୟା ଶୀତଳ ସକାଳର,
ମୁଁ ପୁଣି ସୁନ୍ଦର କାକର ବିନ୍ଦୁ ଟିଏ.

ଓଠ ମୋର ସତେ କି ଓଦା ଗୋଲାପର ପାଖୁଡା,
ଆଖି ମୋର ନୀଳ ସମୁଦ୍ର ର ଲହରୀ ।
ଆଉ ମନ ! ମନ ସତେ କି ଅସୁମାରୀ ଆକାଶ ର ଛାତି,
ହଁ, ମୁହିଁ ପ୍ରତି କାବ୍ୟ ର ଧାରା,
ମୁଁ ଯେ କେତେ କବି ର ସୁନ୍ଦରୀ ନାୟିକା,
କେତେ କେତେ କାବ୍ୟ ରେ ଲେଖା ମୋ ମାଧୁର୍ଯ୍ୟ ।

ମୁଁ କେବେ ସକାଳର ସୁନ୍ଦର ସୂର୍ଯ୍ୟ ର ଆଲୋକ,
ପୁଣି ମଧ୍ୟାହ୍ନ ର ହୁତୁ ହୁତୁ ଡହ ।
ମୁଁ କାହା କବିତା ର ଅପରାହ୍ନ ଗୋଧୂଳି,
ପୁଣି କେଉଁ କବି ର ଜହ୍ନ ତାରା ଭରା ରାତି ତ,
କେବେ ଅମାବାସ୍ୟା ର ଅନ୍ଧାର କୁହୁକିନୀ ।



ମୁଁ କେବେ ସୂର୍ଯ୍ୟ ର ପ୍ରଖର ପ୍ରହର,
ପୁଣି ଅନ୍ଧାର ଗଳିର ଚିତ୍କାର ।
କେତେ ବେଳେ ନାଗୁଣୀ, ତ' କେତେବେଳେ ସୂର୍ଯ୍ୟମୁଖୀ,
ହଁ ' ମୁହିଁ ଧରିତ୍ରୀ, ଧରାଗାମୀ ସୀତା,
ଅର୍ଜୁନ ର ଲଜ୍ୟାକାରୀ ଯାଜ୍ଞସେନୀ.
ମୁଁ ହିଁ ତ କାରୁବାକୀ, ଶାରଳା, ବିମଳା
ନିର୍ଭୟା, ଆଉ ଚାବିରାଣୀ
ଆହୁରି କେତେ କଣ...

ମୁଁ ଝିଅ ଟିଏ,
ନାହିଁ ଦରକାର ମୋର ସାମାଜିକ ସଂଜ୍ଞା,
ମହାନତା ର ମୁକୁଟ, ସହାନୁଭୂତି ର ଚାଦର ।
ମୁଁ ସମର୍ଥ ମୋ ଭିତରେ...
ମୁଁ ଉଡିବା ଜାଣେ , ବଞ୍ଚିବା ଜାଣେ ..
ହଁ ମୁଁ ଝିଅ ଟିଏ,
ଆଉ ପଚାରି ବୁଝନି ମୋ ଜନ୍ମ ଆଗରୁ ମୁଁ କିଏ ?
ମୁଁ ଝିଅ ଟିଏ, ମା' ଟିଏ, ସ୍ତ୍ରୀ ଟିଏ...



ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0045620

# ଶୁକ୍ରାଙ୍ଗ ଜନ୍ମ ରହସ୍ୟ...



ରାକେଶ କୁମାର ସାହୁ
କରାଣ୍ଡ, ପିଙ୍ଗୁଆ, ଢେଙ୍କାନାଳ

ପ୍ରଭୁ ରାମଚନ୍ଦ୍ର ପାଳି ପିତୃସତ୍ୟ
ରାଜ ସିଂହାସନ ତେଜି,
ହର୍ଷୋଲ୍ଲାସେ ଘେନି ଭ୍ରାତା ସାଥେ ପତ୍ନୀ
ଚିତ୍ରକୂଟରେ ବିରାଜି ।।

ନିଘଞ୍ଚ କାନନୁ ପକ୍ୱ ଫଳ ତୋଳି
କରନ୍ତି କ୍ଷୁଧା ମୋଚନ,
ସ୍ୱଚ୍ଛ ସୁଶୀତଳ ଝର ଜଳପାନ
ସୁଖେ ଦିବା ଅବସାନ ।।

ଜନକ ନନ୍ଦିନୀ ସୀତା ଠାକୁରାଣୀ
ପ୍ରଭୁଙ୍କର ଅର୍ଦ୍ଧାଙ୍ଗିନୀ,
ସ୍ୱାମୀଙ୍କୁ ଆଦର୍ଶ ସ୍ୱଜୀବନେ ମଣି
ଦିନ କାଟୁଥାନ୍ତି ଗଣି ।।

ବିଶ୍ରବା ନନ୍ଦନ ପାପୀ ଦଶାନନ
ମାତାଙ୍କୁ ଯେ ପାପ ଦୃଷ୍ଟି,
ଛଳନାରେ ତାଙ୍କୁ କରିଲା ହରଣ
କରି ମାୟାମୃଗ ସୃଷ୍ଟି ।।

ମାତାଙ୍କ ବିହୁନେ ନାନା ଶଙ୍କେ ମନେ
ପ୍ରଭୁ ହେଲେ ଅସ୍ତ ବ୍ୟସ୍ତ,
ସତେ ଚତୁର୍ଦ୍ଦିଗ ଅନ୍ଧକାରମୟ
ଶୂନ୍ୟ, ନ୍ୟୁନ,ଭାରାକ୍ରାନ୍ତ ।।

ଫିକା ଫିକା ଲାଗେ ସରଗର ଇନ୍ଦୁ
ତୁଛ ପୁଷ୍ପ ପାରିଜାତ,
ବିରହ ବିମର୍ଷ ଅଥୟ ଅଶାନ୍ତ
ମାତା ଅଦ୍ୟାନୁପସ୍ଥିତ ।।

ଦିବା ଦଶଘଡି ଦଶ ଯୁଗ ପ୍ରାୟ
ନିଶା କାଳରାତ୍ର ପରି,
ମର୍ଯ୍ୟାଦା ପୁରୁଷ ବିରହ ମାନସେ
ହେଲେ ବୈଦେହୀଙ୍କୁ ଝୁରି ।।

ଅସମ୍ଭାଳ ହୃଦେ ସୀତୟା ସନ୍ଧାନେ
ପ୍ରଭୁ ହେଲେ ଅଗ୍ରସର,
ଗିରି,ବନ,ସିନ୍ଧୁ, ସରଗ,ପାତାଳ
ସର୍ବ କରି ଏକାକାର ।।

ପାରିଲେନି କରି ଠାବ କାହିଁ ଅବା
ତିନି ପୁରରେ କେଉଁଠି,
କୌଶଲ୍ୟା ନନ୍ଦନ ସତେ ଦୃଷ୍ଟିହୀନ
ମାତା ଥିଲେ ତାଙ୍କ ଯଷ୍ଟି ।।
ମାତାଙ୍କୁ ଝୁରଛି ପ୍ରଭୁ ରାମଚନ୍ଦ୍ର
ଅଶାନ୍ତ ଅସ୍ଥିର ମନ,
ଉଦାସ ମାନସେ ଲୋତକ ନୟନେ
କରନ୍ତି ସୀତା ସନ୍ଧାନ ।।

ପ୍ରଭୁ ପାଦ ଦ୍ୱୟ ଯୋଜନ ଯୋଜନ
ପଥ କରି ଅତିକ୍ରାନ୍ତ,
ମାତାଙ୍କୁ ନ ଭେଟି ହୃଦୟ ବିଳାପେ
କ୍ଳାନ୍ତ,ଶ୍ରାନ୍ତ ମନ ଚିତ୍ତ ।।

ଦିନେ ପ୍ରଭାତରୁ ମାତାଙ୍କ ସନ୍ଧାନେ
ପ୍ରଭୁ ଚାଲୁଥିଲେ ପଥ,
ଶୁକ୍ରାଙ୍ଗ-ଶୁକ୍ରାଙ୍ଗୀ ରମଣେ ରଞ୍ଜିତ
ପ୍ରଭୁ ଦେଖି କ୍ରୋଧାନ୍ୱିତ ।।



ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

ହାୟରେ ମୟୂର ତୁ ଏଡେ ପାମର
ଭୁଲି ଗଲୁ ରୀତି ନୀତି,
ଅଂଶୁମାନ କରେ ଦ୍ୱିଘଡି ବେଳରେ
ପ୍ରେୟସୀକୁ ବାଣ୍ଟୁ ପ୍ରୀତି ।।

ଘେନ ମୋର ଶାପ ହେବୁ ଭସ୍ମୀଭୂତ
କରିବୁ ଯେବେ ରମଣ,
ମୂର୍ଦ୍ଧନା ଫାଟିବ ସହସା ସେକ୍ଷଣି
ହୋଇବ ନିଶ୍ଚେ ମରଣ ।।

ମୋର ଅଭିଶାପ ନହେବ ନିଷ୍ଫଳ
ଅକାଟ୍ୟ ବଚନ ଏ ତ',
ଏହି ମୂହୁର୍ତ୍ତରୁ ପତ୍ନୀ ସଙ୍ଗ ତେଜି
ବ୍ରହ୍ମଚର୍ଯ୍ୟେ ହୁଅ ଲିପ୍ତ ।।

ପ୍ରଭୁଙ୍କ ଶ୍ରୀମୁଖୁ ଶୁଣି ତିକ୍ତ ଶାପ
ଭିଜା ଚକ୍ଷୌ ବେନି କେକୀ,
ପ୍ରଭୁଙ୍କ ସମ୍ମୁଖେ ଦୁଃଖ ଜର୍ଜରିତେ
ହେଲେ ବେନି ପ୍ରାଣୀ ଦୁଃଖୀ ।।

ବେନି କେକୀ ନମ୍ରେ ଅନୁତାପ ହୃଦେ
ପ୍ରଭୁଙ୍କୁ ଭାଷନ୍ତି ଯାଇ,
ତବ ଅଭିଶାପ ଫଳପ୍ରଦେ ଆମ
ବଂଶ ଯିବ ଲୋପ ହୋଇ ।।

ନୋହିଲେ ସଂଭୋଗ ମୟୂର କୁଳରେ
ବଂଶ କିପରି ଜନ୍ମିବ?
କିଛି ଦିନ ଅନ୍ତେ ତୁମ୍ଭ ଚରାଚରୁ
ଶିଖୀ ନାମ ଲିଭି ଯିବ ।।

ଅଭିଶାପ ଯଦି ଦେଲ ବିଶ୍ୱସ୍ରଷ୍ଟା
ବଞ୍ଚିବାକୁ ରାହା ଦିଅ,
ତବ ସୁଦୟାରେ ରକ୍ଷା କର ଆମ୍ଭେ
ସଦା ରାମ ନାମ ଜୟ ।।

କରି ନିବେଦନ ଅସୀମ,ଅମାପ
ପ୍ରଭୁ ଶ୍ରୀପୟରେ ଲୋଟି,
ଅଶ୍ରୁ ଜଳଧାରେ ମଗ୍ନ ବେନି ହୃଦ
ବିଖଣ୍ଡିତ ହୁଏ ଫାଟି ।।

ଶୁକ୍ରାଙ୍ଗୀ ସଧୀରେ ବୋଲେ ଏ ମହୀରେ
କିବା ମୋର ପ୍ରୟୋଜନ,
ନଲଭି ମାତୃତ୍ୱ ଅପୂର୍ଣ୍ଣ ଅକାମ୍ୟ
ଶତଧିକ୍ ନାରୀଜନ୍ମ ।।

ଅପୁତ୍ରିକ ଦୋଷ କଠୋର,ମର୍ମର
ଜାଣିଛି ମୋହରି ହୃଦ,
ଥିଲେ ବା ସୌନ୍ଦର୍ଯ୍ୟ ତିଳେ ନାହିଁ କାର୍ଯ୍ୟ
ଖେଳାଏ ମନେ ବିଷାଦ ।।

ମୟୂରୀ ବେଦନା ପ୍ରଭୁ ରାମଚନ୍ଦ୍ର
ପାରିଲେନି ଆଉ ସହି,
ପ୍ରତିକାର ପନ୍ଥା ବେନି ପ୍ରାଣୀ ପାଶେ
ଉପାୟ ଦେଲେ ବତାଇ ।।

ପ୍ରଭୁଙ୍କ ନିର୍ଦ୍ଦେଶେ ଶୁକ୍ରାଙ୍ଗ,ଶୁକ୍ରାଙ୍ଗୀ
ଥାନ୍ତି କଳା ମେଘ ଚାହିଁ,
ମେଘାଚ୍ଛନ୍ନ ନଭ ସ୍ୱନେତ୍ରେ ଦେଖିଲେ
ଖୁସିରେ ଅଧୈର୍ଯ୍ୟ ହୋଇ ।।

ଆନନ୍ଦ ଲହରୀ ହୃଦେ ଖେଳିଯାଏ
ମୟୂର ମୟୂରୀ ଭୋଳ,
ନର୍ତ୍ତକ ପ୍ରାୟ ଯେ ନୃତ୍ୟ କରୁଥାନ୍ତି
ଘନ ଆକାଶର ତଳ ।।

ସେହି ମୂହୁର୍ତ୍ତରେ ମୟୂର ଶରୀରୁ
ସ୍ଖଳନ ହୁଅଇ ରେତ,
ଚଞ୍ଚୁରେ ମୟୂରୀ ଆସ୍ୱାଦନେ ତାକୁ
ଗର୍ଭେ ଡିମ୍ବ ହୁଏ ଜାତ ।।

ପ୍ରଭୁଙ୍କ କଲ୍ୟାଣେ କିଛି ଦିନ ଅନ୍ତେ
ଶିଖୀ ପ୍ରସବାଏ ଡିମ୍ବ,
ଉଷୁମାଏ ଯେଣୁ ଯତ୍ନ ସହକାରେ
ସନ୍ତାନ ହୁଏ ସମ୍ଭବ ।।

ପ୍ରଭୁ ସୁଆଶିଷେ ସୁଦୟା ନିର୍ଦ୍ଦେଶେ
ଶିଖୀ ହେଲା ଗର୍ଭବତୀ,
ଜନ୍ମିଲା ସନ୍ତାନ ନହୋଇ ରମଣ
ଧନ୍ୟ ପ୍ରଭୁ ଦାଶରଥି ।।


ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୃତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
MSME UDYAM-OD-13-0044620

# ମୁଢ଼ିଘାଣ୍ଟ...



**ଶ୍ରୀମାନି ପ୍ରିୟଦର୍ଶିନୀ ଦାସ**
ଗୋବିନ୍ଦ ପୁର, କଣ୍ଟାପଡ଼ା, କଟକ

ରୋଷେଇ ଘରେ ହରଡଘଣାରେ ପଡିଗଲା ନିତା । ନୂଆ ବାହାଘର, ପ୍ରଥମ ରୋଷେଇ । ରୋଷେଇର "ର" ଅକ୍ଷର ଜଣା ନଥିବା ମଣିଷକୁ ରୋଷେଇ କରିବା କଥା କହିଲେ ଅବସ୍ଥା ଯାହା ହୁଏ! ମ୍ୟାଗି, କଫି ବ୍ୟତୀତ ଅନ୍ୟ କିଛି ବନାଇ ଜାଣି ନଥିବା ନିତାକୁ ମୁଢ଼ି ଘାଣ୍ଟ ଶବ୍ଦଟି କେମିତି ଅଜବ ଲାଗୁଥିଲା । ପ୍ରଥମେ ସେ ଭାବି ନେଇଥିଲା ମୁଢ଼ି ମିକ୍ସର ଗୋଳାଇ ଦେଲେ ସେଇ ଖାଦ୍ୟକୁ ବୋଧହୁଏ ମୁଢ଼ି ଘାଣ୍ଟ କୁହନ୍ତି । କିନ୍ତୁ ରୋଷେଇ ଘର ସ୍ଲାବ୍ ଉପରେ ମାଛ ମୁଣ୍ଡ କେତୋଟି, ଚିଙ୍ଗୁଡ଼ି, ବୁଟ ଡାଲି, ପନିପରିବା ଇତ୍ୟାଦି ସଜା ହୋଇ ଥୁଆ ହୋଇଛି । ଯୋଗକୁ ଆଜି ଫୋନ୍ ଟା ଚାର୍ଜ କମ ହେତୁ ସୁଇଚ ଅଫ୍ ହେବାର ଥିଲା, ନହେଲେ ୟୁଟ୍ୟୁବ୍ ଥିଲେ କିଛି ଗୋଟେ କରି ହୋଇଥାନ୍ତା । ସମସ୍ତେ ଆଜି ତା'ର ମଜା ଉଡ଼ାଇବା ଥୟ ।

ଝିଅଦେଖା ଦିନ ପିଇସୀ ତା'ର ଅନର୍ଗଳ କହିଚାଲୁଥିଲେ " ହଁ ମ, ଆମ ଝିଅକୁ କ'ଣ ବା ରୋଷେଇ ଜଣା ନାହିଁ ! ପଣସ ମଞ୍ଜି ଖଡା ରାଇ, ଶାଗମୁଗ,ମାଛ ମହୁର ସବୁକିଛି ଜଣା" । ହସ ଲାଗୁଥିଲେ ମଧ ସେ ପାଟି ଚୁପ୍ କରି ବସିଥିଲା । ଏଇ ଖାଦ୍ୟ ସବୁ ବନେଇବା ଦୂରର କଥା ଚାଖି ନଥିଲା କେବେ ନିତା । ବୁଢ଼ୀ ମାଆ ତା'ର ନିତିଦିନ କୁହେ " ହେଇଟି ମନେ ରଖିଥା, ଏଇ ଯୋଉ ରୋଷେଇ କରିବାକୁ ନାକ ଟେକୁଛୁ ନା, ଦିନେ ପାନେ ପାଇଲେ ଜାଣିବୁ । ଶାଶୁ ଯେତେବେଳେ ତୋତେ ନ ଶୁଣେଇଛି ମୋତେ କହିବୁନି ! ଆଲୋ ଏ ମେଞ୍ଚଡ ଟୋକି ଜନମ ହେଇଚି ମାଆ, ଜେଜେମା ନାଆ ତଳେ ପକେଇବାକୁ! ଆଲୋ ମୁଁ ବଞ୍ଚିଛି ଆସୁନୁ ପାରମ୍ପରିକ ଓଡ଼ିଆ ଖାଦ୍ୟ ରନ୍ଧା ଏମିତି ଶିଖେଇ ଦେବି ଯେ, ତୁ ମଲା ଯାଏଁ ମୋତେ କ'ଣ ମୋ ରୋଷେଇକୁ ଭୁଲି ପାରିବୁନି । ହେଇଟି ବୁଝିଲୁ ତ ?" ବୁଢ଼ୀ ମାଆ କଥାକୁ ଫୁ କରି ଉଡେଇ ଦଉଥିଲା ନିତା । ଯୁଗ କେତେ ଆଗକୁ ଗଲାଣି । ପିଜ୍ଜା, ବର୍ଗର ଦୁନିଆରେ ସେଇ ପୁରୁଣା କାଳିଆ ଖାଦ୍ୟ କିଏ ବା ପସନ୍ଦ କରିବ ! ବୁଢ଼ୀ ନିଜକୁ ନିଜେ ବେଶି ଟେକୁଛି । ଟେକୁଥାଉ ସେମିତି !



ବଡ ଅସହାୟ ଲାଗୁଥିଲା ତାକୁ ଆଜି । ବୁଢୀମା କଥାକୁ ମାନିଥିଲେ ହୁଏତ ତାକୁ ଏଇଭଳି ଦିନ ଦେଖିବାକୁ ମିଳି ନଥାନ୍ତା । ପିଇସୀଙ୍କ ମିଛ କଥାକୁ ସତ ଭାବି ଶଶୁର ଭାରି ଖୁସି ! ବୋହୂକୁ ମୋର ସବୁ ଜଣା , ଦେଖିବ ଆଜି ମୁଢ଼ି ଘାଣ୍ଟ ବନେଇବ । ଏଇ ଧାଡ଼ିଏ ସକାଳୁ ସକାଳୁ ଘରେ ଉପସ୍ଥିତ ସମସ୍ତ କୁଣିଆଁଙ୍କୁ ଜଣାଇ ସାରିଲେଣି । ସ୍ୱାମୀ ତାକୁ ଦେଖିବା ବାହାନାରେ ଦୁଇ



ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

ଚାରି ଥର ରୋଷେଇ ଘରୁ ଏପଟ ସେପଟ ହଉଛନ୍ତି ଯେ ତାଙ୍କୁ ମଧ ଲାଜବଶତଃ ପଚାରି ପାରୁନି । କାନ୍ଦ କାନ୍ଦ ହେଇ ଯାଉଥିଲା ନିତା! ଏଇ ପରିସ୍ଥିତିରେ ଭଗବାନଙ୍କୁ ଡାକିବା ଛଡ଼ା ଆଉ କ'ଣ କରି ପାରିବ ? ହଠାତ୍ କାନ୍ଧ ଉପରେ ହାତ ସ୍ପର୍ଶ ପାଇ ଚମକି ପଡ଼ିଲା । ଶାଶୁ ଚାହିଁଛନ୍ତି ତା ମୁହଁକୁ ହସହସ ମୁହଁରେ ! ଲାଗୁଥିଲା ଯେମିତି ଭଗବାନ ତା ଡାକ ଶୁଣି ତା ଆଗରେ ପ୍ରକଟିତ ହୋଇଛନ୍ତି ।

କ'ଣ ଭାବୁଛୁ ମୁଁ ଜାଣିନି କି ତୋତେ ରୋଷେଇ ଜଣାନାହିଁ । ତୋତେ ଦେଖି ଆସିବା ଦିନ ହିଁ ତୋ ଜେଜେମା ମୋ କାନରେ କହିଥିଲେ " ନାତୁଣୀଟା ମୋର ବଡ଼ ଗେହ୍ଲାରେ ବଢିଛି, ତାକୁ ଟିକେ ରୋଷେଇ ଜଣା ନାହିଁ । ଶିଖେଇ ଦେଲେ ବଡ ଖୁସି ହେବି, କିନ୍ତୁ କଟୁ କଥା ଶୁଣି ସେ କାନ୍ଦିଲେ ଏ ବୁଢ଼ୀ ବି କାନ୍ଦିବରେ ମା "। ତୁ ଛୋଟପିଲା ଚାଲ ମୁଁ ତୋତେ ଶିଖେଇ ଦେବି ମୁଢ଼ିଘାଣ୍ଟ । ଶାଶୁ ଯେମିତି ଶିଖେଇଲେ ସେମିତି ହିଁ ବନେଇଲା ନିତା । ନିଜେ ବିଶ୍ୱାସ କରି ପାରୁନଥିଲା ସେ ପ୍ରଥମ ଥର କିଛି ରାନ୍ଧିଛି । ନୀତା କହୁଥିଲା " ୟେ ତ ଠିକ୍ ମାଛ ଛେଁଚଡ଼ା ପରି ଦିଶୁଛି !" ଶାଶୁ କହିଲେ "ଗୋଟିଏ ନା ଏକା ଜିନିଷ । ଦେଖିଲୁ ନା ମା, ଶିଖି ଜାଣିଲେ ସବୁ ସୁନ୍ଦର! ତୁ ଚିନ୍ତା କରନା ମୁଁ ଅଛି ତୁ ସବୁ ଶିଖି ଯିବୁ । " ହାତ ଚାଟିଚାଟି ସମସ୍ତେ ମୁଢ଼ି ଘାଣ୍ଟ ଖାଇ ନିତାକୁ ପ୍ରଶଂସାରେ ପୋତି ପକେଇଲେ ,ସ୍ତ୍ରୀକୁ ପ୍ରଶଂସା କରୁଥିବା ଦେଖି ନିତା ସ୍ୱାମୀଙ୍କ ମନ କୁଣ୍ଢେମୋଟ । ଶଶୁର ଚୁପି ଚୁପି କହୁଥିଲେ " ୟେ ମୁଢ଼ିଘାଣ୍ଟ ତ ଠିକ୍ ତୁମ ରନ୍ଧା ଶୈଳୀରେ ହେଇଛି ! ଶାଶୁଙ୍କ ମୁରୁକି ହସ ଦେଖି ଶଶୁର ସବୁ ବୁଝିପାରି ହସି ହସି କହୁଥିଲେ " ହଁ ମୋ ବୋହୂକୁ ତ ବେଶ ଭଲ ମୁଢ଼ିଘାଣ୍ଟ ରାନ୍ଧି ଆସୁଛି !" ଏଇ ବୁଢୀମା ପାଇଁ ସେ ଆଜି ବଞ୍ଚିଗଲା, ଏଇ ବୁଢୀମା ଯିଏ ଦିନେ ରୋଷେଇ ଘରେ ପଶେନି ବୋଲି କେତେ କଥା ଶୁଣେଇ ଦିଏ । ସେ ପୁଣି ଏତେ କଥା ଶାଶୁଙ୍କୁ ତା'ର କହିଛି !ବଡ ଭାଗ୍ୟକୁ ଶାଶୁ ଶଶୁର ତା'ର ଏତେ ଭଲ, ଅଷ୍ଟ ମଙ୍ଗଳାରେ ଘରକୁ ଗଲେ ବୁଢୀ ମାଆକୁ ବହେ ଗେଲ କରିକି ଆସିବି " ଲୁହମିଶା ହସଟେ ଏବେ ହସୁଥିଲା ନିତା!

malharmagazine@gmail.com
8328951229
Malhar_Magazine/
MalharMagazine/
www.MalharOdia.com

# ଜୀବନ ନଈର ସୁଅ...



**ଅଶୋକ କୁମାର ବାରୀକ**
ବେରୁଆଁବାରୀ , ନୟାଗଡ଼

ଦିନ ଦି ପହର ସୂର୍ଯ୍ୟ । ରାଗ ତମ ତମ ଜଣାପଡୁଛି , ପାଦ ମାଟି ରେ ଦେଇ ହଉନି , ଏତିକି ବେଳେ ଗୋଟେ ଏକ୍ସସେଲ ଗାଡ଼ି ଧରି ମୋହନ ବାବୁ ବାହାରିଲେ ଝିଅ ଦେଖିବାକୁ , ଏଇ ୨୦ କି ୨୫ କି.ମି ପାଖାପାଖି ଦୂର , ସଡ଼କ ପାର୍ଶ୍ୱ ରେ କାଁ ଭାଁ ଗଛ ଦେଖାଯାଉଛି । ରାସ୍ତା ପୁରା ଶୂନ ଶାନ , ମଧ୍ୟସ୍ଥି କୁ ଧରି ଅତୀତ ର କେତେ ଗୁଡ଼ିଏ କଥା କୁ ମନେପକାଇ ଦୁଇ ଜଣ ପାଟି ପାକୁଳେଇ ପାକୁଳେଇ , ନାଲି ଅଧର ରୁ ଛେପ ପକେଇ ପକେଇ ଯାଉଛନ୍ତି । ମଧ୍ୟସ୍ଥି ବାବୁ କହି ଚାଲିଛନ୍ତି ଝିଅ ଟି ରୂପ ଯେମିତି , ଚାଲି ,ଗୁଣ ,କି ସମ୍ମାନ ଯାହା କୁହ ଝିଅ ଖଣ୍ଡେ , ତମେ ଗଲେ ମୋହନ ବାବୁ ଆଖି ପତା ବାହୁଡ଼ିବନି , ମୁଁ କଣ କହିବି ? ତମେ ତ ଦେଖିଲେ କହିବ ଆଉ !ଏଭଳି କଥା ହଉ ହଉ ଆମ୍ବ ଗଛ ମୂଳେ ଗାଡ଼ି ଖଣ୍ଡ ଥୋଇ ଝିଅ ଘରେ ପହଞ୍ଚିଲେ । ଝିଅ ର ବାପ ପାଣି ଢାଳେ ଦେଲେ , ଗୋଡ଼ ହାତ ଧୁଆ ଧୋଇ ହୋଇ ଦାଣ୍ଡି ରାସ୍ତା ରେ ଦୁହେଁ ଚାଲିଲେ । ଘର ର ସାଜସଜ୍ଜା ଦେଖି ମୋହନ ବାବୁ ଏକ ଦମ୍ ଖୁସି , ତଳ ତ ଏତେ ଚିକ୍କଣ ଯେ ଭାତ ବାଢ଼ି ଜଣେ ଖାଇଦବ । କଥା ବାର୍ତ୍ତା ମଝିରେ ଝିଅ କୁ ଡାକରା ହେଲା , ଝିଅ ଆସିଲା , ଦଣ୍ଡବତ ଟାଏ ହେଲା । ମୋହନ ବାବୁ ପଚାରିଲେ ଝିଅ କଣ ପଢ଼ିଛୁ , କେଉଁ ଠାକୁର କୁ ପୂଜା କରୁଛୁ ,ଏମିତି କେତେ କଣ , ଝିଅ ଟି ଠକ୍ ଠକ୍ ଉତ୍ତର ଦେଇଦେଲା । ଝିଅ ପକ୍ଷ ରୁ ଜଣେ ପଚାରିଲେ ପୁଅ କଣ କରୁଛି ? ମଧ୍ୟସ୍ଥି ବାବୁ ଆଗ ପଛ ନ ବିଚାରି କହିଲେ , ଆଜ୍ଞା ! ଗୋଟେ ସରକାରୀ ଚାକିରୀ ଟାଏ କରିଛି , ତତକ୍ଷଣାତ୍ ମୋହନ ବାବୁ କହିଲେ ନାଇଁ ମ ପୁଅ ମୋର ପଢୁଛି , ଫରମ୍ ପକାଉଛି ଭଗବାନ ଚାହିଁଲେ ଚାକିରୀ ଖଣ୍ଡେ ମିଳିବ । ଗୋଟେ ପ୍ରାଇଭେଟ୍ ସଂସ୍ଥା ରେ ରାଜଧାନୀ ରେ ଅଛି , ମାସ କୁ ୧୫୦୦୦ ପାଉଛି । ମୋହନ ବାବୁ କହିଲେ ଆମର ଝିଅ ତ ମନକୁ ପାଇଛି । ଆପଣ ମଧ୍ୟସ୍ଥି ବାବୁ ଙ୍କ ହାତ ରେ ଖବର ଦେବେ । ଦୁହେଁ ବାହାରିପଡିଲେ ଆସିବା ପାଇଁ , ମଧ୍ୟସ୍ଥି ଆସିଲା ବେଳେ କହିଲେ ତମର ବାହା ଯୋଗ ନାଇ , ମୁଁ କଣ ଏଆଡୁ ସେଆଡୁ କହି ପ୍ରସ୍ତାବ ଟିଏ କଲା ବେଳକୁ ସତ ଓଗାଳି ଦେଉଛନ୍ତି , ଆଜି କାଲି ବିନା ସରକାରୀ ଚାକିରୀ ରେ ଝିଅ ଟିଏ ମିଳିବ କଷ୍ଟକର , ପୁଅ ମଦ ଖାଉ କି ଗଞ୍ଜେଇ ? କି କାହାକୁ ଭଲ ପାଉ ହେଲେ ସରକାରୀ ଚାକିରୀ ଥିଲେ ସବୁ ମାଫ । ହଉ ଦେଖ ! ତମ ଭାଗ୍ୟ ରେ କଣ ଅଛି ? ମତେ ଆଉ କହିବିନି ଯେ ଝିଅ ଟିଏ ଦେଖ ବୋଲି ଏବେ ତମେ ତମ ରାସ୍ତା ରେ ଆଉ ମୁଁ ମୋ ରାସ୍ତା ରେ । ମୋହନ ବାବୁ ଘରକୁ ଆସିଲେ ।ଏଣେ କନକ ଦେବୀ ପଚାରନ୍ତି ଯାଇଥିଲ ପରା କଣ ହେଲା ? ଝିଅ ମନ ପାଇଲା ତ , ଦେଖିବାକୁ କେମିତି ? ଚାଲି ଚଳଣି , ଆଚାର , ତାଙ୍କ ପରିବାର ଭଲ ତ? ମୋହନ ବାବୁ ହଁ ! ହେଲେ ତାଙ୍କର ଯାହା ଖବର ଦେବେ , ଆମ କେଶବ ର ଯଦି କୋଉଠି ଗୋଟେ ଲାଗିଯାଆନ୍ତା , ଭଲ ପ୍ରସ୍ତାବ ଟେ ମିଳନ୍ତା ।ଦେଖ ଦଇବ ତା ମୁଣ୍ଡରେ କଣ ଲେଖିଛି ?

କେଶବ ରାତିରେ ଘର କୁ ଫୋନ୍ କଲା ଭଲ ମନ୍ଦ ବୁଝିଲା , ବାପା ପଚାରିଲେ ପୁଅ ରେ ଆଉ କେତେ ପଢ଼ିବୁ ? ବୋଉ ତ ଆଉ ଚାଲି ପାରୁନି , ମୋର ଦିହଟା ବି ଠିକ୍ ରହୁନି, ଝିଅ ଟିଏ ଘରକୁ ଆସିଲେ କଣ ହୁଅନ୍ତା ! କେଶବ ଶାନ୍ତ୍ୱନା ଦେଇ କହିଲା,ବାପା ତମେ ଜମା ବ୍ୟସ୍ତ ହୁଅନି, ପରୀକ୍ଷା



ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
MSME UDYAM-OD-13-0044620

ଦେଇଛି ଭଲ ହେଇଛି ଖାଲି ଯାହା ପରୀକ୍ଷା ଫଳ କୁ ଅପେକ୍ଷା। ହଉ ରଖିଲି ! କଣ ଟିକେ ରୋଷେଇ କରି ଖାଇବି ଯାଉଛି ? ରହୁଛି ! ଫୋନ ରଖିଦେଲା ।

କେଶବ ଦେଖିବାକୁ ସୁନ୍ଦର ଯେମିତି ଗୁଣ ବି ସେମିତି ବୟସ ଆସି ୩୪ ହବ , ଶିକ୍ଷା ଗତ ଯୋଗ୍ୟତା ଏମ୍. ଏ , ଏମ .ଫିଲ। ଗୋଟେ ସରକାରୀ ସେବା ରେ ଯୋଗଦେଇ ଭଲ କାମ କରିବା ଲକ୍ଷ୍ୟ ରେ ଜୀବନ ଚାଲିଛି , ଘରେ ୬୫ ବୟସ ର ବୁଢ଼ା ବାପା ଆଉ ୫୬ ବୟସ ର ବୁଢ଼ୀ ମା , ଓଳିଏ ଖାଇଲେ ଓଳିଏ ଉପାସ, ଜୀବନ ରେ ଅନୁଭବ କରୁଥିବା କଷ୍ଟ ଯେମିତି ପୁଅ ନ ପାଏ । ସେଇଥି ପାଇଁ କେଶବ କୁ ପାଠ ପଢ଼ାଉଛନ୍ତି। କେଶବ ବା କଣ କରିବ ଗୋଟେ ବେସରକାରୀ ସଂସ୍ଥା ରେ ଅଛି , କାମ ସକାଳୁ ୮ ରୁ ରାତି କେତେଟା ହେଇଯିବ ତାର ଠିକଣା ନାହିଁ , ଦରମା ୧୫୦୦୦ । ସେଥିରେ ରାଜଧାନୀରେ ଘର ଭଡ଼ା, ଖାଇବା, ଆଉ ଯାହା ବଳେ ଘର କୁ ପଠାଏ, ଆଉ ଫର୍ମ ପକା ରେ ଶେଷ। ସଞ୍ଚୟ କହିଲେ ନିଶ୍ବାସ ଟିକକ, ତଥାପି ଏକ ସରକାରୀ ସେବା ରେ ଯୋଗ ଦେବା ଆଶା ରେ ସମୟ କାଢି ନିଜକୁ ପ୍ରସ୍ତୁତ କରୁଛି। ନିଜେ ଚଳିବାକୁ ଅକ୍ଷମ ହେଲେ ବି ବାପା ଆଉ ବୋଉ ଙ୍କ ସ୍ଥିତି ଦେଖି ବାହା ହେବାକୁ ଏବେ ରାଜି ହୋଇଛି । ପ୍ରସ୍ତାବ ଢେର ଆସୁଛି ହେଲେ ଆର୍ଥିକ ସ୍ଥିତି ଯୋଗୁଁ ଭାଙ୍ଗି ଯାଏ , କିଏ କେତେ ରକମ୍ ର କଥା କହୁଛି । ତଥାପି ନିଜ ଆତ୍ମ ବିଶ୍ବାସ ଜାରି ରଖିଛି।

କେଶବ ରାତି ହେଲେ ଛାତ ଉପରେ ଚଉକି ଟାଏ ପକାଇ ବସେ , ଜହ୍ନକୁ ଦେଖେ ,ବେଳେ ବେଳେ ପଚାରି ଦିଏ, ଜହ୍ନ ମାମୁ ତମେ କଣ ଦିନ ରେ ଉଦୟ ହୁଅନ୍ତନି ? ତମକୁ ରାତିରେ ଦେଖି ମାଆ ଠୁ ଧୋ ବାୟା ଗୀତ ଶୁଣି କେତେ ଭାତ ଖାଇଛି, କେତେ କଣ କରିଛି , ରାଗି ଥିଲେ କି କିଏ କଣ କହିଥିଲେ ବୋଉ ତୁମକୁ ଦେଖାଇ ଦିଏ ଆଉ ମୁଁ ଖୁସି ହେଇଯାଏ।ତମେ ଯଦି ଦିନ ବେଳେ ଥାଆନ୍ତ ନାଁ ମୁଁ କେତେ ଆତ୍ମଶକ୍ତି ପାଆନ୍ତି ଆଉ ଏ ଲୋକ ଙ୍କ କଥା ମତେ ଜମା ବାଧନ୍ତାନି। ଏମିତି ଭାବି ଭାବି କେତେବେଳେ ଯେ ଶୀତ କାକର ରେ ନିଦ ଟିଏ ହେଇଯାଏ କେଶବ ଜାଣେନା।

କେଶବ ଗାଁ କୁ ଆସିଛି , ବୋଉ ବାପା ମୁହଁ ରେ ଖୁସି , ଯିଏ ଦେଖୁଛି ସିଏ କହୁଛି ଆରେ କେଶବ ଆଉ ତୋର ଚାକିରୀ ହେଲାଣି ନା ନାଇଁ ? ନହେଲେ ସେ ପାଠ ପଢ଼ା ରୁ କଣ ମିଳିବ ? ଗାଁ ରେ ରହି ଚାଷ ବାସ କି ଦୋକାନ ଟିଏ ଦେ? ଆଉ କିଏ କହେ, ହଁ ମ କେତେ ପିଲା ପାଠ ପଢୁଛନ୍ତି ଆଉ ସମସ୍ତଙ୍କ ଚାକିରୀ ହବ ନା କଣ ? ଆଉ କିଏ କହେ ପିଲାଟି ଭଲ ହେଲେ ଦଇବ ଯାହା ଦେଇଛି । ଏମିତି କେତେ କଥା ଶୁଣି ବାକୁ ପଡୁଛି । ବହୁ କଷ୍ଟ ରେ ପ୍ରସ୍ତାବ ଟିଏ ଆସିଛି , କେଶବ ଆଜି ଝିଅ ଦେଖି ଯିବ, ଝିଅ ଘର ମଧ କେଶବ ବାବଦ ରେ ଖବର ନେଇଛନ୍ତି ଭଲ ପିଲା ମାଛି କି ମ କହିବନି । କେଶବ ଗଲା । ପ୍ରସ୍ତାବ ଟି ଠିକ୍ ଠାକ୍ ହେଲା । କେଶବ ର ବୋଉ ର ଖୁସି କହିଲେ ନ ସରେ ,ବାପା ବି ଖୁସି । କେଶବ ଚାଲିଲା ରାଜଧାନୀ । ପୁଣି ସେଇ ପାଠ ପଢ଼ା ପଢ଼ି ଆଉ ଚାକିରୀ ଜଞ୍ଜାଳ ।

କିଛି ଦିନ ପରେ କେଶବ ର ଓ.ଏ.ଏସ ଫଳା ଫଳ ବାହାରିଲା , କିନ୍ତୁ ସେ ଉତ୍ତୀର୍ଣ୍ଣ ହୋଇ ନାହିଁ , ମନ କୁ ମାରି ଛାତ ଉପରେ ବସିଛି । ଆଖିରେ ଲୁହ ଧାର ସାଙ୍ଗକୁ ବିଜୁଳି ଆଉ ଘଡ଼ ଘଡି, ତଥାପି ବସିଛି । ସେ ଜାଣିଛି ଜୀବନ ରେ ଯୋଉ ଘଡ ଘଡି ଆଉ ବିଜୁଳି ର ଆଘାତ ତା ତୁଳନା ରେ



ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

ଏ କିଛି ନୁହଁ । ମୁଁ ଆଜି ଭାଙ୍ଗି ପଡିନି କି ନିସହାୟ ନୁହେଁ ? କି ବେକାରୀ ନୁହେଁ ? ଯଦି ମୋ ସ୍ଥିତି ଭଲ ଥାଆନ୍ତା , ଯଦି ଆମ ର ଜମି ବାଡି ଥାଆନ୍ତା ମତେ କଣ ଏ ସମାଜ ଏମିତି ତାଚ୍ଛଲ୍ୟ କରି କୁହନ୍ତା ମୁଁ ଯୋଗ୍ୟ ନୁହେଁ ବୋଲି , କେହି କେହି ତ ଅବାଡୁଆ ବୋଲି ଡାକିଲେଣି , କିଛି ନାଇଁ ,ବସନ୍ତ ଆସିବ ଗଛ ରେ ପୁଣି ପତ୍ର ଫୁଲ ଧରିବ । ବାହୁଡ଼ି ଯାଇଥିବା ପକ୍ଷୀ ମାନେ ବି ଫେରିବେ , ଖାଲି ସେ ସମୟ କୁ ଅପେକ୍ଷା । ଏମିତି ଭାବି ଭାବି ରାତି ପାହିଗଲା ।

ଗାଁ ରେ ପୁଣି ହାଲା ଯେ , କେଶବ ଆମର ପରୀକ୍ଷା ରେ ଫେଲ , ଆଉ କିଏ କହିଲା ସେ ଅବାଡୁଅ ର ପ୍ରସ୍ତାବ ଟା ଭାଙ୍ଗିଗଲା । ଫଳ ବାହାରିବା ଦିନ ଝିଅ ଘରୁ ଖବର ଦେଲେ ଯେ ଆମେ ବିବାହ ପାଇଁ ରାଜି ନାହୁଁ । ପୁଅ ଟା ଫେଲ୍ ଯୋଉ ଟିକେ ଆଶା ଥିଲା ତାହା ଆଉ ନାହିଁ । ଆଉ ଗୋଟେ ମାତ୍ର ଚାନ୍ସ ଚାକିରୀ ହେଲେ ହବ ନହେଲେ ନାଇଁ ,ଆମେ ବନ୍ଧୁ କୋଉ ଭରସାରେ କରିବୁ । କନକ ଦେବୀ ପ୍ରସ୍ତାବ ଟି ଭାଙ୍ଗି ଯିବା ଆଉ ପୁଅ ର ବିଫଳତାରେ ବହୁତ ମନ କଷ୍ଟରେ ଥିଲେ। ଏକ ଅଦିନିଆ ଭୀଷଣ ଝଡ଼ର ସାମ୍ନା କରିବା ଯେମିତି କେଶବ ପାଇଁ ବିଧି ନିର୍ଦ୍ଦିଷ୍ଟ ଥିଲା।ଗତ କାଲି କୂଅ ରୁ ପାଣି କାଢ଼ିବା ସମୟରେ ଗୋଡ ଖସି କନକ ଦେବୀ କୂଅ ରେ ପଡ଼ି ଯାଇଛନ୍ତି । ରାତି ଘଡି ପ୍ରାୟ ଗୋଟାଏ । କିଏ କାଇଁ ଶବ୍ଦ ଶୁଣିବ ?ସକାଳୁ ଦେଖିଲା ବେଳକୁ ଭାସୁଛି ଦେହ,ଜୀବନ ନାଇଁ । କେଶବ କୁ ଡକାଗଲା, କେଶବ ଆସିଲା ।ଆଉ ଶେଷ କୃତ୍ୟ ସାରି ରାଜଧାନୀ ମୁହାଁ ହେବାକୁ ମନ ବଳେଇଲା ନାହିଁ । ଏଣିକି ବାପା ଙ୍କ ସାଙ୍ଗରେ ରହି ଜମି କେଇଟା ଭାଗ ଧରି ଗୁଜୁରାଣ ମେଣ୍ଟେଇବ।

ରାତି ପ୍ରାୟ ୨ ଟା ଭଙ୍ଗା ଚାଳ ଘରେ ଜହ୍ନ ଆଲୁଅ ଟା ତେରଛା ଭାବେ ପଡୁଛି । ବାପା ଦାଣ୍ଡ ପିଣ୍ଡା ରେ ଛିଡ଼ା ଦଉଡ଼ି ଖଟ ରେ ଗାମୁଛା ଟେ ଦେଇ ଶୋଇଛନ୍ତି । ବିଳେଇ ହଉଛନ୍ତି , କନକ ଟା ଅଧା ବାଟେ ଚାଲି ଗଲା । କେତେ ସପନ ଦେଖିଥିଲା ପୁଅ ହାକିମ ହବ , ବୋହୂ ଘର କୁ ଆସିବ , ଛ ତିଅଣ ନ ଭଜା କରିବ ମତେ ଖୁଆଇବ । ଆଉ ଆମେ ବୁଢ଼ାବୁଢ଼ୀ ଦୁଃଖ ସୁଖ ହବୁ। ବୋହୂ ଟା ଘର ସମ୍ଭାଳିବ ,ପୁଅ ତା ଧନ୍ଦା କରିବ , କେଜାଣି ମୋ କେଶବ କପାଳ ରେ ଷଠୀବୁଢ଼ୀ କଣ ଲେଖିଛି ? କେଶବ ଆଖିରେ ଧାର ଧାର ଲୁହ, ଲୁହ ରେ ମୁଣ୍ଡ ତଳ ତ ଓଦା ହେଇଗଲାଣି, ସେ ସେଇ ଟିର୍ଚ୍ଛିକ୍ ଜହ୍ନ ଆଲୁଅ କୁ ଅନେଇଛି । କହୁଛି , ମାମୁଁ ! ତମ କୁ ମୁଁ ମୋ ଦୁଃଖ ସେଦିନ ଜଣେଇଥିଲି କଣ ଟିକେ ରାଗିଯାଇଥିଲି ଯେ , ମୋ ଦୁଃଖ ତମକୁ କମ ଲାଗିଲା ଯେ ତମେ ମୋ ବୋଉ କୁ ଆଜି ତୁମ ପାଖକୁ ନେଇଗଲ , ବୋଉ ବି ମୋ ଉପରେ ଏତେ ଅଭିମାନ କଲା ଯେ ମୁଁ ନଥିଲା ବେଳେ ବାପା ଘରକୁ ଗଲା ହେରି , ହଉ ମାମୁଁ ବୋଉ ଦାୟିତ୍ୱ ତୁମ କୁ ଲାଗିଲା । ମାମୁଁ !ବୋଉ ଆଜି ନାହିଁ ଯେ ବାପା ସେମିତି ଗାମୁଛା ଟେ ଦେଇ ଶୋଇଛନ୍ତି , ବୋଉ କେତେ ପାଟି କରିଥାନ୍ତା, ଆଉ ମୁଁ ଏଠି ଖାଲି ମାଟି ଉପରେ ଶୋଇଛି, ବୋଉ ଥିଲେ କହିଥାନ୍ତି ମୋ ବାୟଟା ଏମିତି କଣ ଶୋଇଛି ? ବାୟା ଟା ମୋର ରାଜଧାନୀ ରେ କଣ ଖାଉଥିବ କେଜାଣି, ଝଡିଗଲାଣି ।ଏମିତି ରାତି ସାଙ୍ଗ କୁ ବୋଉ କଥା ଭାବି ଭାବି କେଶବ ଶୋଇପଡ଼ିଲା ।

ପରଦିନ ଜମିଦାର ଙ୍କ ଠୁ କିଛି ଜମି ଆଣି ଚାଷ କାମ କରି ପେଟ ପୋଷିବ। ବାପା ପୁଅ ଓଳିଏ ଖାଇଲେ ଓଳିଏ ଉପାସ, ସୂର୍ଯ୍ୟାସ୍ତ ଯାଏଁ ବିଲ ରେ ସେମିତି କାମ କରୁଥାନ୍ତି , ବର୍ଷା ଦିନ ସରିଲା ଏଣିକି ଅମଳ ସମୟ ,କାମ ନାହିଁ ,ବାପା ଙ୍କୁ କହିଲା ମୁଁ ଟିକେ ରାଜଧାନୀ ଯାଉଛି । ଦିନେ



ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

ଦୁଇ ଦିନ ଲାଗିବ । ତମେ ତମର ଯତ୍ନ ନେବ । ସେଇ ପୁରୁଣା ପେଣ୍ଟ ସାର୍ଟ ପିନ୍ଧି ବାହାରିପଡିଲା।କଣ କଲମ ଆଉ ଖାତା ଟେ ସାଙ୍ଗରେ ନେଇଥିଲା । ଏମିତି ବେଳେ ବେଳେ ଦିନେ ଦୁଇ ଦିନ କହି ରାଜଧାନୀ ଯାଏ । ବାପା କି ଗାଁ ଲୋକ କିଏ ପଚାରିଲେ କହେ ,ଏଇ ଧାନ ଫସଲ, ମାଟି ପରୀକ୍ଷା, ପିଡ଼ିଆ ଆଦି ପାଇଁ ଯାଏ ରାଜଧାନୀ। ସେଦିନ ବୋଉ ର ଶ୍ରାଦ୍ଧ ଥାଏ , ଶ୍ରାଦ୍ଧ ପାଇଁ ସଞ୍ଜା, ବ୍ରାହ୍ମଣ ଡାକ ରେ କେଶବ ବ୍ୟସ୍ତ । ଖବର ଆସିଲା କେଶବ ଓ .ଏ.ଏସ ରେ ଟପ୍ପର । ମୋହନ ବାବୁ ସବୁ ଦୁଃଖ ଭୁଲି ଛାତି ଫୁଲେଇ ବୁଲୁଥାନ୍ତି ଏ ସାହି ରୁ ସେ ସାହି । ଗୋପାଳ ପିଣ୍ଡ ଦେବା ବେଳେ ଆଖିରୁ ଲୁହ ଧାର ଆସୁଥାଏ । ମନେ ମନେ କହୁଥାଏ , ବୋଉ ! ଆଜି ତୁ ପାଖରେ ନାହୁଁ । କେତେ ଖୁସି ହେଇଥାଆନ୍ତୁ , ମୁଁ ଆଜି ପାସ୍ ହେଇଛି । ସବୁ ତୋରି ପାଇଁ , , ଜାଣିଛୁ ତୁ ନାହୁଁ ବୋଲି ମୋର ଏ ପାସ୍ ର ଖବର ଟା ମଳିନ ପଡ଼ିଯାଇଛି । ତୁ ଥିଲେ ସାଇ ପଡିଶା , ବଂଧୁ,ବାନ୍ଧବ କେତେ ଆଡ଼େ ମିଠା ବାଣ୍ଟି ଥାଆନ୍ତୁ। ହଉ! ସେତକ ତ ମୋ ଭାଗ୍ୟ ରେ ନାହିଁ । ଏତକ କହି ପିଣ୍ଡ ଦେଲା । ସବୁ ସରିଲା ରାତି ହେଲା ।

କେଶବ ଆଜି ଜହ୍ନ କୁ ପଚାରୁଛି ମାମୁଁ ! ଆଜି ବୋଉ କୁ ଗୋଟେ ଦିନ ଆମ ଘର କୁ ପଠାନ୍ତନି, ବୋଉ କେତେ ଖୁସି ହୁଅନ୍ତା ।ମୁଁ ଜାଣେ ବୋଉ ଏତେ ଭଲ ଯେ , ତାକୁ କେହି ପାଖରୁ ଛାଡ଼ନ୍ତିନି । ସହଜ ରେ ତମ ଭଉଣୀ କାହିଁ ଛାଡ଼ିବ । ନ ଛାଡ଼ିଲେ ନାଇଁ ! ବୋଉକୁ ଟିକେ ଦେଖାନ୍ତନି, ମୁଁ ଆଜି ତାକୁ ମନ ଭରି ଦେଖନ୍ତି । ଜାଣିଛି ! ତମେ ଭଲ ମାମୁଁ ନୁହଁ । ମୁଁ କଣ ତମ ନିଜ ଭଣଜା କି?

ମୁଁ ଜାଣିଛି ବୋଉ ତମ ପାଖରେ ଅଛି ଆଉ ମତେ ଦେଖୁଛି । ଏଇ ମାଉସୀ ମାନ ଙ୍କ ମଧ୍ଯରୁ ମୋ ବୋଉ କିଏ ମୁଁ ଜାଣି ପାରୁନି ,ମତେ ଟିକେ ଚିହ୍ନାଇ ଦଉନ। ହଉ ତମ ଇଚ୍ଛା , ତମେ ଏଇ ମିଠା ନିଅ ମୋ ବୋଉ କୁ ରସ ଗୋଲା ଭଲ ଲାଗେ । ସେ ମୋ ଚାକିରୀ କଥା ଶୁଣି ଗୋଟେ ଜାଗା ରେ ଦିଇଟା ଖାଇବ । ତମେ ସବୁ ଖାଇବନି ? ଏମିତି କେଶବ ରାତି ସାରା ବାରି ପଟେ ।ବସି ଗପୁ ଥାଏ ପିଲାଙ୍କ ପରି , ଶ୍ଵାସ ରୁଦ୍ଧ ହୋଇ କହିପକାଉ ଥାଏ ବୋଉ ଆଜି ମୁଁ ତୋର ସେଇ ଛୋଟ ପିଲା ପରି । ଫେରି ଆସେ ମୋ ପାଖକୁ।

ସକାଳ ହେଲା , କିଏ କେଉଁ ଆଡୁ ଆସି କେଶବ କୁ ଫୁଲ ତୋଡା ଦେଲେ । ସମସ୍ତେ ତାର ଆତ୍ମ ବିଶ୍ୱାସ ଆଉ କଠିନ ପରିଶ୍ରମ ର ତାରିଫ କରୁଥାନ୍ତି। ଜଣେ ଆସି କହିଲେ ତୋ ପାଇଁ ପ୍ରସ୍ତାବ ଟିଏ ଆଣିଛି , ଆଉ ଜଣେ କହିଲା ଯୋଉ ଝିଅଟିର ବାପା ମନା କରୁଥିଲେ ସେ ବି ଖବର ଦେଇଛନ୍ତି ।କେଶବ କହିଲା , ମୁଁ ମୋ ମା କୁ ହରେଇଛି, ଆଉ ମୋର ବଳକା ସମୟ ବାପା ଙ୍କ ସହ କଟେଇବି । ଏମିତି ରେ ମୋର ଘର ସଂସାର ପାଇଁ ତିଳେ ମାତ୍ର ଇଛା ନାହିଁ। ଏ ବିଶ୍ୱ ମୋର ,ଆଉ ମୁଁ ସମଗ୍ର ବିଶ୍ୱ ର । ସମସ୍ତେ ମୋର ,ସେଥି ପାଇଁ ତ ଏ ଚାକିରୀ ! ଗୋଟିଏ ମାଆ ନୁହେଁ ସବୁ ମାଆଙ୍କ ମନରେ ଖୁସି ଆଣିଦେବି। ସବୁ ପରିବାରକୁ ମୋର ନିଜର କରିବି ।ସକାଳର ସୁନେଲି କିରଣ ତା ଆଖିରେ ସମ୍ଭାବନାର ରୋମାଞ୍ଚ ଭରୁଥିଲା।ସେ ଆଗେଇ ଯାଉଥିଲା ତାର ନୂତନ ପଥରେ।



ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620


# ବାରବାଟୀ କହେ ଆମ କଟକ କଥା...



ତୁଷାରକାନ୍ତ ବଳବନ୍ତରାୟ
ପାଇକବାରବାଟି , ନରସିଂହପୁର ,
କଟକ

କିରିଟି ବିମଣ୍ଡିତ ହର୍ମ୍ୟ ଶୋଭାଶାଳିନି ନୀଳ ଶ୍ୟାମଳ ବନରାଜ ଶୋଭିତ ଏହି ବୀରପ୍ରସବିନୀ ପ୍ରଜ୍ଞାପ୍ରସୁ ଉତ୍କଳ ଭୂମି, ସାରା ବିଶ୍ୱରେ ନିଜ ସ୍ଥାନ କୁ ସ୍ୱତନ୍ତ୍ର ରଖିଛି ତାର କଳା ଓ ସଂସ୍କୃତି ରେ ପ୍ରତିଟି ହୃଦୟର ଶୁଷ୍କ କେଦାର ରେ ଏବେ ପଲ୍ଲବୀତ ହୁଏ ଏ ମାଟି ର କଳାକୃତି ଓଡ଼ିଶାର ନୃପୁର ର ନିକୋଣରେ।ଏଇ କଳା, ସଂସ୍କୃତି, ବୀରତ୍ୱର ମାଟି ଉତ୍କଳ ର ସମ୍ରାଟ ପ୍ରଭୁ ଶ୍ରୀ ଜଗନ୍ନାଥ ଯେଉଁ ଉତ୍କଳ ପ୍ରଦେଶ ର ରାଜଧାନୀ ଥିଲା ଦିନେ କଟକ ଯାହାର ପ୍ରାଚୀନ ନାମ ହେଉଛି "ବାରଣାସୀ କଟକ" । କୁହାଯାଏ ଯେ ରାଜା ନୃପତ କେଶରୀ ପ୍ରଥମେ କଟକ ଠାରେ ନିଜର ରାଜଧାନୀ ସ୍ଥାପନ କରିଥିଲେ ଯାହାର ପୁରୁଣା ରାଜଧାନୀ ଥିଲା ଯାଯନଗର ବା ଅଧୁନାର ଯାଯପୁର ଆଜି ଆମେ ଆଲୋଚନା କରିବା ସେଇ ହଜାର ହଜାର ବର୍ଷର ସହର ,ବାଉନ ବଜାର ଆଉ ତେପନ ଗଳିର ସହର କଟକ ବିଷୟରେ।କଟକ ହେଉଛି ବିଶ୍ୱର ସବୁଠୁ ବଡ଼ ପୁରୁଣା ସହର କହିଲେ ମଧ ଅତ୍ୟୁକ୍ତି ହେବ ନାହିଁ ଦେଶର ପୁରାତନ ସହର ବିଷୟରେ ଯଦି ଆଲୋଚନା କରାଯାଏ ତେବେ କାଶୀ, ଉଜ୍ଜୟିନୀ ଏବଂ କଟକ ର ନାମ ଆଗଧାଡିରେ ଆସେ। ବର୍ତ୍ତମାନ ର ବଡ଼ ସହର ଚେନ୍ନାଇ, କୋଲକାତା, ମୁମ୍ବାଇ ସବୁ କଟକ ସହର ପରେ ସୃଷ୍ଟି ହୋଇଥିବାର କଥା ଐତିହାସିକ ମାନେ କୁହନ୍ତି।ମାଦଳା ପାଞ୍ଜି ଓ ଷ୍ଟାଲିଙ୍ଗ ସାହେବଙ୍କ ନିୟମ ଅନୁସାରେ କୁହାଯାଏ ଯେ ଦଶମ ଶତାବ୍ଦୀ ବେଳେ ଉତ୍କଳ ରେ ନୃପକେଶରୀ ରାଜୁତି କରୁଥିଲେ । ସେହି ସମୟରେ ଏହି ସୋମବଂଶୀ ରାଜା ମାନେ ପହିଲି ଆକ୍ରମଣ ର ସମ୍ମୁଖୀନ ହୋଇଥିଲେ ଫଳରେ ରାଜା ନୃପକେଶରୀ ଚୌଦ୍ୱାର ଅପେକ୍ଷା ନଦୀ ବେଷ୍ଟିତ କଟକକୁ ସୁରକ୍ଷିତ ମନେ କରି ସେଠାରେ ସୈନ୍ୟ ଛାଉଣି କରି ରଖିଥିଲେ। କଟକର ପ୍ରକୃତ ଅର୍ଥ ହେଉଛି ସୈନ୍ୟ ଛାଉଣି ବା ସୈନ୍ୟଙ୍କ ନିବାସ ସ୍ଥଳୀ । ଉତ୍ତର ଭାରତର ନଦୀବେଷ୍ଟିତ ବାରଣାସୀ ପରି ଏହା ହୋଇଥିବାରୁ ମର୍କତ କେଶରୀ ଏହାର ନାମ "ବାରଣାସୀ କଟକ" ରଖିଥିଲେ କେହି କେହି ଏହାକୁ "ଅଭିନବ ବାରଣାସୀ କଟକ "ବୋଲି ଅଭିହିତ କରିଥାନ୍ତି ଏବଂ ଏହାକୁ ନିଜର ରାଜଧାନୀ କରିଥିଲେ। ମହାନଦୀ ଏବଂ କାଠଯୋଡ଼ି ମଧରେ ବାରବାଟୀ, ବିଡାନାସୀ, ରାମଗଡ଼, ହରିପୁର,କେଶରପୁର, ଶଙ୍କରପୁର, ତୁଳସୀପୁର ଏହି ଗ୍ରାମ ଗୁଡ଼ିକଥିଲା ଯାହାର ଅଧିବାସୀ ମାନେ କୃଷି ଓ ବାଣିଜ୍ୟ କରି ଜୀବିକା ନିର୍ବାହ କରୁଥିଲେ। ଐତିହାସିକ ଙ୍କ ମତରେ ରାଜା ନୃପକେଶରୀ ୯୧୪ଖ୍ରୀଷ୍ଟାବ୍ଦରେ ଏ ନଗର ସ୍ଥାପନ କରିଥିଲେ। ସେତେବେଳେ ଏହା ମହାନଦୀ ଓ କାଠଯୋଡ଼ି ମଧ୍ୟସ୍ଥ ଅଞ୍ଚଳ ଥିଲା। ଏହି ମହାନଦୀ ପାରହୋଇ ଓଡ଼ିଆ ସାଧବପୁଅ ମାନେ ବିଦେଶକୁ ଯାଉଥିଲେ ବାଣିଜ୍ୟ କରିବାକୁ । ଆଜି ବଦଳି ଯାଇଛି ଯୁଗ ଏ ସମୟ,ସେଇ ପୁରୁଣା ସହର ଆଜି ସ୍ମାର୍ଟ ସିଟି ରେ ପରିଣତ ହେବାକୁ ବସିଲାଣି ହେଲେ ଆଜି ବି ମୂକସାକ୍ଷୀ ହୋଇ ଠିଆ ହୋଇଛି। ବାଲିଯାତ୍ରା ପଡ଼ିଆ, ବାରବାଟୀ ଦୁର୍ଗ ଏହା ଏବେବି ଅନେକ କଥା କୁହେ।

ମହାନଦୀ କୂଳରେ ଓଡ଼ିଆ ବୀରତ୍ୱ ର ମୂକସାକ୍ଷୀ ହୋଇ ଛିଡ଼ା ହୋଇଥିବା ଏହି "ବାରବାଟୀ ଦୁର୍ଗ" ସତରେ କେତେ ମୋଗଲ, ଆଫଗାନ,ମରାଠା ଏବଂ କଳାପାହାଡ଼ ପରି ଦୁର୍ଦ୍ଦଶ ଲୁଣ୍ଠନକାରୀ ମାନଙ୍କ ସହ ସଂଗ୍ରାମ କରି ଛିଡ଼ା ହୋଇଛି କଟକ ର ଛାତି ଉପରେ ଇତିହାସ ର ମୁକସାକ୍ଷୀ ହୋଇ ଯାହାର କ୍ଷେତ୍ରଫଳ ହେଉଛି ୧୨ବାଟି ବା ୨୪୦ମାଣ ତେଣୁ ଏହାର ଏପରି ନାମକରଣ ହୋଇଥିବା କଥା ଲୋକେ କହନ୍ତି। ତ୍ରୟୋଦଶ ଅଧାୟ ରେ ଏହାର କାମ ଆରମ୍ଭ





ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

ହୋଇଥିଲା ।୧୫୭୦ଖ୍ରୀଷ୍ଟାବ୍ଦରୁ ଆରମ୍ଭ ହୋଇ୧୫୬୮ ଖ୍ରୀଷ୍ଟାବ୍ଦରେ ଓଡ଼ିଶାର ଶେଷ ସ୍ୱାଧୀନ ରାଜା ମୁକୁନ୍ଦ ଦେବଙ୍କ ଦ୍ୱାରା ଶେଷ ହୋଇଥିଲା। ମୁକୁନ୍ଦ ଦେବଙ୍କ ପରେ୧୫୬୮ରୁ ୧୭୦୩ ଏହାର ଉପରେ ଆଫଗାନ,ମୋଗଲ, ମରାଠାମାନେ ନିଜର ଆଧିପତ୍ୟ ବିସ୍ତାର କରିଥିଲେ ଏବଂ ଏହାର ୨୦୦ବର୍ଷପରେ ୧୮୦୩ରେ ମରାଠା ମାନଙ୍କ ଠାରୁ ଇଂରେଜ ଏହାକୁ ଅଧିକାର କରିଥିଲେ ଏବଂ ଇଂରେଜ ମାନେ କଟକ କୁ ଓଡ଼ିଶାର ରାଜଧାନୀ ବନାଇଥିଲେ। ଆଜି ରାଜୁତ ଶାସନ ଆଉ ନାହିଁ କିନ୍ତୁ ଏବେବି ସେ ଦୁର୍ଗ କଥାକୁହେ ଅନେକ ବୀରତ୍ୱର ଆଉ ଆମ କଳା ଓ ସ୍ଥାପତ୍ୟର। ଏହି ମାଟିରେ ଜନ୍ମ ନେଇଥିଲେ ଦୁର୍ଦ୍ଧର୍ଷ ପାଇଲଟ ବିଜୁ ପଟ୍ଟନାୟକ ଏବଂ ଅନ୍ତର୍ଜାତୀୟ ବିପ୍ଲବୀ ନେତାଜୀ ସୁବାଷ ଚନ୍ଦ୍ର ବୋଷ ଯାହାଙ୍କ ର ପଦଚିହ୍ନ ଏ ମାଟି କୁ ଗୌରବ ମଣ୍ଡିତ କରିଛି।କେବଳ ସେତିକି ନୁହେଁ ଏ ମାଟି ଜନ୍ମ ଦେଇଛି ମଧୁସୂଦନ ଦାସ, ହରେକୃଷ୍ଣ ମହତାବ ଏବଂ ରମାଦେବୀ ଙ୍କ ପରି ନାରୀ ନେତ୍ରୀ କୁ।କେହି କେହି ଏହାକୁ ସିଲିଭର ସିଟି କହୁଥିବା ବେଳେ କେହି କେହି କୁହନ୍ତି ଭାଇଚାରାର ସହର। ଦଶହରା ର ଦୁର୍ଗାପୂଜା କୁ ସଭିଏଁ ପାଳନ୍ତି ବଡ଼ ଧୁମଧାମରେ ପାଳନ କରୁଥିବା ବେଳେ କଟକ ବାଲିଯାତ୍ରା ଦୂରଦୂରାନ୍ତର ରୁ ଟାଣି ଥାଏ ଏହି ମାଟିକୁ କେବଳ ସେତିକି ନୁହେଁ ବାରବାଟୀ ଷ୍ଟାଡିୟମ୍ ମଧ ଖେଳ ଋତୁରେ ଅନେକ ବିଦେଶୀ ଙ୍କୁ ଟାଣିଛି ଏଠାକୁ । ପାଣ୍ଡିତ୍ୟ ର ଗନ୍ତାଘର ରେଭେନ୍ସା ମହାବିଦ୍ୟାଳୟ କୁ ଅଧ୍ୟୟନ ଓ ଅଧ୍ୟବସାୟ ପାଇଁ ଛୁଟେ ମେଧାବୀ ଛାତ୍ର ଛାତ୍ରୀ ଙ୍କ ସୁଅ।କଟକ ର ହୃଦୟରେ ମା ମହାନଦୀ ପ୍ରବାହିତ ହେଉଥିଲା ବେଳେ ଏହାର ସୌନ୍ଦର୍ଯ୍ୟ ମଣ୍ଡନ କରେ ହାଇକୋର୍ଟ, ବାରବାଟୀ ଦୁର୍ଗ, ବାରବାଟୀ ଷ୍ଟାଡିୟମ,ମା କଟକ ଚଣ୍ଡୀ ,ଅଂଶୁପା ହ୍ରଦ, ଆଠଗଡ଼ ଧବଳେଶ୍ୱର ମନ୍ଦିର , ବଡ଼ମ୍ବା ଭଟ୍ଟାରିକା ମନ୍ଦିର , ବଡ଼ମ୍ବା ଓ ନରସିଂହପୁର ରାଜବାଟୀ, ଚମ୍ପେଶ୍ୱର ବାବା ଚମ୍ପାନାଥ ।ଏଠାରେ ୯୦%ହିନ୍ଦୁ,୮%ମୁସଲମାନ ଏବଂ୨% ଅନ୍ୟାନ୍ୟ ସମ୍ପ୍ରଦାୟର ଲୋକମାନେ ବସବାସ କରନ୍ତି। ତଥାପି ସମସ୍ତେ ଏକାଠି ହୋଇ ବିଭିନ୍ନ ପର୍ବପର୍ବାଣୀ ପାଳନ କରନ୍ତି। ଗୁରୁନାନକ ଏହି କଟକ ଦେଇ ଜଗନ୍ନାଥ ଙ୍କୁ ଦର୍ଶନ କରିବା କୁ ପୁରୀ ଯାଉଥିଲେ ସନ୍ଧ୍ୟା ହେବାରୁ ଏହି ମାଟିରେ ବିଶ୍ରାମ କରିଥିଲେ ଯାହାଙ୍କ ସ୍ମୃତି ରେ ସେଠାରେ ଗୁରୁଦ୍ୱାର ସ୍ଥାପନ ହୋଇଛି ବାସ୍ତବିକ୍ ପରିଲକ୍ଷିତ ହୁଏ "ବସୁଧୈବ କୁଟୁମ୍ବକମ୍" ମନ୍ତ୍ରରେ ସମସ୍ତେ ଏଠାରେ ସତେକି ମନ୍ତ୍ରମୁଗ୍ଧ ଆଉ ପରିଲକ୍ଷିତ ହୁଏ ଏଠି ଜାତି ଓଡ଼ିଆ ଓ ଭାଷା ଓଡ଼ିଆ,ଏ ଭୂଖଣ୍ଡର ରାଜା ଜଗନ୍ନାଥ ଆଉ ସଭିଙ୍କ ଠାଣି କଟକିଆ। ଯାହାଙ୍କ ଆରାଧ୍ୟ ପ୍ରଭୁ ଜଗନ୍ନାଥ, ଯାହାଙ୍କ ଧରାପୃଷ୍ଠ ରେ ପ୍ରବାହମାନ ମା ମହାନଦୀ। ଯେଉଁଠୁ ସ୍ୱର ଉଠିଥିଲା ଇଂରେଜ ବିରୋଧରେ ନେତାଜୀ ବୋଷଙ୍କ ଆହ୍ୱାନ ରେ ।ତାରକସି ଠାରୁ ଆରମ୍ଭ କରି ହସ୍ତତନ୍ତ ସବୁଥିରେ ନିପୁଣ ଯାର କଳାକାର। ବାସ୍ତବରେ ଏଇ କଟକ କଳାଭୂମି,ତୀର୍ଥଭୂମି,ଆଉ ଦେବଭୂମି ଆଉ ମୈତ୍ରୀର ମହାସମୁଦ୍ର।ସତରେ କେତେ ସ୍ମୃତି ଆଉ ସ୍ୱର୍ଣ୍ଣିମ ଅଧ୍ୟାୟ ଇତିହାସ ରତ୍ନଗର୍ଭ ରେ ଆଜି ବିଲୀନ।ଆଉ କିଛି କିଛି ସ୍ମୃତି ଆଜି ବି କହୁଛି ଆମ ମା ମାଟି ର କଥା।ଦିନ ପରେ ଦିନ ବିତିଯାଉଛି ତଥାପି ସେ ଏବେ ଆମକୁ କହୁଛି ଆଗକୁ ଆମର ଉତ୍ତର ପିଢ଼ି କି କହିବ ଏଇ ମାଟିର କଥା ଆମ କଟକର କଥା ଆମ କଟକିଆଙ୍କକଥା। ସତରେ ମନେହୁଏ ଯେମିତି ବାରବାଟୀ ଦୁର୍ଗ ଆଜି ମନେପକାଉଛି ଆମ କଟକର ପୁରୁଣା ଓ ଅଭୁଲା କଥା ସବୁକୁ ଆଉ ବଖାଣି ବସେ ସେଇ ବାଟରେ ଯାଉଥିବା ଲୋକମାନଙ୍କୁ ତା'ର ଅକୁହା କଥା ସବୁକୁ ଏହା ଦେଖିଲେ ମନେହୁଏ ସତେ ଯେମିତି "ବାରବାଟୀ କହୁଛି ଆଜି ଆମ କଟକ କଥା"..



ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

# ସ୍ବପ୍ନ କଳ୍ପିତ ସ୍ମୃତି ଶିଖା...



ଡ: ଶୁଭ୍ରା ଦାସ
ଝାଞ୍ଜିରୀ ମଙ୍ଗଳା,
ତେଲେଙ୍ଗା ବଜାର, କଟକ

ଖୋଲା ଆଖିରେ ମୁଁ ସପନ ବୁଣଇ
ନିଦ ନ ଆସିବା ବେଳେ ,
ପାଠଶାଳାର ପରିଭାଷା ଖୋଜେ
ବୟସର ଲମ୍ବା ଡାଳେ।

ଅନ୍ୟ ପାଇଁ ଗଢେ ନଭଶ୍ଚୁମ୍ବୀ ସୌଧ
କ୍ଷତ ବିକ୍ଷତ ହୋଇ ,
ମଖମଲି ଶେଯ ବିଛାଇ ଦିଏ ମୁଁ
ଗଜଦନ୍ତ ପଲଙ୍କେ ନେଇ ।

କ୍ଷତାକ୍ତ ଆତ୍ମାର କ୍ଷତ ଦିଶେ ନାହିଁ
ଅଭିଯୋଗ ଥିଲେ ଯେତେ ,
କୋଇଲାରୁ ହୀରା ଗଢିବା ଆଶାରେ
ଆତ୍ମତୃପ୍ତି ପାଏ ସତେ ।

ଦୁନିଆ ସାଜିଛି ଆଶାବାଦୀ ଆଜି
ଆଶା ହିଁ ଏକ ସମ୍ବଳ ,
ଜୀବନ ପଥରେ ମୋଡ଼ ଆସିଗଲେ
ପାଦ ହୁଏ ଟଳମଳ।

ପ୍ରତିଶ୍ରୁତି ସବୁ ଛଳନା ଲାଗଇ
ପ୍ରେମ ପ୍ରତିଧ୍ଵନି ସ୍ଵରେ ,
ଇନ୍ଦ୍ରଧନୁର ରଙ୍ଗ ବି ବଦଳେ
ମର୍ଯ୍ୟାଦାର ମହିମାରେ।

ଚକ୍ଷୁବାନ୍ ଏଠି ଜନ୍ମାନ୍ଧ ରୂପରେ
ସିଂହାସନ ପରେ ବସେ ,
ଅର୍ଦ୍ଧ ସତ୍ୟ କୁ ବି ସ୍ୱଳ୍ପସ୍ୱପ୍ନ ଭାବି
ଅସରନ୍ତି ହସ ହସେ।

ହସ ହାତୁଡିରେ ଆଘାତ କରେ ସେ
ଅନ୍ତରଙ୍ଗ ଦୀର୍ଘଶ୍ୱାସ ,
ତୃଷିତ ସ୍ପନ୍ଦନ ନୀରବତା ଖୋଜେ
ଅନିଚ୍ଛାରେ କରି ବାସ ।

ଭାବନା ରାଇଜେ ମନ ଉପବନେ
ସ୍ନେହ ର ପ୍ରଲେପ ଭରେ ,
ଆଲିଙ୍ଗନ ପରେ ଦୂରେଇ ଦେବାକୁ
ସର୍ତ୍ତର ସାହାରା ଧରେ ।
ମହାଶୂନ୍ୟତା ର ନିବିଡ଼ ଅନ୍ଧାର
ପରି ଲାଗେ ମନ ତାର ,
ଆଲୋକ ପୁଞ୍ଜରେ ଆଲୋକିତ ହେବ
ସ୍ୱପ୍ନ ଯେ ଖୋଲା ଆଖିର ।

ଘାଟି ରାସ୍ତା ପରି ଜୀବନଟା ସତେ
ଅଟେ ଭୟଙ୍କର କେତେ ,
ତଥାପି ମୁଁ ସେହି ପଥ କୁ ଆଦରି
ଚାଲେ କଳ୍ପନାର ସ୍ରୋତେ।

ସ୍ୱାର୍ଥ ସମ୍ପର୍କରେ ବନ୍ଧା ଏ ଦୁନିଆ
ସଭିଏଁ ଏଠି ଦର୍ଶକ ,
ମରୀଚିକା ପଥେ ନିତି ଧାଉଁଥିଲେ
ଭୁବନ ମିଳେ କ୍ଷଣିକ।

ଯୁଗ ବିତୁଅଛି ଯୁଗର ପଥରେ
ପ୍ରକୃତି ନିୟମ ବହି ,
ଆଜି ଯାହା ଅଛି କାଲି କି ନ ଥିବ
ଚିରନ୍ତନ ସତ୍ୟ ଏହି ।




ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
MSME
UDYAM-OD-13-0044620

## ଜାତି...



ଗୀତାଞ୍ଜଳୀ ସାହୁ
ଭଦ୍ରକ

କିଏ ଗଢିଛି ଏ ଜାତି ?
କାହିଁ ମିଛ ରେ
ଏ ଜାତି ପ୍ରହସନ !
କିଏ ହିନ୍ଦୁ, କିଏ ମୁସଲମାନ ପୁଣି କିଏ ଖ୍ରୀଷ୍ଟିଆନ୍ ?
କାଇଁ ଆଜି ରକ୍ତ ରଙ୍ଗର ରଞ୍ଜିତ
ମୋ ପୁଣ୍ୟ ଭାରତ
ସ୍ୱର୍ଗୀୟ ଭୂଇଁ ?
ଶାନ୍ତି ମୈତ୍ରୀ ,
ବିରତ୍ୱ ଧ୍ୱଜା ଆଉଟେ
ଭିଜା ରକ୍ତ ବାମ୍ବା କୁ ଛୁଇଁ...
ନୀରିହର ରକ୍ତ ଛଟେଇ,
ନିଜ ନୃଶସତାର ଚର
ଚରିତାର୍ଥ ପାଇଁ ...
କାଇଁ ଏ କଳିଯୁଗ ମଣିଷ
ଦିଏ ଜାତି ର ଦ୍ୱାହି ||



## ସ୍ୱାଧୀନ...



ନମିତା ଜାନୀ
ନୟାଗଡ଼

କିପରି କହିବୁ ନିଜକୁ ସ୍ୱାଧୀନ
ଯେଉଁଠି ସ୍ୱପ୍ନକୁ ମିଳେନା ସମ୍ମାନ
ପରିହାସକୁ ଦିଆଯାଏ ପ୍ରାଧାନ୍ୟ
କଣ ଏପରି କହିବୁ ନିଜକୁ ସ୍ୱାଧୀନ?

ପରିବାର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ
କରେ ଆମର ସବୁ ଦାୟିତ୍ୱ ବହନ
କିନ୍ତୁ ଯେବେ ବଳୀପଡ଼େ ଆମର ସ୍ୱପ୍ନ
କଣ ଏପରି କହିବୁ ନିଜକୁ ସ୍ୱାଧୀନ ?

ସ୍ୱପ୍ନ ଦେଖିବାକୁ ଅଛି ଅଧିକାର
ତେଣୁ ଆଖିରେ ରହିଛି ଅନେକ ସ୍ୱପ୍ନ
କିନ୍ତୁ ସୁଯୋଗ ନାହିଁ ତାହା କରିବାକୁ ପୂରଣ
କଣ ଏପରି କହିବୁ ନିଜକୁ ସ୍ୱାଧୀନ ?



ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

# ମନ ଖୋଜେ ମନଟିଏ ...



**ପ୍ରମିଳା ସ୍ୱାଇଁ**
ରାଜକନିକା, କେନ୍ଦ୍ରାପଡ଼ା

ଏ ମନରେ ରଖିଛି ସାଇତି ତୁମକୁ
ତୁମ ଲାଗି ଏ ସାରା ଦୁନିଆକୁ ଭୁଲି ମୁଁ ଯାଇଛି
ତୁମ ସ୍ପର୍ଶରେ କି ଯାଦୁ ଅଛି ?
ସାରା ରାତି ତୁମକୁ ମୁଁ ଝୁରେ ,
ମନ ମୋର ଖୋଜେ ଖାଲି ତୁମକୁ ।।

ତୁମ ବିନା ସାରା ଦୁନିଆଁ ଲାଗେ ଫିକାଫିକା
ତୁମେ ଯେବେ ଆସ ମୋ ପାଖେ,
ହଜିଯାଏ ଏ ମନ ତୁମରି ଠାରେ ,
ପ୍ରେମ କଣ ଜାଣେ ନାହିଁ ମୁଁ...
ତୁମ ପାଇଁ ମୁଁ ହୋଇଯାଏ ପାଗେଳୀ
ଯେତେ ଦେଖିଲେ ତୁମକୁ ମନ ମୋର ମାନେନି
ଆଖି ପଲକରେ ସବୁଦିନ ଦେଖିବାକୁ ଇଛା ହୁଏ ।।



ଭାଗ୍ୟର ଲେଖା କରିଛି ଦୂର ସିନା
ହୃଦୟ କେବେ ଦୂର ହୋଇନାହିଁ
ସେମିତି ମହ ମହ ହୋଇ ବାସୁଥାଏ ତୁମ ଲାଗି
ଫୁଲ ଯେମିତି ଚାହିଁ ରହିଥାଏ
ଦେବତା ମଥାରେ ଲାଗିବା ପାଇଁ ,
ମୁଁ ସେମିତି ଚାହିଁ ରହିଥାଏ ତୁମରି ଲାଗି ।।

ଏକ ନୂତନ ଆଶାରେ ପ୍ରାଣ ସଞ୍ଚାର...



ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

# ମହାପ୍ରଭୁ ତୁମେ ମହାନ୍...



**ହିମାଞ୍ଚଳ ନାଗ**
ସାଲେପାଲି, ମଣିରାମପୁର ,କଳାହାଣ୍ଡି

ମହାପ୍ରଭୁ ତୁମେ ମହାନ୍ ,
ସ୍ୱର୍ଗ ଠାରୁ ମଧ ଗରୀୟନ୍ ||
ସାଜି ଅଛ ପ୍ରଭୁ ଦାରୁ ଦେବତା ,
ଦୁନିଆ ଦେଖୁଛି ତମେ ସଂଯମତା ||
ଚକା ଆଖିରେ ଜାଗର ଦେଖୁଛ ,
ରତ୍ନ ସିଂହ ସନେ ବସି ଜଗତ ପାଳୁଛ ||
ପତିତପାବନ ବାନା ଆକାଶେ ଉଡ଼ାଇ ,
ଧନ୍ୟ ମହା ପ୍ରଭୁ ନାମେ ଜଗତ ଜାଣଇ ||
ନିଲାଦ୍ରିଶ ପ୍ରଭୁ ତୁମେ ଦାସିଆ ଠାକୁର ,
ଆଦିବାସୀ ହସ୍ତେ ପୂଜା ତୁ ସୋନପୁରର ||
ବାଇଶି ପାହାଚ ତୁମ ଦେଉଳେ ସଜାଇ ,
ଭକ୍ତେ ଗନେ ମହାପ୍ରସାଦ ଆନନ୍ଦେ ବଣ୍ଟାଇ ||
ଦଇତା ପତି ସେବଇ ତୋହର ଚରଣ ,
ଦୁଃଖ ଥିଲେ ଭକ୍ତ କଷ୍ଟ କରୁ ନିବାରଣ ||
ନବକଳେବର ପଣେ ପ୍ରାଣ ପ୍ରତିଷ୍ଠଇ ,
ବର ସକେ ସ୍ନାନ ବେଦିରେ ସ୍ନାନ ଯେ କରଇ ||
ରତ୍ନବେଦୀ ତୁମ ପାଇଁ ସଦା ସଜାଗ ରହଇ ,
ସ୍ନାନ ପଣେ ମହା ପ୍ରଭୁ ସୁନା ବେଶ ଯେ ଧରଇ ||

ଶ୍ରୀ କ୍ଷେତ୍ର ତୁମ ରହଣି ସ୍ଥାନ ,
କରୁଛି ଜଣାଣ ମୁହିଁ ଶ୍ରୀ ହୀନ ||
ଚାରି ଧାମ ମଧେ ତୁମରି ଧାମ ,
ବକ୍ତା ସ୍ନେହେ ଡାକେ ଶ୍ରୀକ୍ଷେତ୍ର ଧାମ ||
ପୁରୀ ବେଲା ଭୂମି ତୁମ ପାହନ୍ତେ ,
ଦୁଃଖ ପାରି କର ଆହୋ ସାଆନ୍ତେ ||
ନୀଳ ଚକ୍ର ତୁମ ସିର୍ସେ ବିରାଜେ ,
ସୁଦର୍ଶନ ତୁମ ସାଥେ ଗରଜେ ||
ତୋର ପରେ ଭୋଗ ଶ୍ରୀ ଅନ୍ନ ବୋଲେ ,
ଅବଢ଼ା ଲାଗାଇ ପୁଣି ବିମଳା କମଳେ ||
ତୋହରି ରୋଷରେ ଅନ୍ନ ଲକ୍ଷ୍ମୀ ପରସଇ ,
ଗୋଟି କ ଉପରେ ପାତ୍ର ଗୋଟିକ ରୁହଇ ||
ତୋହରି କ୍ଷେତ୍ର ପଟିରି ଜଗତ ଜାଣଇ ,
ମେଘନାଦ ରୂପେ ତାହା ଶବ୍ଦ ପ୍ରବାଡଇ ||

ତୋହରି ଦୁଆର ବଡ଼ ଦାଣ୍ଡ ନାମେ ଜଣା ,
ତୁହି ସେହି ଅଣାକାର ନିରାକାର ରୁପି,
ତୋ ହାତ ମୋ ସିରେ ରହୁ ମୁଁ ମଣିଷ ପାପି ||
ତୋହରି ଯାତରା ସାରା ଜଗତେ ବିକ୍ଷାତ ,
ତୋ ହାତ ଯିବା ଗଲା ରାବଣ କୁ କ୍ଷାତ ||
ଆହେ ମହା ବାହୁ ତୁମେ କୈବଲ୍ୟ ଠାକୁର ,
ତୁମେ ମହା ବାହୁ ତୁମେ ପୁରୀର ଠାକୁର ||
ନୀଳାଦ୍ରି ବିଜେ ତୁମ ହେରା ପହରାରେ ,
ନନ୍ଦୀଘୋଷେ ବିଜେ ପରା ରଥ ଯାତରାରେ ||
ଛେରା ପାହରା କରାଉ ଗଜପତି ହାତେ ,
ହରିବୋଲ, ହୁଳହୁଳି ବୋଲ ହଇ ହୋ ଭକତେ ||
ନାନା ପିଠା ପଣା ମାନ ତୋହର ନିମିତ୍ତ ,
ରଥ ରେ ବିରଜୁ ମଧେ ସୁଦର୍ଶନ ଯେ ସହିତ ||
ନନ୍ଦିଘୋଷ ରଥେ ତୁମେ ସବା ଶେଷେ ଥାଅ ,
ମଧମେ ଦର୍ପଦଳନେ ଭଗ୍ନୀ ସୁଭଦ୍ରା ବୋଲାଅ ||
ସର୍ବ ଅଗ୍ରେ ଭ୍ରାତା ବଳରାମ ରଥ ଯାଏ ,
ତାଳଧ୍ୱଜ ତାଙ୍କ ରଥ ଯାହା ଜଗତ ବୋଲାଏ ||
ନଅ ଦିନ ରହି ପୁଣି ଶ୍ରୀକ୍ଷେତ୍ର କୁ ଆସ ,
ଲକ୍ଷ୍ମୀ ଜଗି ଥାନ୍ତି ଦେଖାଇ ଆକ୍ରୋଶ ||



ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

## ଭାବର ଠାକୁର...



ଇଚ୍ଛା ହୁଏ ନିତି ପାଦ ଥିବା ଯାଏଁ
ବଡ଼ଦାଣ୍ଡେ ଚାଲୁଥିବି ,
ଭକ୍ତ ପାଦଧୂଳି ପାଇ ହେ ସାଆନ୍ତେ
ଆତ୍ମସନ୍ତୋଷ ଲଭିବି ।।

ନୀଳଚକ୍ର ପରେ ପତିତପାବନ
ନିତି ଦର୍ଶନ କରିବି ,
ଥାଉ ଯେତେ ଦୁଃଖ ହେବିନି ବିମୁଖ
ତୋ ଶ୍ରୀମୁଖ ଦେଖୁଥିବି ।।



**ସଂଗୀତା ନାଏକ**
ରେଭେନ୍ସା ବିଶ୍ୱବିଦ୍ୟାଳୟ,
କଟକ

ବାଇଶି ପାହାଚେ ଚଢ଼ି ଯାଉଥିବି
ଅନ୍ତରେ ଭକତି ବହି ,
ଆନନ୍ଦ ବଜାରେ ଅତି ଆନନ୍ଦରେ
ଅବଢ଼ା ଖାଇବି ମୁହିଁ ।।

ଇଚ୍ଛା ଖାଲି ତୋର ଶ୍ରୀମୁଖ ଦର୍ଶନ
ଆନ ଚିନ୍ତା ନାହିଁ ମନେ ,
ସବୁକିଛି ତେଜି ତୋର ନାମ ଭଜି
ରହିଥିବି ତୋର ଧ୍ୟାନେ ।।


ଶିରୀକ୍ଷେତ୍ରେ ରହି ଦେଖୁଥିବି ମୁହିଁ
ବାରମାସେ ତେର ଯାତ ,
ତୋ ଭାବ ସାଗରେ ବୁଡ଼ି ଯାଉଥିବି
ଗାଉଥିବି ତୋର ଗୀତ ।।





ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

# ଗୁରୁଶିଷ୍ୟ ସମ୍ପର୍କ...



ପ୍ରତିଭା ପଟ୍ଟନାୟକ
ଗୋପପୁର, ଚିକିଲି

ଗୋଟାଏ ଗାଁ ରେ ସୁଦାମ ନାମକ ଏକ ବାଳକ ଥାଏ। ଜନ୍ମ ରୁ ଅତି ଦୁଃଖ କଷ୍ଟ ରେ ବଢ଼ିଛି, ତିନି ଭଉଣୀ ରେ ଭାଇ। ବାପା ଅତି ଗରିବ। ସୁଦାମ ର ପାଠ ପଢ଼ିବାରେ ବହୁତ ଆଗ୍ରହ ଥିଲା। ତା ବାପା ଯେତିକି ଧନ ଅର୍ଜନ କରୁଥିଲେ ଘର ଚଳିବା ବହୁତ କଷ୍ଟ ଥିଲା। ସୁଦାମ ପାଠ ପଢ଼ିବା ସହ କିଛି କଷ୍ଟ କରି ଧନ ଅର୍ଜନ କରୁଥିଲା। ତାର ଆଗ୍ରହ ଦେଖି ବିଦ୍ୟାସାଗର ନାମକ ଜଣେ ଗାଁ ର ଆଦର୍ଶ ଶିକ୍ଷକ ତାକୁ ସାହାଯ୍ୟ କରୁଥିଲେ। ଏହିପରି ଚାଲୁଥାଏ। ଥରେ ଶିକ୍ଷକ ଲକ୍ଷ୍ୟ କଲେ ପ୍ରାୟ ୧୦ ଦିନ ହେବ ସୁଦାମ ବିଦ୍ୟାଳୟ ଆସୁନାହିଁ। ଶିକ୍ଷକ ଜଣଙ୍କ ତା ଘରେ ଯାଇ ପହଞ୍ଚିଲେ। ଜାଣିବାକୁ ପାଇଲେ ତାର ସ୍ୱାସ୍ଥ୍ୟ ଅବସ୍ଥା ଅତ୍ୟନ୍ତ ଗୁରୁତର। ଡାକ୍ତର ବାବୁ ୧୫ ଦିନ ବଞ୍ଚିବ ବୋଲି ତାକୁ କହିଥିଲେ।ଏହି ସବୁ ପରେ ତାଙ୍କ ଘରେ ଲୁହ ର ଛାୟା ଘେରି ରହିଥିଲା। କିନ୍ତୁ ଶିକ୍ଷକ ଜଣଙ୍କ ତାକୁ ଯାଇ କହିଲେ ତୁ ବ୍ୟସ୍ତ ହୁଅନା,ସେ ଝରକା ପାଖରେ ଥିବା ଗଛ ଟି ଦେଖୁଛୁ ଯେତେ ଦିନ ଯାଏ ସେ ଗଛ ରୁ ପତ୍ର ଗୋଟାଏ ବି ଝଡି ନାହିଁ ତୋର କିଛି ହେବ ନାହିଁ। ଶିକ୍ଷକ ଙ୍କ କଥା ରେ ସବୁ ଭୁଲି ଯାଇ ତାର ବଞ୍ଚିବା ରେ ଆଗ୍ରହ ବଢ଼ିଯାଇଥିଲା।

ଏମିତି କିଛି ଦିନ ଗଲା ସୁଦାମ ସୁସ୍ଥ ହେଇଗଲା। ସୁସ୍ଥ ହେବା ମାତ୍ରେ ସଙ୍ଗେ ସଙ୍ଗେ ଯାଇ ଶିକ୍ଷକ ଙ୍କ ଘରେ ପହଁଞ୍ଚିଲା । ତାଙ୍କ ଘରେ ଯାଇ ଦେଖିଲା ଶିକ୍ଷକ ଙ୍କ ସ୍ତ୍ରୀ ଙ୍କୁ ବିଧବା ରୂପରେ।ଏହା ଦେଖି ସେ ଦୁଃଖ ରେ ଭାଙ୍ଗିଗଲା ଏବଂ ଏହା କିପରି ହେଲା ? ବୋଲି ପ୍ରଶ୍ନ କଲା । ସେ କହିଲେ ଯେ ଆଜି ତୁ ନୂଆ ଜୀବନ ପାଇଛୁ କେବଳ ତୋ ଶିକ୍ଷକ ଙ୍କ ପାଇଁ କାରଣ ଯେତେେଳେ ଗଛରେ ଗୋଟିଏ ପତ୍ର ଝଡି ଯିବାର ସେ ଯାଇ କୃତ୍ରିମ ପତ୍ର ଲଗେଇ ଆସିବାର । ପ୍ରବଳ ଥଣ୍ଡା ରେ ଯାଇ ସନ୍ନିପାତ ରେ ତାଙ୍କ ମୃତ୍ୟୁ ଘଟିଛି।ଏହା ଶୁଣି ସେ ବହୁତ ଦୁଃଖ ଅନୁଭବ କଲା ଏବଂ ଶିକ୍ଷକଙ୍କ ସମାଧି ନିକଟ ରେ କୃତଜ୍ଞତା ଜ୍ଞାପାନ କଲା ଏବଂ ଆଜୀବନ ତାଙ୍କ ସ୍ତ୍ରୀ ଙ୍କୁ ମାଆର ସମ୍ମାନ ଦେଇ ପୁଅ ର କର୍ତ୍ତବ୍ୟ ପାଳନ କରିବା କୁ ପ୍ରତିଶ୍ରୁତି ଦେଲା ।

ବାସ୍ତବ ରେ ଏହି ଗୁରୁ ଶିଷ୍ୟ ଙ୍କ ସମ୍ପର୍କ ସମାଜ ପାଇଁ ଏକ ଉଦାହରଣ।।ଆଜିକାଲି ଯେପରି ଗୁରୁ ଶିଷ୍ୟ ସମ୍ପର୍କ କଳୁଷିତ ହେଇ ଚାଲିଛି ଏହି ଗଳ୍ପଟି ସମାଜ ଏକ ବାର୍ତ୍ତା ଅଟେ।



ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

# ଜୀବନ କୁସୁମ...



ଅନିତା କୁମାରୀ ଆଚାର୍ଯ୍ୟ
ଖଲ୍ଲିକୋଟ, ଗଞ୍ଜାମ, ଓଡ଼ିଶା

ବର୍ଷା ବୈଶାଖ ବସନ୍ତ ଋତୁଚକ୍ର ଢାଲ
ପ୍ରକୃତି ର ଲୀଳା ରେ ଲୀଳାୟିତ
ସବୁ ରଙ୍ଗ ଭିନ୍ନ ଭିନ୍ନ ,
କେହି ନା କେହି ସେ ରଙ୍ଗେ ହୁଏ ଝଲମଲ ,
ପ୍ରକୃତି ଜଗତ ପରି ଜୀବନ ଆକାଶେ
ଯେବେ ଉଦେ ହୁଏ ସୂର୍ଯ୍ୟ,
ବୁଣିଦିଏ ସେହିପରି ସୁନେଲି ରଙ୍ଗର ସୁରୁଜ ।

ସେହି ପରି ଅଦିନିଆ ବୈଶାଖୀ ର ଝଡ
ଯେବେ କେବେ ତାଣ୍ଡବ ରଚଇ
ଝଡ ଥମିଗଲା ପରେ ସେହି ଆକାଶରେ
ସୂର୍ଯ୍ୟପ୍ରଭା ବଳେ
ଇନ୍ଦ୍ରଧନୁ ଟିଏ ଉଙ୍କି ମାରଇ ;
ସପ୍ତରଙ୍ଗେ ଭରା ତା ପସରା
ମନ ବନେ ରଚେ ସେ ଆଖଡ଼ା
ନାନା ରଙ୍ଗ ଫୁଲ ପରି ନାନା ଆଶା ନେଇ
କୁଞ୍ଜବନ ସଜାଇ ସେ ହୋଇଯାଏ ରାଇ ।

କଳା ଧଳା ନାଲି ନେଳି କେବେ ବାଇଗଣୀ
ହଳଦୀ ବସନ୍ତ କେବେ କେବେ କମଳିନୀ
କେବେ କୃଷ୍ଣଚୂଡ଼ା କେବେ ସେ ଗଙ୍ଗଶିଉଳି
ସୁରୁଜକୁ ଦୂରୁ ଦେଖି ଯାଏ ସେ ମଉଳି
କେବେ ପୁଣି ବସନ୍ତ ର ମଧ୍ୟେ
କିଆ ଅବା କେତକୀ ର ପ୍ରାୟେ
ବିତରେ ସେ ବାସ କେଉଁ ନିଭୃତ ନିଳୟେ
କେବେ ପୁଣି ସୁରଭି ବିହୀନ -
ପିଙ୍ଗଳ ବରଣ ପଳାଶ ରୂପରେ
ଦଗ୍ଧ ହୁଏ ଅପେକ୍ଷା ର ଯଜ୍ଞବେଦୀ ପରେ ।
କେବେ ପୁଣି ସୋରିଷ ଫୁଲ ର କୋମଳତା ମଧ୍ୟେ
ହସୁଥାଏ କିରି କିପରି ସୁନେଲି ଆନନ୍ଦେ !

କେବେ ପୁଣି କନିଅର ଦୂର ଦେବାଳୟେ
କେବେ ହେୟ ମନ ପ୍ରାଣେ ଘାସ ଫୁଲ ଟିଏ
କେବେ ପୁଣି ସାଧାରଣ ଟଗର ତରାଟ
କେବେ ପୁଣି ଇଟମଳା ରୂପେ ଶୋହେ
ବିବାହ ବେଦୀ ରେ ।
କେବେ ରଜନୀଗନ୍ଧା ର ଗନ୍ଧେ ହୁଏ
ମତୁଆଲା
କେବେ ପୁଣି ଗୋଲାପ ଲୋଭରେ
କଣ୍ଟାର ଆଘାତେ
ଜୀବନ କୁ କରଇ ଘାଇଲା ।
ଏହି ପରି ଜୀବନ - କୁସୁମ
ଋତୁଚକ୍ର ପରି
କେତେବେଳେ କୋମଳ ତ କେତେବେଳେ
ଲଭଇ ପରମ ।।





ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

# ପ୍ରେମ / ଅପ୍ରେମ ...



**ସସ୍ମିତା ତ୍ରିପାଠୀ**
କନ୍ଲଇପୁର , ଯାଜପୁର ରୋଡ

କାହା ପାଇଁ ପ୍ରେମ ଇନ୍ଦ୍ରଧନୁ ରଙ୍ଗ
ମଧୁମତି ମଧୁଶାଳା ,
ମୁଁ କହିବି ପ୍ରେମ ମିଛ ସମ୍ପର୍କର
ସୁସଜ୍ଜିତ ଚିତ୍ରକଳା ||

କାହା ପାଇଁ ପ୍ରେମ ଆଶାର ଅଲୋକ
ଅନ୍ଧାର ରାତିର ସାଥି ,
ମୁଁ କହିବି ପ୍ରେମ ବାଲି ଘରଟିଏ
ନିମିଷେ ହଜାଏ ସ୍ଥିତି ||

କାହା ପାଇଁ ପ୍ରେମ ଗୀତା ଭାଗବତ
ମହାକାବ୍ୟ ରାମାୟଣ ,
ମୁଁ କହିବି ପ୍ରେମ ଅଢ଼େଇ ଅକ୍ଷର
ନେଇ ଥାଏ କେବେ ପ୍ରାଣ ||



କାହା ପାଇଁ ପ୍ରେମ ଶ୍ରାବଣରେ ଭିଜା
କୋରକିତ କାଦମ୍ବିନୀ ,
ମୁଁ କହିବି ପ୍ରେମ କଳଙ୍କର ନଇ
ଜୁଆରିଆ ସ୍ରୋତସିନୀ ||

କାହା ପାଇଁ ପ୍ରେମ ସୁଖର ବଉଦ
ପ୍ରଣୟର ବାରି ଧାରା ,
ମୁଁ କହିବି ପ୍ରେମ ଲୁହରେ ବତୁରା
ଦୁଃଖର ସାଗର ପରା ||

କାହା ପାଇଁ ପ୍ରେମ ମିଠା ମିଠା ସ୍ମୃତି
ଅଭିସାର ମିଠା ଗପ ,
ମୁଁ କହିବି ପ୍ରେମ ଦେହର ଦହନ
ପାପ ଆଉ ପଶ୍ଚାତାପ ||

କାହା ପାଇଁ ପ୍ରେମ ମଧୁର ମୂର୍ଚ୍ଛନା
କୋକିଳର ମିଠା ସ୍ୱର ,
ମୁଁ କହିବି ପ୍ରେମ ବେସୁରା ରାଗିଣୀ
ଭଗ୍ନ ହୃଦୟ ବୀଣାର ||

କାହା ପାଇଁ ପ୍ରେମ ସୁନେଲି ସକାଳ
ଉଦିତ ସୁରୁଜ ଟିଏ ,
ମୁଁ କହିବି ପ୍ରେମ ଉଁଆସି ରାତିର
ଅବାଞ୍ଛିତ ସ୍ୱପ୍ନ ଟିଏ ||

କାହା ପାଇଁ ପ୍ରେମ ସେନେହ ସଉଧ
ମୂଲ ତା ଅମୂଲ ମୂଲ ,
ମୁଁ କହିବି ପ୍ରେମ ଭଙ୍ଗା ନଉକାଟେ
ଅପହଞ୍ଚ ଥଳ କୂଳ ||

କାହା ପାଇଁ ପ୍ରେମ ରାଧା କୃଷ୍ଣ ଭାବ
ଦେବା ଦେବୀ ଆରାଧନା ,
ମୁଁ କହିବି ପ୍ରେମ ନିଜ ସହ ନିଜେ
କରିଥିବା ପ୍ରତାରଣା ||


ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ,  ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ,  ମୁଖ୍ୟ-ପରିଚାଳିକା : ଶିବଦୂତି ପାଣିଗ୍ରାହୀ,  ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

# ଭୂମି ର ପ୍ରଶ୍ନ ...



ଭୂମିକା ମହାରଣା
ଖରଗପୁର ,ପଶ୍ଚିମ ବଙ୍ଗ

କାଳିଆ, ଆଉଥରେ ଆସିଛି ତୁମ ଦାଣ୍ଡକୁ
କିଛି ମାଗିବାକୁ ନୁହେଁ, କିଛି ଦେବାକୁ
ପ୍ରଶ୍ନର ଆସରା ସାଥିରେ ନେଇ ଆସିଛି
ଆଜି ସବୁ ତୁମପାଖରେ ରଖିବି,
ଅଭିଯୋଗର ଖାତା ତୁମ ଆଗରେ ଖୋଲିବି।

ଜାଣେନା, ତୁମେ ଉତ୍ତର ଦେବ କି ନାହିଁ,
ତଥାପି ମୁଁ ଅପେକ୍ଷା କରିବ।
ଭୂମିର ଭୁଲ କ'ଣ?
କାହିଁକି ବିନା ଦୋଷରେ ମୁଁ ସଜା ପାଉଛି?
ଯଦି ଦୁଃଖ ଦେବାରେ ଲୁଚିଛି ଖୁସିର ଝଲକ,
ତେବେ କାହିଁକି ଦେଖାଉଛ ସୁଖର ଆଲୋକ!
ଜାଣିଶୁଣି ତୁମେ ଦୁଃଖ ଦେଉଛ,
କ'ଣ ଏଭଳି କରି ତୁମେ ଖୁସିରେ ଅଛ?



କୁହ କାଳିଆ, କୁହ।
ଏମିତି ପ୍ରତିଦିନ କଷ୍ଟ ଦେବା ଅପେକ୍ଷା,
ତମ ବଡ଼ ଦାଣ୍ଡରେ ଥରେ ମାରିଦିଅନା
ଆଉ ତୁମ ବଡପଣକୁ ମହାନ କରି ନିଅନା !
ଜଗତର ଠାକୁର ବୋଲାଉଛ
ଭୂମିର ଡାକ ବି ଶୁଣୁନ,
ସବୁବେଳେ ତୁମ ଖୁସି ମାଗୁଥିଲି
ଆଜି ଦୁଃଖର କାରଣ ମାଗୁଛି
ଦେଇପାରିବ!


ଖୁସିର ନୌକାରେ ବସେଇ ଦୁଃଖର ବର୍ଷା କରିବାର କାରଣ କ'ଣ?
ମଝି ସୁମୁଦ୍ରରେ ରଖି ଅକାତ ଗଣ୍ଡକୁ ଠେଲିବାର କାରଣ କ'ଣ?
ଅନ୍ଧାରରେ ରଖିବାର ଅଛି ଯଦି ଏଇ ଦୁଇ ଆଖି ଦେବାର କାରଣ କ'ଣ?
ମାଗି ପାରିବିନି ଯଦି ତୁମକୁ ସେ ଦୁଇ ହାତ ଦେବାର କାରଣ କ'ଣ?

କୁହ କାଳିଆ କୁହ,
ଭୂମି ପ୍ରଶ୍ନର ଆଜି ଜବାବ ଦିଅ ??



ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

# ତୁମେ' ଆସନ୍ତନି...





**ଶିଶିର କୁମାର ସାମଲ.**
(ପ୍ରତିଷ୍ଠାତା/ମୁଖ୍ୟ-ସମ୍ପାଦକ)
**ମହ୍ଲାର ଇ-ପତ୍ରିକା**

ତୁମେ ଆସନ୍ତନି,
ପୁଣି ଥରେ ମୋ' ଜୀବନରେ...
ଲୁଚାଇ ରଖନ୍ତି ଆଉଥରେ, ଏ ମନରେ..

ଆକାଶର ବୁକୁଚିରି,
ହଜି ଯାଆନ୍ତେ ଜହ୍ନ ରାଇଜରେ ,
ହାତରେ ହାତ ରଖି
ଖୁବ୍ ଗପନ୍ତେ, ଏ ଚିକ୍‌ମିକ୍ ତାରା ମେଳରେ...

କିଛି ଭାବନା ତୁମର,
ଆଉ କିଛି ସ୍ୱପ୍ନ ମୋର,
ସଜାଡ଼ି ପାରନ୍ତେ ଆଉଥରେ, ଏ ଜୀବନରେ...
ତୁମେ ଆସନ୍ତନି,

ତୁମେ ଆସନ୍ତନି,
ଆଉଥରେ ମୋ ସପନରେ...
ସାଧବ ବୋହୂ ପରି ସଜାଇ ରଖନ୍ତି ତୁମକୁ,
ମୋ'ମନ, ମାନସ ପଟରେ...

ତୁମେ ଭିଜନ୍ତନି,
ତୁମେ ଭିଜନ୍ତନି ଏଇ ଶ୍ରାବଣରେ,
ଦେହ ମନ ତୁମ ପ୍ରେମରେ ଭିଜାଇ
ପାଛୋଟି ନିଅନ୍ତି ମୋ' ବାହୁରେ...

ହୃଦୟରେ ଯେତେ ଘୃଣାଭାବ ଥାଉ,
ହୃଦୟରେ ଯେତେ ଘୃଣାଭାବ ଥାଉ,ମନରେ ମିଶାନ୍ତେ ମନ,
ରାଗ ରୁଷା ଭୁଲି, ଦୁହେଁ ମନ ଖୋଲି,
ଦେଖନ୍ତେ ଦିବା ସପନ...

ସବୁ ପ୍ରେମ ମାନେ ନୁହେଁ ତ' ପାଇବା
ହାରିବାରେ କିବା ଦୁଃଖ,
ଶାଶ୍ୱତ ପ୍ରେମରେ କଳଙ୍କ ନ'ଥାଏ
ନିଜକୁ ପଚାରି ଦେଖ...

ତୁମେ କୁହନ୍ତନି,
ତୁମେ କୁହନ୍ତନି, ଚୁପିଚୁପି କାନେ କଥା,
ଉଭେଇ ଯାଆନ୍ତା ମନରୁ ବିଷାଦ
ହଟିଯାଇ ନୀରବତା....

ନୀରବତା ତୁମ ଭାରିକଷ୍ଟ ଦିଏ,
ନୀରବତା ତୁମ ଭାରିକଷ୍ଟ ଦିଏ,
ଅସହ୍ୟ ହୁଏ ଯନ୍ତ୍ରଣା,
ସେଥିଲାଗି ବୋଧେ ପ୍ରେମର ବହିରେ
ଶବ୍ଦ ଟିଏ ପ୍ରତାରଣା ....

ତୁମେ ପଢ଼ନ୍ତନି,
ତୁମେ ପଢ଼ନ୍ତନି ଅତୀତର କିଛି ପୃଷ୍ଠା,
ବିନ୍ଦୁରୁ ଆରମ୍ଭ, ସାଗରରେ ଶେଷ
ପ୍ରେମ ଯହିଁ ଠାରେ ସ୍ରଷ୍ଟା...



ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

# ଗଛ ଲଗାଇ ସବୁଜ ଜଙ୍ଗଲ ସୃଷ୍ଟି କରିବା...





ପ୍ରତିମା ଶତପଥି
ଭାଗବତ ପୁର, ଯାଜପୁର

ଆସ ଲଗାଇବା ଗଛଟିଏ ଭାଇ
ପରିବେଶ ସ୍ୱଚ୍ଛ ହେବ
ଗଛଟି ଆମର ବନ୍ଧୁ ସହୋଦର
ବଞ୍ଚିବାର ରାହା ଦେବ.
ଗଛ ଟି ଦିଅଇ ଅମ୍ଳଜାନ ଭାଇ
ଫଳ ମୂଳ ପତ୍ର ଫୁଲ
ତା ସହିତ ଏଇ ଦୁନିଆଁରେ କେହି
ହେବେ ନାହିଁ ସମତୁଲ
ଖାଦ୍ୟ, ବସ୍ତ୍ର, ବାସଗୃହ, ଦିଏ ସିଏ
ପାନୀୟ ବି ଦେଇଥାଏ
ଘରର ଉପକରଣ ପ୍ରାୟ ସବୁ
ଗଛ ଠାରୁ ମିଳିଥାଏ.
ଖରାଦିନେ ଆମେ ଗଛର ଛାଇରେ
ଥକ୍କା ମେଣ୍ଟାଇ ଥାଆନ୍ତି
କେତେ ପକ୍ଷୀ ସବୁ ଗଛର ଡାଳରେ
ବସା କରି ରହିଥାନ୍ତି.
ନିସ୍ୱାର୍ଥପର ସେ ଦାନ କରେ ସବୁ
ଆଶା କିଛି ରଖେ ନାହିଁ
ଉପକାରୀ ବନ୍ଧୁ ଗଛଠାରୁ କେହି
ଧରାରେ ଜନମି ନାହିଁ.
ପତ୍ରରୁ ତାହାର ମହୋଷୌଧି ହୁଏ
ବଞ୍ଚାଇ ଥାଏ ଜୀବନ
ଗଛ ପାଇଁ ବର୍ଷା ହୋଇ ଥାଏ ଜାଣ
ଦାନ ତା ଅଟେ ମହାନ
ଗଛ କାଟି ପଦା କରୁଛି ମନୁଷ୍ୟ
ପ୍ରଚଣ୍ଡ ଖରା ହେଉଛି
ସତେ ଯେପରି ସୂର୍ଯ୍ୟଙ୍କ କିରଣରୁ
ଉତ୍ତପ୍ତ ଲାଭା ଝରୁଛି.
ଖରାରେ ଘରୁ ବାହାରକୁ ଯିବାକୁ
ଭାରି ଡର ମାଡୁଅଛି
ଅଂଶୁଘାତ ଭୟ ମନର ଭିତରେ
ପ୍ରଥମେ ଉଙ୍କି ମାରୁଛି.
ସମସ୍ତେ ଗୋଟିଏ ଗୋଟିଏ ଗଛ କୁ
ଯତ୍ନରେ ଦେଲେ ଲଗାଇ
ସବୁଜ ଜଙ୍ଗଲ ସୃଷ୍ଟି ହୋଇଯିବ
ହସିବ ଭାରତ ଭୂଇଁ.
ଛୋଟ ଶିଶୁ ପରି ଯତ୍ନ ନେବା ତାର
ବିଶାଳ ବୃକ୍ଷ ହୋଇବ
କିଛିଦିନ ପରେ ଦେବ ଅମ୍ଳଜାନ
ତାପମାତ୍ରା କମିଯିବ.
ଉପକାରୀ ଗଛ କାଟୁଛି ମନୁଷ୍ୟ
ଆପଣାର ସ୍ୱାର୍ଥ ପାଇଁ
ଜାଣୁନାହିଁ ସିଏ ଗଛ ନ ରହିଲେ
ବଞ୍ଚି ପାରିବନି ସେହି.
ଆସ ଆମେ ସବୁ ମିଳିମିଶି କରି
ସଭିଏଁ ଶପଥ ନେବା
ଛୁଟି ଦିନ କିମ୍ବା ଜନମଦିନରେ
ଗଛ ଟିଏ ଲଗାଇବା.
ଜଙ୍ଗଲ ବଞ୍ଚିଲେ ମନୁଷ୍ୟ ବଞ୍ଚିବ
ଏପରି ସ୍ଳୋଗାନ ଦେଇ
ଅଖଣ୍ଡ ଭାରତେ ସଚେତନ ବାର୍ତ୍ତା
ବାଣ୍ଟିବା ଭଉଣୀ ଭାଇ।



ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

# ସୌଭାଗ୍ୟ ନା ଦୁର୍ଭାଗ୍ୟ...



**ସଂଯୁକ୍ତା ପୃଷ୍ଟି**
ବମ୍ଗେଛକ , ମୟୁରଭଞ୍ଜ

ବିଗତ ଦୁଇ ମାସ ହେଲାଣି ଶୁଭାଂଶୀ ଖୋଲି ଚାଲିଛି ଦୁଇ ମାସ ର ଅତୀତ ର ଫର୍ଦ୍ଦ ମାନଙ୍କୁ । ଖୋଜି ଚାଲିଛି ସେ ଗୋଟିଏ ପ୍ରଶ୍ନ ର ଉତ୍ତର । କିନ୍ତୁ ସେ ସେହି ଗୋଟିଏ ପ୍ରଶ୍ନ ର ଉତ୍ତର ଦୀର୍ଘ ଦୁଇ ମାସ ହେଲାଣି ମଧ ପାଇ ପାରୁ ନାହିଁ । ଜୀବନ ର ଗତି ପଥ ଯେ କିଛି କ୍ଷଣ ରେ ବଦଳି ଯାଏ ସେ ସେହି ଦିନ ଅନୁଭବ କରିଲା । କିଛି କ୍ଷଣ କିଛି ମୂହୁର୍ତ୍ତ ରେ ସବୁକିଛି ଶେଷ ହୋଇଯାଏ ତାହା ସେ ସେହି ଦିନ ଜାଣି ଗଲା । ଏଠି ଗୋଟିଏ ସେକେଣ୍ଡ ର ବି ବହୁତ ମୂଲ୍ୟ ।କାରଣ ସେ ନିଜ ଆଖି ଆଗରେ ଦେଖିଛି ସେହି କିଛି ମୂହୁର୍ତ୍ତ କିଛି ସେକେଣ୍ଡ ରେ ଭଗବାନ ତା ପାଖରୁ ଗୋଟିଏ ଅମୂଲ୍ୟ ଓ ଶ୍ରେଷ୍ଟ ଜିନିଷ ଛଡାଇ ନେଇଥିଲେ । ସେହି କିଛି ମୂହୁର୍ତ୍ତ ପରେ ଶୁଭାଂଶୀ ର ବଞ୍ଚିବାର ଶୈଳୀ ହିଁ ବଦଳିଗଲା ।

ଠିକ୍ ଦୁଇ ମାସ ପୂର୍ବରୁ ଶୁଭାଂଶୀ ର ବାପା ସନ୍ଧ୍ୟା ପାଖରୁ ଟିକେ ଅସୁସ୍ଥତା ଅନୁଭବ କରିଲେ । ତାଙ୍କୁ ସେଦିନ ଥଣ୍ଡା ହେବା କାରଣ ରୁ କାଶ ହେଉଥିଲା । ଶୁଭାଂଶୀ ରାତିରେ ତା ବାପା ଙ୍କୁ ଔଷଧ ଦେଇଥିଲା । ଔଷଧ ଖାଇବା ପରେ ତା ବାପା ଟିକିଏ ସୁସ୍ଥତା ଅନୁଭବ କରିଲେ । ରାତି ଯାଇ ସକାଳ ହେଲା । ରାତିରେ ଠିକ୍ ରେ ଶୋଇ ନ ଥିବାରୁ ଶୁଭାଂଶୀ ର ମୁଣ୍ଡ ଜୋର୍ ରେ ବ୍ୟଥା ହେଉଥିଲା । ତେଣୁ ସେ ସକାଳୁ ଜଲଦୀ ନ ଉଠି ଶୋଇ ରହିଥିଲା । ତା ମୁଣ୍ଡ ବ୍ୟଥା କାରଣ ରୁ ତା ମା' ମଧ ତାକି ଉଠାଇ ନଥିଲେ । କିନ୍ତୁ ଶୁଭାଂଶୀ ବାପା ଙ୍କର କାଶ ସକାଳୁ ଟିକେ ବଢିଗଲା ବାଧ ହୋଇ ଶୁଭାଂଶୀ ର ମା' ଶୁଭାଂଶୀ କୁ ଉଠାଇଲେ । ଶୁଭାଂଶୀ ଉଠି ଦେଖିଲା ବାପା ଙ୍କର ଅବସ୍ଥା ।ଘରେ ସେ ଏବଂ ତା ମା' ଆଉ ବାପା । ତା ଭାଇ କୌଣସି ଏକ କାମରେ କଟକ ଯାଇଥିଲେ । ତେଣୁ ସେ କ'ଣ କରିବ ଭାବି ନ ପାରି ତା ଭାଇ କୁ ଫୋନ୍ ରେ ସବୁ କଥା କହିଲା ।ତା ଭାଇ ଗୋଟିଏ ଅଟୋ ଠିକ୍ କରି ଶୁଭାଂଶୀ କୁ କହିଲେ ଯେ ପାଖ ଡାକ୍ତରଖାନା କୁ ନେଇ ଯିବା ପାଇଁ ବାପା ଙ୍କୁ ।ଶୁଭାଂଶୀ ଆଉ ବିଳମ୍ବ ନ କରି ତା ମା' ଓ ବାପା ଙ୍କୁ ପ୍ରସ୍ତୁତ ହେବା ପାଇଁ କହିଲା । ତା ବାପା ଖାଇ ସାରି ନିଜେ ସୁଟ୍,ସାର୍ଟ ପିନ୍ଧି ପ୍ରସ୍ତୁତ ହେଲେ । ଶୁଭାଂଶୀ ଓ ତା ମା' ସେମିତି ଦାନ୍ତ ଘଷି ବାହାରିଲେ । ଖାଇବା ପାଇଁ ସେମାନଙ୍କୁ ସମୟ ନ ଥିଲା । ଡାକ୍ତରଖାନା ରେ ପହଞ୍ଚି ଶୁଭାଂଶୀ ତା ବାପା ଙ୍କୁ ଡାକ୍ତର ଙ୍କୁ ଦେଖାଇଲା । ଡାକ୍ତର ଡାଇବେଟିସ୍, ବି.ପି. ଟେଷ୍ଟ କରିଲେ ଏବଂ କାଶ ଓ କଫ ପାଇଁ ଶ୍ୱାସକ୍ରିୟା ରେ ଅସୁବିଧା ହେଉଥିବାରୁ ବାପା ଙ୍କୁ ଅକ୍ସିଜେନ ଲଗାଇବା ପାଇଁ ନର୍ସ ଙ୍କୁ କହିଲେ । ସବୁ ଟେଷ୍ଟ ସରିଲା,କିଛି ଇଂଜେକ୍ସନ ଦିଆଗଲା, ଅକ୍ସିଜେନ ବି ଦିଆଗଲା ତା ବାପା ଙ୍କୁ । ଶୁଭାଂଶୀ ତା ମା' ଙ୍କୁ କହିଲା,"ଏବେ ତ ସବୁ ସରିଲାଣି ତେଣୁ ତୁ ଯାଇ ପାଖ ଦୋକାନ ରୁ କିଛି ଖାଇ ଆସିବୁ ତା ପରେ ମୁଁ ଯିବି ଖାଇବା ପାଇଁ । କାରଣ କେତେ ସମୟ ଅକ୍ସିଜେନ ଦିଆଯିବ ସିଏ ବି ଜାଣେ ନାହିଁ ।" ତା ମା' ଯିବା ପାଇଁ ମନା କରୁଥିଲେ କିନ୍ତୁ ଶୁଭାଂଶୀ ଜିଦ୍ କରିବାରୁ ଖାଇବା ପାଇଁ ଗଲେ ।



ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

ଶୁଭାଂଶୀ ମା' ଙ୍କୁ ପଠାଇ ସାରି ବାପା ଙ୍କ ପାଖରେ ବସିଛି । କିନ୍ତୁ ହଠାତ୍ କ'ଣ ହେଲା କେଜାଣି ତା ବାପା ଙ୍କୁ ଭାରି ଅଣନିଶ୍ୱାସୀ ଲାଗିଲା ଅକ୍ସିଜେନ ଚାଲିବେ ସତ୍ତ୍ୱେ । ଶୁଭାଂଶୀ ସେତେବେଳେ କ'ଣ କରିବ ତାକୁ କିଛି ବୁଦ୍ଧି ଦିଶୁ ନ ଥାଏ । ତା ବାପା ଙ୍କ ପାଖରେ ରହିବ ନା ଡାକ୍ତର ଙ୍କୁ ଡାକିବା ପାଇଁ ଯିବ । କିଛି ବୁଝି ପାରୁ ନ ଥାଏ ସେ ।ବାପା ଙ୍କ ଏପରି ଅବସ୍ଥା ଦେଖି ତା ଆଖିରୁ ଅବିରତ ଲୁହ ଝରିବାରେ ଲାଗିଥିଲା । ସେ ନିଜକୁ ସମ୍ଭାଳି ନେଇ ପାଖ ବେଡ୍ ରେ ଥିବା ଜଣେ ଲୋକ ଙ୍କୁ ଡାକି ତା ବାପା ଙ୍କ ପାଖରେ ବସିବାକୁ କହି ଗୋଟିଏ ନିଶ୍ୱାସ ରେ ଦୌଡ଼ିଲା ଡାକ୍ତର ଙ୍କ ପାଖକୁ ।ଡାକ୍ତର ଆସି ଦେଖିଲେ ଯେ ଅକ୍ସିଜେନ ସିଲିଣ୍ଡର ରୁ ଅକ୍ସିଜେନ ସରି ସରିଆସୁଛି । ସେ ନର୍ସ ଙ୍କୁ ଡାକି ସିଲିଣ୍ଡର ବଦଳାଇବା ପାଇଁ କହିଲେ । ଶୁଭାଂଶୀ ତା ବାପା ଙ୍କୁ ଗୋଟିଏ ଛୋଟ ଛୁଆ ପରି ଧରିକି ବସିଥାଏ ବେଡ୍ ଉପରେ । ତା ବାପା ଙ୍କର ସେ କଷ୍ଟ କୁ ମର୍ମେ ମର୍ମେ ଅନୁଭବ କରିପାରୁଥିଲା । ବିକଳରେ ତା ବାପା ଙ୍କ ହାତକୁ ଜୋର୍ ରେ ଧରିଥିଲା ସେ ।ସେ ତା ବାପା ଙ୍କୁ ମନେ ମନେ ଆଶ୍ୱାସନା ଦେଉଥିଲା ଯେ,"କିଛି ହେବନି ବାପା, ତୁମେ ଚିନ୍ତା କରନି । ସବୁ ଠିକ୍ ହୋଇଯିବ ।" କିନ୍ତୁ ନିୟତି ର କିଛି ଅଲଗା ଉଦ୍ଦେଶ୍ୟ ଥିଲା । ଆଉ ଗୋଟିଏ ସିଲିଣ୍ଡର ବଦଳିବା ପୂର୍ବରୁ ଶୁଭାଂଶୀ ର ଜୀବନ ର ମୋଡ ସଂପୂର୍ଣ୍ଣରୂପେ ବଦଳିଗଲା । ତା ବାପା ଥରେ ତା ଆଡେ ଅତି ଦୟନୀୟ ଭାବେ ଚାହିଁ ଦେଇ ଧୀରେ ଧୀରେ ଆଖି ବନ୍ଦ୍ କରି ସଂପୂର୍ଣ୍ଣ ଭାବେ ଢଳି ପଡିଲେ ଶୁଭାଂଶୀ ଉପରକୁ । ଯେତେ ଡାକିଲେ ବି ଆଉ ଶୁଣିଲେନି ଶୁଭାଂଶୀ ର ଡାକକୁ । ଠିକ୍ ସେହି ସମୟରେ ତା ମା' ଆସି ପହଞ୍ଚିଲେ । ଡାକ୍ତର ବିଭିନ୍ନ ପ୍ରକାର ଟେଷ୍ଟ କରୁଥିବାର ଦେଖି, ଶୁଭାଂଶୀ କୁ କାନ୍ଦୁଥିବା ର ଦେଖି ସେ ଡରିଗଲେ । ଏଇ ଟିକିଏ ଆଗରୁ ତ ସବୁକିଛି ଠିକ୍ ଥିଲା ତାହେଲେ ଶୁଭାଂଶୀ କାନ୍ଦୁଛି କ'ଣ ପାଇଁ ?? ତା ବାପା ଙ୍କ ମୁହଁ ରୁ ଅକ୍ସିଜେନ କ'ଣ ପାଇଁ ଖୋଲା ହୋଇଛି ?? ସେ ଶୁଭାଂଶୀ ଙ୍କୁ କିଛି ପଚାରିବା ପୂର୍ବରୁ ଡାକ୍ତର ତାଙ୍କର ଶେଷ ବାକ୍ୟ ଶୁଣାଇ ଦେଲେ, "ସେ ଆଉ ନାହାନ୍ତି ଏ ଦୁନିଆରେ ।"

ସେହି ଗୋଟିଏ ଛୋଟ ବାକ୍ୟ ଶୁଭାଂଶୀ ଓ ତା ମା' ଙ୍କୁ ଯେମିତି ଠେଲି ଦେଇ ଗଲା ଏକ ଅନ୍ଧକାରମୟ ଦୁନିଆକୁ । ଶୁଭାଂଶୀ କୁ ଚାରିଆଡେ ଅନ୍ଧାର ଦେଖାଗଲା । ତା ମା' ର ସେ ବୁକୁ ଫଟା କାନ୍ଦ, ବାପା ଙ୍କ ସେ ଦୟନୀୟ ଚାହାଣୀ କଥା ଭାବି ଶୁଭାଂଶୀ ର ସବୁ ଧୈର୍ଯ୍ୟ ର ବାଡ ଭାଙ୍ଗିଗଲା । ଏପଟେ ବାରମ୍ବାର ତା ଭାଇ ଫୋନ୍ କରୁଛନ୍ତି ତା ବାପା ଙ୍କ ଦେହ ବିଷୟ ରେ ଜାଣିବା ପାଇଁ । ଫୋନ୍ ଦେଖିକି ବି ସେ ରିସିଭ୍ କରିପାରୁ ନାହିଁ । ତା ଭାଇ କୁ ସେ କ'ଣ କହିବ କିଛି ବୁଝି ପାରୁ ନ ଥିଲା । ବହୁତ କଷ୍ଟ ରେ ସେ ନିଜକୁ ସମ୍ଭାଳିଲା । ନିଜ ଆଖି ର ଲୁହ କୁ ପୋଛି ଆଗ ତା ଭାଇ କୁ ଫୋନ୍ କରିଲା । ତା ଭାଇ ତାକୁ ଫୋନ୍ ରେ ଡାକୁଥିଲେ କିନ୍ତୁ ଶୁଭାଂଶୀ ର ଓଠ ଖୋଲୁ ନ ଥିଲା । ସେ ସେମିତି ଫୋନ୍ କୁ କାନ ପାଖରେ ଦେଇ କାନ୍ଦି ଚାଲିଥିଲା । ତା ଭାଇ ଯେତେ ପଚାରୁଥିଲେ କ'ଣ ହେଲା କାନ୍ଦୁଛୁ କ'ଣ ପାଇଁ, ତଥାପି ଶୁଭାଂଶୀ ମୁହଁ ଖୋଲି କିଛି କହି ପାରୁ ନ ଥିଲା । ସେ ଭାବୁଥିଲା " ଏ କେମିତିକା ପରିସ୍ଥିତି ?? କେମିତି ଏ ପରିସ୍ଥିତି କୁ ସେ ସାମ୍ନା କରିବ ?? ଏତେ ସାହସ ଓ ଧୈର୍ଯ୍ୟ ସେ କୋଉଠୁ ଆଣିବ ?? ଏତେ ବଡ ସତ ର ସେ କେମିତି ସାମ୍ନା କରିବ ?? କ'ଣ କେମିତି କହିବ ତା ଭାଇ କୁ ଭାବି ଭାବି ହଠାତ୍ ତା ପାଟିରୁ ସେହି ନିଷ୍ଠୁର କଷ୍ଟଦାୟକ ସତ ଟି ବାହାରି ପଡିଲା ।" ଦଶ ମିନିଟ ଯାଏଁ କେହି କାହାକୁ କିଛି କହି ପାରୁ ନ ଥିଲେ ସେମିତି ଦୁହେଁ ଲାଇନ୍ ରେ ରହିଥିଲେ । ତା ଭାଇ ଜାଣିଥିଲେ ଶୁଭାଂଶୀ ବହୁତ ଭାବ ପ୍ରବଣ ଝିଅଟିଏ। ଏବେ ତା ମନ ଭିତରେ କ'ଣ ହେଉଥିବ ସେ ଜାଣିଥିଲେ ।ତେଣୁ ସେ ଶୁଭାଂଶୀ



ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

କୁ ବୁଝାଇ ସୁଝାଇ ମା' କୁ ସମ୍ଭାଳି ପାଇଁ କହିଲେ । ଶୁଭାଂଶୀ ବି ଭାବିଲା ଯଦି ସେ ଏମିତି ହେବ ତାହେଲେ ଏ ପରିସ୍ଥିତି ରେ ତା ମା' ଙ୍କୁ କିଏ ସମ୍ଭାଳିବ ?? ସେ ନିଜ ଆଖିର ଲୁହ କୁ ପୋଛି ତା ମା' ଙ୍କୁ ବୁଝାଇଲା ।କିନ୍ତୁ ତା ମା' ଶୁଭାଂଶୀ ର କୌଣସି  କଥା ଶୁଣିବା ଅବସ୍ଥା ରେ ନ ଥିଲେ ।ଶୁଭାଂଶୀ ବୁଝି ପାରୁ ନ ଥିଲା କ'ଣ କରିବ ସେ ଏଇ ଜଟିଳ ପରିସ୍ଥିତି ରେ ।ତା ହୃଦୟ କ୍ଷଣ କୁ କ୍ଷଣ ଖଣ୍ଡ ବିଖଣ୍ଡିତ ହୋଇଯାଉଥିଲା । ସେ ଗୁମୁରି ଗୁମୁରି କାନ୍ଦୁଥିଲା । କିଛି ସମୟ ପରେ ଦୁଇ ଜଣ ସଂପର୍କୀୟ ଭାଇ ଓ ଦାଦା ଆସି ପହଞ୍ଚିଲେ । ସେମାନଙ୍କୁ ଦେଖି ଶୁଭାଂଶୀ ନିଜକୁ ଯେତେ ଟାଣ୍ କରିଥିଲା ସବୁ ବିଫଳ ହୋଇଗଲା ।ହୃଦୟର ସେହି ଅକୁହା ଅଦେଖା କଷ୍ଟ ଓ କୋହକୁ ଶୁଭାଂଶୀ ଝରାଇ ଦେଲା ତା ଦାଦା ଓ ଭାଇ  ଙ୍କ କୋଳରେ ଲୁହ ଆକାରରେ । ସେମାନେ ଆସିବା ପରେ ବିଭିନ୍ନ ସରକାରୀ ନିୟମ ଅନୁସାରେ ତା ବାପା ଙ୍କୁ ଡିସ୍ଚାର୍ଜ କରିବା ପାଇଁ ଫର୍ମ ପୂରଣ ହେଲା । ଯେତେବେଳେ ସେହି ଫର୍ମ ରେ ସଂପର୍କୀୟ ଜାଗା ରେ ଶୁଭାଂଶୀ ଙ୍କୁ ଦସ୍ତଖତ କରିବା ପାଇଁ କହିଲେ ଶୁଭାଂଶୀ ର ପଛ କଥା ସବୁ ଗୋଟି ଗୋଟି କରି ମନେ ପଡି ଯାଉଥିଲା । ସ୍କୁଲ ର ବିଭିନ୍ନ ସରକାରୀ କାଗଜ ହେଉ କିମ୍ବା ଇନକମ୍ ସାର୍ଟିଫିକେଟ୍ ବାହାର କରିବା ପାଇଁ ସେ ଦୌଡି ଯାଉଥିଲା ତା ବାପା ଙ୍କ ପାଖକୁ ଦସ୍ତଖତ କରିବା ପାଇଁ ।କିନ୍ତୁ ଏବେ ସିଏ ଏକ ଏମିତି କାଗଜ ରେ ଦସ୍ତଖତ କରିବାକୁ ଯାଉଥିଲା ଯେଉଁଥିରେ ତା ବାପା ଙ୍କ ଦେହାନ୍ତର ସଂପୂର୍ଣ୍ଣ ବିବରଣୀ ଥିଲା ।ସେ ଭାବୁଥିଲା ଏବେ କିଏ ତାର ସେସବୁ କାଗଜରେ ଦସ୍ତଖତ କରିବ ଅତି ଆଦରରେ  ?? ସେ ତା ବାପା ଙ୍କ ହାତକୁ ବହୁତ ଜୋର୍ ରେ ଚାପି ଧରିଲା ତା ବାମ ହାତରେ ଆଉ ଥରିଲା ଥରିଲା ହାତରେ ନିଜ କଷ୍ଟ ଓ ଯନ୍ତ୍ରଣା କୁ ଚାପି ଧରି ବାଧ ହୋଇ ଦସ୍ତଖତ କରିଲା ।ଦସ୍ତଖତ କରିବା ସମୟରେ ତା ମନ ହୃଦୟ ଆଖି ଗୁମୁରି ଗୁମୁରି କାନ୍ଦୁଥିଲା । ଡାକ୍ତରଖାନା ର ସବୁ ଫର୍ମାଲିଟି ସରିବା ପରେ ତା ବାପା ଙ୍କୁ ଘରକୁ ଆଣିବା ପାଇଁ ଗାଡି ର ବ୍ୟବସ୍ଥା କରାଗଲା । ସବୁ ବ୍ୟବସ୍ଥା ସରିବା ପରେ ଘରକୁ ଅଣାଗଲା । ଶୁଭାଂଶୀ ଓ ତା ମା' ଅନ୍ୟ ଗୋଟିଏ ରେ ଆସିଲେ । ଶୁଭାଂଶୀ ରାସ୍ତା ରେ ଆସିବା ବେଳେ ଭାବିଲା, "ଯେତେବେଳେ ସେମାନେ ଡାକ୍ତରଖାନା ଆସିଥିଲେ ଅଟୋ ରେ ସେତେବେଳେ ସିଏ ତା ବାପା ଙ୍କ ପାଖରେ ବସିକି କଥା ହୋଇ ଯାଇଥିଲା ।କିନ୍ତୁ କିଛି ମୂହୁର୍ତ୍ତ ରେ ଏମିତି ପରିସ୍ଥିତି ର ପରିବର୍ତ୍ତନ ହୋଇଗଲା ଯେ ତା ବାପା ଆଉ ତା ସହ କଥା ହେବା ତ ଦୂରର କଥା ସେମାନେ ଅଲଗା ଅଲଗା ଗାଡି ରେ ଆସୁଥିଲେ ।" ଶୁଭାଂଶୀ ତା ସଂପର୍କୀୟ ଭାଇ ଓ ଦାଦା ଙ୍କ ପାଖରେ ବହୁତ ଜିଦ୍ କରିଥିଲା ତା ବାପା ଙ୍କ ସହ ସିଏ ସେହି ଗାଡି ରେ ଆସିବ ବୋଲି । କିନ୍ତୁ ତାକୁ ସମସ୍ତେ ବୁଝେଇଲେ," ଯଦି ତୁ ତୋ ବାପା ଙ୍କ ସାଙ୍ଗରେ ଏ ଗାଡି ରେ ଯିବୁ ତାହେଲେ ତୋ ମା' ଙ୍କୁ  କିଏ ସମ୍ଭାଳିବ ??  ଏବେ ତୋ ମା' ପାଖରେ ରହିବା ନିହାତି ଦରକାର । ଯିଏ ଗଲେ ସିଏ ଆଉ କ'ଣ ଫେରି ଆସିବେ, ତେଣୁ ଯିଏ ଅଛନ୍ତି ତୁ ତାଙ୍କର ଯତ୍ନ ନେ' ।" ଶୁଭାଂଶୀ ତା ମା' ଙ୍କରଅବସ୍ଥା ବୁଝି ଆଉ ଜିଦ୍ କରିଲା ନାହିଁ କିନ୍ତୁ ତା ମନ ଗୋଟିଏ କଥା କୁ ଗ୍ରହଣ କରିବା ପାଇଁ ନାରାଜ୍ ଥିଲା ଯେ ,"ତା ବାପା ଆଉ  ଏ ଦୁନିଆରେ ନାହାନ୍ତି ବୋଲି ।" ତାପରେ ସିଏ ବାଧ ଶିଶୁ ଟି ପରି ତା ମା' ଙ୍କ ସହ ଅନ୍ୟ ଏକ ଗାଡି ରେ ଘରକୁ ଫେରିଲା ।

ଘରକୁ ଫେରିଲା ପରେ ତା ବାପା ଙ୍କୁ ଯେତେବେଳେ  ଶୁଆଇ ଦେଇ ତାଙ୍କ ଉପରେ ଗୋଟିଏ ଧଳା ଚାଦର ଘୋଡାଇ ଦେଲେ ସେତେବେଳେ ଶୁଭାଂଶୀ ର ସବୁ ଧୈର୍ଯ୍ୟ ପାଣି ପରି ବୋହିଗଲା । ତା ବାପା ଙ୍କ ଛାତି ଉପରେ ମୁଣ୍ଡ ରଖି ତଣ୍ଟି ଫଟେଇ କାନ୍ଦିଲା । ତାକୁ ଯିଏ ଯେତେ ବୁଝାଇଲା ମଧ ସେ



ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ,  ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ,  ମୁଖ୍ୟ-ପରିଚାଳିକା : ଶିବଦୂତି ପାଣିଗ୍ରାହୀ,  ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

ଆଉ ବୁଝିବା ଅବସ୍ଥା ରେ ନ ଥିଲା । ତା ବାପା ଙ୍କ ସହ ସବୁ ଖଟା ମିଠା ସ୍ମୃତି ମନେ ପଡିଗଲା ରାଗ,ଅଭିମାନ,ଗାଳି,ସ୍ନେହ ସବୁକିଛି । ଅନ୍ୟ ଭାଇ ଭଉଣୀ ମାନେ ତା ବାପା ଙ୍କ ପାଖରୁ ବହୁତ ଗାଳି ଶୁଣିଥିଲେ ଓ ମାଡ ବି ଖାଇଥିଲେ । କିନ୍ତୁ ଶୁଭାଂଶୀ ଘରର ସାନ ଝିଅ ହୋଇଥିବାରୁ ବୋଧେ ତା ବାପା କେବେ ତାକୁ ମାରି ନ ଥିଲେ । ସ୍ୱଳ୍ପ ରୋଜଗାର ରେ ମଧ୍ୟ କେବେ ଅଭାବ ର 'ଅ' ଅକ୍ଷର ମଧ୍ୟ ଅନୁଭବ କରିବା ପାଇଁ ଦେଇ ନ ଥିଲେ । ଯେତେବେଳେ ଯିଏ ଯାହା ଚାହିଁଛି ତା ଅଳି ପୂରଣ କରିଛନ୍ତି ତା ବାପା । ସବୁବେଳେ ତାଙ୍କ ମୁହଁ ରେ ହସ ଧାରେ ରହିଥାଏ । ତାଙ୍କୁ ଶୁଭାଂଶୀ  କେବେ ଉଦାସ ରହିବାର ଦେଖି ନ ଥିଲା । କିଛି ଖରାପ ଅଭ୍ୟାସ ନ ଥିଲା କି  କାହା ର ଅମଙ୍ଗଳ ଚିନ୍ତା ବି ସେ କରୁ ନ ଥିଲେ । ଜଣେ ଆଧାତ୍ମିକ ଚେତନାଧାରୀ ମଣିଷ ଥିଲେ ତା ବାପା । ଏତେ ଅଭାବ ଅସୁବିଧାରେ ମଧ୍ୟ କେବେ ସେ ଅସତ୍ ଉପାୟ ରେ ଟଙ୍କାଟିଏ ବି ରୋଜଗାର କରୁ ନ ଥିଲେ । ଛୋଟ ରୁ ବୁଢା ପର୍ଯ୍ୟନ୍ତ ସେ ସମସ୍ତଙ୍କୁ ସ୍ନେହ ଆଦର କରୁଥିଲେ । ଯାହାକୁ ଯେମିତି ସମ୍ମାନ ପ୍ରଦାନ କରିବା କଥା ସେମିତି କରୁଥିଲେ । ତଥାପି ଏତେ ଭଲ ଲୋକ ଙ୍କୁ  କାହିଁକି ଭଗବାନ  ନେଇଗଲେ ତାଙ୍କ ପାଖକୁ  ?? ଶୁଭାଂଶୀ  ବେଳକୁ ବେଳ ଅଧୈର୍ଯ୍ୟ ହୋଇ ପଡୁଥିଲା ।କାହାର ସାନ୍ତ୍ୱନା ତା କାନକୁ ଶୁଣା ଯାଉନଥିଲା । ତା ବାପା ଙ୍କୁ କାହାକୁ ଛୁଇଁବା ପାଇଁ ଦେଉ ନ ଥିଲା । ନାକରେ ତୁଳା ଦେବା ପାଇଁ ମଧ୍ୟ ଦେଉ ନ ଥିଲା ।କାରଣ ତାର ବିଶ୍ୱାସ ଥିଲା ଯେ ତା ବାପା ତା ଡାକ ଶୁଣି ନିଶ୍ଚୟ ଉଠି ତା ମୁଣ୍ଡ ଆଉଁସି ଦେଇ ତା ଆଖିର ଲୁହ କୁ ପୋଛି ଦେବେ ।ଦେଖୁ ଦେଖୁ ସମସ୍ତେ ପହଞ୍ଚି ଗଲେ ତା ଭଉଣୀ ମାନେ ଓ ସଂପର୍କୀୟ ମାନେ ।ଦିନ ସାରା ଅଖିଆ ଅପିଆ କାନ୍ଦି କାନ୍ଦି ତାକୁ ଶକ୍ତିହୀନ ଭଳି ଲାଗୁଥିଲା । ଯିଏ ଯେତେ କହିଲେ ବି ଶୁଭାଂଶୀ ପାଣି ଠୋପେ ବି ପି' ନ ଥିଲା  । ତା ବାପା ଙ୍କ ଗୋଟିଏ ହାତ ଧରି  ସେ ଛୋଟ ଛୁଆ ପରି ଅଳି କରିବା ଭଳିଆ ତାଙ୍କ ଛାତି ଉପରେ ମୁଣ୍ଡ ରଖି କାନ୍ଦିଲା । ତାର ଅଳି ଏତିକି ଥିଲା ଯେ," ମୋର କିଛି ଦରକାର ନାହିଁ  ବାପା,ବାସ୍ ତୁମେ ଖାଲି ଉଠିଯାଅ ।ମୋର ଆଉ କିଛି ଦରକାର ନାହିଁ ।ମୋତେ ଖାଲି ତୁମେ ଦରକାର  ।ଏବେ ମଧ୍ୟ ମୁଁ ସଂପୂର୍ଣ୍ଣ ଦୁନିଆ ଦେଖି ନାହିଁ ବାପା,ତୁମ ହାତ ଧରି ମୁଁ ଏ ଦୁନିଆକୁ ଦେଖିବା ପାଇଁ ଚାହେଁ ବାପା  ।ଉଠ ବାପା ଉଠ ।ସମସ୍ତେ କୁହନ୍ତି "ଯାହାର ବାପା ତାର ସାହା ନାହିଁ । ମୁଁ ଜାଣିଛି ଭାଇ ଓ ଅପାମାନେ ମୋର କିଛି ଅଭାବ ରଖିବେ ନାହିଁ କେବେ କାନ୍ଦିବା ପାଇଁ ବି ଦେବେ ନାହିଁ  କିନ୍ତୁ ତୁମ ସ୍ନେହ ମୋତେ କିଏ ଦେବ  ?? ବାପା ବୋଲି ମୁଁ କାହାକୁ ଡାକିବି  ??? ତୁମ ଅନୁପସ୍ଥିତି କେମିତି ସହିବି ମୁଁ ବାପା  ???ଏତେ ବଡ ଆଘାତ କୁ ମୁଁ ସହି ପାରିବିନି ବାପା ।ଉଠ ବାପା ।"ଦିନ ସାରା କିଛି ଖାଇ ନ ଥିବାରୁ   ସେ ଅଚେତ ହୋଇପଡ଼ିଲା  ।ସେ ନିଜେ ବି ଜାଣି ପାରିଲା ନାହିଁ ତାପରେ କେମିତି  କ'ଣ  ସବୁ ହେଲା ।

ଦିନ ପରେ ଦିନ ଗଡି ଚାଲିଲା । ଦେଖୁ ଦେଖୁ ଦଶାହ କର୍ମ, ଏକାଦଶାହ କର୍ମ ଏମିତି ସବୁ କର୍ମ ନିୟମ ଅନୁସାରେ ଗୋଟିଏ ପରେ ଗୋଟିଏ ସରିଗଲା । କିନ୍ତୁ ଶୁଭାଂଶୀ ର ଆଖିରୁ ଯେମିତି କିଏ ନିଦ ନେଇଯାଇଥିଲା । ସେ କାହା ସାମ୍ନା ରେ କାନ୍ଦିଲା ନାହିଁ କି ମନ ଦୁଃଖ ବି କରିଲା ନାହିଁ ।କାରଣ ସେ ଚାହୁଁ ନଥିଲା ତା ମା' ଙ୍କୁ ଦୁର୍ବଳ କରିଦେବା ପାଇଁ , ସେ ଚାହୁଁ ନଥିଲା ଅନ୍ୟ ଲୋକମାନେ ତାଙ୍କର ଏହି ଦୟନୀୟ ପରିସ୍ଥିତି ର ଫାଇଦା ଉଠାନ୍ତୁ ବୋଲି । ଶୁଭାଂଶୀ ଏହି କିଛି ଦିନ ଭିତରେ ବହୁତ ଲୋକଙ୍କ କୁସ୍ୱଭାବ ସଂପର୍କରେ ଜାଣି ପାରିଥିଲା କିଏ କେମିତି । ଦୁନିଆରେ ଏମିତି ଲୋକ ଅଛନ୍ତି



ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ,  ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ,  ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ,  ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

ଯେଉଁମାନେ ଆଗରେ ଜଣେ ଦରଦୀ, ଆପଣାର ହୋଇ ଦୁଃଖ ରେ ସାନ୍ତ୍ୱନା ଦେବେ କିନ୍ତୁ ପଛରେ ଅନେକ କଟୁ କଥା କହି ପରିହାସ କରନ୍ତି । ଜଣେ ଜଣେ ତା ମା' ଙ୍କୁ ଦେଖି ଏମିତି ଅନୁଭବ କରାଇବେ ଯେମିତି ତା ମା' ର ମୁହଁ ଦେଖିଦେଲେ ତାଙ୍କର ଅଶୁଭ ହୋଇଯିବ । କିଛି ଲୋକ ତ ଏମିତି କଥା କହିଲେ ଯେମିତି କାହା ଘରେ ପୂର୍ବରୁ କେହି ସ୍ୱର୍ଗାରୋହଣ କରି ନଥିଲେ ଶୁଭାଂଶୀ ର ବାପା ଙ୍କର ପ୍ରଥମ ଥର ପାଇଁ ଏମିତି ହେଲା । ଜଣେ ଜଣେ ତ କଟା ଘା' ରେ ଚୂନ ଦେବାକୁ ପଛାଇଲେ ନାହିଁ । ଶୁଭାଂଶୀ ବହୁତ ଲୋକ ଙ୍କ ଠାରୁ ବହୁତ କିଛି ବାଧିଲା ଭଳି କଥା ଶୁଣିଲା ।କିନ୍ତୁ କାହାକୁ କିଛି କହିଲା ନାହି । ସେ ତାର ସବୁ ଦୁଃଖ,କଷ୍ଟ ଓ ଯନ୍ତ୍ରଣା କୁ ପାଣି ସହ ଲୁହ କୁ ମିଶାଇ ଧୋଇ ଦେଉଥିଲା ବାଥରୁମ୍ ର ବନ୍ଦ୍ କୋଠରୀ ମଧ୍ୟରେ ଓ ରାତିର ଅନ୍ଧକାର ରେ ।

ତା ବାପା ଙ୍କ ବିନା ଘର ପୁରା ଶୂନଶାନ୍ ହୋଇଯାଇଥିଲା । ଶୁଭାଂଶୀ ର ବାପା ଯିବା ପରେ ଶୁଭାଂଶୀ ର ମା' ପୁରା ଚୁପ୍ ଚାପ୍ ସ୍ୱଭାବ ର ହୋଇ ଯାଇଥିଲେ । ଶୁଭାଂଶୀ ଭାବୁଥିଲା," ମୋ ବାପା ଙ୍କ ବିନା ମୁଁ କେମିତି ରହିବି । ମୋର ସବୁ ଦୁଃଖ ରୂପି ଝଡକୁ ନିଜକୁ ପାହାଡ ଭଳି କରି ଦୂର କରି ଦେଉଥିଲେ ମୋ ବାପା , ମୋ ପାଇଁ ଧରା ରୂପି ନର୍କ କୁ ସ୍ୱର୍ଗ କରି ଦେଉଥିଲେ ମୋ ବାପା , ଜୀବନ ର ସବୁ ବିଷ କୁ ଅମୃତ ପରି ପି' ଯାଉଥିଲେ ମୋ ବାପା, କୌଣସି କାମରେ ହାରି ଯାଉଥିଲେ ପାଦେ ପାଦେ ସାହସ ଦେଉଥିଲେ ମୋ ବାପା । କିନ୍ତୁ ଏଇ ସୁନ୍ଦର ,ସାହସପୂର୍ଣ୍ଣ,ସ୍ନେହ ଓ ଶ୍ରଦ୍ଧା ର ପ୍ରତୀକ,ଧୈର୍ଯ୍ୟର ଗନ୍ତାଘର,ମୋର ସୃଷ୍ଟିକାରୀ, ମୋର ସ୍ୱର୍ଗ , 'ବାପା' ଡାକ ମୋ ପାଇଁ ଏବେ ସବୁଦିନ ପାଇଁ ବନ୍ଦ୍ ହୋଇଗଲା । ମୋ ବାପା ଥିଲେ ମହାନ , ମୋ ବାପା ଥିଲେ ମୋର ଶକ୍ତି,ବାପା ଥିଲେ ଏ ଘରର ମେରୁ, ବାପା ହେଉଛନ୍ତି ଚିର ପୂଜ୍ୟ ଓ ଚିର ନମସ୍ୟ, ବାପା ହିଁ ମୋର ସ୍ୱର୍ଗ , ମୋ ବାପା ହିଁ ମୋ ଜୀବନ ତରୁ,ବାପା ହିଁ ମୋ ପାଇଁ ଗର୍ବ ।"

ସବୁକିଛି ଠିକ୍ ଥିଲା ବେଳେ କିଛି ସମୟ ର ଅନ୍ତରାଳରେ ଶୁଭାଂଶୀ ର ଜୀବନ କୁ ଓଲଟ ପାଲଟ କରିଦେଲା ଏହି ନିଷ୍ଠୁର ସତ୍ୟ ଟି,"ଦଇବ ଦଉଡି ମଣିଷ ଗାଈ,ଯୁଆଡେ ଟାଣଇ ସିଆଡେ ଯାଇ ।" ଶୁଭାଂଶୀ ଏହି ନିରାଟ ସତ୍ୟ ବାକ୍ୟ ରୁ ଏତିକି ଶିଖି ଯାଇଥିଲା ଯେ," ଜନ୍ମ ମାନେ ହିଁ ମୃତ୍ୟୁ । ଆମେ ଆସିଛୁ ଏକା ଯିବା ମଧ ଏକା ।କେହି ସାଙ୍ଗରେ କାଣି କଉଡି ଟିଏ ବି ନେଇ ଯିବ ନାହିଁ ।ସେହି ପଞ୍ଚଭୂତ ରୁ ସୃଷ୍ଟି ହୋଇ ସେହି ପଞ୍ଚଭୂତ ରେ ହିଁ ଲୀନ ହୋଇଯିବା ।ଲୀନ ହେଲା ବେଳେ ଖଣ୍ଡିଏ ଲୁଗା ମଧ ଦେହରେ ରହିବନି ।ଗର୍ବ, ଅହଂକାର ,ସଂପତ୍ତି,ରାଗ, ଅଭିମାନ ସବୁ ବଞ୍ଚିଥିଲା ସମୟରେ କିନ୍ତୁ ମରିବା ପରେ ତାର ଚିହ୍ନବର୍ଣ୍ଣ ବି ମିଳିବ ନାହିଁ ।ସବୁ ସଂପର୍କର ଅତୁଟ ବନ୍ଧନ ଭାଙ୍ଗିଯାଏ ।ଥରେ ଜୁଇ ଜଳିବା ପରେ କର୍ପୂର ଉଡି ଯାଇ କନା ରହିଯିବା ଭଳି ମଣିଷ ଚାଲିଯାଏ କିନ୍ତୁ ତାର ଯଶ,କୀର୍ତ୍ତି,ସୁନାମ ର କଥା ରହିଯାଏ ସବୁଦିନ ପାଇଁ ।ସମସ୍ତେ ରଂଗ ମଂଚ ରେ ନିଜ ନିଜର ଅଭିନୟ ସାରି କାଳ ବଳରେ ବାହୁଡି ଯିବେ ସେହି ଅଫେରା ରାଇଜ କୁ ।"


କେମିତି ବ୍ୟକ୍ତ କରିବ ଶୁଭାଂଶୀ କାହାକୁ ସେଦିନ ର ସେ କଷ୍ଟପୂର୍ଣ୍ଣ, ଯନ୍ତ୍ରଣାଦାୟକ ଓ ଛାତି ଥରା ଦୃଶ୍ୟ କୁ । କାରଣ ସେଦିନ ର ପରିସ୍ଥିତି କେବଳ ଜଣେ ଅନୁଭବୀ ହିଁ ବୁଝି ପାରିବ ।ତା ବାପା ଙ୍କର ସେ କଷ୍ଟ, ଯନ୍ତ୍ରଣା, ତାଙ୍କର ସେ କଷ୍ଟଭରା ଯନ୍ତ୍ରଣାଦାୟକ ଚାହାଣୀ ସବୁବେଳେ ମନେ ପଡିଯାଉଛି ଶୁଭାଂଶୀ ର । କେମିତି ଶୋଇବ ସେ ଶାନ୍ତି ରେ ??? ତା ବାପା ଙ୍କ ପାଖରେ ଥାଇ ବି ସେ କିଛି କରି



ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

ପାରିଲା ନାହିଁ । ତା ଆଖି ସାମ୍ନା ରେ ତା ବାପା ତା ପାଖରୁ ବହୁତ ଦୂରକୁ ଚାଲିଗଲେ । ଶୁଭାଂଶୀ ଯେତେ ବିକଳ, ଅସହାୟ ହୋଇ ଡାକିଲେ ମଧ ତା ବାପା ଆଉ ଶୁଣୁ ନ ଥିଲେ ।କେମିତି ଭୁଲିବ ସେ ତା ବାପା ଙ୍କର ଯନ୍ତ୍ରଣା ଦାୟକ ଶେଷ ଚାହାଣୀ କୁ । ଆଖି ବନ୍ଦ୍ କରିଲେ ହିଁ ମନେ ପଡିଯାଉଛି ଶୁଭାଂଶୀ ର ସେଦିନ ର ସେ ଅଭାବନୀୟ ପରିସ୍ଥିତି । କେମିତି ସହିବ ସେ, ତା ମା'ର ସେହି ଶୂନ୍ୟ ସୀମନ୍ତ, ଯେଉଁ ହାତ ଦିନେ ପୂରି ହୋଇ ରହିଥିଲା ନାଲି ଚୁଡି ଓ ଶଂଖା ରେ ସେ ହାତ ଆଜି ଶୂନ୍ୟ...... ଦୁଃଖ, କଷ୍ଟ, ଯନ୍ତ୍ରଣା ରେ ତା ଦେହ ଶୀତେଇ ଉଠୁଛି । ଜଳ ଜଳ ହୋଇ ତାକୁ ଦେଖାଯାଉଛି ବାରମ୍ବାର ତା ବାପା ଙ୍କର ସେ ଶେଷ କଷ୍ଟପୂର୍ଣ୍ଣ ଶୁଖିଲା ମୁହଁ । କେମିତି ଶୋଇବ ସେ ?? ନା ସେ ଯେତେ ଚେଷ୍ଟା କରିଲେ ମଧଶୋଇ ପାରୁ ନାହିଁ । ଦୀର୍ଘ ଦୁଇ ମାସ ହେଲାଣି ସେମିତି ନ ଶୋଇ ରହିଛି ସେ ।

ସମସ୍ତେ କହୁଛନ୍ତି," ଶୁଭାଂଶୀ ତୋର ସୌଭାଗ୍ୟ ଯେ ତୋ ବାପା ଙ୍କ ଜୀବନ ତୋ ପାଖରେ ଥିଲା, ତେଣୁ ତାଙ୍କ ଜୀବନ ତୋ କୋଳରେ ଶେଷ ହୋଇଗଲା । ଶେଷ ସମୟରେ ତୁ ତାଙ୍କ ପାଖରେ ଥିଲୁ । ତେଣୁ ତୋର ବହୁତ ସୌଭାଗ୍ୟ । ଶେଷ ପର୍ଯ୍ୟନ୍ତ ବାପା ଙ୍କୁ ଦେଖିଲୁ, ତାଙ୍କର ସେବା କରିଲୁ , କଥା ହେଲୁ, ଶେଷ ଦର୍ଶନ ବି ପାଇଲୁ । ଏହା ଠାରୁ ବଳି ଆଉ ସୌଭାଗ୍ୟ ର କଥା କ'ଣ ଅଛି ?? କିନ୍ତୁ ଆମର ଦୁର୍ଭାଗ୍ୟ ଯେ ସେତିକି ବି ଆମକୁ ମିଳିଲାନି ।" କିନ୍ତୁ ଶୁଭାଂଶୀ ଭାବୁଥିଲା , " ହଁ ଏଇଟା ମୋର ସୌଭାଗ୍ୟ ଯେ ମୁଁ ମୋ ବାପା ଙ୍କର ସେବା କରିଛି, କଥା ହେଇଛି ଆଉ ଶେଷ ପର୍ଯ୍ୟନ୍ତ ବାପା ଙ୍କ ପାଖରେ ଥିଲି । କିନ୍ତୁ କ'ଣ ମୋରି ଭାଗ୍ୟ ରେ ସେସବୁ ଦେଖିବାର ଥିଲା, ବାପା ଙ୍କ ସେ କଷ୍ଟ, ଶୁଖିଲା ମୁହଁ, ବାପା ଙ୍କ ସେ ଯନ୍ତ୍ରଣା, ବାପା ଙ୍କ ସେ ଶେଷ କରୁଣ ଓ ଦୟନୀୟ ଚାହାଣୀ ।" ଶୁଭାଂଶୀ ଶୋଇ ଶୋଇ ରାତିରେ ପ୍ରତିଦିନ ସେ ଗୋଟିଏ ପ୍ରଶ୍ନ ର ଉତ୍ତର ଖୋଜୁଛି । କ'ଣ ଏଇଟା ମୋ ପାଇଁ ସୌଭାଗ୍ୟ ର କଥା କଥା? ମୁଁ କ'ଣ ବୁଝିବି ବାପା , ତୁମେ ହିଁ କୁହ ବାପା ଏଇଟା କ'ଣ ଥିଲା ମୋ ପାଇଁ ସୌଭାଗ୍ୟ ନା ଦୁର୍ଭାଗ୍ୟ ?





ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

# ମୁଁ ଯଦି ଗୋଟେ କବି ହେଇଥାନ୍ତି...



**ଶିବାନୀ ଦାସ୍**
ରାଜଗାଙ୍ଗପୁର

ମୁଁ ଯଦି ଗୋଟେ କବି ହେଇ ଥାଆନ୍ତି,
ମୋ ମିଠା ମିଠା କବିତା ଶୁଣେଇ ସମସ୍ତ ଙ୍କ ମନ କିଣି ନେଇଯାଆନ୍ତି...
ମୁଁ ଯଦି ଗୋଟେ କବି ହେଇଥାନ୍ତି...
ସମୁଦ୍ର ର ଢେଉ ସହ ଢେଉ ଯେମିତି ବାଢ଼େଇ ହୁଅନ୍ତି ...
ମୁଁ ସେମିତି ତମୁକୁ ମୋ କବିତା ଫାସରେ ବାନ୍ଧି ଦିଅନ୍ତି...
ହଁ ମୋ ତମେ ଠିକ୍ ଶୁଣିଲ ...
ଆଛା ତମେ କଣ ଭାବିଲ ମୁଁ କଣ କବିତା କୁ ଖାଲି ବର୍ଣ୍ଣନା କରି ଜାଣେ...
ନାଇ ମୋ, ଆରେ ଖାଲି ବର୍ଣ୍ଣନା ନୁହଁ ତୁମ ଅନୁପସ୍ଥିତ ରେ ସ୍ଥାପିତ କରି ଦେବି...
ଆଉ ହଁ ଯଦି ମୁଁ କବି ହେବି ରାତି ପଛେ ପାହି ଯିବ
କିନ୍ତୁ ମୋ କବିତା ସରିବନି ମୋ...
କଣ ପାଇଁ ଜାଣିଛ ତ ଆରେ କଣ ହେଲା ଜାଣିନ ?
ଆଛା ହେଉ ଶୁଣ ମୋର ନୁହଁ କବିତା ସହ ପ୍ରେମ ହେଇ ଯାଇଛି...
କେଉଁ କବିୟତ୍ରି ସାଙ୍ଗରେ ନୁହଁ ମୋ କବିତା ସାଙ୍ଗରେ...
କବିତା ସାଙ୍ଗରେ...

**କହିବ କି?**
**ତୁମ ଓଠରେ ଏତେ ସୁନ୍ଦର ହସ ଦେଲା କିଏ?**
**ତୁମ ଆଖିର କଜଳେ ଏତେ ନିଶା ଭରିଲା କିଏ?**
**କହିବ କି?**
**ଫୁଲଠାରୁ କୋମଳ ତୁମକୁ ଗଢିଲା କିଏ?**
**ହୁଏତ ତୁମେ ଭୁଲ୍ ବୁଝିବ ତଥାପି**
**କହିବ କି?**
**ତୁମ ମନରେ ମୁଁ ଅଛି ନା ଆଉ କିଏ?**

**ଡ଼ିକୁନୁ ମହାରଣା**
ନିଶ୍ଚିନ୍ତା, ଟାଙ୍ଗୀ,
କଟକ



ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

# ସର୍ବ କନିଷ୍ଠ ସହିଦ ବାଜିରାଉତ...



**କୁମୁଦିନୀ ଘି**
ଅଷ୍ଟମ ଶ୍ରେଣୀ, ସରସସ୍ୱତୀ ଶିଶୁ ବିଦ୍ୟାମନ୍ଦିର,
ଜୁନାଗଡ, କଳାହାଣ୍ଡି

ଜିଲ୍ଲା ଢେଙ୍କାନାଳ ଭୁବନ ତହସିଲ
ନୀଳକଣ୍ଠପୁର ଗ୍ରାମେ
ଅକ୍ଟୋବର ପାଞ୍ଚ ଉଣେଇଶ ଛବିଶ
ଜନମି ଥିଲ ତ ତମେ ।୧।

ବାଜି ରାଉତ ହେ ପ୍ରଜାମଣ୍ଡଳର
ଆଦେଶକୁ ନେଇ ମାନି
ଇଂରେଜ ଫଉଜ ଦେଲେ ବି ଆଦେଶ
ନଦୀ ପାର କରିଲନି ।୨।

ରାଜା ଅତ୍ୟାଚାର ଶୋଷଣ କଷଣ
ଦେଖି ଜଳୁଥିଲା ମନ
ସାନ କି ମହାନ ବିପ୍ଳବ ସପନ
ଜଳୁଥିଲା ହୁତାଶନ ।୩।

ଫଉଜର ଗୁଳି ଛାତିରେ ବାଜିଲା
ଡଙ୍ଗାରେ ପଡ଼ିଲ ଟଳି
ଧୂଳି ଖେଳ ଛାଡି ବାର ବରଷରେ
ଗଲ ଆରପାରି ଚାଲି ।୪।

ସାରା ଭାରତର ସବୁଠାରୁ ସାନ
ଶହୀଦ ହୋଇଲ ତୁମେ
କିର୍ତ୍ତୀ ସ୍ତମ୍ଭ ଆଜି ତିଆରି ହୋଇଛି
ନୀଳକଣ୍ଠପୁର ଗ୍ରାମେ ।୫।

ସଚିରାଉତ ରା' ଲେଖିଗଲେ ପରା
ତୁମର ଚିତାକୁ ଦେଖି
ମୁକ୍ତିର ସଳିତା ଦେଖାଇବ ରାସ୍ତା
କେହି ପାରିବେନି ରୋକି ।୬।
ଅକ୍ଟୋବର ମାସ ଏଗାର ତାରିଖ
ଉଣେଇଶ ଅଢତିରିଶ
ମୃତ୍ୟୁ ଦିବସଟି ସଶ୍ରଦ୍ଧ ସଭକ୍ତି
ପାଳୁଅଛି ଆଜି ଦେଶ ।୭।

ମହାନଦୀ ବାଲି ଡାକେ ଝୁରି ଝୁରି
ଧନ୍ୟ ଧନ୍ୟ ବୀର ଶିଶୁ
ଦେଖେଇ ସାହସ ସାରିଲ ଆୟୁଷ
ଫିରିଙ୍ଗି ହଟିଲା ଦେଶୁ ।୮।

କିଛି ବି ଶିଖିକି ଦେଶର ପାଇଁ କି
ବାଜିଆ ପରି ଲଢିଲେ
ମୁକତି ସୁଫଳ ପାଇବେ ସକଳ
ଶ୍ରାଦ୍ଧରେ ଶ୍ରଦ୍ଧାଟି କଲେ ।୯।





ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

# ମରାଳ ମାଳିନୀ ନୀଳମ୍ବୁ ଚିଲିକା...



**ରୁପାଲି ପଲେଇ**
ତିଛିଣି, ପାରିକୁଦ, ପୁରୀ

ଚିର ହାସ୍ୟାମୟୀ ଚିର ଲାସ୍ୟମୟୀ
ତଟିନୀ ମେଖଳା ଛବି
ପ୍ରକୃତି ରାଣୀର ନିତ୍ୟ ନର୍ତ୍ତକୀ
ମନ ନେଉଥାଏ ଲୋଭି ।।

ଚିର ଶୋଭାମୟୀ ଚିର ବିଭାମୟୀ
ଉତ୍କଳ ଜନନୀ ମୋର
ବିଭବମୟୀ ଯେ ପ୍ରକୃତି ସୁନ୍ଦରୀ
ଅପରୂପ ମନୋହର ।।

ଉତ୍କଳ ମାତାର ଚାରୁ ଗନ୍ତାଘର
ଭୁବନ ମୋହିନୀ ଶୋଭା
ଭାରତର ଏହି ଲୁଣି ହ୍ରଦ ଟିଏ
ପାରିକୁଦ ସ୍ୱର୍ଣ୍ଣପ୍ରଭା

ବିଦେଶୀ ବିହଙ୍ଗ ନୂତନ ଅତିଥି
ନୀଳ ଜଳ ମନୋହରି
ରଙ୍ଗ ବେରଙ୍ଗର ବିହଙ୍ଗମ ଶୋଭା
ସମାଗମେ ପ୍ରାଣ ମୋହି ।।

ଭଳି ଭଳି କଳରବ ପୂର୍ଣ୍ଣ ଧ୍ୱନି
ହୃଦୟେ କରଇ ଜୟ
ହଂସ ହସରାଳୀ ରମେ ତଳ ତଳି
ଦର୍ଶନେ ପ୍ରାଣ ତନ୍ମୟ ।।

ଶୋଭା ପରିପୂର୍ଣ୍ଣ ନୀଳ ଜଳରାଶି
ଅପ ରୂପ ରମଣୀୟ
ସାମୁହିକ ପାଣି ଉଦ୍ଭିଦ ସମୂହ
ବିହଙ୍ଗମ ଗନ୍ତାଘର ।।

ସ୍ୱାଦଯୁକ୍ତ ମାଛ,ଚିଙ୍ଗୁଡି,କଙ୍କଡ଼ା
ବକ୍ଷରେ ତା ଭରପୁର
ଜୈବ ବିବିଧତା ଅତି ଅନୁପମ
ପର୍ଯ୍ୟଟକଙ୍କୁ କରେ ଆକର୍ଷ।।

ବିହଙ୍ଗ ଅଭୟାରଣ୍ୟ ନଳବଣ
ଡଲଫିନ୍ ମନ ତୋଷେ
ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ ର ଶୋଭା
କେତେ ମୁଖେ ଆଣେ ହସ ।।


ଶୋଭାମୟୀ ହ୍ରଦ ନୀଳାମ୍ବୁ ଚିଲିକା
ଜୟକରେ ସର୍ବ ପ୍ରାଣ
ଚିଲିକା ମଝିରେ ମୋର ଘର ପରା
ଗର୍ବେ ମନ ମୋ ପରିପୂର୍ଣ୍ଣ ।





ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620


# ଖୋଜୁଛି ଓଡ଼ିଶା ଭୂଇଁ...



**ଜଗମୋହନ ପ୍ରଧାନ**
ଶକୁନ୍ତଳାପୁର, ବଡ଼ଚଣା,
ଯାଜପୁର

ଉଠ ଉଠ ବ୍ୟାସେ ଏ ମାଟି ଭିତରୁ
ଖୋଜୁଛି ଓଡ଼ିଶା ଭୂଇଁ ,
ସାରିଆ କାନ୍ଦୁଛି ରେବତୀ ଜଳୁଛି
ନ୍ୟାୟ ତାଙ୍କୁ ମିଳୁ ନାହିଁ ।
ଶୁଭୁଛି କି ତାଙ୍କ ଚିତ୍କାର ତୁମକୁ
ବାସୁଛି କି ପୋଡ଼ା ଗନ୍ଧ ,
ନ୍ୟାୟ ପାଇଁ ନିତି ଭିକ ସେ ମାଗନ୍ତି
ଜାଣି ଶୁଣି ସବୁ ଅନ୍ଧ।
ଉଠିବ କି ଥରେ ଉତ୍କଳର ମଣି
ଦେଖିବ ଏ ସମାଜକୁ ,
କେତେ ଜଳିଗଲେ କେତେ ମରିମଲେ
ନ୍ୟାୟ ଟିକେ ପାଇବାକୁ।
ପୁରି ନାହିଁ ପରା ଏ ଦେଶର ଗାଡ଼
କେତେ ରକ୍ତ ମାଂସ ହାଡ଼େ ,
ଏ ଦେଶରେ ପରା ନ୍ୟାୟ ଲୁଚିଯାଏ
କେତେ ଅନ୍ୟାୟର ଗାଡ଼େ।
ଫେରିବକି ଥରେ ମଧୁ ବାରିଷ୍ଟର
ନ୍ୟାୟ ଦବା ପାଇଁ ତାଙ୍କୁ ,
ନ୍ୟାୟର ନିକିତି ଅନ୍ଧ ଯେ ହୋଇଛି
ନ୍ୟାୟ ଦିଶୁ ନାହିଁ ତାଙ୍କୁ।
ଜଣ ଜଣ କରି ମାଟିରେ ମିଶିଲେ
ଶୁଭୁ ନାହିଁ କି ଚିତ୍କାର ,
ପୋଡ଼ା ପୋଡ଼ା ଗନ୍ଧ ନାକରେ ବାଜୁନି
ସେ ଦର ପୋଡ଼ା ଦେହର।
ଉଠ ଉଠ ଥରେ ଉତ୍କଳର ବୀର
ହବ ଏକ ନୂଆ ଯୁଦ୍ଧ ,
ଅସ୍ତ୍ରଶସ୍ତ୍ର ନୁହେଁ କଲମର ଧାରେ
ରାକ୍ଷସ ହେବେ ଯେ ବଧ।

ଫୁଟେଇବ କି ଥରେ ଶବ୍ଦର ବୋମା
ରାକ୍ଷସ ଉଠିବେ ଥରି
ଦେହ ଲୋଭି ନର ରାକ୍ଷସ ଗଣ ଯେ
ସବୁ ଯିବେ ଏଠି ମରି।
ଜନ୍ମିବେନି ଆଉ ଦେହ ଲୋଭି ଗଣ
କଲମର ଧାର ଦେଖି
ସ୍ତନ ଯୌନପାଇଁ ଆଉ ମରିବେନି
ନାରୀ ରୂପୀ ଏହି ଦେବୀ।






ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
MSME UDYAM-OD-13-0044620

# ରହିଯାଏ ଅଭାବ ତଥାପି...



**କାବେରୀ ବାରିକ**
ଫକୀର ମୋହନ ବିଶ୍ୱବିଦ୍ୟାଳୟ ,
ସ୍ନାତୋକତ୍ତର ଭାଷା ଓ ସାହିତ୍ୟ
ବିଭାଗ ବ୍ୟାସ ବିହାର, ବାଲେଶ୍ୱର

ଲହୁ ଲୁହେ ଭରା ଦୁଃଖଦ ଜୀବନେ
ସୁଖ ଖୋଜି ନୀତି ନୀତି ,
ପାଇଗଲେ ସୁଖ ନ ମେଣ୍ଟଇ ଶୋଷ
ଆଶା ବଢ଼ି ଯାଏ ଅତି ।।
ଘର ବାଡ଼ି ସୁନା ରୂପା ଅଳଂକାରେ
ପୁରି ରହି ଆଲମାରୀ ,
ତଥାପି କୁହନ୍ତି ଆହୁରି ଦରକାର୍
ଏ ଜଗତର ନରନାରୀ ।।
ନିସନ୍ତାନ ଟିଏ ସନ୍ତାନ ଆଶାରେ
ପୁରଣ ହୋଇଲେ ମନ ,
ତଥାପି ରୁହେ ଅଭାବ ଭିତରେ
ଦେଖି ବାକୁ ନାତି ଗଣ ।।
ଏତିକି ଥାଉ ହେ ଆଉ ମାଗିବିନି
ଦୟାମୟ ଶ୍ରୀ ହରି ,
ସେତିକି ପାଇଲେ ଆହୁରି ମାଗନ୍ତି
ଉପରକୁ ହାତ ଠାରି ।।
କେବେ ତ ପୁରେନି ମନର ବାସନା
ଏତ ସଂସାର ନିୟମ ।।
ଚାଳ ଘର ଠାରୁ କୋଠାବାଡ଼ି ଯାଏ
ବଦଳୁ ଥାଏ ସମୟ ,
ସମୟ ସିନା ବଦଳେ ହେଲେ
ପୁରେ ନାହିଁ ଅଭାବ ।।
ଯେତେ ଥିଲେ ପଛେ କୁହନ୍ତି ସଭିଏ
ବହୁତ ଅଛି ଅଭାବ ,
ରହିଯାଏ ଏଠି ଅଭାବ ତଥାପି
ହାତୀ ଘୋଡା ରୂପ୍ୟ ମାନ୍ୟ ,
ଅଭାବ ଭିତରେ ଅଭାବ ଚାଲିଛି
ଜୀବନର ଶୂନ୍ୟ ସ୍ଥାନ ।।





ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

# ବୋଉ ଲୋ, ମୁଁ ବଡ ହେଇଗଲିଣି...



ବି.ଏମ୍ ମିତ୍ରଭାନୁ
ରାଣୀ ତୋଳା, ଜଗତସିଂହପୁର

ବୋଉ ଲୋ, ମୁଁ ଆ ଭିତରେ ବଡ ହେଇ ଗଲିଣି
ବୋଉ ଲୋ, ମୁଁ ଆ ଭିତରେ ବଡ ହେଇ ଗଲିଣି...
ପିଲା ବେଳେ କେତେ ପ୍ରଶ୍ନ ପଚାରେ,
ପ୍ରତି ଉତ୍ତର ବାରମ୍ବାର ଦେଉ କେବେ ବିରକ୍ତି ନ ହୋଇ
ଆଜି ମୋତେ ତୁ କିଛି ପଚାରିଲେ
ମୁଁ କାଳେ ରାଗିଯିବି ବୋଲି ତୁ ଡରିଗଲୁଣି...
ବୋଉ ଲୋ, ମୁଁ ଆ ଭିତରେ ବଡ ହେଇ ଗଲିଣି...
ଆଇସକ୍ରିମ ଖାଇବା ଠାରୁ ଛୋଟ ଛୋଟ ଖର୍ଚ୍ଚ
କେବେ କେଉଁଥିରେ ଅଭାବ କରିନୁ,
ତୋ ଭାଗର ଖାଇବା ମୋ ପାଇଁ ରଖି
ମିଛେ କହୁ ପେଟ ତୋର ପୁରି ଗଲାଣି...
ନିଜ ଗୋଡ଼ରେ ଛିଡ଼ା ହେବା ପାଇଁ
ଘରୁ ଗୋଡ଼ କାଢି ଗାଁ ରୁ ସହର
ବଜାର,ଅଳି କନ୍ଦି ବୁଲି ସାରିଲିଣି...
ବୋଉ ଲୋ, ମୁଁ ଆ ଭିତରେ ବଡ ହେଇ ଗଲିଣି ..
ପିଲା ଦିନ ପର୍ବ ସବୁ ଏବେ ଲାଗେ ଫିକାଫିକା
ଭାଇ, ଭଉଣୀ ସବୁ ଅଲଗା ଅଲଗା,
ପରିବାର ଠାରୁ ଦୂର ସତରେ ଭାରି କଷ୍ଟ ଦେଲାଣି...
ବୋଉ ଲୋ, ମୁଁ ଆ ଭିତରେ ବଡ ହେଇ ଗଲିଣି...
ଛୋଟ ଥିଲି ଅଚିନ୍ତା ରେ ଦୁଷ୍ଟାମୀ ରେ ଘୂରି ବୁଲେ
ବଡ ହେଇ ଭୁଲ୍ କଲି ଚାଲିବା କୁ ହୁଏ ମାପି ଚୁପି
ବ୍ୟସ୍ତ ହେଲା ଜୀବନ ଟା ଭୁଲିଗଲା ବନ୍ଧୁପରିଜନ
ଆ ଭିତରେ ବୟସ ଟା ଗଡ଼ିତ ଗଲାଣି...
ବୋଉ ଲୋ, ମୁଁ ଆ ଭିତରେ ବଡ ହେଇ ଗଲିଣି...





ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

# ଭାରି ଭଲ ଲାଗେ ତୁମର ରାଗ...



**ରାକେଶ କୁମାର ମୁଦୁଲି**
ମୁଗକଣି, ରାଜନଗର,
କେନ୍ଦ୍ରାପଡ଼ା

କଥା ରେ କଥାରେ ରାଗି ସେ ଯାଆନ୍ତି
ବୁଝେଇ ପାରେନା ମୁହିଁ

କେମିତି କହିବି ସିଏ ଅମାନିଆ
ରହିଥାଏ ତାଙ୍କୁ ଚାହିଁ

ରାଗ ତାଙ୍କ ଅଟେ ଅଦିନ ଶ୍ରାବଣ
ମନ ହେଲେ ଝରିଯାଏ

ଝରି ଝରି ସିଏ ଭିଜାଏ ତୁମକୁ
କେତେ ଭଲ ପାଉଥାଏ

ରାଗ ଅଭିମାନ ନ ଥାଏ ମନରେ
ଦେଖିଲେ ପାରେନା ଜାଣି

କେତେ କଥା ସିଏ କହି ଯେ ଯାଆନ୍ତି
ସବୁକଥା ଦିଏ ଶୁଣି

ତାଙ୍କ ସେ କଥା ରେ ଭରି ଯେ ରହିଛି
ଭଲ ପାଇବା ର ଭାଷା

ସେଇ ଭାଷା ଟିକୁ ବୁଝିବାକୁ ଖାଲି
ରଖିଅଛି ଟିକେ ଆଶା

ସବୁଠୁ ସୁନ୍ଦର ତୁମର ସେ ରାଗ
ମନେ ପ୍ରେମ ଭରି ଦିଏ

ସେଇ ପ୍ରେମ ମୋର ଜୀବନ ସାଜିଛି
ମନ କୁ ମୋ କିଣି ନିଏ





ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

# ବାଙ୍କ ଚାହାଣି...



**ରୋଶନ ସାହୁ**
ତରଭା,ସୋନପୁର

ଦେଖିବାକୁ ବାଙ୍କ ଚାହାଣି ତୋର
ଚକା ଚକା ଏଇ ଦୁଇ ଆଖି,
ନାଲି ଟୁକୁ ଟୁକୁ ହସ ଯେ ହସୁ
ଭକତ ର ଭକତି କୁ ଦେଖି |

କଳାବଦନେ ଘିନି ନେଉ ତୋ
ଦୁଃଖି ଲୋକ ର ଦୁଃଖକୁ,
ଏ କି ଲୀଳା ଯେ ମହାବାହୁ
ଜିଣି ନେଇଛୁ ସାରା ଜଗତ କୁ |

ଶରଧା ବାଲି ରେ ମନ ଲାଖିଲାଣି
ଏ ଦୂର ପଥିକ କୁ ଆପଣେଇ ନେ,
ନରେନ୍ଦ୍ର ତୁଠ ରେ ବୁଡ଼ ପକେଇବି
ପାପ ମୋର ସବୁତକ ମିଟେଇ ନେ ।

ସ୍ୱର୍ଗଦ୍ୱାରେ ମୋର ଶେଷ ଜୀବନ
ଜଳିଯାଉ ମୋ ଏଇ ଶରୀର,
ଆପଣାର ବୋଲି ଭାବିରେ କାଳିଆ
ତୋ ଅଙ୍ଗେ ମିଶିଯାଉ ଜୀବଟି ମୋର |









ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

# ଏହି ମୋ ଭାରତ ମାଆ...



ପାର୍ଥସାରଥି ପାତ୍ର
ଚାଉଳିଆଗଞ୍ଜ, କଟକ

ରାଷ୍ଟ୍ର ପ୍ରେମର କାହାଣୀ ଶୁଣିଛି
ଶୁଣିଛି ଗାରିମା କେତେ ,
ଶୁଣିଅଛି କେତେ ବୀରତ୍ୱର ଗାଥା
ଏ ମାଟିରେ ଯେତେ ଯେତେ ||

ଗୈରିକ ବାନା ହିନ୍ଦୁ ର ସେନା
ଭାରତର ମୂଳପିଣ୍ଡ ,
ଏ ଜାତିର ଟେକ ରଖିବା କେବଳ
ଜୀବନର ମାନଦଣ୍ଡ ||

କଳିକେ ପାରିବ ତା'ର ଯେତେ ଯଶ
ପାଦରେ ତା ଦେବଲୋକ ,
ଅବତାର ଯେତେ ତାହାରି କୋଳରେ
ତ୍ରିରଙ୍ଗା ତା ବଇରଖ ||

ଜୀବନରେ ରଣ ସଂଗ୍ରାମେ ତା'ର
ନାହିଁ କେବେ ପଛଘୁଞ୍ଚା ,
ଉନ୍ନତ ତା'ର ଶିର ଚିରକାଳ
ନିୟତ ତାହାର ସଞ୍ଚା ||



ଯୁଗେ ଯୁଗେ ସିଏ ବିଶ୍ୱ ବନିତା
ବିଶ୍ୱ କଲ୍ୟାଣୀ ସିଏ ,
ଜଗତକୁ ଦେଇ ବିଶ୍ୱାସ ଆଲୋକ
ଜ୍ଞାନ ଦୀପ ଜାଳି ଦିଏ ||

ସେ ଯେ କାଳେ କାଳେ ବୀର ପ୍ରସବିନୀ
ସେହି ମୋ ଭାରତ ମାଆ ,
ଆଦର୍ଶ ତାହାରି ଅନୁସରି ଦିନେ
ରଖିବା ତାହାର ନାଁ ||



ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୃତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

# କାଳ ଚକ୍ରରେ ଜୀବନର ଇତିହାସ...



ଲୋପାମୁଦ୍ରା ମହାପାତ୍ର
ଗଣ୍ଡପଡା, ଗୁଆମାଳ , ଭଦ୍ରକ

କାଳ — ଏକ ଅଦୃଶ୍ୟ ସ୍ରୋତ, ଯାହା ଆମର ସମଗ୍ର ଅସ୍ତିତ୍ୱରେ ପ୍ରବାହିତ ହେଉଛି। ସେ କେବେ ଥମେନି, କେବେ ପଛକୁ ଫେରେନି। ତାର ଗତି ଅବିରତ, ତାର ନିୟମ ଅଟଳ। କାଳ କେବଳ ଘଣ୍ଟାର କଣ୍ଟାରେ ମପାଯାଏନି, ସେ ମପାଯାଏ ଆମେ କେତେ ଦିନ ବଞ୍ଚିଲୁ, କେତେ କଣ ହାରାଇଲୁ, କେତେକିଛି ହୃଦୟରେ ସଞ୍ଚୟ କଲୁ — ପୁଣି କେତେ ସ୍ମୃତି ଧାରା ସାଉଁଟିଲୁ।

"ସମୟକୁ ତୁମେ ଧରିପାରିବନି, କିନ୍ତୁ ସେ ତୁମକୁ ଧରିରଖିବ ତୁମର ଅଭେଦ୍ୟ ସ୍ମୃତିରେ।"

ପ୍ରତ୍ୟେକ ଦିନ, ପ୍ରତ୍ୟେକ କ୍ଷଣ, ଆମେ ଏକ ଅଦୃଶ୍ୟ ଗ୍ରନ୍ଥରେ ନିଜର ଅଧ୍ୟାୟ ଲେଖୁଛୁ। ସେହି ଗ୍ରନ୍ଥ କେବେ ଆମ ପାଖରେ ନଥାଏ, କିନ୍ତୁ ତାର ପୃଷ୍ଠାଗୁଡିକୁ କାଳ ସତର୍କତାର ସହିତ ସଞ୍ଚୟ କରୁଛି। ହସର ରଙ୍ଗ, ବିରହର ଛାୟା, ସ୍ୱପ୍ନର ପରୀଛାୟା, ଓ ଭଙ୍ଗା ଆଶାର ଖଣ୍ଡିତ ଖଣ୍ଡିତ ରୂପ — ସବୁକିଛି ସେହି ଗ୍ରନ୍ଥରେ ସ୍ଥାନ ପାଏ।

ସ୍ମୃତିର ଆଲୋକ ଓ ଛାୟା:
ସ୍ମୃତି — ଏକ ସୁକୁମାର ଆଲୋକ, ଯାହା କେବେ ସୂର୍ଯ୍ୟକିରଣର ଭଳି ଉଜ୍ଜ୍ୱଳ, କେବେ ଗୋଧୂଳିର ମେଘମାଳ।
"କେତେକ ସ୍ମୃତି ହସାଏ, କେତେକ ସ୍ମୃତି କନ୍ଦାଏ, କିନ୍ତୁ ପ୍ରତ୍ୟେକ ସ୍ମୃତି ଆମକୁ ଆମର ମୂଳକୁ ମନେ ପକାଏ।"

ଜୀବନର ଅନେକ ଦିନ, ଆମେ ବୁଝି ପାରୁନଥାଉ କି ସେମାନେ କେତେ ମୂଲ୍ୟବାନ। ତାଙ୍କର ମୂଲ୍ୟ କେବଳ ସମୟ ବିତିଗଲେ ବୁଝାଯାଏ, ଯେତେବେଳେ ଆମେ ପଛକୁ ଦେଖି କହୁ — "ସେହି ଦିନଟା … ସତେ କେତେ ସୁନ୍ଦର ଥିଲା ନା "।

ସ୍ମୃତିର ଏକ ବିଚିତ୍ର ଶକ୍ତି ଅଛି — ସେ ସମୟକୁ ପଛକୁ ନେଇଯାଇପାରେ, କିନ୍ତୁ ଆମକୁ ପୁଣିଥରେ ସେଥିରେ ବଞ୍ଚିବାର ସୁଯୋଗ ଦେଉନାହିଁ।

ପ୍ରେମ, ବିରହ ଓ କାଳ:
ପ୍ରେମ — କାଳର ଚକ୍ରରେ ସବୁଠୁ ସୁନ୍ଦର ଓ ସବୁଠୁ ଅସୁରକ୍ଷିତ ପତ୍ର। ସେ କେବେ ବସନ୍ତର ପୁଷ୍ପ, କେବେ ଶରତରେ ଝରିଥିବା ପତ୍ର।



ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୃତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

"ଯାହାକୁ ଆମେ ସତରେ ଭଲପାଉ, ସେ କେବେବି ମରେନି, କେବଳ ସ୍ଥାନ ପରିବର୍ତ୍ତନ କରେ — ହୃଦୟରୁ ସ୍ମୃତିର ମାଳରେ ଗୁନ୍ଥା ହୋଇ।"

ବିରହ କାଳର ସହଚର ସେ ଆମକୁ ଶିଖାଏ — କିଛି ସୁନ୍ଦରତା କେବଳ ହାରାଇବା ପରେ ଦେଖାଯାଏ। ପ୍ରେମର ସୁଗନ୍ଧ ବିରହର ମାଟିରେ ଅଧିକ ଗଭୀରତାରେ ମିଳେ।

ଜୀବନର ତତ୍ତ୍ୱ:
ଜୀବନ — କେବଳ ଶ୍ୱାସ ନେବାର ନାମ ନୁହେଁ, ଏହା ହେଉଛି ଅର୍ଥ ଖୋଜିବାର ପଥ। ପ୍ରତ୍ୟେକ ମୁହୂର୍ତ୍ତରେ ଆମେ ଦୁଇଟି ପଥରେ ଚାଲୁଛୁ — ଗୋଟିଏ ବାହ୍ୟ, ଯାହାକୁ ସମସ୍ତେ ଦେଖନ୍ତି; ଓ ଗୋଟିଏ ଅଭ୍ୟନ୍ତର, ଯାହାର କେବଳ ଆମେ ନିଜେ ମୂକସାକ୍ଷୀ।

"ଜୀବନର ସତ୍ୟ କେବେବି ଦିନର ଆଲୋକରେ ପ୍ରକାଶିତ ହୁଏନି, ସେ ପ୍ରକାଶିତ ହୁଏ ନିରବ ରାତ୍ରିରେ, ଯେତେବେଳେ ଆମେ ନିଜ ସହିତ କଥା ହୋଇ ଅନ୍ବେଷଣର ପଥରେ ନିଜକୁ ଝୁଣ୍ଟି ପଡୁ!"

ଅମରତାର ସ୍ପର୍ଶ:
କାଳ ସବୁକିଛିକୁ ନେଇଯାଏ, କିନ୍ତୁ ସେଥିରେ ମଧ କିଛି ଅଛି ଯାହା କେବେ ନଷ୍ଟ ହୁଏନି — ଭଲପାଇବା, କରୁଣା, ସତ୍ୟ, ଓ ନିଷ୍ଠା।
"ମନୁଷ୍ୟ ମରିଯାଏ, କିନ୍ତୁ ତାଙ୍କର କାମ, ତାଙ୍କର କଥା, ଓ ତାଙ୍କର ସ୍ମୃତି — କାଳ କାଳକୁ ଅମର ହୋଇ ରହିଯାଏ।"

ଆମେ ଯାହା ଆଜି କରୁଛୁ, ସେହି କାମ କାହାକୁ ଆଗାମୀ ଦିନରେ ପ୍ରେରଣା ଦିଏ। ଏହା ବୁଝିଲେ, ଜୀବନ କେବଳ ନିଜ ପାଇଁ ବଞ୍ଚିବା ନୁହେଁ, ସମୟ ପାଇଁ, ଆଗାମୀ ପିଢ଼ୀ ପାଇଁ ବଞ୍ଚିବାର ପଥ ହୋଇଯାଏ।

ଶେଷରେ କହିବି….
କାଳର ଚକ୍ର ଅବିରତ ଘୁରୁଛି। ଆମେ ସେଥିରେ ଯାତ୍ରୀ, ସାକ୍ଷୀ ଓ ସ୍ରଷ୍ଟା — ତିନୋଟି ଭୂମିକାରେ ଏକାଥରେ।
"କାଳରେ ବାସ କରିବାର ଅର୍ଥ — ନିଜର ପଦଚିହ୍ନ ଏଭଳି ରଖିଯିବା, ଯାହାକୁ ଦେଖି କାହାର ହୃଦୟ କେବେ ଆଲୋକିତ ହେବ।"

ଜୀବନ ଶେଷ ହୁଏ, କିନ୍ତୁ ଇତିହାସ କେବେ ମରେନି। ଏବଂ ଆମେ, ଅଜାଣତାରେ, ସେହି ଇତିହାସରେ ନିଜର ଅଧ୍ୟାୟରେ ଅମର ହୋଇ ଲେଖିଦେଇଥାଉ ନିଜ ଜୀବନର କାହାଣୀ..!

## ପଦେ ଅଧେ...



**ଲକ୍ଷ୍ମୀଧର ଚାନ୍ଦ୍**
ବୀରବରପୁର,ବଡମ୍ବା,କଟକ

ବିଦ୍ୟାକ୍ଷେତ୍ର ଆମ ଅଟଇ ସୁନ୍ଦର
ସତେ ଅବା ନିଜ ଘର ,
ଉପରିସ୍ଥ ଠାରୁ ଅଧିସ୍ତନ ଯାଏ
ସବୁ ଗୋଟେ ପରିବାର...(୧)

ଅଧକ୍ଷ ଆମ୍ଭର ଅଟନ୍ତି ମୁରବି
ଭଲ ମନ୍ଦ ବୁଝୁଥାନ୍ତି ,
ହସ ହସ ମୁଖେ ସୁଖେ ଅବା ଦୁଃଖେ
ସର୍ବଦା ସେ ରହିଥାନ୍ତି....(୨)

ପରିଚାଳନାରେ ସେ ଯେ ସିଦ୍ଧହସ୍ତ
ଅଟନ୍ତି ସେ କର୍ମବୀର ,
ତାଙ୍କ ପ୍ରତ୍ୟକ୍ଷରେ ଶିକ୍ଷାନୁଷ୍ଠାନ ଯେ
ଲାଗୁଥାଏ ଶ୍ରୀ ମନ୍ଦିର...(୩)

ତାଙ୍କ ପରେ ଅଛନ୍ତି ସେକ୍ରେଟାରୀ ମହୋଦୟା ,
ଭାରି ବୁଦ୍ଧିମତା ସେ ଯେ
ସର୍ବଦା ସଦୟା...(୪)

କି ଲେଖିବି ପ୍ରଶାସନିକା ମହୋଦୟା କଥା
ଅନୁଷ୍ଠାନ ଉନ୍ନତିରେ ସର୍ବଦୈବ ଉତ୍କଣ୍ଠା
ତୃଣ ଠାରୁ ଦ୍ରୁମ ଯାଏ ସବୁ ପରଖନ୍ତି ,
ସ୍ଥିତି ପରିଚାଳନାରେ ଧ୍ୟାନ ସେ ରଖନ୍ତି..(୫)

ପରୀକ୍ଷା କଥା ବୁଝନ୍ତି କଣ୍ଟ୍ରୋଲର ବାବୁ
ସଚ୍ଚୋଟ ବ୍ୟକ୍ତି ବିଶେଷ
ନିରେଖନ୍ତି ସବୁ....(୬)

ସ୍ତର କୁ ସ୍ତର ଆମର ଯେତେ ପରିଚାଳକ
ସଭିଏଁ କର୍ମତତ୍ପର
କାର୍ଯ୍ୟ ତାଙ୍କ ସଠିକ...(୭)

ସଭିଙ୍କ ସହଯୋଗରେ
କାର୍ଯ୍ୟ ଯାଏ ଆଗେଇ ,
ଉନ୍ନତି ନିମନ୍ତେ ନିଜ
ଶ୍ରମ ଦ୍ୟନ୍ତି ଲଗେଇ (୮)

ଅନୁଷ୍ଠାନ ଆମର ଅଟେ ଭାରି ସୁନ୍ଦର
ଶିକ୍ଷା ଦିକ୍ଷା ସଂସ୍କୃତିରେ
ସବୁଠାରୁ ଆଗର...। (୯)

ଜ୍ଞାନ ବିଜ୍ଞାନ ସଂସ୍କୃତି କଳା
ପ୍ରଦୀପଟେ ଜଳାଇ ,
ଶିକ୍ଷା ପ୍ରତି ପିଲାଙ୍କର ମନୋବଳ ବଢାଇ
ଶପଥ କରିଛୁ ଆମେ ନବୁ ସଦା ଆଗେଇ
କୁନି କୁନି କଳିକାଙ୍କୁ
ନୂଆ ଦିଗ ଦେଖେଇ ।(୧୦)



ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

# କଲାଣି ବାସ ଶରତେ କାଶ...



ଧ୍ରୁବ ଚରଣ ଘିବେଲା
ବଉଦରାଜ, ବୌଦ୍ଧ

କଲାଣି ବାସ ଶରତେ କାଶ
ଏଠି ସେଠି ସବୁଠି
ଗାଆଁ ସହର ବିଲ ପ୍ରାନ୍ତର
ନାଳ ନଇପଠାଠି ।
ବରଷା ଶେଷେ କାଶ ହରଷେ
ମରତେ ଦେଖା ଦେଇ
ଶରତ କାଳ କଲେ ପ୍ରବେଶ
କାଶ ଚମକି ଥାଇ ।
କି ବିଲ ପ୍ରାନ୍ତ ପଡ଼ିଆ କ୍ଷେତ
ଥିଲେ ସନ୍ତସନ୍ତିଆ
ଘଞ୍ଚ ହୋଇକି କାଶ ବଗିଚା
ଥାଏ ସେଠି ଉଠିଆ ।
ବାସ ବାସନା ନଥାଏ ସିନା
ଥାଏ ଚମକ ଭରି
ଚାମର ପ୍ରାୟ ସେ ଝୁଲିଥାଏ
ପବନ ସାଥେ ଖେଳି ।
ରୁପା ରୂପେଲି ଚେହେରା ଧରି
ହସେ ସେ କିରିକିରି
ବାଟରେ ଥାଇ ବାଟ ସୁନ୍ଦରୀ
ସାଜେ ଶରତ ଶୀରି ।
କାଶ ଚେହେରା ଦିଶଇ ତୋରା
ଶରତର ସକାଳେ
କାଶ ବିପଣି ବସେ ସବୁଠି
ନିର୍ମଳ ଶରତରେ ।





ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

# ନୂଆଖାଇ...



**ଆକାଂକ୍ଷାମୟୀ ଦାଶ**
ବଲାଙ୍ଗୀର

ବରଷକେ ଥରେ ଆସେ ନୂଆଖାଇ ଯେବେ
ଗହଳ ଚହଳ ପଡେ ଏ ଓଡିଶା ଭବେ।।୧।।

ପଶ୍ଚିମ ଓଡିଶା ପୁଣି ବେଶୀ ପାଳିଥାନ୍ତି
ଘରେ ଘରେ ପିଠାପଣା ମଉଜ କରନ୍ତି।।୨।।

ଘର ଓ ଦୁଆର ସବୁ ଲିପା ପୋଛା ହୁଏ
ନୂଆହାଣ୍ଡି କୁମ୍ଭାରଠୁ କିଣା ହୋଇଥାଏ।।୩।।

ବଜାରରୁ ନବ ଲୁଗା ପ୍ରତିଟି ଲୋକର
ଆବାଳ ବୃଦ୍ଧ ବନିତା ଲୋଡ଼ା ସଭିଙ୍କର।।୪।।

ମାଟିଚୁଲି ଭଙ୍ଗା ହେବ ପୁରୁଣା ଭାବିକି
ନୂଆ ଗଢ଼ା ନବ ଅର୍ଣ୍ଣ ରୋଷେଇ ପାଇଁକି....।।୫।।



ଝୋଟିରେ ହସିବ କାନ୍ଥ ଦୁଆର ବାହାର
ନିମନ୍ତ୍ରଣ କରିଥାନ୍ତି ବନ୍ଧୁଙ୍କୁନିଜର।।୬।।

ଦୁଇ ତିନି ମାସ ଠାରୁ ପ୍ରସ୍ତୁତ ହୁଅନ୍ତି
ଭାବ ଆଉ ଭକତିରେ କରମେ ଚାଲନ୍ତି।।୭।।

ମାଆ ସମଲେଇ ପୀଠେ ନବ ଅର୍ଣ୍ଣ ଯାଇ
ଆକୁଳେ ଡାକନ୍ତି ମା ସୁଖ ଦେବ ଥୋଇ।।୮।।



ନିଜ ପାଇଁ କେହି କେବେ ମାଗନ୍ତିନି କିଛି
ସମୂହଏଜାତିପାଇଁପାର୍ଥନାରହିଛି।।୯।।

ଦୂର ହେଉ ରୋଗ ଶୋକ ପ୍ରତିଟି ଜାତିର
ନରପଶୁପକ୍ଷୀଅବାସବୁଉଭିଦର।୧୦।

କୋଟିଏ ପ୍ରଣାମ ଆଜି ଘେନ ମହାପ୍ରଭୁ
ଧନ୍ୟ ତୁମେ ପଶ୍ଚିମ ଏ ଓଡିଶା ମାଟିର।।୧୧।।



ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

# ଗେହ୍ଲା ଭଉଣୀ...



ସୌମ୍ୟ ରଞ୍ଜନ ନନ୍ଦ
ସମଣା, ହାଟଡିହି,କେନ୍ଦୁଝର

ଚାହେଁନାହିଁ ସୁନା ଚାହେଁନାହିଁ ରୂପା
ଚାହେଁନାହିଁ ହୀରାମୋତି ,
ଭଉଣୀ ମୋହର ଅତି ଆଦରର
ଲୋଡାନାହିଁ ଘୋଡ଼ାହାତୀ । ୧

ଖିଲି ଖିଲି ହସ ଶୁଭୁ ନାହିଁ ଆଉ
ମୋ ଘର ପଡ଼ିଛି ଖାଲି,
ଶାଶୁ ଘରେ ତୁଲୋ ସୁନା କଣ୍ଢେଇଟା
ମନରେ ପଡୁଛୁ ବୋଲି । ୨


ଲାଗେନାହିଁ ଦୁଃଖ ମିଳିଯାଏ ସୁଖ
ତୋ ସାଥିରେ ଲାଗିଦେଲେ,
ଦିନରାତି କେବେ ଜଣାପଡ଼େ ନାହିଁ
ରାଗରଷା ଛାଡ଼ିଗଲେ । ୩

ଭାଙ୍ଗିଦେଲେ ତୋର ମାଟିର କଣ୍ଢେଇ
କଇଁ କଇଁ ହୋଇ କାନ୍ଦୁ ,
କହିଦିଏ ଯେବେ ଆସୁ ରାଜାପୁଅ
ମୁହଁକୁ ଲୁଚେଇ ହସୁ । ୪

ଜୀବନ ମୋହର ସାର୍ଥକ ହୋଇବ
କୋଟିଏ ଜନମ ପାଇଁ,
ମୋ ଭଲପାଇବା ସ୍ନେହ ଆଶୀର୍ବାଦ
ତୋ ଠାରେ ସରିବ ନାହିଁ । ୫

କେତେ ଜନମରେ କେତେ ପୁଣ୍ୟ ବଳେ
ପାଇଅଛି ତୋପରି ବାୟାଣୀ,
ଜନମେ ଜନମେ ସରଗ ଶଶିମୋ
ସୁନା ନାକୀ ଗେହ୍ଲା ଭଉଣୀ । ୬

ଯେତେ ଦିନ ଥିବା ଜୀବନ ମୋହର
ଭଉଣୀ ମୋହର ଥିବୁ,
ଯଦି ହୋଇଯାଏ ନୀରବ ନିସ୍ତବ୍ଧ
ଭାଇ ବୋଲି ଡାକିଦେବୁ । ୭





ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

# କାଲୁ ର କରାମତି...



ସୀମାଲତା ସାହୁ
ଯାଜପୁର

କାଲୁ ଏବଂ କୁନା । ଦୁହେଁ ଜନମ ବେଳଠୁ ଭାରି ସାଙ୍ଗ ହୁଅନ୍ତି। କୁନାର ଜନ୍ମ ବେଳକୁ କାଲୁର ମା ତା'କୁ ଜନ୍ମ ଦେଇ ଖାଦ୍ୟ ନପାଇ ମରିଯାଇଥିଲା। କୁକୁର ଛୁଆଟିକୁ ବାଟରୁ ପାଇ କୁନାର ବାପା ସରୋଜ ବାବୁ ରାସ୍ତା ମଝିରୁ କୋଳେଇ ଆଣିଥିଲେ। ସେହି ଦିନଠାରୁ ମଣିଷ ମାନେ ହେଲେ ତା'ର ମା,ବାପା, ସାଙ୍ଗସାଥି। କୁନାକୁ ଯେତେବେଳେ ସାତବର୍ଷ କାଲୁକୁ ମଧ ସେତେବେଳେ ସାତବର୍ଷ । ଦୁହେଁ ଭାରି ସାଙ୍ଗ ହୁଅନ୍ତି। ଜଣେ ଜଣକ ବିନା ରହିପାରନ୍ତି ନାହିଁ। କୁନାକୁ ଜ୍ୱର ହେଲେ କାଲୁ ରାତି ରାତି ନଶୋଇ ବସି ରହିଥାଏ।

ଭଦ୍ର ଲୋକମାନେ ଘରକୁ ଆସିଲେ କାଲୁ ତା'ର ଲାଞ୍ଜ ହଲାଇ, ଗୋଡ଼ ଟେକି ସ୍ୱାଗତ ଅଭ୍ୟର୍ଥନା ଜଣାଇଥାଏ । ଅତିଥି ମାନେ ଖୁବ୍ ଆନନ୍ଦିତ ହୁଅନ୍ତି। କିନ୍ତୁ ସରୋଜ ବାବୁଙ୍କ ପତ୍ନୀ ଶ୍ରଦ୍ଧାଦେବୀ  କାଲୁକୁ କେବେ ଆଦର କରନ୍ତି ନାହିଁ। କୁନା ସହ ଖେଳୁ ବୋଲି ସେ କେବେ ଚାହାନ୍ତି ନାହିଁ। ମା'ଙ୍କ ଆକଟରେ କୁନା ଉଦାସ ହୋଇଯାଏ। କାଲୁକୁ ଶ୍ରଦ୍ଧାଦେବୀ ଘର ଭିତରକୁ ପଶିବାକୁ ଦିଅନ୍ତି ନାହିଁ। ଠାକୁର ଘର ଓ ରୋଷେଇ ଘର ଭିତରେ ଯଦି କାଲୁ ପଶିଯାଏ ତେବେ ମାରା ହୋଇଯିବ ନି!!!
ସେଥିପାଇଁ କାଲୁକୁ ସବୁବେଳେ ଶ୍ରଦ୍ଧାଦେବୀ ମାରମାର ହୁଅନ୍ତି। କାଲୁକୁ ଭୋକ ହେଲେ ଭୋ ଭୋ ହୋଇ ଭୁକେ। କିନ୍ତୁ ଶ୍ରଦ୍ଧାଦେବୀ ଖାଇବାକୁ ଦିଅନ୍ତି ନାହିଁ।
ସରୋଜ ବାବୁ ଆସିଲେ ତାକୁ ଖାଇବାକୁ ଦିଅନ୍ତି।

କାଲୁ ସିନା ମଣିଷ ନୁହେଁ ହେଲେ ସେ ବି ତ ଗୋଟିଏ ଜୀବ..... ତା'ର ବି ତ ଗୋଟାଏ ପେଟ ଅଛି!!! ଭୋକ ଅଛି। ଶ୍ରଦ୍ଧାଦେବୀଙ୍କ ଆକଟରେ ତା'ର ଆଖିରୁ ପ୍ରତ୍ୟେକ ଦିନ ଦୁଇ ଟୋପା ଲୁହ କାହିଁକି ଝରିପଡ଼େ? ତେଣୁ ତା'ରବି ଗୋଟିଏ ନିରୀହ ମନ ଅଛି। ମଣିଷ ମାନଙ୍କ ପରି ଖୁସିରେ ହସେ ଆଉ ଦୁଃଖ, କଷ୍ଟ ହେଲେ କାନ୍ଦେ। କୁନା ପ୍ରଥମ ଶ୍ରେଣୀରେ ପଢ଼େ। କାଲୁକୁ ଶ୍ରଦ୍ଧାଦେବୀ ରାଗୁଥିଲେ ମଧ କୁନାର ସୁରକ୍ଷା ପାଇଁ ସେ କାଲୁକୁ ପଠାନ୍ତି ବିଦ୍ୟାଳୟରୁ କୁନାକୁ ଆଣିବାପାଇଁ। ହଠାତ୍ ଦିନେ କୁନାକୁ ଡକାୟତ ମାନେ ଅପହରଣ କରିବାକୁ ଆସିଥିଲେ। ନିଛାଟିଆ ରାସ୍ତାରେ କୁନାକୁ ବଞ୍ଚାଇବାକୁ ଯାଇ କାଲୁ ଚୋର ମାନଙ୍କୁ କାମୁଡ଼ି ଝିଣି ଭଗାଇ ଦେଇଥିଲା। ଏହି କଥା ଯେତେବେଳେ ଶ୍ରଦ୍ଧାଦେବୀ ଜାଣିଲେ, କାଲୁକୁ ଟିକିଏ ଆଉଁସି ଦେଇଥିଲେ। ସେତିକିରେ କାଲୁର ଆଖିରୁ କେଜାଣି... ଦୁଇବୁନ୍ଦା ଲୁହ କାହିଁକି ବୋହିଯାଇଥିଲା??
ସରୋଜ ବାବୁ ତାକୁ କୁଣ୍ଢାଇଧରି ସାବାସ କାଲୁ ବୋଲି କହିଥିଲେ।
କିଛିଦିନ ପରେ.....



ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

କାଲୁ ପାରଭୋ ରୋଗରେ ଆକ୍ରାନ୍ତ ହେଲା । କିନ୍ତୁ ଶ୍ରଦ୍ଧାଦେବୀ କାଲୁକୁ ଘରେ ପଶିବାକୁ ଦେଉନଥିଲେ । ସରୋଜ ବାବୁ ପଶୁଡ଼ାକ୍ତରଙ୍କୁ ଡକାଇ ଆଣିଲେ । କାଲୁ ଆଗଭଳି ଆଉ ଉଠି ପାରୁନି । ତାକୁ ଦେଖି ଡାକ୍ତର କହିଲେ ଏହି ରୋଗ ଆଉ ଭଲ ହୋଇପାରିବ ନାହିଁ । କୁନା ଏହା ଶୁଣି ଖୁବ୍ କାନ୍ଦିଥିଲା । ଶ୍ରଦ୍ଧାଦେବୀ କୁନାକୁ କାଲୁ ପାଖକୁ ଛାଡ଼ନ୍ତି ନାହିଁ କାଳେ କୁନାକୁ ସଂକ୍ରମଣ ହୋଇଯିବ । ଶ୍ରଦ୍ଧା ଦେବୀ ବାରମ୍ବାର ସରୋଜ ବାବୁଙ୍କୁ କୁହନ୍ତି ଏହି ରୋଗିଣା କୁକୁରକୁ ନେଇ ବାହାରେ କେଉଁଠି ଛାଡ଼ିଦିଅ । ସେତେବେଳେ ସରୋଜ ବାବୁ ଦୀର୍ଘଶ୍ୱାସ ଛାଡ଼ି କାଲୁର ମୁହଁକୁ ବଲବଲ ହୋଇ ଅନାନ୍ତି । ସେ ଭାବନ୍ତି ଯଦି କୁନାକୁ ରୋଗ ହୋଇଥାନ୍ତା !! ତେବେ କଣ ଶ୍ରଦ୍ଧା ମୋତେ ଠିକ୍ ଏମିତି କହିଥାନ୍ତେ ?? ଆରେ... ନା ନା ସିଏ ପରା ପଶୁ ଆଉ କୁନା ମଣିଷ । ଆମ ସମାଜରେ ଏହି ବ୍ୟବଧାନ ଟିକକ କେଉଁ ବେଦ ଉପନିଷଦରେ ଲିଖିତ ଅଛି ଯେ ମଣିଷର ଭାବନା ଏପରି ହେଉଛି ।

ମଣିଷର କିଛି ଦୁର୍ଘଟଣା ଘଟିଲେ ପଶୁ ପକ୍ଷୀ ମାନେତ କେବେ ଘୃଣା କରନ୍ତି ନାହିଁ । ନିଜ ଜୀବନକୁ ବାଜି ଲଗାଇ ସେମାନେ ମଣିଷକୁ ରକ୍ଷା କରନ୍ତି । ହେଲେ ଆଜି କାଲୁର ଆର୍ତ୍ତନାଦ ଶ୍ରଦ୍ଧାଦେବୀଙ୍କ କାନଗହ୍ୱରକୁ ଶୁଭାଯାଉନାହିଁ କାହିଁକି ??? ଏହା କଣ ମାନବର ମାନବିକତା ?!! ଦିନକର ଘଟଣା କୁନା ଠାକୁର ଘରେ ଶ୍ରଦ୍ଧାଦେବୀଙ୍କ ସହ ସନ୍ଧ୍ୟାରେ ପ୍ରାର୍ଥନା କରୁଥାଏ । ସରୋଜ ବାବୁ ଅଫିସରୁ ଫେରି ନାହାନ୍ତି । ଠାକୁର ଘରେ ହଠାତ ନିଆଁ ଲାଗିଗଲା । ସେତେବେଳେ ଶ୍ରଦ୍ଧାଦେବୀ ଚଉଁରା ମୂଳରେ ସଞ୍ଜବତୀ ଜାଳିବା ପାଇଁ ଯାଇଥାନ୍ତି । କୁନା ଏକା ଠାକୁର ଘରେ ଥାଏ । ନିଆଁର ବେଗ ଦ୍ରୁତଗାମୀରେ ବଢ଼ିବାରେ ଲାଗିଥାଏ । ଶ୍ରଦ୍ଧାଦେବୀ କ'ଣ କରିବେ ବୋଲି ତାଙ୍କ ମୁଣ୍ଡରେ ବଜ୍ର ପଡ଼ିଲା । ସେ ସରୋଜଙ୍କୁ ଫୋନ୍ କରି କହିଲେ ଶୀଘ୍ର ଅଫିସରୁ ଆସିବାପାଇଁ । ନିଆଁକୁ ଡେଇଁ ସେ କୁନାକୁ ଆଣିପାରୁନଥାନ୍ତି । ଆଉ କୁନାର କ୍ରନ୍ଦନରେ ଘରଟା ସାରା କମ୍ପି ଉଠୁଥାଏ । କୁନାର ରାହାଧରା କ୍ରନ୍ଦନ ଶୁଣି କାଲୁ ଦେହ ଶିହରୀ ଉଠିଲା । ସେ ଶ୍ରଦ୍ଧାଦେବୀଙ୍କ ଆକଟକୁ ଭୁଲି ରୋଗିଣା ଦେହରେ ଛୋଟେଇ ଛୋଟେଇ ଦୌଡ଼ିଗଲା ଠାକୁର ଘର ଭିତରକୁ ଆଉ ନିଜ ଜୀବନକୁ ବାଜି ଲଗାଇ କୁନାକୁ ରକ୍ଷା କଲା । କିନ୍ତୁ ସେ ସେହି ଘର ଭିତରେ ପୋଡି ଜଳି ପ୍ରାଣ ହରାଇଲା ।

ଶ୍ରଦ୍ଧାଦେବୀ ବୁଝିଲେ ପଶୁ ପକ୍ଷୀ ମାନଙ୍କର ମନ କେତେ ସ୍ୱଚ୍ଛ । କିନ୍ତୁ ତାଙ୍କ ଆଗରେ କାଲୁର ମାନବିକତାକୁ କୁଣ୍ଢାଇ ଧରିବାକୁ ସେ ଆଉ ଏ ଦୁନିଆରେ ନଥିଲା । କାଲୁର କରାମତିରେ କୁନାର ଜୀବନ ସିନା ବଞ୍ଚିଗଲା..... କିନ୍ତୁ କାଲୁ ଆଉ ଫେରିଲା ନାହିଁ । ଶ୍ରଦ୍ଧାଦେବୀ ଅନୁତାପରେ କାନ୍ଦି ଉଠିଲେ । .......

ପକ୍ଷୀର ଡେଣା କେତେ ଦୂର ଉଡ଼ିପାରେ? ସେ କଣ ଯେତିକି ଯାଏଁ ଉଡ଼ିବାକୁ ଚାହେଁ ଉଡ଼ିପାରୁଥିବ?!! ଡେଣାର ମହତ୍ତ୍ୱ ସିଏ ସେତେବେଳେ ବୁଝିବ ଯେତେବେଳେ ଶିକାରୀର ଜାଲରେ



ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

ଫସିଥିବ।!! ପ୍ରଜାପତିଟି ତାର ସୁନ୍ଦରତାକୁ କେବେ ଅନୁଭବ କରିଥିବ ? ହଁ ସିଏ ସେତେବେଳେ ଅନୁଭବ କରିବ ଯେତେବେଳେ ସମ୍ବାଳୁଆ ରୂପରେ ରୂପାନ୍ତରିତ ହେବ!! କୋଇଲି କ'ଣ କେବେ ତାର ସ୍ୱରକୁ ଶ୍ରବଣ କରିଥିବ? ବସନ୍ତର ଆଗମନ କୁ ଅପେକ୍ଷା ନା ବସନ୍ତ ର ସମାପ୍ତିକୁ ଉପେକ୍ଷା କରେ, ସେହିଁ କେବଳ ତାର ସ୍ୱରକୁ ବୁଝୁଥିବ ଆଉ ବୁଝାଉଥିବ। ମୁଁ ଦ୍ୱିତୀୟ ଶ୍ରେଣୀରେ ପଢୁଥିଲା ବେଳେ ମୋ ' ହସଖୁସି ' ବହିରେ ବଡ଼ ବଡ଼ ଅକ୍ଷରରେ ଲେଖାଯାଇଥିଲା "ମଣିଷ ସବୁଠାରୁ ଶ୍ରେଷ୍ଠ ଓ ବୁଦ୍ଧିମାନ ଜୀବ" । ଆଧୁନିକତାର ଦ୍ୱାହି ଦେଇ ଏଇ ମଣିଷ ର ଶ୍ରେଷ୍ଠତ୍ୱର ପ୍ରାଞ୍ଜଳତା ବେଶ୍ ଭଲ ଭାବରେ କାଳୁର ମାନବିକତା ଭାବ ଦେଖି ଜାଣି ହୁଏ। ମନବର ମାନବିକତା ଯଦି କାଳୁ ପାଖରେ ରଖିଛ ତେବେ ହେ ଭଗବାନ!! ତା'ର ଆତ୍ମାକୁ ଶାନ୍ତି ଦେବ। ଆର ଜନ୍ମରେ ପଶୁ ପକ୍ଷୀଙ୍କୁ ମଣିଷରେ ପରିଣତ କରିବ। କାଳୁର ସେହି ଦୁଇ ବୁନ୍ଦା ଲୁହ ଆଜି ଯେମିତି ଦୁଇ ଶହ ମାଇଲ ସମୁଦ୍ର ବ୍ୟାପୀ ଢେଉ ପରି ଉଚ୍ଛୁରିତ ହେଉଛି। କାଳୁର ମନକୁ କେବେ ପଢ଼ିବ ଏହି ମାନବ ସମାଜ !!? ସମୟ କ'ଣ ତା'ର ଉତ୍ତର ଦେବ ?!! ଶ୍ରଦ୍ଧାଦେବୀଙ୍କ କ୍ରନ୍ଦନ ଆଜିଯାଏଁ ବନ୍ଦ ହୋଇନାହିଁ କିମ୍ବା ହେବନାହିଁ। ସେ କେବଳ ଜୀବନ ତମାମ କାନ୍ଦି ପାରନ୍ତି..... କିନ୍ତୁ କାଳୁ ପରି ହେବାକୁ କେତେଜଣ ଏହି ସମାଜରେ ଚାହିଁବେ ?





ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

# ନାରୀ ର ଗୁହାରି...



**ତିଳୋତ୍ତମା ଦାଶ**
ଚିନ୍ତାମଣିଶ୍ୱର, ଭୁବନେଶ୍ୱର

ଭଗବାନଙ୍କର ସବୁଠାରୁ ସୌନ୍ଦର୍ଯ୍ୟ ମୟ ସୃଷ୍ଟି ନାରୀ,
ଏଇ ସୌନ୍ଦର୍ଯ୍ୟ ଆଜି ଅଭିଶାପ ପାଲଟି ଯାଇଛି ଗୋଟେ ନାରୀ ପାଇଁ
କାହିଁକି କରିଲ ନାରୀ ସୃଷ୍ଟି ପ୍ରଭୁ ?
କାହିଁ ଦେଲ ତାକୁ ଏ ଶରୀର ?
ଡରି ଡରି ଘର କଣରେ ପସୁଛି
କି ଲାଭ ଥାଇ ସିଂହଦ୍ୱାର ||

କଳିର କରାଳ ସହିବନି ବୋଲି
ପ୍ରତିଛବି ଗଢିଲ ନାରୀ କୁ,
ସବୁ ଦୁଃଖ କଷ୍ଟ ଲେଖିଲ ତା ନାମେ
ଆପଣେଇ ନେଲା ସେ ସଭିଙ୍କୁ ||

ମଣିଷ ରୂପୀ ଏ ଭୋକିଲା ରାକ୍ଷାସ
ଖାଇ ଯାଏ ନାରୀର ଶରୀର ,
ମର୍ମାହତ କରି ଫିଙ୍ଗି ଦିଏ ତାକୁ
ତୁ କି କରୁ କାଳିଆ ଠାକୁର ||



ବୁଝିବୁନି ଯଦି ନାରୀର ଯାତନା
କରିଦେ ତୁ ନାରୀ ଶୂନ୍ୟ ସୃଷ୍ଟି,
ବିନାଶ କରିବ ଏ ମର୍ତ୍ତ୍ୟ କୁ ଦିନେ
ନାରୀ ର ସେ ଅଗ୍ନି ଅଶ୍ରୁ ବୃଷ୍ଟି ||

ଧିକ୍କାର କରେ ଏ ନାରୀ ଶରୀର କୁ
ଯାହାକୁ ତୁ ଦେଇଛୁ ଆକାର ,
ନାରୀର ସୌନ୍ଦର୍ଯ୍ୟ ନେଇଯା କାଳିଆ
ବଞ୍ଚିବାକୁ ଇଚ୍ଛା ଏ ନାରୀର ||
ଏତିକି ଗୁହାରି କରିଦେ କାଳିଆ
ବଞ୍ଚିବାକୁ ଇଚ୍ଛା ଏ ନାରୀର ||

# ସାଇକଲ ଆଉ ପ୍ରେମ...



**ଦୁର୍ଯ୍ୟୋଧନ ପରିଡ଼ା**
ତେନ୍ତୁଳିଆଡ଼, ଚାନ୍ଦବାଲି, ଭଦ୍ରକ

ମୋ ସାଇକେଲ ସହ ମୋର ସମ୍ପର୍କ ପ୍ରାୟ ଅନେକ ବର୍ଷର। ହାଇସ୍କୁଲରେ ୩ ବର୍ଷ,+୨ ଓ +୩ ପରେ ସେଇ ସାଇକେଲକୁ ସାଥିରେ ନେଇ ଚାଲିଲି ବାଲେଶ୍ୱର। ଗ୍ରାଜୁଏସନ୍ ସରିଲା ପରେ ନିଷ୍ପତ୍ତି ନେଲି ସରକାରୀ ଚାକିରି ପାଇଁ ପ୍ରସ୍ତୁତି କରିବି। Competitive Preparation ପାଇଁ ଯାଇ ବାଲେଶ୍ୱରର ଆଜିମାବାଦରେ ଥିବା ଏକ କୋଚିଂ ସେଣ୍ଟରରେ ନାମ ଲେଖାଇଲି ଓ ସାଇକେଲ ଯୋଗେ କୋଚିଂ ସେଣ୍ଟର ରୁ ରୁମ୍ କୁ ଯାତାୟତ କରୁଥିଲି। ବାସ କିଛି ଦିନରେ ମୁଁ ମୋ ସାଇକେଲ ବାଲେଶ୍ୱର ର ସବୁ ଗଳି କନ୍ଦି ବୁଲି ସାରିଥିଲୁ।

ଏବେ ଏବେ ଆଜିମାବାଦ୍ ବଜାର ଅତିକ୍ରମ କରିବାକୁ ମୋ ସାଇକେଲକୁ କାହିଁ ଅନେକ ସମୟ ଲାଗୁଛି। କେଜାଣି କାହିଁକି ତାର ଚକର ଗତି ଧୀର ହୋଇଯାଇଛି। ବୋଧହୁଏ ସେ ବି ମୋ ପରି କାହାକୁ ଖୋଜୁଛି। କେମିତି ବା ଖୋଜିବନି ଅନେକ ଦିନ ଧରି ପଛ carrier ରେ ବସାଇ କେତେ ଯେ ବୁଲାଇଛି ଆଉ ମୋ ପରି ଅନେକ ସ୍ମୃତିକୁ ଛାତିରେ ଜାବୁଡ଼ି ଧରିଛି।

ଆଜିବି ମୋ ସାଇକେଲ ଅଟକି ଯାଏ ତା କୋଚିଂ ସେଣ୍ଟର ଆଗରେ। କାଳେ ପୂର୍ବପରି ସେ ମତେ ଅପେକ୍ଷା କରିଥିବ ଆଉ ହକ୍ ଜାହିର କରି କହିବ ଚାଲ୍, ମୋତେ ମୋ ରୁମ୍ ପାଖରେ ଛାଡ଼ିଦେବ। ମୋ ରୁମକୁ ରାସ୍ତା ସେପଟେ ନୁହେଁ ତଥାପି କାହିଁକି ମୋ ସାଇକେଲ ତା ରୁମ୍ ଆଡେ ଗଡିଯାଏ ମୁଁ ଜାଣିନି। ତାକୁ ତା ରୁମରେ ଛାଡ଼ି ମୋ ରୁମକୁ ଫେରିଆସେ, ଯଦିଓ କିଛି ଅଧିକ ରାସ୍ତା ଅତିକ୍ରମ କରିବାକୁ ପଡ଼େ ତଥାପି ପ୍ରତିଦିନ ସେଇ ବାଟେ ସେମିତି ଯାଏ ଓ ଅନେକ କିଛି ନିଆରା ଅନୁଭୂତି ସାଉଁଟିବାକୁ ଚେଷ୍ଟା କରେ। ମୋର ମନେ ଅଛି ବିତି ଥିବା ତୁମ ସହ ପ୍ରତିଟି ମୁହୂର୍ତ୍ତ। କେମିତି ପ୍ରେମପକ୍ଷୀ ପରି ଆମେ ଦୁହେଁ ସାରା ସହରରେ ଉଡ଼ି ବୁଲୁଥିଲେ ଆଉ ହଜିଯାଉଥିଲେ ସେଇ ପ୍ରେମର ରାସ୍ତାରେ ପୁଣି କେତେବେଳେ ମଜିଯାଉଥିଲେ ପ୍ରେମର ସ୍ମୃତିରେ।

ମୁଁ ଜାଣିନାହିଁ ସେ ଏବେ କେଉଁଠି? ଆଜିବି ବାଲେଶ୍ୱରରେ ରହୁଛି କିମ୍ବା ମୋ ସ୍ମୃତିରେ ନଜଳିବା ପାଇଁ ସହର ବଦଳେଇ ଦେଇଛି। ତଥାପି ମୋ ନଜର ଆଜିମାବାଦର ଗଳି, କନ୍ଦି ଓ ପ୍ରତ୍ୟେକ ଦୋକନି ଉପରେ ଥାଏ। କାଳେ ତୁମେ ଦେଖାହେବ ଆଉ ମନରେ ପୁରୁଣା ଭାବନା ଜାଗିଉଠିବ ହେଲେ ତୁମର କେବେ ଦେଖା ହୁଏନି। ତଥାପି ମୋ ସାଇକେଲ ମୋ ରୁମକୁ ଆସିଥାଏ ତୁମ ରୁମ୍ ରାସ୍ତା ଦେଇ।



ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

ମୁଁ ତୁମର ହୃଦୟର କଥା ସବୁ ଜାଣେ, ମୋ ପରି ତୁମେବି ମୋତେ ଭୁଲିବାକୁ ଚେଷ୍ଟା କରୁଛ ଆଉ ଭୁଲିପାରୁନ। ଥରୁଟେ ଦେଖା ହେଲେ ବୋଧହୁଏ ନିଜକୁ ଅଟକାଇ ପାରିବନି, ସେଥିପାଇଁ ଦେଖା ହେଉନ। ଅନେକ ଦିନର ଭଲପାଇବାକୁ ଭୁଲିବା ଏତେ ସହଜ ନୁହେଁ। ହୃଦୟରେ ମୋ ପାଇଁ ଏବେବି ଆବେଗ ଭରିରହିଛି ହେଲେ ପରିସ୍ଥିତି ଆଉ ପରିବାରର ଚାପରେ ଭୁଲିବାର ଅଭିନୟ କରୁଛ।

ଦିନ ଥିଲା ମୁଁ କାଳେ ତୁମ ସ୍ୱପ୍ନରେ ଆସୁଥିଲି, ତୁମେ କହୁଥିଲ। ଏବେ ତୁମ ସ୍ୱପ୍ନରେ ଆସୁଛି କି ନାହିଁ ମୁଁ ଜାଣିନି କିନ୍ତୁ ତୁମକୁ କହିବାର ସୁଯୋଗ ପାଉନି ଯେ ଏବେ ବି ପ୍ରତି ରାତିରେ ମୋର ୨,୪ ଥର ନିଦ ଭାଙ୍ଗୁଛି ତୁମ ପାଇଁ ଆଉ ତୁମ ଭାବନାରେ ଲୁହ ଭରା ଛଳ ଛଳ ମୋ ଦୁଇ ଆଖି ଶୋଇବାକୁ ଭୁଲିଯାଆନ୍ତି।

ମୋ ଅସଫଳତା ମୋ ପାଟିରେ ତାଲା ପକେଇ ଦେଇଥିଲା ଆଉ ତୁମ ହାତରେ ତୁମ ବିବାହ ବନ୍ଧନର ବେଡ଼ି ଆମକୁ ଏତେ ମଜବୁର୍ କରିଦେଲା ଯେ ଆମେ ବାଧ ହେଲୁ ଦୁହେଁ ଦୁହିଁଙ୍କ ଠାରୁ ଦୂରେଇବାକୁ। ଶେଷ ଦେଖାରେ, ତୁମେ ଏତେ ସହଜରେ କହିଦେଲ ଆଜିଠାରୁ ଆମେ ଦୁହେଁ ଭୁଲିବାକୁ ଚେଷ୍ଟା କରିବା ହେଲେ ବାସ୍ତବରେ ସହଜ ନୁହେଁ ସବୁ ସ୍ମୃତିକୁ ଲିଭାଇବା। ପ୍ରତି ମୁହୂର୍ତ୍ତରେ ତୁମରି ଭାବନା ମୋ ହୃଦୟକୁ ଏତେ କମଜୋର କରୁଛି ତାହା ଅବର୍ଣ୍ଣନୀୟ।

ଇତି....
ତୁମ ପ୍ରେମିକ....





ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

# ଅବୁଝା ପ୍ରେମିକ...



**ଲକ୍ଷ୍ମୀପ୍ରିୟା ଦାସ**
ସ୍ନାତକୋତ୍ତର ଦ୍ୱିତୀୟ ବର୍ଷର ଛାତ୍ରୀ,
ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ ,
ଶାନ୍ତିନିକେତନ, ପଶ୍ଚିମବଙ୍ଗ

ପ୍ରେମର ବେଦନା ପ୍ରକାଶ ପାଇଁ
ହୁଏ ମୁଁ ନିଶ୍ଚଳ,
ଦୂରତା ଥାଇ ମଧ୍ୟ
ଅପେକ୍ଷା କରେ ମୁଁ ବାର ବାର ।

ନିସ୍ତବ୍ଧ ଦୁନିଆରେ ତୁମକୁ ଖୋଜେ ମୁଁ
ପ୍ରେମ ଟିକେ ପାଇବା ପାଇଁ,
ତୁମର ସେ ପ୍ରେମ ଚୀର ଜୀବନ୍ତ ଯେ
ସାରା ଜୀବନକୁ ସାଇତି ରଖିବି ମୁହିଁ ।

ବଣ ମଲ୍ଲି ପରି ବାସିଯାଅ ତୁମେ
ଚଉଦିଗ ଚହଟାଇ,
ମନେ ଆଣି ଦିଅ କେତେ ଆଶାର ଜୁଆର
ଭାବନାରେ ବାସ୍ତବର ସଂଜ୍ଞା ଦେଇ ।

ମୁଦା ପଲକରେ ତୁମେ ଆସୁଥାଅ
ଗୋଧୂଳି ସନ୍ଧ୍ୟାର ଛାୟା ଚିତ୍ର ଟିଏ ହୋଇ,
ତୁମେ ଆସ ନାହିଁ ସିନା ବାସ୍ତବରେ
ହେଲେ ନୀତି ଆସ ତୁମେ ମନ ଆକାଶରେ,
ନିବୁଜ କବାଟ ଫଟାଇ ।



ଅନ୍ତହୀନ ତୁମ ପ୍ରେମର ରାଇଜ
ନିତି ହଜିଯାଏ ମୁହିଁ,
ଯେତେ ବୁଝାଇଲେ ତୁମକୁ ମୋ ସାଥୀ
ଅବୁଝା ହେଉଛ କାହିଁ ।

ମୋ ପ୍ରେମ କବିତାରେ ତୁମେ ଆସ ସାଥୀ
ପ୍ରେମ ଭରା ଶବ୍ଦ ହୋଇ,
ଅଳ୍ପ ସମୟରେ ସ୍ପନ୍ଦନରେ ରହି
ଚାଲି ଯାଅ ଅବୁଝା ହୋଇ ।



ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

## ବାନ୍ଧବୀ...



**ସୂର୍ଯ୍ୟକାନ୍ତି ଭବାନୀ**
ଗୋବିନ୍ଦ ମହାନ୍ତି, ଡଗରପଡା,
ଜଗତସିଂହପୁର

ହୃଦୟ ସମୀକରଣ ଭଳି
ଯେତେ ସୁନ୍ଦର ଏ ସମ୍ପର୍କ
ସେତେ କଠିନ ବୁଝିବାକୁ
ସମ୍ପର୍କର ସରଳତା...
ବୁଝିଗଲି ଯେବେ
ମୋ ବିଦ୍ୟାଳୟ ଜୀବନ ଅତୀତ–ହେଇଯାଉଥିଲା
ସେ ମାୟାବିନୀ ସମୟ ସ୍ରୋତରେ
ବିଦ୍ୟାଳୟ ଜୀବନ ଭାସି...
ମୋ ଠୁଁ ଦୂରେଇ ଯାଉଥିଲା

ଶ୍ୱାନ ନିଦ୍ରା ଛାଡ଼ି ଗାଢ଼ ନିଦ୍ରାକୁ ଆପଣେଇ
କେତେ ସ୍ୱପ୍ନ ସାଉଁଟିଛି ସବୁ ନିଶିରେ
ମୁଖ୍ୟ ଚରିତ୍ର ମୋ ବାନ୍ଧବୀଗଣ
କେମିତି ମୁଁ ଭୁଲିଯିବି ଏତେ ସହଜେ..!
କଷ୍ଟ ହେଲେ ବି ସବୁ ସ୍ମୃତିକୁ ମନେ–ପକାଇବି
ବଞ୍ଚିଥିବା ପର୍ଯ୍ୟନ୍ତ, ସବୁ ସଖୀଙ୍କୁ
ହୃଦୟ ମହଲର ଏକ ସୁନ୍ଦର ବଖରାରେ –ରଖିବି
ଭାବନାରେ ନିଇତି ତାଙ୍କ ସହ ହସିବି
ହସି ହସି ସେମାନଙ୍କୁ ମୋ ଆତ୍ମା ସହ –ମିଶାଇଦେବି



ପରମପିତାଙ୍କୁ ଗୁହାରି କରିବି
ଜନ୍ମ ଜନ୍ମ ସାଥୀ ପାଇଁ
ଏବେ ବେଗି କୁହ ସଖୀଗଣ ମୋର
ଏ ପ୍ରସ୍ତାବେ ରାଜି କି ନାହିଁ
ଏ ପ୍ରସ୍ତାବେ ରାଜି କି ନାହିଁ



ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

# ବିରହ...



ପୂଜା ସାହୁ
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ,
ଦ୍ୱିତୀୟ ବର୍ଷ,ଓଡ଼ିଆ ବିଭାଗ,
ଜିଲ୍ଲା -ନୟାଗଡ

ତୁମ ସହ ବିଛିନ୍ନର ମୁହୂର୍ତ୍ତ ଯେବେ ଆସେ
କେଜାଣି କାହିଁକି ଅଜଣା ଭୟରେ ,
ଆଖିରୁ ଦୁଇ ଧାର ଲୁହ ଆପେ ଖସେ
ତୁମ ଦୁଷ୍ଟାମି ସବୁ ଉଙ୍କି ମାରନ୍ତି ମନ ଝର୍କାରେ ।

ଜିଗୀଷୁ ମନରେ ସ୍ମୃତିସବୁ ବନ୍ଧ ଭାଗନ୍ତି
ରାତ୍ରର ପ୍ରଣୟ ସ୍ନିଗ୍ଧ ଶଯ୍ୟାଧାରେ ,
ବିରହ ଯନ୍ତ୍ରଣା କ୍ରମଶଃ ବଢାନ୍ତି
ତପ୍ତ ଅଶ୍ରୁଜଳ ଝରେ,ଶୁଷ୍କ ଅଧରେ ।

ବିନିଦ୍ର ଚକ୍ଷୁ ଦୁଇ ବୁଜି ହୋଇ ଆସେ
ରଜନୀର କଳା ରଙ୍ଗରେ ,
ସ୍ୱପ୍ନ ସବୁ ବ୍ୟୁହ ରଚି, କୋଳେ ଆଶ୍ୱାସେ
ହୃଦୟର ବିରହ ଯନ୍ତ୍ରଣା ଲୁଚେ ସ୍ୱପ୍ନପୁରେ ।

ଘରେ ଯେବେ ତୁମେ ଥାଅ ମୋର ପାଶେ
ଦେହ ସିନା ଥାଏ କାର୍ଯ୍ୟରତ, ମନ ତୁମରି ଠାରେ ,
ସେ ଦିନ ସବୁ ତୁମ ଦେହର ବାସ୍ନାରେ ହସେ
ବିଦାୟ ପରେ ମୁହୂର୍ତ୍ତ ଗୁଡା ତୁମକୁ ହିଁ ଝୁରେ ।



ଇଛା ତ ହୁଏ କ୍ଷଣ ଟିଏ ହେଲେ
କରନ୍ତନି ଏ ଆଖିରୁ ତୁମକୁ ଅନ୍ତର ,
ସତକୁହ ତୁମେ ଯେତେ ପ୍ରେମ କଲେ
ଭରିଯାଏ କି କ୍ଷୁଧା ମାସକର।

ପରିସ୍ଥିତି ଆଜି ପ୍ରତିବନ୍ଧକ ସାଜି
ସୁଧ, ମୂଳ କରି ନେଉଛି ପାଉଣା ,
ନିଶିକାଳେ କଣ୍ଢେଇ ଧରି ତୁମକୁ ହୁଏ ଖୋଜି
ବେଳେବେଳେ ବଳିପଡେ ବିରହ ଯନ୍ତ୍ରଣା।



ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

# ସମାଜର କୁ-ସଂସ୍କାର...



କୁରୀ କୁଡୁମ୍ବା
କେକିସିଙ୍ଗି, ଗଜପତି

ସମାଜର ଯେଉଁ ସାମାଜିକ କୁସଂସ୍କାର ରହିଛି
ତାହା ପୁଣି ବିଦାରି ଦେଇଛି ଛାତି ଉତ୍କଳ ମାଟିକୁ।
ଏହି ସମାଜରେ ସବୁବେଳେ ଚାଲିଛି
ବଧୂହତ୍ୟା ତ ଆଉ କେତେବେଳେ ନାରୀ ନିର୍ଯାତନା।
ସମାଜରେ ଏ କଥାକୁ ଭୁଲି ଯିବା ଅପେକ୍ଷା
ମନେ ସେତିକି ପକାନ୍ତି।
ଲୋକ ପଚାରିଲେ କୁହନ୍ତି ଆମକୁ ଏକଥା ଅଜଣା
ଏଠି ସାକ୍ଷୀ ବଦଳରେ ବାହାରି ପଡ଼ନ୍ତି ଲାଞ୍ଛନାର ସାତ୍ ଦବାକୁ।
ଆଉ ମଧ ସମାଜରେ ଅଛନ୍ତି
ରାସ୍ତାକଡ଼ରେ ମାଲ୍ ପିଇ ହୋଇଛି ବାଟବଣା
ନିଜ ଜନ୍ମ କଲା ମା' ଙ୍କୁ ଭୁଲି ଯାଉଚି।
ନିଜ ବାପାଙ୍କୁ ପୁଅ ରାସ୍ତାରେ ଦେଖେ
ପଚାରି ଦେଲେ କହେ ବୋଧେ ଦେଖିଚି କେଉଁ ଟିଏ ଲୋକଟିକୁ।
ଓଡ଼ିଆ ପିଲା ତ ଓଡ଼ିଆ ପାଠକୁ ଯାଆନ୍ତି ଦୂରେଇ ଦୂରେଇ
ଓଡ଼ିଆ ଭାଷାକୁ ଭୁଲି ଇଂରାଜୀ ପଢନ୍ତି ଓଡ଼ିଆ ପାରନ୍ତି ନି କହି।
ଏଠି ପଚାରି ଦେଲେ ଥରେ ଚିହ୍ନିଚ କି
ପିଲେ ମଧୁବାବୁ ଆଉ ଗୋପବନ୍ଧୁ ଙ୍କୁ
ପିଲା ମୁହଁ ପୋତି ଉତ୍ତର ଦିଅନ୍ତି
ହୋଇ ପାରନ୍ତି କେହି କେହି ସାଧୁଗଣ
ହେଲେ ଚିହ୍ନି ନାହୁଁ ତାଙ୍କୁ ଆମେ।



ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

# ଅମୃତବେଳା...



ଅରୁଣ ଡାକୁଆ
ଉତ୍କଳ ବିଶ୍ୱବିଦ୍ୟାଳୟ ,
ଭୁବନେଶ୍ୱର

ମଧୁମୟ ସେ ମୁହୂର୍ତ୍ତରେ
ମଧୁମାୟାର ପ୍ରଲେପବୋଳି
ଈଶ୍ୱର ଯେବେ ମୋ ଦେହରେ ପ୍ରାଣ ଦେଲେ
ଲୋପ ପାଇଯାଉଥିବା ଏନ୍ଥୁଡ଼ିଶାଳ ବଦଳରେ
ମୋ ମା ମୋତେ ଯେବେ
ଡାକ୍ତରଖାନା ରେ ଜନ୍ମଦେଲେ
ମୁଁ ଦୁନିଆ ଦେଖିଲି
ସେ ଅମୃତବେଳାରେ ।

ପ୍ରିୟଜନ ଥିଲେ ଅପେକ୍ଷାରତ
ବାପା ଥିଲେ ବିଚଳିତ
ଜେଜେବାପା ଚିନ୍ତିତ
ମା ଥିଲା କଷ୍ଟ ଓ ଆନନ୍ଦର ମିଶ୍ରିତ
ଅକୁହା ବ୍ୟଥାରେ ଜର୍ଜରିତ ।
ଗୋଧୂଳି ବି ଥିଲା ଉପନିତ
ସେଦିନ ସେ ଅମୃତବେଳାରେ ।

ଜୀବନର ସେ ଗୋଟିଏ ଦିନ
ଯେଉଁଦିନ କାନ୍ଦୁଥିଲି ମୁଁ
ହସୁଥିଲା ମା '
ତାପରଠୁ ଏମିତି କେବେବି ହେଇନି
ମୁଁ କାନ୍ଦିବାର ଦେଖି ମା କେବେବି ହସିନି
ବୋଧହୁଏ ମୁଁ ପ୍ରଥମେ ଦୁନିଆ ଦେଖି କରୁଥିଲି କୁଆଁ କୁଆଁ
ସେଦିନ ସେ ଅମୃତ ବେଳାରେ ।

କି ପ୍ରୟୋଜନ ଥିଲା ମୋର ?
କୋଟି କୋଟି ଲୋକଙ୍କ ମଧରେ
ଜନ୍ମନେବା ଏ ଧରା ଧାମରେ...
କିଛି ଗୋଟେ ମହାଉଦ୍ଧେଶ୍ୟରେ
ଈଶ୍ୱର ଛାଡିଲେ ବୋଧେ
ମୋତେ ଏ ଧାମରେ...
ସେଦିନ ସେ ଅମୃତବେଳାରେ ।

ଶ୍ରେଷ୍ଠ ଜୀବ ଏ ମଣିଷ !
କିନ୍ତୁ, ମୁଁ ତ ମହାପାପୀ.....
ଶ୍ରେଷ୍ଠ ହେଲି କେତେବେଳେ ?
କିନ୍ତୁ ଧନ୍ୟବାଦ ଦିଏ ମୁଁ ଈଶ୍ୱରଙ୍କୁ
ଦେଖେଇଲେ ମୋତେ ଏ ସୁନ୍ଦର ସୃଷ୍ଟିକୁ
ଜନ୍ମଦେଇ ମୋତେ ସେ ଅମୃତବେଳାରେ ।

ମୃତ୍ୟୁ ସତ୍ୟ ଜୀବନଟା ହା - ହା କାରକରେ
କୁହେ ସୁଖ ଟିକେ ନାହିଁ ମୋ ଭାଗ୍ୟରେ ।
ତଥାପି ସତତ ସଚେଷ୍ଟ ମୁଁ
ଦୁଃଖରୁ ସୁଖକୁ ସନ୍ଧାନ କରିବାରେ
ଜୀବନର ପ୍ରତ୍ୟେକ ବେଳାରେ ।
ତେଣୁତ ପ୍ରତ୍ୟେକ ବେଳା ହିଁ
ଅମୃତ ମୋ ପାଇଁ...ମୋ ଜୀବନରେ ।



ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

# ମେଘ...



ସରୋଜ କୁମାର ସାହୁ
ଆଠଗଡ, କଟକ

ଆସିବାର ଖବର ଦିଏନାହିଁ
କାହାକୁ, କେତେବେଳେ
ଅକସ୍ମାତ ଘନେଇ ଆସେ
କଳାମେଘ ଢାଙ୍କି
ବିଜୁଳି ମାରି
ଚକଚକ.. ଘଡଘଡ...
ଶବ୍ଦର ସୁଅ ଛୁଟେଇ
ଆକାଶକୁ ଆଗମନୀର ବାର୍ତ୍ତା ।

ନାହିଁ ନଥିବା ପବନ
ସୁ ସୁ ହୁଏ
ବହେ ତା ଦେହରେ ଘଷିହୋଇ
କଳା ବଉଦ ଭାସିବୁଲେ
ତା ବାଟରେ ରଥପରି
ମତୁଆଲା ଗଛ ପତ୍ର ଝଡାଇ
ଜଣେଇ ଦିଏ ଖବର ।

ଶୁଖିଲା ମାଟିର ଧୂଳି
ମୁହଁ ଲୁଚାଇ ସମର୍ପି ଯାଏ
ଟିପି ଟିପି ଟୋପା
ଭାଙ୍ଗି ଦିଏ
ଧୂଳିର ସ୍ୱପ୍ନ ଗର୍ବ ବାସ୍ତବତା ।

ପଡିଆର ଘାସମାନେ
ଛାତି ଫୁଲାଇ ଶୋଷି ନିଅନ୍ତି
ମେଘର ଶୀତଳତା
ନିଅଣ୍ଟିଆ କ୍ଲାନ୍ତି
ଶୁଷ୍କ ଦେହରେ କ୍ଷୁଧାତୁର
ଭାବନାରେ ଅନ୍ତ ଘଟାଇ
ବହିଆସେ ଯେବେ
ମେଘର ଘନଘୋର ମୁହୂର୍ତ୍ତ ।





ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

# ସ୍ବର ପରିବର୍ତ୍ତନର ...



ଅଭିଷିକ୍ତା ପୃଷ୍ଟି
ଆଠଗଡ଼, କଟକ


ନୂତନ ଭାରତ ଯୁବପିଢ଼ି ଆମେ
ଚାହୁଁଛୁ ପରିବର୍ତ୍ତନ,
କୋଟି ଜନତାଙ୍କ ମଧ୍ୟରୁ ଆସୁଛି
କେତେ ସ୍ୱର ଗୁଞ୍ଜରଣ।। (୧)
ସମାଜରେ କେତେ ଶୋଷଣ ବଢୁଛି
ବଢୁଛି ଦୁଷ୍କର୍ମ କେତେ,
ନ୍ୟାୟ ମାଗି ମାଗି ପୀଡିତା ମରୁଛି
ଜୁଇ ବି ଜଳୁଛି ସେତେ।। (୨)
ଦୁଇ ଚାରିଦିନ ଭାବିବେ, କାନ୍ଦିବେ
ପରଦିନ ଯିବେ ଭୁଲି,
ସେଥିପାଇଁ ପରା ଆମ ଭାରତରେ
ଅପକର୍ମ ଯାଏ ବଢ଼ି।। (୩)
ଦୋଷ କରି ଦୋଷୀ ଖୋଲାରେ ବୁଲୁଛି
ଜନତା ଲାଗନ୍ତି କଳି,
ଖଣ୍ଡି ପଣ୍ଡିତକୁ ରାଜନେତା ପୁଣି
ଶିକ୍ଷିତ ମାରନ୍ତି ତାଳି।। (୪)
ବାଃ ବାଃ ଆମ ନ୍ୟାୟ ବ୍ୟବସ୍ଥାକୁ
ସଲାମ କରୁଛି ମୁହିଁ,
ଆମ ପରି ଦେଶ ଖୋଜିଲେ ହୁଏତ
ଜଗତେ ମିଳିବ ନାହିଁ।। (୫)
ଜାଗି ଅଛି ଆଜି ନାରୀ ସମାଜଟା
ନିଜ ପାଇଁ ଲଢେ କେତେ,
ମାନବ ପ୍ରକୃତି ବଦଳିବ କାହୁଁ
ଦୋଷୀ ଜନ୍ମୁଥାନ୍ତି ସେତେ।। (୬)
ଦୋଷୀକୁ ଏମିତି ଖୋଲାରେ ନଛାଡି
ଫାଶୀଦଣ୍ଡ ଦେଲେ ତାକୁ,
ତେବେ ଯାଇ କରି ଡରିବେ ପାପୀଏ
ଅପରାଧ କରିବାକୁ।। (୭)
ତୁରନ୍ତ ନ୍ୟାୟର ବ୍ୟବସ୍ଥାକୁ ଯଦି
ଆପଣାନ୍ତେ ସରକାର,
ବିନା କାରଣରେ କୋଟି ପରିବାର
ନ ହୁଅନ୍ତେ ଛାରଖାର।। (୮)





ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

# ତୁମ ପରି ବାପା...





**ବିକାଶ ରଞ୍ଜନ ନାୟକ**
(ସମ୍ପାଦକ : "ଆମରି କବିତା" ଇ-ପତ୍ରିକା)
ଦୟାନିଧି ପୁର. ବାଲିମେଦ. ଭଦ୍ରକ.

ତୁମ କୁ ଭୁଲୁ ବୁଝିବି ଦିନେ ନାହିଁ
ତୁମ ଋଣ ଜୀବନେ ସୁଝି ପାରିବି ନାହିଁ.
ତୁମ କୁ ଭୁଲି କେବେ ପାରିବି ନାହିଁ
ତୁମ ବିନା ଭଲ ଲାଗେ ନାହିଁ.
ତୁମ ପରି ବାପା କେହିଁ ନାହିଁ
ଆମକୁ ହସାଇ ନିଜେ ଦୁଃଖେ ରହେ.
ତୁମ ବିନା ଆନ ଗତି ନାହିଁ
ତୁମ ଆଖି ରେ ଲୁହ ଦେବି ନାହିଁ ।
କେମିତି ବଞ୍ଚିବି ମୁଁ ଜାଣି ନାହିଁ
ଫେରି ଆସ, ଭଲ ଲାଗୁ ନାହିଁ.
ତୁମ ଛଡା କେହିଁ ତ ନିଜର ନାହିଁ
ଆମକୁ ଅନାଥ କରି ଯାଅ ନାହିଁ ।
ତୁମ ବିନା ଦିନରାତି ସରୁ ନାହିଁ
ତୁମ କଥା ଭାବି ନିନ୍ଦ ଆସୁ ନାହିଁ.
ତୁମ ପରି ବାପା ଜଗତେ ନାହିଁ
ବୋଉ କହେ ତୁମେ ଆସିବ ନାହିଁ ।

ମହ୍ଲାର ଇ- ପତ୍ରିକା
ଏକ ନୂତନ ଆଶାରେ ପ୍ରାଣ ସଞ୍ଚାର...



ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

# ଚା' ପ୍ରେମ...



**ମମତା ବରର୍ତ୍ତୀ**
ରାଣୀକଟା,ବଲାଙ୍ଗୀର

ସଂପୂର୍ଣ୍ଣ ଦିନଟି ହୋଇଥାଏ କର୍ମତତ୍ପର,
ଯେତେବେଳେ ଚା' କପେ ରୁ
ଆରମ୍ଭ ହୁଏ ଦିନଟିର ।।

ଯେଉଁ ଶାନ୍ତି ଥାଏ କପେ ଚା' ରେ
ବୁଝିବ ଖାଲି ଜଣେ ଚା' ପ୍ରେମିକ,
ନ ପିଇବା ଯାଏଁ ମନ ବୁଝେନି
ଯଦି ନାକରେ ବାଜିଛି ଚା'ର ମହକ ।।

ସକାଳୁ ଖବରକାଗଜ ଲେଉଟା ସହ
ଚା' ପିଇବା ଆରମ୍ଭ ହୁଏ ବୟୋଜ୍ୟେଷ୍ଠଙ୍କର,
ସାଂଗ ସାଥୀଙ୍କ ଖଟିରେ ଚା' କୁ ଜଳଖିଆ
ଶୋଭା ବଢାଏ ଶୁଭ ସନ୍ଧ୍ୟାର ।।



କେତେବେଳେ ମଜା ଲାଗେ
ବିସ୍କୁଟ୍ ଓ ମୁଢି ସହ,
ତ କେତେବେଳେ ସୁଆଦିଆ ଲାଗେ
ରୁଟି ଚକୁଳି ସହ ।।

ଘରକୁ ଆସିଲେ କୁଣିଆ
ବ୍ୟବହାର ଆମ ଚା' କପେ ଦେବା,
ଚା' ଦେବାଠାରୁ ହିଁ ଆରମ୍ଭ ହୋଇଥାଏ
ଆମର ଅତିଥି ସେବା ।।

ବର୍ଷା ପାଗରେ ଚା' କୁ ପକୁଡି
ଲାଗେ ଭାରି ସୁଆଦିଆ,
କିଏବା ନ ଜାଣେ ଚା' ର ସୁଆଦ
ଯଦିବା ପାଟି ହୋଇଥାଏ ପାକୁଆ ।।

ଗୋଟିଏ କପ୍ ଚା' ନିରାଶୀ ମନେ
ଭରି ଦିଏ ଆଶା,
ମନରେ ସତେଜତା ଆଣି
ଜଗାଏ ସ୍ନେହର ଭାଷା ।।



ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

# ଅଫେରା ଅତୀତ...



**ବିଶ୍ୱଜିତା ଭୋଇ**
ରସଲପୁର, ଜଗତସିଂହପୁର

ଜଣାପଡେ ନାହିଁ ଜୀବନ ରାସ୍ତାରେ
କାହିଁକି ଏମିତି ହୁଏ,
ଛାଡ଼ିଯାଇଥିବା ଚିହ୍ନା ରାସ୍ତାଟା ବି
ଜାଣି ଜାଣି କଷ୍ଟ ଦିଏ....!
ନିରୀହ ମନର ନିରୀହ ଯନ୍ତ୍ରଣା
ବୁଝୁଛି ବା ଏଠି କିଏ,
ନିହାତି ନିଜର ଲୋକଟା ବି ଏଠି
ସ୍ୱାର୍ଥରଖି ଭଲ ପାଏ...!!
ନିରେଖି ଦେଖିଲେ ଜୀବନଟା ଏଠି
ଲାଗୁଛି ନିମିଷ ମାତ୍ର,
ନିର୍ଦୟ ହୋଇଛି ମନର ମଣିଷ
ବୁଝେନି ପ୍ରେମର ସୂତ୍ର....!
ନୀଳ ନଦୀ ସାଜେ ଆଖିର ଲୋତକ
ନୀରବତା ହୁଏ ସାର,
ନିଶବ୍ଦରତିରେ ହୃଦୟରୁ ଶୁଭେ
କରୁଣାର ଚିତ୍କାର....!
ଯେବେପଶିଯାଏ ଜୀବନେବୈଶାଖୀ
ପତ୍ରଝଡ଼ା ଦିଏ ମନ ଦିଏ
ଶୋଇଯାଇଥିବା ଅବୁଝା ଅତୀତ
ଟାଣି ଧରିନିଏ ପାଦ...!!





ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

# ଅମର ମୃତ୍ୟୁ...



**ବବୁଲ୍ କୁମାର କବି**
ଭାଷା ଓ ସାହିତ୍ୟ ବିଭାଗର ଛାତ୍ର,
(ଫକୀରମୋହନ ବିଶ୍ୱବିଦ୍ୟାଳୟ),
ବ୍ୟାସ ବିହାର , ବାଲେଶ୍ୱର

ତୁମେ ବାନ୍ଧିପାର ପ୍ରଚୁର ଅର୍ଥରେ
ଦାମିକିଆ ହାତ ଘଡ଼ି ,
ହେଲେ , ବାନ୍ଧିପାରିବନି ସମୟ ସ୍ରୋତକୁ
ଥିଲେବି ଯେତେ କଉଡ଼ି ।

ଏଠି ସମସ୍ତଙ୍କ ପାଇଁ ସମୟ ସମାନ
ସେଇ ଦିନକ ଚବିଶ ଘଣ୍ଟା ,
ସେ ମାନବ ହେଉ କି ହେଉ ମାନବେତର
ବଦଳି ଯିବନି କାଳକଣ୍ଟା ।

ତା' ହିସାବ ନିକିତେ ସଭିଏଁ ସମାନ
କଷିରୁ ପାକଳ ଯାଏଁ ,
କେହି ଖସିଯାଇନାହିଁ କରାଳଗତିଠୁଁ
ଦେବରୁ ଦାନବ ଯାଏଁ ।

ଏ ପୃଥିବୀ ପୃଷ୍ଠରେ ସବୁତ ଅଦ୍ଭୁତ
ଆଲୁଅ ଅନ୍ଧାର ପରି ,
ଜନ୍ମ ଆଉ ମୃତ୍ୟୁ ସବୁଠୁ ଅଦ୍ଭୁତ
ଜଗତ ଦିଏ ପାଶୋରି ।

 କାହାକୁ ଡର କି ନଡ଼ର ସମୟକୁ ଡର
ସତ୍ କର୍ମ କର
ଈଶ୍ୱରଙ୍କୁ ସ୍ମର
ହସି ହସି ମର
ଯଦି ଲଭିବାକୁ ଚାହଁ ମୃତ୍ୟୁରେ ଅମର ।





ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

# ସୁନା ପଞ୍ଜୁରୀର ମୋହ...



**ଉତ୍ତମ କୁମାର ପଣ୍ଡା**
ଉଜାଙ୍ଗ, ରାଜକନିକା, କେନ୍ଦ୍ରାପଡ଼ା

ଦୂର ଆକାଶରେ ଯାଉଥିଲୁ ଉଡ଼ି
ଡେଣା ଝାଡ଼ି ଝାଡ଼ି ତୋର
କିଏ ସେ ଶିକାରୀ ଶିକାର କରିଲା
ମାରି ତୋତେ ପ୍ରୀତିଶର।
ଶର ର ଆଘାତ ସହି ନ ପାରି ତୁ
ହୋଇଗଲୁ ଧରାଶାୟୀ
ଭାବ ତରଣୀରେ ଉଛୁଳା ନଈରେ
ଭାବରେ ଗଲୁ ତୁ ବୋହି।
ସୁନା ପଞ୍ଜୁରୀର ମୋହ ଟା ତତେ ଲୋ
ତା ପାଖକୁ ନେଲା ଟାଣି
ଭାବିଥିଲୁ ତାର ହୃଦୟ ରାଇଜେ
ସାଜିବୁ ତୁ ପାଟରାଣୀ।
ଆଶା କରିଥିଲୁ ରୂପା ଥାଳିରେ ସେ
ଭାତ ନୀତି ଖୁଆଇବ
ସୁନାର ଗିନାରେ କାଟକେନ୍ଦୁ ଜଳ
ନିଜହାତେ ପିଆଇବ।
ହେଲେ ତୁ କି ଜାଣୁ ଶିକାରୀ ମନର
ନୃଶଂସତା କେତେ ଟାଣ
କେଉଁ ଲାଳସାରେ କେଉଁ ଭାବନାରେ
ବିନ୍ଧିଥିଲା ତତେ ବାଣ।
ଅନେକ ଦୂରକୁ ଭାସିଗଲୁଣି ତୁ
ବସିଗଲାଣି ତୋ ଡେଣା
ଉଡ଼ିବାର ସ୍ୱପ୍ନ କାହିଁ ଦେଖୁ ଆଉ
ହୋଇଛୁ ତୁ ବାଟବଣା।
ଉଡୁଥିଲୁ କେତେ ମନ ଆନନ୍ଦରେ
ଖାଉଥିଲୁ ମିଠା ଫଳ
ଡାଳରୁ ଡାଳକୁ ଉଡ଼ି ଘୁରି ବୁଲି
ସରିଯାଉଥିଲା ବେଳ।
ଥିଲୁ ଆକାଶର ମୁକ୍ତ ପକ୍ଷୀ ତୁହି
କାନନ ତୋ ପାଇଁ ସ୍ୱର୍ଗ
ସୁନା ପଞ୍ଜୁରୀର ମୋହରେ ଫସିଲୁ
ଭାଙ୍ଗିଲା ତୋ ଦମ୍ଭ ଗର୍ବ।
ସୁନା ପଞ୍ଜୁରୀର ଆବଦ୍ଧ ଭିତରେ
ହେଉଛୁ ତୁ କଲବଲ
ସରିଯାଇଛି ତୋ ରୂପାଥାଳି ଭାତ
ସୁନାଗିନା ପାଣି ଗଲା।
ଆଉ କି ପାରିବୁ ଡେଣା ଝାଡ଼ି ତୋର
ଖୋଲା ଆକାଶରେ ଉଡ଼ି
ସେହି ବନ୍ଧନର ଚାରିକାନ୍ଥ ମଧ୍ୟେ
ତୋ ପ୍ରାଣ ଯିବ ଲୋ ଛାଡ଼ି।



ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

# ବ୍ୟସକ୍ଷେତ୍ର ଏ କି ହେଲା ?



**ଅଲିଶା ବି.ମହାରଣା**
ଅନନ୍ତପୁର, ସିମୁଳିଆ, ବାଲେଶ୍ୱର

ଲୋ ଚୁଲି, ଲୋ ରେବୀ..
ଲୋ ନିଆଁ ଲୋ
ପ୍ରଶ୍ନ କରେ ଆଜି ବ୍ୟାସ ଙ୍କ ଲେଖନୀ
ତୁ ହାରି ଗଲୁ କିଆଁ ଲୋ....?

ନିଆଁ ଝୁଲରେ
ଆତ୍ମାହୁତି ଦେଲୁ...
ହାରି ଦେଲୁ ନିଜ ଜୀବନ,
ପିଲାବେଳୁ ତୋର
ଇଚ୍ଛା କେତେ ଥିବ
ନିଶ୍ଚେ ଦେଖିଥିବ
କେତେ ସପନ!!

ରକ୍ଷକ ସାଜିଛି
ଭକ୍ଷକ ଆଜି ଲୋ
କାହାକୁ କ'ଣ କହିବୁ,
ଭୁଲିଗଲେ ଗୁରୁ ନିଜର ସ୍ଥାନ...
ଶିକ୍ଷାଦାନ ପ୍ରହସନ ଏଠି..
କେତେବି ଆଉ ତୁ ସହିବୁ!!

କୋଡିଏ ବର୍ଷ ର ଜୀବନ କୁ ତୁ
ନିମିଷକେ ସାରି ଦେଲୁ ଲୋ,
କେମିତି ସହିଲା
ଦଇବ ଏକଥା
ତୋ ମାଆ କୋଳ
ଖାଲି କଲୁ ଲୋ...!!

ଦେଖ ବ୍ୟାସେ ଦେଖ.....
ତୁମ ମାଟି କୁ ପରଖ...
ଶିକ୍ଷକ ସାଜିଛି ପିଶାଚ..
ଅଧ୍ୟାପକ ନୁହେଁ
ସେ ଯୌନ-ଶୋଷକ!!

ତୁମ ରେବତୀ ଆଜି
ପୁଣି ଥରେ ଲଢିଛି
ଲଢି ଥିଲା ପଢିବା ପାଇଁକି,
"ଗୁରୁ- ଶିଷ୍ୟ" ସଂପର୍କ କୁ
ହୀନ କଲେ ଗୁରୁ....
ଏ ମାଟି ଆଜି
କଳୁଷିତ କାହିଁକି....!!

ଦେଖ ଆହେ କବି....
ଦେଖ ହେ ଫକୀର
ପୁଣି ହାରିଲା ରେବତୀ ...
ଜୀବନ ଯୁଦ୍ଧର!!




ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

# ସ୍ୱାଧୀନ...



ପ୍ରିତି ପ୍ରିୟଦର୍ଶିନୀ ସେଣ୍ଠ
ସିରସ୍ତା, ଜଗତସିଂହପୁର

ସଭିଏଁ କୁହନ୍ତି ଆଜି ସ୍ୱାଧୀନ ସ୍ୱାଧୀନ,
ସ୍ୱାଧୀନ ନାମରେ ଆମେ ଅଟୁ ପରାଧୀନ ।।
ଗାଉ ଅଛୁ ଆମେ ଆଜି ଗଣତନ୍ତ୍ର ମନ୍ତ୍ର,
ଗଣତନ୍ତ୍ର ନାମେ ଚାଲେ ଏଠି ରାଜତନ୍ତ୍ର ।।
ଧନୀ ଏଠି ନୂଆ ନୂଆ ଫ୍ଲାଆଟ କିଣୁଛି,
ଖଟିଖିଆ ଲୋକ ଏଠି ଭୋକରେ ମରୁଛି ।।
ପେଟ ପାଇଁ ମା ଏଠି ଛୁଆକୁ ବିକୁଛି,
ଆଉ କେବେ ପୁଣି ଭାଇ ଭାଇ କୁ ହାଣୁଛି ।।
ସ୍ୱାର୍ଥ ପଶାପାଲି ମଧ୍ୟେ ସମ୍ପର୍କ ହାରୁଛି,
ତଥାପି ଏ ମଣିଷ ବୁଝିକି ପାରୁଛି ।।
ରାଜନୀତି ନାମେ ଚାଲୁଥାଏ କୂଟନୀତି,
କେତେଯେ ନିଷ୍ପାପ ପଡିସାରିଲେଣି ବଳି ।।
ଅପରାଧ ଦେଶେ ଶୀର୍ଷ ସୀମା ଲଙ୍ଘିଲାଣି,
ଦେଶ ବାହାରେ ଏହାର ଚର୍ଚ୍ଚା ବଢ଼ିଲାଣି ।।
ହତ୍ୟା, ବଧୂହତ୍ୟା ଆଉ ପୁଣି ବଳାତ୍କାର ସ୍ୱର,
ସ୍ୱାଧୀନତା ଉପରକୁ ଉଠାଉଛି ପ୍ରଶ୍ନ ।।
ଘର ହେଉ ବା ମନ୍ଦିର ଅବା କର୍ମ କ୍ଷେତ୍ର,
କେଉଁ ବି ସ୍ଥାନରେ ନାରୀ ନାହିଁ ସୁରକ୍ଷିତ ।।
ଜାଣି ହେଉନାହିଁ ଏହା କେଉଁ ସ୍ୱାଧୀନତା,
ନ୍ୟାୟ ପାଇଁ ଧାଇଁ ଯହିଁ ଜଳିଯାଏ ଚିତା ।।
ଆଦର୍ଶରେ ଉର୍ଦ୍ଧ ଥିଲା ଦିନେ ମୋର ଦେଶ,
ରାଜନୀତି ପଶା ତଳେ ସବୁ ହେଲା ଶେଷ ।।
ବୁଝି ହେଉନାହିଁ ଆମେ କିପରି ସ୍ୱାଧୀନ,
ମୋ ମତରେ ଆଜି ମଧ୍ୟ ଆମେ ପରାଧୀନ ।।





ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

# କଇଁ ଅପା ବଞ୍ଚିଛି...



ପ୍ରତିମା ବିଶ୍ୱାଳ
ତିରଣ,ଜଗତସିଂହପୁର

ସ୍ୱପ୍ନ କେବେ କାହା ପାଇଁ ରୂପାଝରା ଜହ୍ନରାତି ମତୁଆଲି କୁଆଁରୀ ଆଖିର ନିଦରେତ, କେବେ ପୁଣି କାହା ପାଇଁ ପାଲଟିଯାଏ ଶ୍ରାବଣ ଆକାଶେ ଧାର ଧାର ମେଘର ଲୋତକ, ଛାତିର ଅଦେଖା କୋହରେ ।ଫୁଲ ଦେହେ ଏତେ ରଙ୍ଗ କିଏ ସେ ମାଖିଲା ଯେ ବିଭୋର ପଥକ ଘଡି ଘଡି ଫେରି ଗୃହେଁ । କାହିଁକି ଏ ପ୍ରକୃତି ଏତେ ସୌନ୍ଦର୍ଯ୍ୟମୟୀ । କେଉଁ ବିନ୍ଧାଣୀ ଗଢିଲା ଏ ବିଶ୍ୱକୁ ଯାହାର ଶୋଭା ବର୍ଣନା କରିବାକୁ ଭାଷା ନାହିଁ ଲେଖନୀ ମୁନରେ । ପ୍ରକୃତି ଓ ଫୁଲ ଏମାନେ କବି ଲେଖକମାନଙ୍କ ହୃଦୟକୁ ଚୋରିକରି ଚୁପି ଚୁପି ହସନ୍ତି, ନୁହେଁକି ? ପ୍ରକୃତି ଓ ଫୁଲ ଝିଅମାନଙ୍କର ଇର୍ଷାର କାରଣ । ତଥାପି ରୂପସୀ ଝିଅମାନଙ୍କୁ ପ୍ରକୃତି ଓ ଫୁଲ ସହିତ ତୁଳନା କରି ଲେଖାହୁଏ ପୃଷ୍ଠା ପୃଷ୍ଠା ପ୍ରେମର ଇତିହାସ । ଆମ ଗାଁ କଇଁ ଅପା ଏତେ ସୁନ୍ଦରୀ ହେଲା ଯେ, ପାନ ଦୋକାନୀଠାରୁ ରିକ୍ସାବାଲା ଯାଏ ହଳିଆଠାରୁ ହର ଭାଇ ଯାଏ ତାକୁ ସମସ୍ତେ ପ୍ରେମ କରି ବସିଲେ । କିଏ କହିଲା ତା ହାତ କାଟି ରକ୍ତରେ ଲେଖିବ ପ୍ରୀତିର ଅସରନ୍ତି ଚିଠି । ଆଉ ପୁଣି କିଏ କହିଲା ତା ପାଇଁ ରାଜ ଉଆଁସ ଛାଡି ଯୋଗୀ ହୋଇ ଲାଉ ଥାଳ ଧରି କେନ୍ଦେରା ବଜେଇ ଏ ଦାଣ୍ଡରୁ ସେ ଦାଣ୍ଡ ଭିକ୍ଷା ମାଗି ବୁଲିବ ।

କଇଁ ଅପାର ବୋଉ ବନି ଖୁଡି ତାକୁ ଗୋଡେ ଗୋଡେ ଜଗିଥାଏ । ସବୁ ବେଳେ ତା କାନେ କାନେ କୁହେ –ତୁ ନଇ ତୁଠକୁ ଏକାଟିଆ ଗାଧୋଇ ଯିବୁନି, ଟିକିଏ ପାଦ ଖସିଗଲେ । ସେଠି ଭୟଙ୍କର କୁମ୍ଭୀରମାନେ ଗିଳିଦେବେ । ଆମ୍ବ ତୋଟାକୁ ଖରାବେଳେ ଯମାରୁ ଯିବୁନି, ସହର ଯିବୁନି କି ମନ୍ଦିର ଯିବୁନି । ଯେତିକି ପାଠ ପଢିଲୁ ସେତିକି । ତୁ ସୁନ୍ଦରୀ ହେଲୁନି ଯେ ନିଜ ଜୀବନକୁ ବିପଦ ଡାକି ଆଣିଲୁ । ଗୋଟେ କଥା ସବୁବେଳେ ମନେରଖିବୁ ଏ ପୁରୁଷ ଜାତିଙ୍କୁ ଜମାରୁ ବିଶ୍ୱାସ କରିବୁନି । ମିଛ ସତ କହି ଫୁସୁଲେଇବେ । ଭଅଁର ସାଜି ମଧୁ ଲୁଟି ନେବେ । ତୋତେ ଶୋଷିଦେଇ ଫୁରକିନା ଉଡିଯିବେ । ସେତେବେଳେ ବୋଉ କଥା ଗୁଡାକ କଇଁ ଅପାକୁ ବିଷ ଭଳି ଲାଗେ । ମନେ ମନେ ସେ ତା ବୋଉ ଉପରେ ଭାରି ବିରକ୍ତ ହୁଏ । ଖାଲି ଉଣ୍ଡୁଥାଏ ସମୟକୁ । ବୋଉ କୁଆଡେ ଟିକେ ବିଲ ବାଡି କାମରେ ଗଲେ, ସେ ମୁକୁଳି ବାହାରି ଆସେ ପଞ୍ଜୁରୀରୁ । ଧାଇଁ ଯାଏ ଗାଁ ଶେଷ ମୁଣ୍ଡ ନିଛାଟିଆ ଆମ୍ବ ତୋଟାକୁ । ଗାଁର ଅନ୍ୟ ଯୁବକ ମାନେ ତାକୁ ଭଲ ପାଇଲେ ବି, ସେ ଭଲପାଏ ହର ଭାଇକୁ । ମନ, ହୃଦୟ ଦେହ ସବୁ କିଛି ଅରପିଦିଏ ନିଜ ମନର ମଣିଷ ଭାବି । ଆମ୍ବ ତୋଟାରେ କେଉଁ ଗୋଟେ ଆମ୍ବ ଗଛକୁ ଦେବତା ସଜେଇ ହରଭାଇ ତା ହାତ କାଟି ରକ୍ତର ସିନ୍ଦୁର ପିନ୍ଧେଇ ଦିଏ କଇଁ ଅପା ମଥାରେ । ଆର ମଗୁଶୁରକୁ ନିଶ୍ଚିତ ତା' ପରିବାର ଲୋକଙ୍କୁ ଜଣେଇ ବଧୂକରି ନେବ ତା ଅଗଣାକୁ । ହରଭାଇ ତା ବାପା ବୋଉଙ୍କୁ ତା ଭଲପାଇବା କଥା କହିଥିଲା । ସେମାନେ ସଫା ସଫା ମନା କରିଦେଲେ । କହିଲେ କଇଁର ବାପା ଆମ ଆମ ଘରେ ମଜୁରୀ ଲାଗି ଚଳୁଛି । ତୁ ପୁଣି ତାରି ଝିଅକୁ ବାହାହୋଇ ଆମ ଇଜ୍ଜତ ତଳେ ପକାଇବୁ । ସୁଧୁରି ଯା ତୋ ପାଇଁ କେତେ ଧନୀ ଘର ଝିଅମାନେ ଆସି ଆମ ଘରେ ଧାରଣା ଦେବେ । ହର ଭାଇ ବାପା ବୋଉଙ୍କ କାନ କୁହାରେ ଭୁଲିଗଲା କଇଁ ଅପାକୁ । ସବୁ ପ୍ରତିଶ୍ରୁତି ପ୍ରତାରଣାରେ ପରିଣତ ହେଲା । ତା' ହାତ କାଟି ପିନ୍ଧେଇ ଥିବା ରକ୍ତର ସିନ୍ଦୁର କଇଁ ଅପା ମଥାରେ ସବୁ ଦିନ ପାଇଁ ସାଇତି ରଖିଲା ।



ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

କଇଁ ଅପାଖାଲି ସିନ୍ଦୁର ପିନ୍ଧି ନଥିଲା । ହୃଦୟର ଦେବତା ହର ଭାଇକୁ ତା’ କୁଁଆରୀତ୍ୱ ସମର୍ପିଦେଇ ମା’ ହେଲା । ଗାଁ ଲୋକଙ୍କ ଅପବାଦ ସହି ଛାତିକୁ ପଥର କରି ଏକ ପୁତ୍ର ସନ୍ତାନ ଜନ୍ମ ଦେଲା । ସମସ୍ତେ ନାକ ଟେକିଲେ । ଏକ ଘରିଆ କଲେ । ...ଧ ବୋଲି ଡାକିଲେ । କଇଁ ଅପାର ବାପା ବୋଉ ଦି'ଟା ତାରି ଚିନ୍ତାରେ ରୋଗରେ ପଡି ଆର ପାରିକୁ ଗଲେ । ହର ଭାଇ ବାପା ବୋଉଙ୍କର ସୁନା ପୁଅ ହୋଇ ବିବାହ କଲା । ଏକ ରାଜ ଜେମାକୁ । ଭାରି ସୁଖରେ ଅଛି ପିଲା ଛୁଆ ସଂସାର ଗଢି । ବେଧଡକ ଜୀବନ ଜୀଉଁଛି । ହେଲେ କଇଁ ଅପା, ଜୀବନରେ ସୁଖ କ'ଣ ଖୋଜିବାକୁ ସମୟ ନାହିଁ । ପର ଘରେ ପାଇଟି କରୁଛି କାହା ଅଇଁଠା ବାସନ ମାଜୁଛି ତ କାହା ମଇଳା ଲୁଗାପଟା ସଫା କରୁଛି । ତା'ର ସେଇ ଅଣ ବାପୁଆ ଛୁଆଟିକୁ ପାଠ ପଢେଇ ମଣିଷ କରିବ ବୋଲି । ହେଲେ କଇଁ ଅପା କପାଳ ଫଟା । ଈଶ୍ୱର ତା ପାଇଁ ଆଜି ପଥର ପାଲଟି କେବେ ଟିକେ ଖୁସି ଆଣି ଦେଲେନି । ତା ପୁଅ ବଡ ହେଲା ପରେ ସବୁ ସତ କଥା ପଚାରୁଛି । କାହିଁକି ନା ଗାଁ ଠାରୁ ସ୍କୁଲ ଯାଏ ସମସ୍ତେ ପଚାରୁଛନ୍ତି ତା ବାପାର ନାଁ । ମା' ତାର ମଥାରେ ସିନ୍ଦୁର ପିନ୍ଧୁଛି । ଅଥଚ କହି ପାରୁନି ତା’ ବାପା କିଏ ବୋଲି । ପୁଅ ସବୁ ସତ ଜାଣିଲା ପରେ କଇଁ ଅପାକୁ ଘୃଣା କଲା । ମା’ ପାଇଁ ସେ କାହିଁକି ତା’ ଜୀବନକୁ  ନର୍କ କରିଦେବ । ଦିନେ ସକାଳୁ ଉଠିଲା ବେଳକୁ ବିଛଣାରେ ପୁଅ ନାହିଁ । ଚିଠିଟିଏ ଲେଖି ଥୋଇ ଦେଇ ଯାଇଛି । ମା’ ମୁଁ ଆଉ ତୋ ପାଖରେ ରହି ପାରିବିନି । ବାର ଲୋକଙ୍କ ବାର କଥା ଶୁଣି ଆଉ ସହି ହେଉନି । ଏ ଗାଁ ଛାଡି ଏକ ଅଜଣା ସହରକୁ ଚାଲି ଯାଉଛି । ଯେଉଁ ସହରରେ ମୋତେ କେହି ଚିହ୍ନି ପାରିବେନି କି ପରିଚୟ ମାଗିବେନି । କିଛି କାମ ଧନ୍ଦା କରି ପେଟ ପୋଷିବି । ବିବାହ କରି ସୁଖ ଶାନ୍ତିରେ ରହିବି । ଗାଁରେ ରହିଲେ କେବଳ ତୋ’ରି ପାଇଁ ମୁଁ କୌଣସି ଭଲ ଘର ଝିଅକୁ ବାହା ହୋଇ ପାରିବିନି । ପୁଅର ଚିଠି ପଢି କଇଁ ଅପା କାନ୍ଦି ପାରିଲାନି । ତା ଆଖିରେ ଆଉ ଲୁହ ନଥିଲା । କିନ୍ତୁ ପୁଅ କଥା ଭାବି ତା ନିଜ ପ୍ରତି ଘୃଣା ଆସୁ ଥିଲା । ତା’ ବିବେକ ଆତ୍ମାକୁ ପଚାରି ଚାଲିଥିଲା ।ସେ ଏତେ ବଡ ଭୁଲ୍ କାହିଁକି କଲା । ଯୌବନର ଉନ୍ମାଦନାରେ ଭାସି ଯାଇ କ୍ଷଣିକ ଦୈହିକ ସୁଖ ପାଇଁ ଯେଉଁ ଭୁଲ କଲା ତା’ ସାରା ଜୀବନର ଖୁସିକୁ ହରେଇ ଟିକିଏ ବଂଚିବା ପାଇଁ ଏଠି କେତେ ସଂଘର୍ଷ କରିବାକୁ ପଡୁଛି । ଅନୁତାପରେ ପାପ ଧୁଏନା । ହରଭାଇ ନିଜକୁ ବଞ୍ଚେଇ କଇଁ ଅପାକୁ ଠେଲିଦେଲା । ଅପବାଦର ଦାଣ୍ଡରେ । ତମାମ ଯନ୍ତ୍ରଣାକୁ ଆକଣ୍ଠପାନ କରି ସେ ବଂଚିଛି । ନିଜେ ଜାଣେନା ଅବଶିଷ୍ଟ ଆୟୁଷ ତା’ର କେମିତି କଟିବ । ସେଇ ଦିନ ଠାରୁ ଏ କଇଁ ଅପା କେବେ ଯେବେ ଗାଁ'ରେ ବଢିଲା ପୁଅ ଝିଅଙ୍କୁ ନିଛାଟିଆ ନିରୋଳା ଜାଗାରେ ଏକାଠି ଦେଖେନା, ତା ଛାତିରେ ନିଆଁ ଲାଗିଯାଏ । ଅଭଦ୍ର ଭାଷାରେ ଗାଳି ଗୁଲଜ କରେ । ସେ ଋହେଁନା ଅନ୍ୟ ନିରିହ ସରଳ କଇଁମାନେ କେବେ ଆଉ ତା’ପରି ଭୁଲ କରି ଶାସ୍ତି ପାଆନ୍ତୁ । ହରଭାଇ ଭଳି ଯୁବକମାନଙ୍କ ମିଛ ପ୍ରେମରେ ଭାସିଯାଇ ବିଶ୍ୱାସରେ ନିଜ ଦେହକୁ ସମର୍ପି ଦିଅନ୍ତୁ । ସେ ସମସ୍ତ ଯୁବତୀମାନଙ୍କୁ ହାତ ଯୋଡି ନିବେଦନ କରେ ଆସକ୍ତିରେ ନପଡି ସର୍ଗୀୟ ପ୍ରେମ କ’ଣ ଉପଲବ୍ଧି କରି ଜୀବନକୁ ଉପଭୋଗ କରିବାକୁ ।



ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

# ଶେଷ କବିତା...



**ଶାନ୍ତା କୁମାରୀ ନନ୍ଦ**
ମାସଁଡା, ଅରେଇ, ଯାଜପୁର

ଜୀବନର ଶୁନଶାନ୍ ରାସ୍ତାରେ,
ସାଗରର ଅନ୍ତହୀନ ବେଳାଭୂମିରେ...
ନିର୍ଜନ ନିସ୍ତବ୍ଧ ମଧ୍ୟାହ୍ନର କୋଳେ...
ଖାଲି ଯାହା ଶୁଭେ ନିଜର ଦୀର୍ଘଶ୍ୱାସ ।
ନା କେହି ଜନ ନା ଆତ୍ମୀୟ ସ୍ୱଜନ...
ଛାଇ ବି ପର କରିଦେଇ ଚାଲିଗଲା ପରେ....
କବିତା ଗୋ...
ଟିକେ ବିଶ୍ରାମ ନେବାକୁ ଆଶା କରିଥିଲି,
ମୁଁ ତୁମରି କୋଳରେ ।
କହିବାକୁ ଚାହିଁଥିଲି ଅନ୍ତର୍ବେଦନା ସବୁ ତୁମରି ପାଖରେ...
ଅସରାଏ ଲୁହକୁ ଢାଳି ଦେଇଥାନ୍ତି ତୁମରି ପାଦରେ ।
କବିତା ଗୋ...
ଆଘାତ ପାଇଲି ମୁଁ ତୁମଠୁ ବି ଶେଷରେ,
ଆଞ୍ଜୁଳାଏ ସ୍ମୃତି ଖଣ୍ଡିଆ ଘାଆରେ...
ଚୂନ ବୋଲିଦେଇ ଯିବା ପରେ,
କଳଙ୍କିତ ଚନ୍ଦ୍ରମା ସାଜି ରହିଗଲି ମୁଁ,
ରାତ୍ରିର କାଳିମାରେ ।
ଆକାଶର ଘନ ବାଦଲରୁ...
ଖୁସିର ବୁନ୍ଦାଟେ ଝରୁଥିବା ବେଳେ,
ସାଗର ଗର୍ଭରୁ ମାଡ଼ି ଆସୁଥିବା ଅଶାନ୍ତ ତୋଫାନ...
ଆଶାର ସେହି ବୁନ୍ଦାକୁ ବାହି ନେଇଯିବା ପରେ,
ଅସ୍ତଗାମି ରବିଙ୍କ ତାଳେ ତାଳେ,
ଚାଲୁ ଚାଲୁ ଜାଣିନାହିଁ କେବେ ପହଞ୍ଚିଗଲି,
ମୁଁ ମଶାଣି ରାସ୍ତାରେ ।
ଜଳୁଥିଲେ କେହି ଜୁଇର ନିଆଁରେ...
ମୃତ୍ୟୁଠାରୁ ଧାର ଆଣିଥିବା ସମୟତକ,
ସରିଗଲା ପରେ...
ବିରହର ସେହି ପ୍ରହରରେ,
ସାହି ପଡିଶା କୁଟୁମ୍ବଙ୍କ କ୍ରନ୍ଦନ ଆଉ..
ପିଲା ଛୁଆଙ୍କ କଇଁ କଇଁ କ୍ରନ୍ଦନ
ଭିତରେ...
ଶୁଭୁଥିଲା ପକ୍ଷୀକୁଳ ସାଥେ,
ସମଗ୍ର ପ୍ରକୃତିର କ୍ରନ୍ଦନର ସ୍ୱର...
ପୃଥିବୀଠାରୁ ସୂର୍ଯ୍ୟଙ୍କ ବିରହ
ବେଳାରେ ।
ହଠାତ୍ ଶୁଭେ ପୁଣି ବାସ୍ତବତାର
ଅଟ୍ଟହାସ୍ୟର ସ୍ୱର..
କେତେ ଧାଉଁଛୁ ତୁ ମରୀଚିକା
ପଛରେ ??
ଛାୟା ଛାଡିଯିବ, କାୟା ଛାଡିଯିବ,
ବୁଦ୍ଧି ବିବେକ ବି ବାଟବଣା ହେବ....
ଛାଡିଯିବ ପୁଣି ଆତ୍ମା ।
ମଣିଷ ନୁହେଁ ତୁ ପ୍ରେତ ବୋଲାଇବୁ,
ଆତ୍ମା ହେବ ପରମାତ୍ମା ।।



ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

# ନିଜକୁ ଖୋଜୁଛି...



**ତାରାପ୍ରସାଦ ଜେନା**
ରଣପୁର, ନୟାଗଡ଼

ନିଜ ଭିତରେ ମୁଁ ନିଜକୁ ଖୋଜୁଛି
ସ୍ମୃତି ଖାଲି ଉଖାରୁଛି
ହସ କାନ୍ଦ ସହ ଭଲ ମନ୍ଦ କେତେ
ମନ ମାରି ବାହାରୁଛି
ନିଜ ଭିତରେ ମୁଁ ନିଜକୁ ଖୋଜୁଛି..... | ୦ |

ଜୀବନ ନାଟକ ଅନ୍ତିମ ଆଣୁନି
ନାମାଙ୍କିତ ପରିଚୟ
ଯାହାବି କହିଲେ ଦୁନିଆ ବୁଝୁନି
ଅସଙ୍ଗତ ଅଭିନୟ,
ଛଳନା ବିଶ୍ୱାସ ଉଶ୍ୱାସ ତୁଟୁଛି
ଶୂନ୍ୟତାରେ ପହଁରୁଛି
ନିଜ ଭିତରେ ମୁଁ ନିଜକୁ ଖୋଜୁଛି..... | ୧ |



ଆପଣା ପରକୁ ଚିହ୍ନିବା ଛାଡୁଛି
ବୁଝାମଣା ଅସ୍ୱୀକାର
ଅଭାଗା ପଣରେ ଛାତିକୁ ପିଟୁଛି
ବଂଚିବାର ସ୍ୱାଧିକାର,
କିଏସେ କାହାଠୁ କେମିତି ଜଳୁଛି
ନିରୀହତା ପଚାରୁଛି
ନିଜ ଭିତରେ ମୁଁ ନିଜକୁ ଖୋଜୁଛି..... | ୨ |

ଭାବର ମଣିଷ ଅଭାବେ ପଡୁଛି
ନିଃସଙ୍ଗତା ଅକାରଣ
କାରୁଣ୍ୟ ସତେକି ଦାରୁଣ ଯନ୍ତ୍ରଣା
ଅନ୍ତରଙ୍ଗ ଉଚ୍ଚାରଣ,
ପାପର ପୁଣ୍ୟର ଅଙ୍କ କଷିବାରେ
ଭାବାନ୍ତର ସଂଚରୁଛି
ନିଜ ଭିତରେ ମୁଁ ନିଜକୁ ଖୋଜୁଛି..... | ୩ |



ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

# ସମୟ ବଡ଼ ବଳବାନ...



**ଶିବରାମ ନାୟକ**
ବାଇଶିପଲ, ଗଞ୍ଜାମ

କେତେ ଖାରବେଳ ଅଶୋକ ସମ୍ରାଟ
କେହି ନେଇନେ କି ନେବେ ନାହିଁ,
ମିଛରେ କାହିଁକି ମୁଁ ମୋର ବୋଲି
ବୀର ଦର୍ପରେ କହୁଛ ଛାତି ଫୁଲେଇ?
ଯେଉଁ ଶରୀରକୁ ମୋର ବୋଲି କହି
ସବୁ ହେୟ ମଣି କରୁଛୁ ତୁମେ ଏତେ ଗର୍ବ
ଯେବେ ଶେଷ ନିଃଶ୍ୱାସଟା ଧୋକା ଦେଇଦବ;
ଅଛୁଆଁ କହିବେ, ନଥିବ ସେ ବୀର ଦମ୍ଭ ।
ଧନ,ଜନ,ଯୌବନ କେବେ ଚୀର ସ୍ଥାୟୀ ନୁହେଁ
ଏହା ସବୁ କେବଳ କ୍ଷଣିକ ପାଇଁ,
ମୋର,ମୋର କହି ଧର୍ମକର୍ମ ଛାଡ଼ି
ସଡରିପୁ ପଛେ ଅକ୍ଳାନ୍ତ ପରିଶ୍ରମ କାହିଁ?
ସମୟ ଟା ଯେବେ ପ୍ରତିଶୋଧ ନେବ,
ତେବେ କେହି ପିଠିରେ ପଡ଼ିବେ ନାହିଁ
କିଛି ସମ୍ପର୍କ ଯେ ହେବ ଲୋକ ଦେଖାଣିଆ
ଆଉ କିଛି ଅସମୟେ ରହିବେ ସାଥୀ ହୋଇ ।
ଏହିତ ଜୀବନ ସୁଖ ଦୁଃଖ ଭରା,
କେବେ ଅଦିନେ ଯାଉଁଳି ଯିବ !
ସଂସାର ର ରଙ୍ଗମଞ୍ଚ ରେ ଅଭିନୟ ଆମ
ଶେଷ ହେବା ପୂର୍ବରୁ କିଛି ଛାପ ଛାଡ଼ିଦେବ ।
କେବେ ଯନ୍ତ୍ରଣା ଆଘାତ, ତ କୋହ ଭରା ଛାତି
ଏ ସବୁ ସମୟର ଖେଳ ଟିଏ ପରି,
ହଜାରେ କଷ୍ଟ ପରେ ମଧ ଯିଏ ହସିଥାଏ
ସେହିଁ ହିଁ ସମୟ ଟା ଆଗେ ଯାଏ ହାରି ।
ହାତ ପାପୁଲିର ରେଖା ଅଜଣା ସେ ଅଙ୍କାବଙ୍କା
ଦେଖୁ ହୁଏ ସିନା ବୁଝି ହୁଏନାହିଁ,
ଯାହା ସମୟର ଇଛା ମଣିଷ ମାତ୍ର ମାଧମ
ଟାଣଇ ଯେଣିକି ଦଉବ ତେଣିକି ଯାଇ ।
ମଣିଷ ରହେନା ସର୍ବଦା ମହୀରେ
ତା'ର କର୍ମ ରହେ ଚିର ଆମର,
କେତେ ଆସିଥାନ୍ତି କେତେ ଯାଇଥାନ୍ତି
କେବଳ ସମୟ ଖୋଲେ ତା ଗୁମର ।।





ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

# ଅଲିଖିତ ପୃଷ୍ଠା...



**ଲୋପାମୁଦ୍ରା ମଳିକ**
ରଣସାହି, ବାଲେଶ୍ୱର

ଦୁଃଖ ଯେବେ ଆସେ ଠେଲି
ସୌନ୍ଦର୍ଯ୍ୟ ମିଶା ଦଦରା କଙ୍କାଳକୁ ମାଡ଼ି
ନିଶବ୍ଦ ସେ ପିତାର କୋହ
ଯେଉଁଦିନ ଝିଅକୁ ପଠାଇଲା ବାଣୀବିହାର ।
ଭେଜାଲ ମିଶା ପୃଷ୍ଠାରେ
ସପନ ସବୁ ଅସଂଯତ, ଅଚରିତାର୍ଥ
କିଏ ଜାଣେ, ଡିହ ଖଣ୍ଡିକ
ବନ୍ଧକ ରଖି ମିଞ୍ଜିରା ସାହୁକାର ପାଖେ
ଆଣିଥିଲା କେତେ କରଜ ?
ବୋଉର ଶେଷ ସନ୍ତକ
ସେ ବାହୁଟି ଖଣ୍ଡିକ
ପୁଲାଏ ଅନିଚ୍ଛାକୃତ ଇଚ୍ଛା ପାଇଁ ଦେଲା ବିକି
ତଥାପି ସେ ଲେଞ୍ଜୁରା ଆଖିରେ
ମେଞ୍ଚାଏ ସ୍ୱପ୍ନ ଦେଖି
ସାହୁକାର ପାଖେ ମାସକୁ ମାସ ଦିଏ ସୁଧ ଗଣି ।
ବୋଉ କହେ,
ବାଣୀବିହାରର ଅମାନିଆ, ଅସ୍ଥିର, ଅଚଞ୍ଚଳ ପାଣିପାଗ
ତୋର ସେହି ସଫେଦ ପୃଷ୍ଠାରେ
ଯେପରି ଯବନିକା ପକାଇ ନ ଦେବ ।





ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

# ଅଧା ଗଢ଼ା ସ୍ୱପ୍ନ ...



**ବୁଦ୍ଧିରାମ ବେହେରା**
ଗୋବରା, ଗଞ୍ଜାମ

ହଜି ଯାଇଛି ଯେବେ ତା'ର ସ୍ୱପ୍ନ
ଖୋଜି ବୁଲୁଥାଏ ଅନିଦ୍ରା ଆଖିଟି
ଧରଣୀର ବୁକେ ତଳେ
ଆଙ୍କିଥିବା ସ୍ୱପ୍ନର ମୂର୍ତ୍ତିଟି
କେଉଁଠାରେ ଅଧା ଗଢ଼ା ରହିଗଲା ?
ପୁଣି ଇଚ୍ଛା ହୁଏ ତୁମ ସହ ବସି
ଗୋଟିଏ ବେଞ୍ଚରେ,
ଶୁଣିବି ତୁମ କଥା
ତୁମ ଅତୀତର କଥା ଆଉ ଆଗାମୀ ଚିନ୍ତା
ଚେଷ୍ଟା କଲି, ବୋଧ ହୁଏ ବୁଝିବାକୁ
ନିଜକୁ ଅବୁଝା ଖାଲରେ ଛନ୍ଦି
ତୁମକୁ ଜାଣିବାକୁ ଚେଷ୍ଟା କଲି
ଆଉ ଖସଡ଼ା ବାଲିରେ ପାଦ ଦେଲି
ସେଇ ବେଞ୍ଚ ଏବେ ବି ଅଛି
ହେଲେ ରୁଗଣ୍ ଅବସ୍ଥାରେ,
କିନ୍ତୁ, ଲିଭି ନାହିଁ ଆଙ୍କିଥିବା ଚିତ୍ରଟି
ସତେଜ ଅଛି ଆଉ ତୁମରି ସେହି ଶେଷ ପଦ
ପୁଣି କେବେ ଦେଖା ହେବା ମୋ ଅତୀତ...।।





ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

# ରାକ୍ଷୀ ଭାଇ ହେବ ଏମିତି ...




**ଉମାକାନ୍ତ ଦାସ**
ଲାଲବାଗ,ଖାନନଗର,ମଙ୍ଗଳପୁର,
ଯାଜପୁର

ପବିତ୍ର ରାକ୍ଷୀକୁ ସମ୍ମାନ ଦିଅନ୍ତୁ
ଭାଇ ହାତେ ରାକ୍ଷୀ ବାନ୍ଧି,
ମାତୃ ଗର୍ଭ ଭାଇ ଭଉଣୀ ସୁରକ୍ଷା
କରୁ ସୂତା ଖଣ୍ଡେ ପିନ୍ଧି।।

ସମ୍ପର୍କୀୟ ଭାଇ ଏ ଯୁଗରେ ନାହିଁ
କେହି ହୁଅ ନାହିଁ ଛନ୍ଦି,
ଶେଷେ ଅପବାଦ ମୁଣ୍ଡେଇ ବୁଲିବ
ପ୍ରେମ ଫାଶେ ହେବ ବନ୍ଦି।।

ବଳି ହାତେ ରାକ୍ଷୀ ଲକ୍ଷ୍ମୀ ମାତା ବାନ୍ଧି
ଭାତୃତ୍ୱକୁ କଲେ ସନ୍ଧି,
ରାକ୍ଷସ ହେଲେବି ଭଉଣୀ ବଚନେ
ପକାଇ ଥିଲେ ସେ କାନ୍ଦି।।

ଭକତିରେ ବଳି ଲକ୍ଷ୍ମୀଙ୍କ କାନ୍ତଙ୍କୁ
ଦ୍ୱାରେ ରଖିଥିଲେ ଛନ୍ଦି,
ଲକ୍ଷ୍ମୀଙ୍କର ବାକ୍ୟେ ଶ୍ରୀହରିଙ୍କୁ ବଳି
କରି ଦେଇଥିଲେ ମୁକ୍ତି।।

ଆମ୍ବ କାଟୁ କାଟୁ କୃଷ୍ଣଙ୍କ ଆଙ୍ଗୁଠି
କାଟିଦେଲା ଖିଲିକାତି,
ଅଷ୍ଟ ପାଟରାଣୀ ସେବା କରିଲେନି
ସେବିଲେ ସଖି ଦ୍ରୌପଦୀ।।

ପାଞ୍ଚାଳୀ ପଣତ ହସ୍ତେ ଚିରି ଦେଇ
କୃଷ୍ଣ ହାତେ ଦେଲେ ବାନ୍ଧି,
ବିବସ୍ତ୍ର ସମୟେ କୋଟି ବସ୍ତ୍ର ଦେଲେ
ଲଜ୍ୟାରୁ ଦ୍ରୌପଦୀ ମୁକ୍ତି।।

ବଳି,କୃଷ୍ଣ ପରି ଯେ ହୋଇବ ଭାଇ
ଭଉଣୀ ହେବେନି ଭ୍ରାନ୍ତି,
ଧରିତ୍ରୀ ବକ୍ଷରେ ଧର୍ଷଣ ହେବନି
ବସୁଧା ହୋଇବ ଶାନ୍ତି।।





ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
MSME UDYAM-OD-13-0044620

# ମୋ ଗାଁ'...



**ସିଲଭାରାଣୀ ଧଳ**
ନରଣପୁର, ବିଞ୍ଝାରପୁର, ଯାଜପୁର

ତୁମ ସହର ଠୁ ମୋ ଗାଁ ବେଶ୍ ଭଲ
  ତୁମ -ସହରକୁତ ସୁନ୍ଦରକରେ କିଛି ଲିଟୁ  ଲାଇଟ୍
ହେଲେ ମୋ ଗାଁ -ଡିବିରୀ 'ଆଉ ଲଣ୍ଠନ ରେ  ଖୁବ୍
ମନ ଲୋଭା  ,,

ତୁମ -ସହରରେ  ଥାଇପାରେ ବଡ଼ ବଡ଼ ପାର୍କ ସବୁ
ଆସ ଥରେ ବୁଲିଯିବ ମୋ ଗାଁ, ର ନଈପଠା
ମନ୍ଦିର.. ଧାନ ବିଲ.

ତୁମ -ସହରରେ (ଜିନ୍ସ ଟପ୍ସ )ପିନ୍ଧା ସୁନ୍ଦରୀଙ୍କର କମି ନାହିଁ ସତ
ଥରେ ଦେଖିଯାଅ ମୋ -ଗାଁ ର ସେ ଚୁଡିଦାର ପିନ୍ଧା ରିବନ ବନ୍ଧା ବେଣୀ )ଗାଉଁଲି ଝିଅଙ୍କୁ..
ତୁମ -ସହରରେ  ଦାମୀ ଗାଡିର ଦାମୀ ଘରର ଅଭାବ ନାହିଁ
କିନ୍ତୁ ମୋ ଗାଁ ର (ଚାଳି ଘର ମିଞ୍ଜି ମିଞ୍ଜି ଜଳୁଥିବା ବତୀ
ଶଗଡ଼ ଗାଡି,ନୌକା )ଦେଖିଯା ଥରେ



ତୁମେତ ଗ୍ୟାସ୍ ଚୁଲାରେ ରନ୍ଧା ହଉଥିବା
ଖାଇବା ସବୁବେଳେ ଖାଉଛ   ଆସ ଥରେ
ମୋ ମା ହାତ ରନ୍ଧା ଚୁଲିରେ ତିଆରି ଖାଇବା ଖାଇନବ
ହୁଏତ ତୁମ ସହରର. ଦାମିଖାଇବା,,ପିଜା.ବର୍ଗର.. ମୋ ଗାଁ ରେ ମିଳିବନି..
କିନ୍ତୁ ମୋ ମା ହାତରେ ଗଢ଼ିଥିବା ଚକୁଳି ତୁମ ପିଜା ବର୍ଗର ଠୁ ଅନେକ ଆନନ୍ଦ ଦିଏ,
ଏବେ କୁହତ କିଏ ସୁନ୍ଦର,  ତୁ ସହର ନା ମୋ ଗାଁ ?




ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ,  ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ,  ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ,  ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

# ବିଶ୍ୱକାରିଗର...



ସୁଦାମ ସୁନା
କଦଳୀ ପାଲି, ସୋନପୁର

ବିଶ୍ୱକାରିଗର ତୁମେ ବ୍ରହ୍ମାଣ୍ଡର
ବିଚିତ୍ର ତୁମର ଲୀଳା ,
ନୀଳ ଆକାଶରେ ତୋଲିଅଛପ୍ରଭୁ
ସୁର୍ଯ୍ୟ,ଚନ୍ଦ୍ର,ଗ୍ରହ,ତାରା ।।
ଗିରି ନଦୀ ବନ ପ୍ରାନ୍ତର କାନନ
କି ସୁନ୍ଦର ମାଟି ପୃଥ୍ୱୀ ,
କୁଷୁମେ ଭରିଛ କେତେ ରଙ୍ଗ ପ୍ରଭୁ
ପ୍ରତିଫୁଲେ ପ୍ରଜାପତି।।
ବନ ଉପବନ ପାହାଡ଼ ଝରଣା
ମଳୟ ବୋହୁଛି ତହିଁ ,
ଆହା କି ସୁନ୍ଦର ସବୁଜ ଧରଣୀ
କେଡ଼େ ଶୋଭା ଦିଶୁଥାଇ ।।
ସୁନ୍ଦର ଅବନୀ ମଧ୍ୟରେ ଠାକୁର
ଦେଇଛ ମଣିଷ ଜନ୍ମ ,
ତା ଦେହରେ ପୁଣି ଭରି ଦେଇଅଛ
ଅହେତୁକ ସ୍ନେହ ପ୍ରେମ ।।
ବାପା ମାଆ ଭାଇ ଭଉଣୀ ହୃଦୟ
କରିଅଛ ପ୍ରିତିମୟ ,
ତୁମରି ଇଛାରେ ସବୁ ତ ସମ୍ଭବ
ଆହେ ପ୍ରଭୁ ଦୟାମୟ ।।
ରକ୍ତମାଂସ ଦେହ ସୁନ୍ଦର କରିଛ
ଚର୍ମର ଛାଉଣି ଦେଇ ,
ତଥାପି ହୃଦରେ ଅହେତୁକ ଜ୍ଞାନ
ମହାପ୍ରଭୁ ଅଛ ଦେଇ ।।
ଜନମେ ଜନମେ ଆହେ ମହାପ୍ରଭୁ
ନ ପାରିବି ସୁଝି ଋଣ ,
ଏ ଦେହ ଜୀବନ ଅର୍ପଣ କରୁଛି
ସରାଗରେ ସ୍ୱାମୀ ଘେନ ।।





ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

# ବନ୍ଧୁତ୍ୱ' ଏକ ଅନୁଭବ ନୁହେଁ ଉପଲବ୍ଧି'...



**ସୁକନ୍ୟା ବରାଳ**
ଉତ୍କଳ ବିଶ୍ୱବିଦ୍ୟାଳୟ ର
ସ୍ନାତକୋତ୍ତର ୧ମ ବର୍ଷ,
ବଳଦିଆବନ୍ଧ, ଢେଙ୍କାନାଳ

ମନୁଷ୍ୟ ଜୀବନ ବହିଯାଉଥିବା ନଈ ପରି। ସମୟର ସୁଅ ସାଥେ ନଈ କେତେ ଯେ ବନ୍ଧୁର ପଥ ଅତିକ୍ରମ କରି କେଉଁ ମୋଡ଼ ନେଇ କେଉଁ କୂଳ ଲଂଘନ କରି କେଉଁ ଠିକଣା ରେ ଯେ ପହଞ୍ଚିଯାଏ ତାହା ତାକୁ ମଧ ଜଣାନଥାଏ । ଠିକ୍ ସେହିପରି ଏ ଜୀବନ କେତେ ମାନ,ଅଭିମାନ, ବିଶ୍ୱାସ, ଅବିଶ୍ୱାସ, ଘାତ, ପ୍ରତିଘାତ,ସଫଳତା,ବିଫଳତା ଆଦି କେତେ ପଥ କୁ ପାଥେୟ କରି ଜୀବନ ର ସୁଅ କୁ ଆଗକୁ ବଢାଏ। ଜୀବନ ଯେ ଏହିପରି କେଉଁ ମୋଡ଼ ନେଇ କେଉଁଠି ପହଞ୍ଚାଇବ ତାହା ତାକୁ ବୁଝିବାରେ ଆଉ ବାକି ନଥାଏ ବୟସ ର ଅପରାହ୍ନରେ।

ବୟସ ର ଅପରାହ୍ନ ରେ ଆଞ୍ଜୁଳାଏ ଖୁସି ଖୋଜିଲେ ଆଖି ଆଗରେ ଝଲସିଆସେ "ପିଲାଦିନ" ଯାହାକୁ ଭାବିବା ମାତ୍ରେ ଆନନ୍ଦରେ ପରିପୂର୍ଣ୍ଣ ହୁଏ ହୃଦୟ, କୋହ ପୂର୍ଣ୍ଣ ହୁଏ ମନ,ଆଖିକୋଣ ରେ ଜକେଇ ଆସେ ଦୁଇ ଧାର ଲୁହ ସହ ଓଠ ରେ ଘନେଇ ଆସେ ଏକ ସ୍ମିତ ହାସ୍ୟ। ଆହା କି ଆନନ୍ଦ ! ସତେ କିଏ ଫେରେଇ ପାରନ୍ତା ମୋ ପିଲାଦିନ। କେଡେ ମଧୁମୟ ଥିଲା ସେ ସମୟ ସତେ।

ବୟସ ର ସହ ତାଳ ଦେଇ ବଢିବା ସହ ସଂମ୍ପର୍କ ମାନ ବି ବଢିଚାଲେ ଆପଣାଛାଏଁ। ଅନେକ ସାଙ୍ଗସାଥୀ ମେଳରେ ବିତି ଯାଏ ଏ ସମୟ। କିନ୍ତୁ ପିଲାଦିନର ବନ୍ଧୁତ୍ୱ ଟିକେ ନିଆରା ଆଉ ଭାରି ନିର୍ମଳ ବିନା ସ୍ୱାର୍ଥ ବିନା ଦ୍ୱିଧାରେ ସାଙ୍ଗସାଥୀ ମେଳରେ କଟିଯାଏ ସମୟ ।

ଜୀବନର ପ୍ରାରମ୍ଭିକ ଶିକ୍ଷା ଯଥା ବିଦ୍ୟାଳୟ ଶିକ୍ଷା, ସେହି ବିଦ୍ୟାଳୟରେ ନିଜ ଶ୍ରେଣୀ ବନ୍ଧୁମାନେ ବିଦ୍ୟାଳୟ ଶେଷ ପର୍ଯ୍ୟନ୍ତ ବହୁତ ସୁନ୍ଦର ବନ୍ଧୁତ୍ୱ ପାଳନ କରନ୍ତି ବୋଲି ମୁଁ କହିବି ନାହିଁ, ସେମାନଙ୍କ ମଧ୍ୟରୁ କେତେଜଣ ଜୀବନ ପଥରେ ମଧ ସାଥ୍ ଦିଅନ୍ତି । ମୋର ମଧ ପ୍ରାରମ୍ଭିକ ବିଦ୍ୟାଳୟ ରେ ମୋର ଅନେକ ବନ୍ଧୁ ହୋଇଥିଲେ ବହୁତ ନିଆରା ଥିଲା ସେ ନିର୍ମଳ ବନ୍ଧୁତ୍ୱ । ସାଙ୍ଗ ହୋଇ ବିଦ୍ୟାଳୟ ଆସିବା ଠାରୁ ସାଙ୍ଗ ହୋଇ ଖାଇବା, ଖେଳିବା, ବୁଲିବା, ପଢିବା ସହ ହସମଜା କରି ଘରକୁ ଯିବା ସମୟ କେତେ ଶୀଘ୍ର ଯେ ସରିଗଲା ତାହା ଅନ୍ୟ ଏକ ବିଦ୍ୟାଳୟ କୁ ଚାଲୁ ବାଲ୍ୟଶିକ୍ଷା ସମାପ୍ତ କରି କୈଶୋର ରେ ପାଦ ଥାପିଲୁ ସେବେ ଜାଣିପାରିଲୁ ।

ଅନ୍ୟ ଏକ ବିଦ୍ୟାଳୟ ନୂଆ ନୂଆ ସବୁ ଲାଗୁଥାଏ, ନୂଆପିଲା ଦେଖି ମନରେ ଟିକେ ସଙ୍କୋଚ ଭାବ ଆସେ ଏମିତି ହିଁ ବେଶ୍ କିଛିଦିନ କଟିଗଲା । ମାତ୍ର ସେଠି ଦୁଇ ବର୍ଷ କୈଶୋର ର ଉଦାମତା ଏବଂ ନୂଆ ସାଙ୍ଗ ସହ ସମୟ ବିତୁଥିଲା ସତ,କିନ୍ତୁ ସେଠି ବନ୍ଧୁତ୍ୱ ଅପେକ୍ଷା ସ୍ୱାର୍ଥ ର ମହକ ବେଶୀ ଥିଲା ,ଅନ୍ୟ କୁ ଆପଣାର କରିବା ନୀତି ଠାରୁ ନିଜ ସ୍ୱାର୍ଥ ଟିକେ ଅଧିକ ଥିଲେ ମଧ ଏଇ ସାଥୀ ମେଳେ ଦୁଇ ବର୍ଷ ଅତିକ୍ରମ କରିଗଲା। ଏହି ୨ ବର୍ଷ ମଧରେ ଭଗବାନ ମୋ ମଧରେ ଏ ସୁନ୍ଦର ବନ୍ଧୁତ୍ୱ ରୂପୀ ବୀଜ କୁ ବପନ କରିଥିଲେ , ମନରେ ଅନୁଭବ କରାଇଥିଲେ ବନ୍ଧୁତ୍ୱ ର ମୂଲ, ଏକ ଦୁର୍ଲ୍ଲଭ ବନ୍ଧୁ ଙ୍କୁ ମୁଁ ଭେଟିଥିଲି ଏହି ୨ ବର୍ଷ ମଧରେ ବହୁତ ଭଲ ସାଙ୍ଗ ହୋଇ ରହିବାର



ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
MSME UDYAM-OD-13-0044620

ପ୍ରତିଶ୍ରୁତି ମଧ୍ୟ ପାଇଥିଲି ,ମାତ୍ର ସେଇ ବନ୍ଧୁତ୍ୱ ର ବୀଜ ଅଙ୍କୁରୋଦମ କରି ସାରିବାପରେ ଅନୁକୂଳ ବାତାବରଣ ନପାଇ ସେହି ୨ ବର୍ଷ ରୁ କମ୍ ସମୟ ମଧରେ ଜୀବନ ସଂଘର୍ଷ ରେ ସେଇ ବନ୍ଧୁତ୍ୱ ରୂପୀ ବୀଜଟି ହାରିଗଲା, ବନ୍ଧୁତ୍ୱ ମରିଗଲା ।କିନ୍ତୁ ସେଇ ବନ୍ଧୁ ଙ୍କୁ ମୋର ଅତି ଆପଣାର କାଲିବି ଭାବିଥିଲି ଆଜି ବି ଭାବିଛି । ହେ ପ୍ରଭୁ ସେହି ବନ୍ଧୁଙ୍କର ଉଜ୍ଜଳ ଭବିଷ୍ୟ ସହ ଦୀର୍ଘାୟୁ କାମନା କରେ।

ଏହି ବନ୍ଧୁ ମାନଙ୍କ ବନ୍ଧୁତ୍ୱ **friendship forever** ଏହି ପରି ଅନେକ ନାମରେ କେବଳ ଗ୍ରୁପ୍ ରେ ସୀମିତ ଦିନକ ପାଇଁ ମ୍ୟାସେଜ୍ ନଥାଏ । ମୋ ବଡ ଲୋକୀ ବନ୍ଧୁ ମାନଙ୍କୁ ଆହୁରି ବଡଲୋକ କରିବ ହେ ଗୋସାଇଁ ।

ନୂତନ ରୂପରେ ନୂତନ ରଙ୍ଗରେ ସଜାଇବାକୁ ପଡେ ନିଜକୁ | ଦଶମ ଉତ୍ତୀର୍ଣ୍ଣ କରି ଏକାଦଶ ପାଇଁ ପାଦ ଥାପିବାକୁ ପଡେ ମହାବିଦ୍ୟାଳୟରେ ଏଠି ଅନେକ ଚିହ୍ନା ଅଚିହ୍ନା ମଧରେ ଦ୍ୱାଦଶ ସରିଯାଏ । ସ୍ନାତକ ପାଇଁ ସେଇ ମହାବିଦ୍ୟାଳୟରେ ଅଧ୍ୟୟନ କରେ, ବୟସକୁ ବୁଝିବାର ବୟସ ହୋଇ ନ ଥିଲେ ମଧ ଅନେକ କିଛି ବୁଝିବାକୁ ପଡେ ଅନେକ କିଛି ସହିବାକୁ ପଡେ, ନହସି ଜୀବନ କାଟିବାକୁ ପଡେ ,ଅନେକ ଅଚିହ୍ନା ମୁହଁ ମଧରେ ସମୟ ବିତାଇବାକୁ ହୁଏ । ଅନେକ ଚିହ୍ନା ମୁହଁ କୁ ଦୂରେଇ ଯିବାର ଦେଖି ଏଇ ଅଚିହ୍ନା ମୁହଁ ଗୁଡ଼ାକୁ ଆପଣାର କରିବା ସତ୍ ସାହାସ ପାଖରେ ନଥାଏ | ସମୟତ ଆଉ କାହାର ନୁହେଁ ସମୟ ତା ବାଟରେ ସରିଯାଏ ସମୟ ପରେ ସମୟ ଗଡିଯାଏ । ଇତି ମଧରେ ୧ବର୍ଷ ବିତିଯାଏ ଟିକେ ଟିକେ ପରିଚିତ ହେଉଥାଏ ସଂମ୍ପୂର୍ଣ୍ଣ ରୂପେ ସାଙ୍ଗ ହୋଇପାରୁନଥାଏ । ମାତ୍ର ସ୍ନାତକ ର ୨ୟ ବର୍ଷ ଠାରୁ ମୋର ବିଭାଗୀୟ ବନ୍ଧୁ ଗଣ ଙ୍କ ସହ ମିଶିବାରୁ ଏକ ନିଆରା ଅନୁଭବ ଆସେ, ଓଠ ର ଧାରରେ ସବୁବେଳେ ମୃଦୁ ହସ ଲାଗି ରହେ ଅତି ଆପଣାର ମନେ ହୁଅନ୍ତି, ମୋ ବିଭାଗର ସବୁ ସାଙ୍ଗମାନେ ଆପଣାର ହୋଇଯାଆନ୍ତି ସତେ ଦିବ୍ୟ ଅନୁଭବ ପାଏ ଏମାନଙ୍କ ପାଖରୁ ସତେ ଯେପରି ଭଗବାନ ଆମ ମାନଙ୍କ ପାଇଁ ଆମମାନଙ୍କ ବନ୍ଧୁତ୍ୱକୁ ଗଢିଛନ୍ତି ନିଜ ସ୍ୱ ହସ୍ତ ରେ ଅନେକ ସମୟ ନେଇ ।ଅନେକ ଅନୁଭବ ଠାରୁ ଏ ବନ୍ଧୁତ୍ୱ ଅନୁଭବ ଟିକେ ନିଆରା । ଏମାନଙ୍କ ପାଖଛାଡି ଯିବାକୁ ଇଛା ହୁଏନି ଏମାନଙ୍କ ସହ ସାରାଜୀବନ ଏମିତିହିଁ ହସି ଖେଳି ବିତାଇବାକୁ ମନର କେଉଁ କୋଣ ର ଘରରେ ମୁଁ ଛପର ବାନ୍ଧୁଥାଏ କିନ୍ତୁ ନିୟତି କ'ଣ ତାହା କରାଏ? ସମୟ ଚକ୍ରରେ ଘୁରିବାକୁ ହୁଏ ବରକୋଳି ଗୋଟାଇଲା ପରି ଦୁଃଖ ଓ ସୁଖକୁ ସାଉଁଟିବାକୁ ପଡ଼େ । ଏହି ସ୍ନାତକ ସମୟର ମୋର ବିଭାଗର ବନ୍ଧୁ ମାନେ ସବୁ ଭଲ ଅତି ଭଲ ବନ୍ଧୁ ଅଟନ୍ତି ମୋର। ସମସ୍ତଙ୍କର ନିଜସ୍ୱ ଓ ନିଆରାପଣ ଥାଏ ଯାହା ତାଙ୍କ ଆଡକୁ ବେଶୀ ଆକୃଷ୍ଟ କରେ ।

ମାତ୍ର ଆମେ "ସାତ ଜଣ" ଅତି ଘନିଷ୍ଠ ବନ୍ଧୁଥିଲୁ ଅଛୁ ଆଉ ରହିବୁ ସମୟର ସୁଅ ଟା ଯୁଆଡ଼େ ଯାଉଛି ଯାଉ କିନ୍ତୁ ଆମ "ବନ୍ଧୁତ୍ୱ" ସେମିତି ରହିଥାଉ । ଆମେ ସାତଜଣ "**SEVEN STAR**" ରୂପେ ପରିଗଣିତ ଆମେ ଆମ ନିକଟରେ । ସତେ ଯେମିତି ସପ୍ତର୍ଷି ମଣ୍ଡଳର ପ୍ରଶ୍ନଚିହ୍ନ ରୁ ଗୋଟିଏ ତାରା କମ୍ ହେଲେ ଅସଂପୂର୍ଣ୍ଣ ଲାଗେ ଆମ ସାତଜଣ ଙ୍କ ମଧ୍ୟରୁ ଜଣେ କମ୍ ହେଲେ ଆମେ ମଧ ଅସଂମ୍ପୂର୍ଣ୍ଣ ଲାଗୁ | ସେମାନଙ୍କ ସହ ଥିବା ସମୟରେ ସବୁ ଦୁଃଖ ପାଶୋରୀ ଯାଏ, ଏବଂ




ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

କେଉଁ ପରି ରାଇଜର ସାତରଙ୍ଗୀ ଇନ୍ଦ୍ରଧନୁର ଝରଣା କୂଳର ବରଗଛ ଓହଳରେ ମାଙ୍କଡ ମାନଙ୍କ ଖେଳପରି ଆନନ୍ଦ ଉପଲବ୍ଧି କରେ । ଏମାନଙ୍କ ସଙ୍ଗରେ ଯେଉଁ ଉପଲବ୍ଧି ମିଳେ ତାହା କେଉଁ ସ୍ୱର୍ଗୀୟ ସୁଖଠାରୁ ମଧ୍ୟ କମ୍ ପଡେନି ।

ଜୀବନର ଦଦଡା ତଥା ଆବଡ଼ା ଖାବଡ଼ା ସ୍ତରରେ ତଳ ଉପର ହୋଇ ମୁଁ ମୋର ପ୍ରକୃତ ବନ୍ଧୁ ମାନଙ୍କୁ ପାଇଛି, ଅନେକ ଚିହ୍ନା ମୁହଁ କୁ ଦୂରେଇ ଭଗବାନ ମତେ ଏମାନଙ୍କ ବନ୍ଧୁତ୍ୱର ସୂତ୍ରବନ୍ଧନ ର ଭେଟି ଦେଇଛନ୍ତି।

ଭଗବାନ ଙ୍କ ନିକଟରେ ମୋର ଏତିକି ପ୍ରାର୍ଥନା ଏମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ ସହ ସୁନ୍ଦର ଜୀବନ ଓ ସବୁ ଦୁଃଖ କଷ୍ଟ କୁ ଭୁଲି ଏମାନେ ଚିରଦିନ ହସୁଥାନ୍ତୁ ଚିରସବୁଜ ରୁହନ୍ତୁ |

ସତରେ ଭଗବାନଙ୍କ ର ଏ "ବନ୍ଧୁତ୍ୱ" ର ଭାବ ସବୁ ଭାବଠାରୁ ନିଆରା ଏହାକୁ ବର୍ଣ୍ଣନାରେ ଶବ୍ଦ ମାନଙ୍କର ଅଭାବ ଘଟିବ। ଏହି ବନ୍ଧୁତ୍ୱ କୁ ଜଣେ ଅନୁଭବୀ ନୁହେଁ ଜଣେ ଉପଲବ୍ଧୀ କାର ବର୍ଣ୍ଣନା କରିପାରିବ | ମୋର ବନ୍ଧୁତ୍ୱର ଅନୁଭବରୁ ମୁଁ ଯାହା ଉପଲବ୍ଧି କହିଛି ମୁଁ ତାହା ବଖାଣିଛି| ଏମାନଙ୍କ ବନ୍ଧୁତ୍ୱ ସ୍ୱରୂପ ଯେମିତି ଗାଡ଼ିଆରେ ଭାସମାନ ପଦ୍ମ କୁ ଭଗବାନ ମୋର ହସ୍ତରେ ଧରେଇ ଦେଇଛନ୍ତି ।ଏହି ଛଅ ଜଣ ବନ୍ଧୁଙ୍କ ପାଇଁ ମୁଁ ମୋ କଲମରୁ କାଳୀକୁ ନିଗାଡି ପାରିଛି ମନର ଶବ୍ଦକୁ ରୂପ ଦେଇଛି ଏବଂ ଏହି ଛଅ ଜଣ ମୋର ଅତିପ୍ରିୟ ବନ୍ଧୁ ସେମାନେ ମୋ ଜୀବନକୁ ସୁଖମୟ କରିଥିବାରୁ ସେମାନଙ୍କୁ ଅଶେଷ ଅଶେଷ ଧନ୍ୟବାଦ । ମୋ ସାଥିରେ ଏମିତି ସବୁ ଦୁଃଖ ସୁଖ ରେ ରହିଥାଏ। ( ଇତି ତୁମ ପ୍ରିୟ ବନ୍ଧୁ ସୁକନ୍ୟା..)





ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

# ମୈସୁମୀ ମେଘ...

('ମ' ଆଦ୍ୟ ଅକ୍ଷର ଭାବେ ରଚିତ)



ତ୍ରିନାଥ ନନ୍ଦୀ
ଦେଉଳିପଞ୍ଝୁଘଣ୍ଟା, ଜଳେଶ୍ୱର ,
ବାଲେଶ୍ୱର

ମୈସୁମୀ ମୁଖରେ ମେଘ ଚୁମ୍ବନ ଦେଉଛି ,
ମନରେ ମୁକୁଳା ମୌନତା ମନ୍ତ୍ର ଗୁଞ୍ଜୁଛି ,
ମନ୍ଥନ ମଧୁର ମନ୍ଦାକ୍ରାନ୍ତା ଭାବରେ ।। (୧)
ମେଘମାଳା ମାନ୍ୟତାରେ ମନ ଭାସୁଛି,
ମୃଦୁ ମାଳା ମଧୁର ମୃଗ ଧାରାରେ,
ମୂକ ମୂର୍ତ୍ତି ମନେ ମଣ୍ଡିତ ମୃତ୍ୟୁ ଭାବରେ ।। (୨)
ମୁକ୍ତ ମୁଖରେ ମୋ ମନ ମନ୍ଦିର ଦେଖି ,
ମେଘ ବିଚିତ୍ର ମୃଦଙ୍ଗ ମଧୁର ଧ୍ୱନି ଶୁଣି ,
ମୈସୁମୀ ମୃଦୁ ମଳୟେ ଯାଏ ଭାସି ।। (୩)
ମନ ମାନି ଅମାନିଆ ଛୁଇଁ ଯାଏ ବର୍ଷା ,
ମୂକ ମାନବ ମୃଦୁ ସ୍ୱର ମେଘ ପରି,
ମୈତ୍ରୀ ମେଘ ମାନ୍ୟତାରେ ମନ ଲୁଚାଇ ।। (୪)
ମୈସୁମୀ ମେଘରେ ମୁଁ ମୂର୍ଚ୍ଛିତ ସ୍ୱଭାବେ,
ମୁହୂର୍ତ୍ତ ଧାରେ ମଧୁର ସ୍ମୃତି ଥାଏ,
ମନେ ମୈସୁମୀ ମେଘର ମୃଦୁ ଛାଏ ।। (୫)
ମାନସିକ ମୃଦୁତା ମଧୁର ଅଭିବ୍ୟକ୍ତି ଆଣେ ,
ମେଘ ମାଳା ଧାରେ ମନେ ମାଗୁଛି ଶାନ୍ତି,
ମୁକ୍ତି ପଥେ ମନ୍ତ୍ର ଭାବେ ମୈତ୍ରୀ ଚାହିଁ ।। (୬)
ମୈସୁମୀ ମେଘ ମୂଳେ ମୁଁ ଆତ୍ମାକୁ ଖୋଜିଛି ,
ମୂକ ମହଲରେ କ୍ଳାନ୍ତି ତୁଟେ ,
ମେଘ ମାଳା ତାରା ଫୁଲ ପରି ଝରେ ।। (୭ )
ମାନବ ମୂଲ୍ୟ ମଧୁର ମନ୍ତ୍ର ଇଏ ,
ମୈସୁମୀ ମାନସିକତା ମୃଦୁ ଗନ୍ଧ ଧାରେ,
ମୁଁ ମୂର୍ଚ୍ଛିତ ମୂଳ ମନ୍ଦିରରେ ଲାଗୁଛି ଭାସାରେ ।। (୮)
ମନ୍ତ୍ର ମାନ୍ୟତା ମନେ ସ୍ମୃତି ଉଜାର ,
ମୂକ ମେଘ ଧାରାରେ ଯାଉଛି ଝରି ,
ମନ ପଥରେ ସ୍ମୃତି ଲେଖୁଛି ମୈସୁମୀ ।। (୯)
ମନ ମଧୁର ମୂର୍ତ୍ତିରେ ମୃଦୁ ଝରଣା ଝଙ୍କାର ,
ମୈତ୍ରୀ ମେଘ ମୋତେ ଦେଉଛି ମୁକ୍ତିର ଅଭିନବ ,
ମନ୍ତ୍ରମୁଗ୍ଧ ଚାରିପାଖ ବାସ୍ନା ରେଣୁ ମହକୁଥାଏ ।। (୧୦ )
ମୃଦୁ ମେଘ ଧାରାରେ ମୋ ଅନୁଭୂତି ଭାସେ,
ମୈସୁମୀ ମନ୍ତ୍ର ହେଉଛି ମୋ ଜୀବନ ଆଶାର ଭାଷା ,
ମୈସୁମୀ ଚିତ୍ତରେ ଏ ଦୁନିଆ ହସେ ।। (୧୧)
ମାନସିକ ମେଘ ମଧ୍ୟରେ ମୁଁ ଅନ୍ତର୍ଧାନ,
ମୁହଁ ଉପରେ ଶାନ୍ତିର ମୂଳ ଅଭିନୟ ,
ମୁକ୍ତ ମନେ ମଧୁର ମୈସୁମୀ ର ଅନୁଭବ ।। (୧୨)
ମୁଁ ମନେ ଲେଖି ଚାଲିଛି ମୈସୁମୀ ଗାଥା,
ମାନବ ମୁହୂର୍ତ୍ତରେ ମେଘ ନୁହେଁ କେବଳ ବର୍ଷା,
ମେଘ ହେଉଛି ମନର ଗଭୀରତାର
ଅଭିବ୍ୟକ୍ତିର ଭାଷା ।। (୧୩)



ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

# କିଏ କହିଲା ପୁଅମାନେ କାନ୍ଦନ୍ତିନି...



ପ୍ରଶାନ୍ତ କୁମାର ଜେନା
ସପ୍ତଶଯ୍ୟା ,ଢେଙ୍କାନାଳ

କେବେ ଦେଖିଛ କି ପୁଅଟିଏ ବସି କାନ୍ଦିବାର
ଦେଖାଯାଏ ନାହିଁ ପୁଅର ଲୁହ
କିଏ କହିଲା ପୁଅମାନେ କାନ୍ଦନ୍ତିନି,
ପୁଅମାନେ ଯେବେ କାନ୍ଦନ୍ତି ବସି
ଲୁହକୁ ଚାପିଦେଇ ମୁରୁକି ହସି
ଜଣାପଡେନାହିଁ ପୁଅର ଲୁହ
ତା'  ହୃଦୟେ ନିତି ଜଳୁଥିବା କୋହ
ଦେଖାଇ ହୁଏନି ଜଣା ବି ପଡେନି
କିଏ କହିଲା ପୁଅମାନେ କାନ୍ଦନ୍ତିନି,
ମନର ବେଦନା ଯେବେ ମନରେ ମରେ
ନିକିତିରେ ତାକୁ କିଏ ବା ତଉଲେ
ଝିଅଟିଏ ପରି ବାହୁନି ପାରେନା ସତ
ତା' ବୋଲି ନୁହେଁ ଯେ ପୁଅଟିଏ କାନ୍ଦେନି
ପୁଅଟିଏ ଯେବେ କାନ୍ଦେ
କେହି ତାକୁ ବୁଝାଇ ପାରେନି !
କି ବୁଝିବାର କେବେ ପ୍ରୟାସ କରେନି
କିଏ କହିଲା ପୁଅମାନେ କେବେ କାନ୍ଦନ୍ତିନି ?





ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ,  ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ,  ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ,  ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

# ପୂଜା ରେ...



ପୁଷ୍ପାଞ୍ଜଳି ପଣ୍ଡା
(ଜିଲ୍ଲା ପରିଷଦ)
କେନ୍ଦ୍ରାପଡ଼ା

ବୋଉ ପାଇଁ
କିଛି ଫରକ ନଥାଏ ପୂଜାଛୁଟି ରେ
ସବୁଦିନ ପରି
ଆରମ୍ଭ  କରେ ସବୁ କାମ ଘର ର।
ନବରାତ୍ରୀ ଠାରୁ ଦଶହରା ର।
ଗ୍ରୀଷ୍ମ,ବର୍ଷା , ଶରତ ,ହେମନ୍ତ
ଶୀତ  କି  ବସନ୍ତ
ସବୁଦିନ ଗୋଟିଏ ସମୟ ରେ
ସେ ଉଠିବା ତୟ ।
ଦି ହାତରେ ଦଶ ହାତ ପରି
କେମିତି କରୁଥାଏ
ଏତେ କାମ
କେହି ବୁଝେନା ..!!
ବୋଉର କେବେ ବି  ନଥାଏ
ପ୍ରତିବାଦ କି ଅନୁଶୋଚନା..!

ଠାକୁର ଘରେ
ପୂଜାବେଦୀ ରେ  ସ୍ୱସ୍ତିକ ଆଙ୍କିବା
ଦୁର୍ଗା ଙ୍କ ଛବି ଆଙ୍କିବା
ଘଟ ସ୍ଥାପନା ,ପୂଜା କାମ ରେ
ସବୁ ବୋଉର ହାତ ଛୁଆଁ
ନଅ ଦିନ ପର୍ଯ୍ୟନ୍ତ  ନବ ଦୁର୍ଗା ଙ୍କ ପୂଜନ
କଲ୍ୟାଣ ପ୍ରାପ୍ତି
ବୋଉ ବୁଝାଇଛି।
ଦୁର୍ଗମ ଦୁର୍ଗତି ରୁ ଦୁର୍ଗା ପରି ସବୁବେଳେ
ବୋଉ ରକ୍ଷା କରିଛି ।

ଦଶ ବର୍ଷ ରୁ  ଊଣା
ନଅ ଜଣ କୁମାରୀ କନ୍ୟା ପୂଜନ
ବୋଉ ଶିଖାଇଛି
ଏବେବି  କୁମାରୀ  ,ତ୍ରିମୂର୍ତ୍ତି,କଲ୍ୟାଣୀ
ରୋହିଣୀ, କାଳୀ, ଚଣ୍ଡିକା,ଶାମ୍ଭବୀ
ଦୁର୍ଗା ଓ ସୁଭଦ୍ରା  କହି
ମୁଣ୍ଡିଆ ମାରିଲେ
ବୋଉ ରୂପ ଆଗ ଆଖିରେ ଭାସେ
ଦୁର୍ଗା ମା ପରି ବୋଉ ମୁହଁ ଦିଶେ।
ସବୁ କୁମାରୀ କନ୍ୟା ଆଉ ବୋଉ
ମତେ ଦୁର୍ଗା ମା ପରି ଲାଗେ।
ଲୁହ ଝରିପଡେ ମୋ ଆଖିରୁ ।

ବୋଉ ଶିଖାଇଥିବା ପୂଜା ଶିଖିଥିବାରୁ ତ
ଏଠି  ଶରତ ର ମରତ ସୁନ୍ଦର
ନଈ ପଠାର କାଶତଣ୍ଡୀ ସୁନ୍ଦର
ସଫା ନିର୍ମଳ ଆକାଶ ସୁନ୍ଦର
ପୂଜା,ବାଜା,ବାଣ ,ମେଢ ମୂର୍ତ୍ତି
ରୋଷଣୀ,ଭସାଣୀ ସବୁ ସୁନ୍ଦର
ଏଇ ପୂଜା ରେ ।।





ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ,  ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ,  ମୁଖ୍ୟ-ପରିଚାଳିକା : ଶିବଦୂତି ପାଣିଗ୍ରାହୀ,  ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

# ଗାଁ' ମଶାଣି...



ନାରାୟଣ ରାଉତ
ନଛିପୁର, ଖଇରା, ବାଲେଶ୍ୱର

ଏ ଆଖିରେ କେତେ ଯେ ସପନ,
ଏଠି ଆସି ସବୁ ହୋଇବ ଦହନ।
ଏହି ସେହି ଗ୍ରାମର ଶଶ୍ମାନ,
ଏଠି କେତେ ଲୋକ ହୋଇଲେ ବିଲୀନ ।
ନିଜ ଗ୍ରାମ ମଶାଣି ପଡିଛି
ଶବ ଯାଏ ସ୍ୱର୍ଗଦ୍ୱାର,
କାଳେ କେଉଁ ପାପ କରିଥିଲା
ସେଠି ହୋଇବ ଉଦ୍ଧାର ।

କିଏବା ହୋଇବ କା ପାପର ଭାଗିଦାର,
ଆଜିର ସମାଜ ଏତ ତାର ମୁର୍ଖ ବିଚାର।
ବାପ ଥାଉଁ ଥାଉଁ ପୁଅ ଯେବେ ମରେ,
ସେ ବାପ କି ଅବା ସଂସାରରେ ତରେ।
ଜାତିର ବୁଢାଟା ଯେବେ
ବାହୁନି ବାହୁନି କାନ୍ଦେ।
ତା ଗୋଟିକିଆ ପୁଅ ମୃତ୍ୟୁ ସାଥିରେ
ନୂତନ ସମ୍ପର୍କ ବାନ୍ଧେ ।



କ୍ଷଣିକ ଜୀବନ କ୍ଷଣିକ ଯୌବନ
କ୍ଷଣିକ ଏ ଧନ ଜନ,
ଈଶ୍ୱର ଜଗତ ଲୀଳା ଦେଖ ମାତ୍ର
ସ୍ଥିର କି ଆତ୍ମା ମନ।
ବୃକ୍ଷର ଦେହରେ ଯୌବନ କୁସୁମ
ଫୁଟି ଦୁଇ ଦିନେ ଝଡେ,
ଗୋଡରେ ଆଡେଇ ଧନ ତା ସମ୍ପତ୍ତି
ଶଶ୍ମାନ ରେ ଯାଇ ପଡେ।

ଭାଇ ଗଳା ଭାଇ କାଟି ପକାଉଛି
ପ୍ରତିଦିନ ଶତ ଶତ,
ସବୁଦିନେ ଏଠି ବୋବାଳି ପଡୁଛି
ହୋଉଛନ୍ତି କେତେ ହତ ।
ହଜାର ରମଣୀ ବଜାରରେ ଆଜି
ମୃତ୍ୟୁକଳ୍ପା ନିରାଶ୍ରୟେ,
ଦିନ ନସରୁଣୁ ନମଲେ ଏମାନେ କି
ଲାଭ ତାଙ୍କ ଜୟେ।



ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

# ସେ ଗଲା ପରେ ପରେ...



**ଜିତେନ୍ଦ୍ର ସାହୁ**
ପାଇକ ଯମୁନା, ଗଞ୍ଜାମ

ମୁଁ ସେମିତି ନାହିଁ ଯେମିତି ଥିଲି
ସେ ଗଲା ପରେ ପରେ
ଦିନ ସାରା ହସେ, ଦିନ ସାରା ଖେଳେ
ଏ ମନ କାହିଁକି ତାକୁ ଝୁରେ
ବେଳେ ବେଳେ ଭାବେ
ଏତେ ଭଲ ପାଉଥିବା ଝିଅ ଟି କଣ
ଏତେ ସ୍ୱାର୍ଥପର ହୋଇପାରେ
ନିଜ ସ୍ୱାର୍ଥ ପାଇଁ
ବିଶ୍ୱାସ ରେ ବିଷ ବି ଦେଇ ପାରେ ।

ମୁଁ ବି ବଦଳି ଯାଇଛି
ଜାଣିଛି ତାକୁ ଭୁଲିବା ତ ସମ୍ଭବ ନୁହେଁ
କିନ୍ତୁ ସେ ଦେଇଥିବା ସବୁ ପ୍ରତିଶ୍ରୁତି କୁ
ତା ବିବାହ ର ହୋମ ରେ ମୁଁ ବି ଜାଳି ପାରେ,
ଆଜି ପ୍ରମାଣ କରିଦେବି
ତାସହ ଦେଖିଥିବା ସ୍ୱପ୍ନ କୁ
ସେ ନଥିଲେ ବି
ଆଉ କାହା ପାଇଁ ମୁଁ ପୁରଣ କରିପାରେ ।



ମୁଁ କାହିଁକି ନିଜକୁ କଷ୍ଟ ଦେବି
ଲୁହର ବର୍ଷା ରେ ଭିଜିବି
କାହିଁକି ଦୁନିଆ ଆଗରେ ନିଜକୁ
କଳଙ୍କିତ ପ୍ରେମିକ ସଜେଇବି
ମୁଁ ବି ତା ଭଳି ପ୍ରେମ କୁ ଡଷ୍ଟବିନ୍ ରେ
ଫୋପାଡ଼ି ପାରେ,
ଏ ଦୁନିଆ ଆଗରେ ପ୍ରମାଣ କରି ପାରେ
ହଁ ମୁଁ ବି ବହୁତ ଖୁସିରେ ଅଛି
ସେ ଗଲା ପରେ ପରେ ।



ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

# ସ୍ମୃତିରେ ବର୍ଷା...



କୁଞ୍ଜବିହାରୀ ରାଉତ
(ସାମ୍ବାଦିକ)
ହମିରପୁର, ରାଉରକେଲା

ମୋ ସ୍ମୃତିରେ ଯେବେ ବର୍ଷା ଆସେ
ଭାବନାର ସରହଦ ଡେଇଁ
ଆକାଶ ଇନ୍ଦ୍ରଧନୁର କଥା କୁହେ
ବେସୁରା ରାଗିଣୀରେ ଗୀତ ଗାଏ
ଚାତକର ତୃଷ୍ଣା ମେଣ୍ଟେ
ବାରିଦର ନୀର ପିଇ..........
ବର୍ଷାଆସିଛି ଆଜି ମୋ ପ୍ରୀୟାର ନୀଳନୟନରେ
କେତେବେଳେ ଆନନ୍ଦାଶ୍ରୁ ହୋଇତ
ପୁଣି କେତେବେଳେ ଦୁଃଖର ଛିଟା ହୋଇ
ଭିଜାଇ ଦେଇଛି ତା' ପଣତକାନି
ଆଉ ମୋ ହୃଦୟର ଗାଲିଚାକୁ
ଶାନ୍ତ କରାଇଛି ସୁଶୀତଳ ଜଳ ଦେଇ.....
ଋତୁଚକ୍ର ତାଡନାରେ ବର୍ଷା ଯେବେ ଆସେ
ନଦୀ ଓ ସମୁଦ୍ର ପାଲଟେ ପୂର୍ଣ୍ଣଗର୍ଭା
କେଉଁଠାରେ ପାଲଟେ ଦୁଃଖର କାରଣ ତ
ପୁଣି କେଉଁଠାରେ ଖୁସିର ଖୋରାକ
ଚାଷୀ ଭାଇ ଖୁସୀ ହୁଏ ବର୍ଷା ଆଗମନେ
ବର୍ଷାକୁ ରଂଗଦିଏ କବି ତା'ର ତା କଲମମୁନେ......
ବର୍ଷାଆସିଛି ମୋ ସ୍ମୃତି ଅଗଣାରେ ରୂପାଜହ୍ନ ହୋଇ
ପୃଥିବୀକୁ ଚନ୍ଦ୍ର ତାର ଜୋସ୍ନାସ୍ନାତ କଲାଭଳି
ବର୍ଷା ଭିଜାଇଛି ମୋ ମନ ସହ ମୋ ହୃଦୟକୁ
ଆଉ ମୁଁ ସେହିଭଳି ଭିଜାଇବି ସାରାଦୁନିଆକୁ
ଯାହା ସଂଚରିଯିବ ହୃଦୟରୁ ହୃଦୟକୁ,
ଛୁଇଁଯିବ ସବୁରି ମନକୁ
ତିଆରି କରିବ ନୂଆରଂଗେ
ନୂଆରୂପେ ସ୍ମୃତିର ପିରାମିଡକୁ.......
ମୋ ସ୍ମୃତିରେ ବର୍ଷା ଆସିଛି ଆମ ବସ୍ତିର
ଶେଷ ନୁଆଁଣିଆ ଘରେ
ବିଧବା କମଳା ଭୟରେ କାତରି ଉଠୁଛି
ବର୍ଷାର ଆଗମନେ
ଭାଙ୍ଗିରୁଜି ଗଲାଣି ତା'କୁଡିଆ, ଠା ଠା କଣା
ମନ୍ତ୍ରୀ କଥାଦେଇଥିଲେ ମିଳିବ ତାକୁ ଇନ୍ଦିରାନିବାସ
ତେବେ ବର୍ଷା ପରେ ବର୍ଷା କେତେଯେ ଗଲାଣି
କେତେପାଣି ସମୁଦ୍ରରେ ମିଶିଲାଣି
ବର୍ଷା ଭସେଇ ନେଇଛି ତା' ସ୍ୱପ୍ନର କୁଡିଆ ସହ
ତା ସୁଖ କାହାଣୀ......
ପୁଣି ବର୍ଷାଆସିଛି ପାହାଡରେ ଥିବା ଥୁଣ୍ଟାମୟ
ଜଙ୍ଗଲ ଉପରେ
ସବୁଜ ବଳୟ ଭିତରେ ଉଦଭାସିତ ହେଉଛି ଧରିତ୍ରୀ
ଆଉ କେଇଟା ଦିନପରେ ଫେରିଯିବ ବର୍ଷା
ଇତିହାସ ହୋଇଯିବ ଏ ବର୍ଷର ବର୍ଷା
ଚର୍ଚ୍ଚା ହେଉଥିବ କାବ୍ୟକବିତାରେ
ହସେଇ,କନ୍ଦେଇ,ରସେଇ,ରଙ୍ଗେଇ ଚାଲିଯିବ ବର୍ଷା
ଆଉ ରହିଯିବ ଆମରି ସ୍ମୃତିରେ
କବିତା ହୋଇ ରହିଯିବ ମୋ ଡାଏରୀରେ



ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

# ବିଶ୍ବାସ...



**ସୁନିତା ଦାଶ**
ଭୁବନେଶ୍ୱର

ଜୀବନ ଅଛି ମାନେ ବଞ୍ଚିବାକୁ ତ ପଡିବ
ଯେତେଦିନ ଯାଏଁ ଭଗବାନ ଙ୍କ ଇଛା ଅଛି,
ସେଇ ଜୀବନ ଟିକୁ ଜୀଇଁବା ପାଇଁ,ତାକୁ ଆଗକୁ
ନବାକୁ ଆମକୁ ଏକ ସାହାରାର ଆବଶ୍ୟକ ପଡିଥାଏ,
ଯାହାଦ୍ଵରା ଆମ ଜୀବନ ରୂପକ ଗାଡିଟି
ସହଜରେ ଚାଲିପାରିବ,
ହଁ ,,, ଆମ ବିଶ୍ବାସ ଟି ଏମିତି ଜଣଙ୍କ ଉପରେ ରହିବା ଦରକାର
ଯାହା ହାତର ମଜବୁତ ବନ୍ଧନ
ଆମକୁ କେବେ ଜୀବନ ରାସ୍ତାର ଖାଲ,ଢିପରେ
କେବେ ଝୁଣ୍ଟିବାକୁ ଦବନି,,
ପ୍ରତ୍ୟେକ ପରିସ୍ଥିତିରେ ଆମ ସାଥିରେ ରହିଥିବ
ସେ ଖୁସିରେ ହେଉ କି ଦୁଃଖ ରେ ହଉ,
ତା ଭିତରେ ଗୋଟେ ସମର୍ପଣ ଭାବ ରହିବା ଦରକାର,
ଯାହାକୁ ଆମେ ଆଖି ବୁଜିକି ବିଶ୍ବାସ କରିପାରିବା
ଏମିତି ବିଶ୍ବାସୀ ଲୋକ ଯେ ଦୁନିଆରେ ବିରଳ ସେ କଥା ନୁହେଁ,
ହଁ,,,ଅଛନ୍ତି ,,,,ହେଲେ ବହୁତ କମ୍
ଏବେ ଏ ଦୂନିଆଟା ଗୋଟେ କଳୁଷିତ ସମୟ ଦେଇ ଗତି କରିଲାଣି,
ଯୋଉଠି ଦେଖ ଅସମାଜିକତା, ଅରାଜକତା, ଧର୍ଷଣ, ବ୍ୟଭିଚାର
ତାର କାୟା ବିସ୍ତାର କରିଛି,,ଏପରି ସ୍ଥିତି ରେ
ବିଶ୍ବାସ ବି ତାର ସତା ହରେଇବାକୁ ବସିଲାଣି,,
କିନ୍ତୁ କିଛି ଭଲ ହୃଦୟର ମଣିଷ ଏ ବିଶ୍ବାସ ବୋଲି
ବାକ୍ୟ କୁ ବଞ୍ଚେଇ ରଖିଛନ୍ତି,,
ଯାହା ପାଇଁ ସେମାନେ ଧନ୍ୟବାଦ ର ପାତ୍ର ।।





ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

# ମା"...



**ପୂଜା ବାରିକ୍**
ବେଗୁନିଆଁ, ହରିପୁର,
ବାଲେଶ୍ୱର

ମା "ତୋତେ କେଉଁ ଶବ୍ଦରେ କରିବି ବର୍ଣ୍ଣନା
ତୁ ତ ଅବର୍ଣ୍ଣନୀୟ...
କେଉଁ ଶବ୍ଦର ସମୋହନେ କରିବି କଳନା
ତୁ ତ ଅକଳ୍ପନୀୟ...
ମା ତୋର ସବୁରୂପ ଠାରୁ
ମା ରୂପଟା ଭାରି ମଧୁର
ମାଆ ଦେବକୀ ସାଜି ତୁ ଦଉ ଜନମ
ଯୋଶଦା ସାଜି ପୁଣି କରୁ ପାଳନ
ସେଥିପାଇଁ ବୋଧେ...!
ମା " ବୋଲି ଡାକିଦେଲେ
ପ୍ରତିଧ୍ୱନି ଖେଳିଯାଏ ମାଟିରୁ ଆକାଶ ଯାଏଁ
ମାତ୍ର ସେ ଥାଏ ମୋର ଚେତନା ରେ, ବେଦନରେ, ପୁଣି ମୋ ପ୍ରାର୍ଥନା ରେ
ତୁ ତ ମା ଥାଉ ଆତ୍ମା ର ପୁଲକ ରେ
ମୋର ସମଗ୍ର ସତ୍ତା କୁ ଆଲୋକିତ କରିବା ପାଇଁ ସତେ ଯେମିତି ଧରାପୃଷ୍ଠ
ରେ ହାତଧରି ବାଟ ଦେଖେଇ ବାର ଦେବୀ ଟିଏ
ସେ ଜଗି ପୁଣି ରହିଥାଏ ମୋ ବାଟକୁ
ଆକୋଟ କରେ ମୋ ଚଗଲା ପଣ କୁ
ମୋ ଆଖିରେ ଲୁହ ଦେଖିଲେ ବାହୁନି ଉଠେ ତା ଅନ୍ତର
ତାର ଲୁହ କୁ ଲୁଚେଇ ରଖେ ଛାତିରେ
ମୋ ଲୁହ ପୋଛି ଦିଏ ପଣତ କାନିରେ
ସତରେ ମା ତୁ ମମତାର ସାଗର
ଦୁନିଆ ଯେବେ କରିଦେବ ପର
ମା ତୁ ଜାଣେ କୋଳେଇ ନେବୁ ନ ପଚାରି ଉତ୍ତର



ମା ତୁହିଁ ତ ସଭିଙ୍କ ଭିଡ଼ ରେ ସତ୍ୟ, ପୁଣି ସମ୍ପୂର୍ଣ୍ଣ
ମା ତୁ ହିଁ ସ୍ନେହ, ତୁ ହିଁ ପୁଣି ପ୍ରେମ
ମା ତୁ ହିଁ ସଂସ୍କାର, ତୁ ହିଁ ସାହସ
ମା ତୁ ହିଁ ସୃଷ୍ଟି, ତୁ ହିଁ ପୁଣି ସୁନ୍ଦର
ମା ତୁ ହିଁ ଆଶା, ତୁ ହିଁ ବିଶ୍ୱାସ
ମା ତୁ ହହିଁ ଆରମ୍ଭ, ତୁ ହିଁ ପୁଣି ସମ୍ଭବ
(ମା ତୁ ସତରେ ଅବର୍ଣ୍ଣନୀୟ ଏବଂ ସଦା ମନରେ ଚିରସ୍ମରଣୀୟ)



ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୃତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
MSME UDYAM-OD-13-0044620

## ପ୍ରତ୍ୟାଖ୍ୟାନ...



ବିଶ୍ୱଜିତ୍ ବାରିକ୍
ବାସୁଦେବପୁର, ଭଦ୍ରକ

କାଦମ୍ବରୀ ପିଇ କାଦମ୍ବିନୀ ପଛେ
ଘୁମାଏ ସେ ମଲାଜହ୍ନ ,
କଳା ଅନ୍ଧକାରେ କଦମ୍ବ ବନରେ
ମନ ଖୋଜେ ତା'ର ମନ ||

ଖଣ୍ଡ ଖଣ୍ଡ କରି ଖେଦ ଖଡଗ୍ ମୋର
ହୃଦୟ ଦିଅଇ ହାଣି ,
ଖର୍ବ ଖଣ୍ଟ ମୁହିଁ ଖଞ୍ଜନାକ୍ଷୀ ସେହି
କେମିତି ପାରିବ ଜାଣି ||

ଗହୀର ବିପିନେ ଗନ୍ଧବହ ଦିନେ
ଆଣି ତା ନୀଳ ଓଢ଼ଣୀ ,
ଗମ୍ଭୀର ଚିତ୍ତରେ ତା ଗୁରୁତର ବାର୍ତ୍ତା
ଦେଲା ମୋ ଆଗେ ବଖାଣି ||

ଘେନାଇ କହିଲା ଘସ୍ରନାଥ ବାଳା
କହିବୁ ଯାଇଁ ତାହାକୁ ,
ଘଟାଏ ପାଣିରେ ବୁଡ଼ି ମରୁ ସିଏ
ମୁଁ ଭଲପାଏ ନାହିଁ ତାକୁ ||

## ରାଜକୁମାରୀ ନୁହେଁ, ଯୋଦ୍ଧା ହୁଅ



ସାଇ ସୋମା
ଲଖନପୁର, ଝାରସୁଗୁଡ଼ା

ପରୀ ରାଇଜ କାହାଣୀ ଭରା ଏ ସଂସାରରେ,

ହୁଅ ନାହିଁ ଏକ ରାଜକୁମାରୀ ଯିଏ ରୁହେ ରାଜ ମହଲରେ ।

ଏଠି କୌଣସି ରାଜକୁମାର ଆସିବେ ନାହିଁ କରିବାକୁ ତମ ରକ୍ଷଣ, ନିଜକୁ ନିଜ ରକ୍ଷକ ରୂପେ ମଣ ।

ଯେବେ ମାନବ ରୂପୀ ଦାନବ ତୁମ ମର୍ଯ୍ୟାଦା ଲୁଟିବାକୁ କରନ୍ତି ପ୍ରୟାସ,

ଉଠାଅ ଶସ୍ତ୍ର ଓ କର ତାଙ୍କ ବିନାଶ ।

କର ସଂଘର୍ଷ ପାଇବାକୁ ନିଜ ଅଧିକାର,

ଯୋଦ୍ଧା ସାଜି ମାଁ କାଳୀ ଭଳି କର ପାପର ସଂହାର ।



ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

# ପ୍ରାର୍ଥନା...



**ସିଦ୍ଧେଶ୍ୱର ପଣ୍ଡା**
(ଇଂରାଜୀ ଅଧ୍ୟାପକ) ଶୂଳିଆପଦା,
ମୟୂରଭଞ୍ଜ

ତୁମେ ଥରୁଟିଏ
ପଦ୍ମପାଦ ପାଲଟି ଯାଅ
ହେ ଈଶ୍ୱର!
ମୁଁ ପାପୁଲି ରେ ଛୁଇଁ
ଜାଣି ହିଁ ପାରିବି
ତୁମ ଅବ୍ୟକ୍ତ କରୁଣା
ତମରି ସ୍ପର୍ଶ ରେ ଅନୁଭବି ବି
କେତେ ଗଭୀର ତମ ଭଲ ପାଇବା ।
ପାଦ ନାହିଁ ବୋଲି ତ
ଖୋଜୁଛି ତମ ଅଦୃଶ୍ୟ ପାଦ ।
କେତେ କେତେ ଶ୍ଳୋକ
ପ୍ରାର୍ଥନା ଭିତରେ
ତୁମ କୁ ମୁଁ ଛୁଉଁ ଥାଏ
କେବେ ଭାସି ଭାସି ଯାଏ
ମୁଁ ନିଜେ ହିଁ ଆତ୍ମା ସହିତ
କେତେ କେତେ ମନୋଜ୍ଞ ମନ୍ତ୍ରରେ ।

ତୁମେ ଚିର କାଳ
କାବ୍ୟର ବିଭବ
ମୁଁ କେବଳ ତୁମ ସଂସାର ପୁସ୍ତକରେ
ମୁଗ୍ଧ ପାଠକ
ତୁମେ ଶରତ ଆକାଶ ହେଲେ
ମୁଁ ପରା ବିନ୍ଦୁଏ ଶିଶିର !
ଜାଣେ ଜୀବ ଓ ପରମ
କେତେ କୋଳା କୋଳି
କେତେ ଯେ ପ୍ରଭେଦ
ଭାବ ଓ ଭକ୍ତିରେ ରମଣ କରନ୍ତି
ଶୂନ୍ୟରେ ଶୂନ୍ୟରେ
ଶବ୍ଦର ଦେବତା ମୋର
ଶୂନ୍ୟ ଠାକୁର

ତୁମେ ପୂର୍ଣ୍ଣବ୍ରହ୍ମ
ଶୂନ୍ୟ ରୁ ଜୀବନ ଝରେ ବୋଲି ତ
ଜୀବନ ଶୂନ୍ୟ ଶୂନ୍ୟ !

ନିଃଶବ୍ଦ ଜୀବନ ସ୍ରୋତ
ଗାଇ ଗାଇ ଶୂନ୍ୟ ସଙ୍ଗୀତ
ଶବ୍ଦର ସମୁଦ୍ର କୁ ଯାତ୍ରା ମୋର
ତମେ ମୋର କେବଳ ହିଁ ମୁକ୍ତି ତୀର୍ଥ!
ତମ ବିନା ସବୁତ ବିଷାଦ
ତୁମ କେବେ ଅଷାଢ଼ ର
ଘନ ଘୋର ମେଘ !
ମୋର ସମସ୍ତ ପ୍ରୀତି ପ୍ରତ୍ୟୟ ରେ
ରାଗ ର ରୁଦ୍ରାକ୍ଷ ମାଳ ରେ
ପ୍ରେମ ଫଗୁଣ ର ଫୁଲର ଗନ୍ଧରେ
ତୁମେହିଁ ନିର୍ବିକଳ୍ପ
ତମର ଦିବ୍ୟ ଅସ୍ତିତ୍ୱ କୁ
ହୃଦୟ ହିଁ ଜାଣେ
ତୁମେ ଏକ ପୂର୍ଣ୍ଣ ମୁଗ୍ଧ ଅନୁଭବ।



ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

# ଜୀବନଟା କେବେ...



**ଦୁର୍ଗା ଚରଣ ମଲ୍ଲ**
ସମାଗୋଳ, କୁଜଙ୍ଗ,
ଜଗତସିଂହପୁର

ଜୀବନଟା କେବେକେବେ ଲାଗେ
ଏକ ଭାରାକ୍ରାନ୍ତ ଆକାଶରେ
ବିଚ୍ଛୁରିତ ହେଉଥିବା ତାରା ପରି ,
ସମୟର ସ୍ୱଳ୍ପ ଅବଧିରେ
ଭାସମାନ ହେଇ ଯାଉଥିବା
ପ୍ରତିଟି କ୍ଷଣ ଆସ୍ତେ ଆସ୍ତେ ଯାଏ ସରି···

ଜୀବନଟା କେବେ କେବେ ଲାଗେ
ଏକ ଅଚିହ୍ନା ରାଇଜରେ
ରାଜୁତି କରୁଥିବା ରାଜା ପରି ,
ଅନିର୍ଦ୍ଦିଷ୍ଟ କାଳ ପାଇଁ ରହିଯାଏ
ହେଲେ ଜାଣେ ନାହିଁ କେବେ
ସେ ପଛକୁ ଆସିବ ଫେରି...

ଜୀବନଟା କେବେ କେବେ ଲାଗେ
ଏକ ରମ୍ୟ ଗୋଲାପ ରେ
ସୁସଜ୍ଜିତ ହେଇଥିବା ସ୍ତବକ ପରି ,
ଗୋଟିଏ ଦିନ ପାଇଁ ତାର ଅବଧି
ଶେଷରେ ଆସ୍ତେ ଆସ୍ତେ ତା ଦେହ ରୁ
ବାସ୍ନା ସବୁ ଯାଏ ଝରି ...

ଜୀବନଟା କେବେ କେବେ ଲାଗେ
ଏକ ଖୋଲା ବହିର
ଉଡିଯାଉଥିବା ଫର୍ଦ୍ଦ ପରି ,
ପବନର ଗତିକୁ ନିୟନ୍ତ୍ରଣ
କରୁ କରୁ କେତେବେଳେ ହାତ ବାଜି
ଫର୍ଦ୍ଦ ଟି ଯାଏ ଚିରି ...





ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

# ଅଭିନନ୍ଦନ

**ମହ୍ଲାର ଇ-ପତ୍ରିକାର "ଅଭିନନ୍ଦନ" ପୃଷ୍ଠାକୁ ଆପଣଙ୍କୁ ସ୍ୱାଗତ.**

ଏହି ପୃଷ୍ଠାରେ ଆପଣ ଆପଣଙ୍କ ପ୍ରିୟଜନଙ୍କୁ ସେମାନଙ୍କର ବିବାହ ବାର୍ଷିକୀ, ଜନ୍ମଦିନ , ଶ୍ରଦ୍ଧାଞ୍ଜଳି ଓ ଅନ୍ୟାନ୍ୟ ଦିନ ମାନଙ୍କର ଶୁଭେଚ୍ଛା ଜଣାଇ ପାରିବେ .

*ନିୟମାବଳୀ :*

ଏଥି ନିମନ୍ତେ ଆପଣଙ୍କ ପ୍ରିୟଜନଙ୍କ ୩-୪ ଟି ରଙ୍ଗୀନ ଫୋଟୋ , ନାମ, ଅଭିନନ୍ଦନ ଜଣାଇବାର ତାରିଖ ଏବଂ ଆପଣଙ୍କର ନାମ ଆମକୁ ଆମ ଯୋଗାଯୋଗ ଠିକଣା ରେ ପଠେଇବାକୁ ଅନୁରୋଧ.

*ଯୋଗାଯୋଗ :*

- ଫୋନ / ହ୍ୱାଟ୍ସଆପ୍ ନମ୍ବର : *୮୩୨୮୯୫୧୨୨୯*
- ଇ-ମେଲ : ***Malharmagazine@Gmail.Com***



ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

# ଅଭିନନ୍ଦନ

ମହ୍ଲାର

## ଜନ୍ମଦିନର ଅଭିନନ୍ଦନ



### କିରନ ବେହେରା

ମହ୍ଲାର ଇ-ପତ୍ରିକା ପରିବାର ତରଫରୁ
ଆପଣଙ୍କୁ ଶୁଭ-ଜନ୍ମଦିନର ଅନେକ ଅନେକ
ଶୁଭେଚ୍ଛା ଓ ଶୁଭକାମନା...
ପ୍ରଭୁ ଜଗତର ନାଥ ଜଗନ୍ନାଥ ଆପଣଙ୍କର
ଚଲାପଥ କୁସୁମିତ କରନ୍ତୁ ଏବଂ ସୁଖ ସମୃଦ୍ଧି
ଭରି ଦିଅନ୍ତୁ.

୦୩ ସେପ୍ଟେମ୍ବର

ମହ୍ଲାର ଇ- ପତ୍ରିକା



ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
MSME
UDYAM-OD-13-0044620

# ଅଭିନନ୍ଦନ






ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620


ମହ୍ଲାର
ଜନ୍ମଦିନର ଅଭିନନ୍ଦନ
ସୂର୍ଯ୍ୟକାନ୍ତୀ ଭବାଣୀ
ମହ୍ଲାର ଇ-ପତ୍ରିକା ପରିବାର ତରଫରୁ
ଆପଣଙ୍କୁ ଶୁଭ-ଜନ୍ମଦିନର ଅନେକ ଅନେକ
ଶୁଭେଚ୍ଛା ଓ ଶୁଭକାମନା...
ପ୍ରଭୁ ଜଗତର ନାଥ ଜଗନ୍ନାଥ ଆପଣଙ୍କର
ଚଲାପଥ କୁସୁମିତ କରନ୍ତୁ ଏବଂ ସୁଖ ସମୃଦ୍ଧି
ଭରି ଦିଅନ୍ତୁ.
୨୭ ସେପ୍ଟେମ୍ବର
ମହ୍ଲାର
ଇ- ପତ୍ରିକା



ମହ୍ଲାର
ଜନ୍ମଦିନର ଅଭିନନ୍ଦନ
ପ୍ରତ୍ୟୁଷ୍ ସାମଲ
ମହ୍ଲାର ଇ-ପତ୍ରିକା ପରିବାର ତରଫରୁ ଆପଣଙ୍କୁ ଶୁଭ-ଜନ୍ମଦିନର ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା...
ପ୍ରଭୁ ଜଗତର ନାଥ ଜଗନ୍ନାଥ ଆପଣଙ୍କର ଚଲାପଥ କୁସୁମିତ କରନ୍ତୁ ଏବଂ ସୁଖ ସମୃଦ୍ଧି ଭରି ଦିଅନ୍ତୁ.
୦୩ ଅକ୍ଟୋବର
ମହ୍ଲାର
ଇ- ପତ୍ରିକା






ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
MSME UDYAM-OD-13-0044620


ମହ୍ଲାର
ଜନ୍ମଦିନର ଅଭିନନ୍ଦନ
ଧିରୋଜ କୁମାର ପାତ୍ର
ମହ୍ଲାର ଇ-ପତ୍ରିକା ପରିବାର ତରଫରୁ
ଆପଣଙ୍କୁ ଶୁଭ-ଜନ୍ମଦିନର ଅନେକ ଅନେକ
ଶୁଭେଚ୍ଛା ଓ ଶୁଭକାମନା...
ପ୍ରଭୁ ଜଗତର ନାଥ ଜଗନ୍ନାଥ ଆପଣଙ୍କର
ଚଲାପଥ କୁସୁମିତ କରନ୍ତୁ ଏବଂ ସୁଖ ସମୃଦ୍ଧି
ଭରି ଦିଅନ୍ତୁ.
୦୪ ଅକ୍ଟୋବର
ମହ୍ଲାର
ଇ- ପତ୍ରିକା

ମହ୍ଲାର

# ଜନ୍ମଦିନର ଅଭିନନ୍ଦନ



## ହିତେଶ ବେହେରା

ମହ୍ଲାର ଇ-ପତ୍ରିକା ପରିବାର ତରଫରୁ
ଆପଣଙ୍କୁ ଶୁଭ-ଜନ୍ମଦିନର ଅନେକ ଅନେକ
ଶୁଭେଚ୍ଛା ଓ ଶୁଭକାମନା...

ପ୍ରଭୁ ଜଗତର ନାଥ ଜଗନ୍ନାଥ ଆପଣଙ୍କର
ଚଲାପଥ କୁସୁମିତ କରନ୍ତୁ ଏବଂ ସୁଖ ସମୃଦ୍ଧି
ଭରି ଦିଅନ୍ତୁ.

୦୪ ଅକ୍ଟୋବର

ମହ୍ଲାର ଇ- ପତ୍ରିକା



ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620


ମହ୍ଲାର
ଜନ୍ମଦିନର ଅଭିନନ୍ଦନ
ଦେବ୍ରାଜ୍ ରଣା
ମହ୍ଲାର ଇ-ପତ୍ରିକା ପରିବାର ତରଫରୁ
ଆପଣଙ୍କୁ ଶୁଭ-ଜନ୍ମଦିନର ଅନେକ ଅନେକ
ଶୁଭେଚ୍ଛା ଓ ଶୁଭକାମନା...
ପ୍ରଭୁ ଜଗତର ନାଥ ଜଗନ୍ନାଥ ଆପଣଙ୍କର
ଚଲାପଥ କୁସୁମିତ କରନ୍ତୁ ଏବଂ ସୁଖ ସମୃଦ୍ଧି
ଭରି ଦିଅନ୍ତୁ.
୦୬ ଅକ୍ଟୋବର
ମହ୍ଲାର
ଇ- ପତ୍ରିକା


ମହ୍ଲାର
ଜନ୍ମଦିନର ଅଭିନନ୍ଦନ
ଭୂମିକା ମହାରଣା
ମହ୍ଲାର ଇ-ପତ୍ରିକା ପରିବାର ତରଫରୁ
ଆପଣଙ୍କୁ ଶୁଭ-ଜନ୍ମଦିନର ଅନେକ ଅନେକ
ଶୁଭେଚ୍ଛା ଓ ଶୁଭକାମନା...
ପ୍ରଭୁ ଜଗତର ନାଥ ଜଗନ୍ନାଥ ଆପଣଙ୍କର
ଚଲାପଥ କୁସୁମିତ କରନ୍ତୁ ଏବଂ ସୁଖ ସମୃଦ୍ଧି
ଭରି ଦିଅନ୍ତୁ.
ମହ୍ଲାର ଇ- ପତ୍ରିକା
୦୬ ଅକ୍ଟୋବର

## ମହ୍ଲାର

# ଜନ୍ମଦିନର ଅଭିନନ୍ଦନ



**ଦୀପାଳି ବେହେରା**

ମହ୍ଲାର ଇ-ପତ୍ରିକା ପରିବାର ତରଫରୁ
ଆପଣଙ୍କୁ ଶୁଭ-ଜନ୍ମଦିନର ଅନେକ ଅନେକ
ଶୁଭେଚ୍ଛା ଓ ଶୁଭକାମନା...

ପ୍ରଭୁ ଜଗତର ନାଥ ଜଗନ୍ନାଥ ଆପଣଙ୍କର
ଚଲାପଥ କୁସୁମିତ କରନ୍ତୁ ଏବଂ ସୁଖ ସମୃଦ୍ଧି
ଭରି ଦିଅନ୍ତୁ.

**୨୪ ଅକ୍ଟୋବର**

ମହ୍ଲାର ଇ- ପତ୍ରିକା



ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620


ମହ୍ଲାର
ଜନ୍ମଦିନର ଅଭିନନ୍ଦନ
ସାବିତା ସାମଲ
ମହ୍ଲାର ଇ-ପତ୍ରିକା ପରିବାର ତରଫରୁ
ଆପଣଙ୍କୁ ଶୁଭ-ଜନ୍ମଦିନର ଅନେକ ଅନେକ
ଶୁଭେଚ୍ଛା ଓ ଶୁଭକାମନା...
ପ୍ରଭୁ ଜଗତର ନାଥ ଜଗନ୍ନାଥ ଆପଣଙ୍କର
ଚଲାପଥ କୁସୁମିତ କରନ୍ତୁ ଏବଂ ସୁଖ ସମୃଦ୍ଧି
ଭରି ଦିଅନ୍ତୁ.
୦୧ ନଭେମ୍ବର
ମହ୍ଲାର
ଇ- ପତ୍ରିକା

ମହ୍ଲାର

# ଜନ୍ମଦିନର ଅଭିନନ୍ଦନ



## ସ୍ମୃତି ଝାଙ୍କର

ମହ୍ଲାର ଇ-ପତ୍ରିକା ପରିବାର ତରଫରୁ
ଆପଣଙ୍କୁ ଶୁଭ-ଜନ୍ମଦିନର ଅନେକ ଅନେକ
ଶୁଭେଚ୍ଛା ଓ ଶୁଭକାମନା...

ପ୍ରଭୁ ଜଗତର ନାଥ ଜଗନ୍ନାଥ ଆପଣଙ୍କର
ଚଲାପଥ କୁସୁମିତ କରନ୍ତୁ ଏବଂ ସୁଖ ସମୃଦ୍ଧି
ଭରି ଦିଅନ୍ତୁ.

୦୭ ନଭେମ୍ବର



ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620

## ମହ୍ଲାର

# ଜନ୍ମଦିନର ଅଭିନନ୍ଦନ



## ରାନୀ ମଲ୍ଲିକ୍

ମହ୍ଲାର ଇ-ପତ୍ରିକା ପରିବାର ତରଫରୁ
ଆପଣଙ୍କୁ ଶୁଭ-ଜନ୍ମଦିନର ଅନେକ ଅନେକ
ଶୁଭେଚ୍ଛା ଓ ଶୁଭକାମନା...
ପ୍ରଭୁ ଜଗତର ନାଥ ଜଗନ୍ନାଥ ଆପଣଙ୍କର
ଚଲାପଥ କୁସୁମିତ କରନ୍ତୁ ଏବଂ ସୁଖ ସମୃଦ୍ଧି
ଭରି ଦିଅନ୍ତୁ.

ମହ୍ଲାର ଇ- ପତ୍ରିକା

**୧୧ ନଭେମ୍ବର**




ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
UDYAM-OD-13-0044620






ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
MSME UDYAM-OD-13-0044620






ଆଶାକରୁ ମହ୍ଲାର ଇ-ପତ୍ରିକାର ୧୧ତମ ସଂସ୍କରଣ " ଶତରୂପା " ନିଶ୍ଚିତ ଭାବରେ ଆପଣମାନଙ୍କର ହୃଦୟକୁ ଛୁଇଁଥିବ.

ମହ୍ଲାର ଇ-ପତ୍ରିକାର ୧୧ତମ ସଂସ୍କରଣ ଶତରୂପା ଆପଣମାନଙ୍କୁ କେମିତି ଲାଗିଲା ଆପଣ ମାନଙ୍କ ମତାମତ ନିଶ୍ଚିତ ଭାବରେ ଦେବେ...